ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୯/୨୦୨୩ (୧୮ ପୃଷ୍ଠା) Bhubaneswar, Thursday, November 9/2023 Page 18 ₹ 7.00
୪୯ଶ ଭାଗ ୩୪୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 344 ମୂଲ୍ୟ ₹୭/-




**ଏନ୍ଆଇଏ ଚଢ଼ାଉ: ମାନବ ଚାଲାଣ ରାକେଟର ୪୪ ଗିରଫ**

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ବୁଧବାର ମାନବ ଚାଲାଣକାରୀଙ୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ୮ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳର ୫୫ ସ୍ଥାନରେ ଚଢ଼ାଉ କରାଯାଇ ଏଭଳି କାରବାରରେ ଜଡ଼ିତ ୫ ରାକେଟର ୪୪ ଜଣଙ୍କୁ ଗିରଫ କରାଯାଇଛି। ତ୍ରିପୁରା, ଆସାମ, ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ, ତେଲଙ୍ଗାନା, ହରିୟାଣା ଓ ରାଜସ୍ଥାନ ସମେତ ଜମ୍ମୁ-କଶ୍ମୀର ଏବଂ ପଣ୍ଡିଚେରୀରେ ମାନବ ଚାଲାଣ ନେଟ୍ୱର୍କର ପର୍ଦ୍ଦାଫାସ କରି ଅନେକ ଦସ୍ତାବିଜ ଜବତ କରାଯାଇଥିବା ଜଣେ ଅଧିକାରୀ କହିଛନ୍ତି।

# ବିଶ୍ୱରେ ୭୫ ଲକ୍ଷ ଟିବି ଆକ୍ରାନ୍ତ

## ଡବ୍ଲ୍ୟୁଏଚ୍ଓର ୨୦୨୩ ଗ୍ଲୋବାଲ ଟିବି ରିପୋର୍ଟ



ଜେନେଭା,୮।୧୧

୨୦୨୨ରେ ବିଶ୍ୱର ପ୍ରାୟ ୭.୫ ନିୟୁତ (୭୫ ଲକ୍ଷ) ଲୋକ ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୋଇଥିଲେ। ଟ୍ୟୁବରକୁଲୋସିସ୍ (ଟିବି)କୁ ନେଇ ୧୯୯୫ରେ ତଥ୍ୟ ସଂଗ୍ରହ ଆରମ୍ଭ ହେବା ପରଠୁ ଏହା ସର୍ବାଧିକ ବୋଲି ବୁଧବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ଜାରି ୨୦୨୩ ଗ୍ଲୋବାଲ ଟିବି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

୧୯୨ଟି ଦେଶ ଓ ଭୂଖଣ୍ଡରୁ ସଂଗୃହୀତ ତଥ୍ୟକୁ ଭିତ୍ତିକରି ପ୍ରକାଶ ପାଇଥିବା ଉକ୍ତ ରିପୋର୍ଟ ଅନୁସାରେ ଏତେ ସଂଖ୍ୟକ ଲୋକ ଟିବି ଆକ୍ରାନ୍ତ ହୋଇଥିଲେ ମଧ୍ୟ ଅନେକ ରାଷ୍ଟ୍ରରେ ସ୍ୱାସ୍ଥ୍ୟସେବା ସମ୍ପର୍କିତ ନିୟମ ଯୋଗୁ ଆରୋଗ୍ୟଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। କୋଭିଡ୍-୧୯ ମହାମାରୀ ଯୋଗୁ ଅଚଳାବସ୍ଥା ସୃଷ୍ଟି ହେବା ପରେ ୨୦୨୨ରେ ଟିବି ନିଦାନ ଓ ଚିକିତ୍ସାରେ ଉନ୍ନତି ଆସିଥିଲା। ଫଳରେ ସାରା ବିଶ୍ୱରେ ଟିବି ରୋଗୀଙ୍କ ଆରୋଗ୍ୟ ହାର ମଧ୍ୟ ବଢ଼ିଥିଲା। ତେବେ ନୂଆ ଲକ୍ଷ୍ୟ ହାସଲ ପାଇଁ ତ୍ୱରିତ ଉଦ୍ୟମର ଆବଶ୍ୟକତା ରହିଥିବା ଏଥିରେ କୁହାଯାଇଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୨୦ ଓ ୨୦୨୧ରେ ନୂଆକରି ଟିବି ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ହ୍ରାସ ପାଇଥିଲା। ସେମାନଙ୍କ ମଧ୍ୟରୁ ୬୦% ଭାରତ, ଇଣ୍ଡୋନେସିଆ ଓ ଫିଲିପାଇନ୍ସର। ଡବ୍ଲ୍ୟୁଏଚ୍ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନୋମ୍ ଘେବ୍ରେୟେସସ୍ ଏନେଇ ଏକ ବିବୃତିରେ କହିଛନ୍ତି, ଆମ ପୂର୍ବପୁରୁଷମାନେ ଅନେକ ଶତାବ୍ଦୀ ଧରି ଟିବିରେ ପଡ଼ି ପ୍ରାଣ ହରାଇଥିଲେ। ଏହି ରୋଗ ସମ୍ପର୍କରେ ସେମାନଙ୍କ କୌଣସି ଧାରଣା ନ ଥିଲା। ଟିବିର କାରଣ ଓ ନିରାକରଣ ସମ୍ପର୍କରେ ସେମାନେ ଅଜ୍ଞ ଥିଲେ। ଆଜି ଆମ ପାଖରେ ଜ୍ଞାନ ଓ ସାଧନ ଅଛି, ଯାହା ସମ୍ପର୍କରେ ପୂର୍ବରୁ ଆମେ କଳ୍ପନା ମଧ୍ୟ କରିପାରୁ ନ ଥିଲେ। ଆମ ନିକଟରେ ରାଜନୈତିକ ପ୍ରତିଶ୍ରୁତିବଦ୍ଧତା ରହିଛି। ଆମେ ଏପରି ଏକ ସୁଯୋଗ ପାଇଛେ, ଯାହା ମାନବ ଜାତିର ଇତିହାସରେ କେବେ ମିଳି ନ ଥିଲା ବୋଲି ଡବ୍ଲ୍ୟୁଏଚ୍ଓ ମୁଖ୍ୟ କହିଛନ୍ତି।

ସାରା ବିଶ୍ୱରେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ୨୦୨୨ରେ ୧୦.୬ ନିୟୁତ ଲୋକଙ୍କ ମୃତ୍ୟୁ ଘଟିଥିଲା, ଯାହାକି ୨୦୨୧ର ୧୦.୩ ନିୟୁତଠାରୁ ଅଧିକ। ୨୦୨୨ରେ ଭୌଗୋଳିକ ଦୃଷ୍ଟିରୁ ଟିବି ସଂକ୍ରମିତ ହୋଇଥିବା ଅଧିକାଂଶ ଲୋକ ଡବ୍ଲ୍ୟୁଏଚ୍ଓ ରିଜିୟନ୍ସ ଅଫ୍ ସାଉଥ୍-ଇଷ୍ଟ୍ ଏସିଆ (୪୬%), ଆଫ୍ରିକା (୨୩%) ଓ ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର (୧୮%) ଥିଲେ। ପୂର୍ବ ଭୂମଧ୍ୟସାଗରୀୟ ଅଞ୍ଚଳରେ (୮.୧%), ଆମେରିକାସ୍ (୩.୧%) ଏବଂ ୟୁରୋପରେ ସର୍ବନିମ୍ନ ୨.୨ ପ୍ରତିଶତ ଲୋକ ଟିବିରେ ଆକ୍ରାନ୍ତ ହୋଇଥିଲେ। ୨୦୨୨ରେ ଟିବିଜନିତ (ଏଚ୍ଆଇଭି ସଂକ୍ରମିତଙ୍କ ସମେତ) ମୋଟ ମୃତ୍ୟୁସଂଖ୍ୟା ୧.୩ ନିୟୁତ ରହିଥିଲା, ଯାହାକି ୨୦୨୧ର ୧.୪ ନିୟୁତ ତୁଳନାରେ କମ୍। ୨୦୨୦-୨୦୨୨ ସମୟରେ କୋଭିଡ୍-୧୯ ଯୋଗୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଚଳାବସ୍ଥା ଦେଖାଦେଇଥିଲା। ଫଳରେ ପୂର୍ବ ତୁଳନାରେ ପ୍ରାୟ ୫୦ ଲକ୍ଷ ଅଧିକ ଲୋକଙ୍କ ଟିବି ମୃତ୍ୟୁ ଘଟିଥିଲା। ଏଚ୍ଆଇଭିଠାରୁ ମଧ୍ୟ ଏହା ଅଧିକ ଘାତକ ପ୍ରମାଣିତ ହୋଇଥିଲା।

ମଲ୍ଟିଡ୍ରଗ୍-ରେଜିଷ୍ଟାଣ୍ଟ ଟିବି (ଏମ୍ଡିଆର୍-ଟିବି) ଏକ ଜନସ୍ୱାସ୍ଥ୍ୟ ସଙ୍କଟ ଭାବେ ଛିଡ଼ା ହୋଇଛି। ୨୦୨୨ରେ ପ୍ରାୟ ୪୧୦,୦୦୦ ଲୋକ ମଲ୍ଟିଡ୍ରଗ-ରେଜିଷ୍ଟାଣ୍ଟ ବା ରିଫାମ୍ପିସିନ୍-ରେଜିଷ୍ଟାଣ୍ଟ ଟିବି (ଏମ୍ଡିଆର୍/ଆର୍ଆର୍-ଟିବି) ରୋଗରେ ସଂକ୍ରମିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରତି ୫ ଜଣରେ ଜଣେ ଚିକିତ୍ସା ସୁବିଧା ପାଇପାରିଥିଲେ। ତେବେ ଟିବି ନିଦାନ ବ୍ୟବସ୍ଥା, ଔଷଧ ଓ ଟିକା ବିକଶିତ ହେବା ପରେ ଏହି କ୍ଷେତ୍ରରେ କିଛି ଉନ୍ନତି ପରିଲକ୍ଷିତ ହୋଇଛି। ଏହାସତ୍ତ୍ୱେ ଏଭଳି ଚିକିତ୍ସାରେ ସୁଧାର ଆଣିବା ଲାଗି ଉପଯୁକ୍ତ ନିବେଶ ହୋଇପାରୁ ନାହିଁ। ୨୦୧୮ରେ ରଖାଯାଇଥିବା ଲକ୍ଷ୍ୟ ୨୦୨୨ରେ ପୂରଣ ହୋଇ ନ ଥିଲା। ୨୦୧୫ରୁ ୨୦୨୨ ମଧ୍ୟରେ ଟିବିଜନିତ ମୃତ୍ୟୁରେ ୧୯% ହ୍ରାସ ଘଟିଥିଲା। ୨୦୨୫ ସୁଦ୍ଧା ୭୫% ଟିବିମୃତ୍ୟୁ କମ୍ କରିବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ବହୁ ଦୂରରେ ରହିଥିବା ଏଥିରୁ ବୁଝାପଡୁଛି।

## ନିରାକରଣରେ ଓଡ଼ିଶା ଦ୍ୱିତୀୟ

ଭୁବନେଶ୍ୱର, ୮।୧୧(ଅସମାପିକା ସାହୁ)

### ୬ ଜିଲାରେ ସର୍ବାଧିକ ରୋଗୀ ଚିହ୍ନଟ




ଯକ୍ଷ୍ମା ବା ଟିବି ରୋଗ ନିରାକରଣରେ ସାରା ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଇଣ୍ଡିଆ ଟିବି ରିପୋର୍ଟ ୨୦୨୩ ଅନୁସାରେ ୫୦ଲକ୍ଷ ଉପରେ ଲୋକସଂଖ୍ୟା ଥିବା ରାଜ୍ୟ ମଧ୍ୟରେ ହିମାଚଳପ୍ରଦେଶ ପ୍ରଥମ ସ୍ଥାନରେ ଥିବାବେଳେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଗତବର୍ଷ ଓଡ଼ିଶା ତୃତୀୟ ସ୍ଥାନରେ ଥିଲା। ରୋଗ ଚିହ୍ନଟ ପାଇଁ ଆନୁଆଲ ସ୍କ୍ରିନିଂ କରିବାରେ ଓଡ଼ିଶା ବହୁ ଉପରକୁ ଯାଇଛି। ୨୦୧୮ରେ ୨.୬ଲକ୍ଷ ଲୋକଙ୍କ ସ୍କ୍ରିନିଂ କରାଯାଇଥିବାବେଳେ ୨୦୨୨ରେ ତାହା ୧୨ଲକ୍ଷ ଟପିଯାଇଥିଲା। ତେବେ ଏଥିମଧ୍ୟରୁ ୬୦ହଜାର ଟିବି ପଜିଟିଭ୍ ଚିହ୍ନଟ ହୋଇଥିଲେ। ସ୍ୱାସ୍ଥ୍ୟ ବିଭାଗର ସୂଚନାନୁସାରେ, ୨୦୧୮ରେ ୨,୬୭,୩୧୧ ନମୁନା ପରୀକ୍ଷା ହୋଇଥିବାବେଳେ ୪୮,୪୯୦ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨,୬୨୬ ଜଣଙ୍କ ମୃତ୍ୟୁ ଘଟିଥିଲା। ରାଜ୍ୟ ସରକାରଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁ ନମୁନା ପରୀକ୍ଷା ବଢ଼ିବା ସହିତ ଉତ୍ତମ ସ୍ୱାସ୍ଥ୍ୟସେବା ସୁବିଧା ଯୋଗୁ ମୃତ୍ୟୁହାର ମଧ୍ୟ କମିଛି। ୨୦୨୨ରେ ୧୨,୦୫,୨୦୪ ନମୁନା ପରୀକ୍ଷା ହୋଇଥିଲା। ସେଥିମଧ୍ୟରୁ ୬୦,୪୩୯ଜଣଙ୍କ ଠାରେ ପଜିଟିଭ୍ ଚିହ୍ନଟ ହୋଇଥିଲା ଏବଂ ୨,୬୮୮ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ରେ ମୃତ୍ୟୁହାର ୫.୪% ଥିବାବେଳେ ୨୦୨୨ରେ ତାହା ୪.୪% ହୋଇଯାଇଛି। ରାଜ୍ୟରେ ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ ଏବଂ କନ୍ଧମାଳରେ ଏହି ରୋଗୀ ଅଧିକ ଚିହ୍ନଟ ହେଉଛନ୍ତି। ତେବେ ରାଜ୍ୟକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। କିପରି ଶୀଘ୍ର ଚିହ୍ନଟ ହୋଇପାରିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ସବୁ ବ୍ଲକ୍‌ରେ ମଲିକ୍ୟୁଲାର ଡାଇଗ୍ନୋଷ୍ଟିକ୍ ସୁବିଧା କରିବା ପାଇଁ ଯୋଜନା କରିଛି। ସେହିଭଳି ୫୬୫ ମଡେଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିବି ଡାଇଗ୍ନୋଷ୍ଟିକ ସେଣ୍ଟର ସ୍ଥାପନ କରିବା ଏବଂ ଟିବି ଆକ୍ଟିଭିଟି ଅଧିକ କରିବା ପାଇଁ ମଧ୍ୟ ବିଭାଗ ଏବେ କାର୍ଯ୍ୟ କରୁଛି। ୨୦୨୫ ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ଯକ୍ଷ୍ମା ମୁକ୍ତ କରିବାକୁ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ନ କହିବା କଥା କହିଲେ ନୀତୀଶ



ନୀତୀଶ କୁମାର

■ସେମାନେ ଆଉ କେତେ ତଳକୁ ଖସିବେ: ମୋଦି

■ସମାଲୋଚିତ ହୋଇ ଗୃହରେ କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ

ପାଟନା/ନୂଆଦିଲ୍ଲୀ,୮।୧୧

ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସ୍ତ୍ରୀମାନଙ୍କୁ ଶିକ୍ଷା ଦେବା ଲାଗି ଚତୁର ରଣନୀତି ଆପଣାଯିବା ଉପରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଙ୍ଗଳବାର ବିଧାନସଭାରେ ପୁଙ୍ଖାନୁପୁଙ୍ଖ ବ୍ୟାଖ୍ୟାକରି ବିବାଦରେ ଫସିଛନ୍ତି। ନୀତୀଶଙ୍କ ଏହି 'ଯୌନ ଶିକ୍ଷା' ସମ୍ପର୍କିତ ଆପତ୍ତିଜନକ ମନ୍ତବ୍ୟକୁ ବିଭିନ୍ନ ମହଲାରେ ନିନ୍ଦା କରାଯାଉଛି। ଏହା କେବଳ ରାଜ୍ୟ ନୁହେଁ, ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି।

ନୀତୀଶ ମଙ୍ଗଳବାର ବିଧାନସଭାରେ ପ୍ରଜନନ ହାର ଉପରେ ଆଲୋଚନା କରି ହାତରେ କିଛି ଇଙ୍ଗିତ କରିଥିଲେ। ସେ କହିଥିଲେ, ଆମେ ଚାହୁଁଛୁ ଝିଅମାନେ ପଢ଼ନ୍ତୁ। ବିବାହ ପରେ ......। ବିହାରକୁ ସର୍ବାଧିକ ବର୍ଷ ଶାସନ କରିଥିବା ମୁଖ୍ୟମନ୍ତ୍ରୀ ନୀତୀଶ ଗୃହ ଭିତରେ ଦେଇଥିବା ଅଭଦ୍ର ଟିପ୍ପଣୀ ସୋସିଆଲ ମିଡିଆରେ ଘୂରିବୁଲୁଛି। ନୀତୀଶଙ୍କ ମନ୍ତବ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିନ୍ଦା କରିଛନ୍ତି। ମଧ୍ୟପ୍ରଦେଶର ଏକ ନିର୍ବାଚନୀ ସଭାରେ ମୋଦି କହିଛନ୍ତି, ଇଣ୍ଡି ଆଲାଏନ୍ସ (୨୮ ଦଳ ବିଶିଷ୍ଟ ବିରୋଧୀଙ୍କ ଇଣ୍ଡିଆ ବ୍ଲକ୍)ର ଜଣେ ପ୍ରମୁଖ ନେତା ବିଧାନସଭାରେ ଲଜ୍ଜାଜନକ ଭାବେ ଅଶାଳୀନ ଭାଷା ବ୍ୟବହାର କରିଛନ୍ତି। ସେମାନେ ଆଉ କେତେ ତଳକୁ ଖସିବେ? ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ବିଧାନସଭା ବାଚସ୍ପତି ଅଓଧ ବିହାରୀ ଚୌଧରୀଙ୍କୁ ନୀତୀଶଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ଚାରିଆଡୁ ସମାଲୋଚିତ ହେବା ଏବଂ ତାଙ୍କ ଇସ୍ତଫା ଦାବି ତେଜିବା ପରେ ନୀତୀଶ ବୁଧବାର ବିଧାନସଭାରେ ନିଜ ଭୁଲ୍ ସ୍ୱୀକାର କରି କ୍ଷମା ମାଗିଛନ୍ତି। ଇତିମଧ୍ୟରେ ନୀତୀଶଙ୍କ ବିରୋଧରେ ମାମଲା ରୁଜୁ ପାଇଁ ମୁଜାଫରପୁରସ୍ଥିତ ଏକ କୋର୍ଟରେ ପିଟିଶନ ଦାଖଲ ହୋଇଛି। କୋର୍ଟ ଆସନ୍ତା ୨୫ରେ ଏହାର ଶୁଣାଣି କରିବେ।

## ପ୍ରିୟଙ୍କା-ଏନ୍‌ସିଡବ୍ଲ୍ୟୁ ମୁଖ୍ୟ ବାକ୍‌ଯୁଦ୍ଧ



ପ୍ରିୟଙ୍କା ଚତୁର୍ବେଦୀ



ରେଖା ଶର୍ମା

ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ନାରୀଶିକ୍ଷାର ଗୁରୁତ୍ୱ ସମ୍ପର୍କିତ ନୀତୀଶ କୁମାରଙ୍କ ମନ୍ତବ୍ୟକୁ ନେଇ ଶିବସେନା (ୟୁବିଟି) ରାଜ୍ୟ ସଭା ସଦସ୍ୟା ପ୍ରିୟଙ୍କା ଚତୁର୍ବେଦୀ ଏବଂ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ରେଖା ଶର୍ମାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଛି। ଜଣେ ଶିକ୍ଷିତ ମହିଳା ନିଜ ସ୍ୱାମୀଙ୍କୁ ଶାରୀରିକ ସମ୍ପର୍କ ବେଳେ କିପରି ସଂଯମ କରାଇପାରିବେ ଏହା ଉପରେ ନୀତୀଶଙ୍କ ବିସ୍ତୃତ ବର୍ଣ୍ଣନାକୁ ନିନ୍ଦାକରି ରେଖା ଉକ୍ତ ପୋଷ୍ଟରେ ଶିବସେନା ୟୁବିଟିର ପ୍ରିୟଙ୍କା, କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ଆମ୍ ଆଦ୍‌ମୀ ପାର୍ଟି ନେତ୍ରୀ ଆତିଶୀଙ୍କୁ ଟ୍ୟାଗ୍ କରିଥିଲେ। ନୀତୀଶଙ୍କ ମନ୍ତବ୍ୟକୁ ନିନ୍ଦା କରି ନିଃସର୍ତ୍ତ କ୍ଷମା ଦାବି କରିବାକୁ ସେ ଅନୁରୋଧ କରିଥିଲେ। ଏହାର ଜବାବରେ ପ୍ରିୟଙ୍କା ଚତୁର୍ବେଦୀ ସୋସିଆଲ ମିଡିଆରେ କହିଥିଲେ, ଏନ୍‌ସିଡବ୍ଲ୍ୟୁ ମୁଖ୍ୟ ନିରପେକ୍ଷ ହେବା ଉଚିତ। କିନ୍ତୁ ରେଖା ଭେଦଭାବ ରଖି କେଉଁଠି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତ ପୁଣି କେଉଁ ସ୍ଥାନରେ ନୀରବ ରହୁଛନ୍ତି। ଏହା ଉପରେ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ରେଖା ପୁଣି କହିଲେ, ଏକଦା ଆପଣଙ୍କ ଦଳରେ ଥିବା ଜଣେ ନେତାଙ୍କ କାରନାମା ଉପରେ ମୁଁ ପ୍ରମାଣ ଦେଖାଇବା ପରେ ମଧ୍ୟ ଆପଣ କିଛି କରିପାରି ନ ଥିଲେ। ମନେଅଛି ତ? ସେ ଟ୍ରୋଲ୍‌ର ଶିକାର ହେବା ପରିବର୍ତ୍ତେ ନିଜ ଦାୟିତ୍ୱ ପ୍ରତି ଉତ୍ତରଦାୟୀ ହେବା ଉଚିତ ବୋଲି ପ୍ରିୟଙ୍କା ଏକ୍ସ'ରେ ଉଲ୍ଲେଖ କରିଥିଲେ। ନୀତୀଶ କୁମାର କ୍ଷମା ମାଗିବା ପରେ ମଧ୍ୟ ଦୁହିଁଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଚାଲିଥିଲା।

## ଇସ୍ରାଏଲ ଆଣିଲା ଆତଙ୍କବାଦ ନିରୋଧୀ ଆଇନ

**ତେଲ୍ ଆଭିଭ୍,୮।୧୧:** ଇସ୍ରାଏଲ ପାର୍ଲାମେଣ୍ଟରେ ଆତଙ୍କବାଦୀଙ୍କ ସାମଗ୍ରୀ ବ୍ୟବହାରର ଆପରାଧୀକରଣ ସମ୍ପର୍କିତ ଏକ ବିଲ୍ ୧୩-୪ ସଂଖ୍ୟାଗରିଷ୍ଠତାରେ ଗୃହୀତ ହୋଇଛି। ଏଥିରେ ହମାସ୍ ଏବଂ ଆଇଏସ୍‌କୁ ଆତଙ୍କବାଦୀସଙ୍ଗଠନଦର୍ଶାଯାଇଥିବାବେଳେ ସରକାର ଆହୁରି ଅନେକ ସଙ୍ଗଠନକୁ ଆତଙ୍କବାଦୀ ଲିଷ୍ଟରେ ତାଲିକାଭୁକ୍ତ କରିପାରିବେ। ଦୋଷୀଙ୍କୁ ସର୍ବାଧିକ ବର୍ଷେ ପର୍ଯ୍ୟନ୍ତ ଜେଲଦଣ୍ଡ ଦିଆଯାଇପାରିବ।

## ଡିସେମ୍ବର ୨ୟ ସପ୍ତାହରୁ ଶୀତ ଅଧିବେଶନ

ନୂଆଦିଲ୍ଲୀ,୮।୧୧(ପି.ଟି.)



ପାର୍ଲାମେଣ୍ଟର ଶୀତ ଅଧିବେଶନ ଆସନ୍ତା ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଆରମ୍ଭ ହୋଇପାରେ ବୋଲି ବୁଧବାର ସୂତ୍ରରୁ ଜଣାପଡ଼ିଛି। ସଂସଦର ଶୀତ ଅଧିବେଶନ ସାଧାରଣତଃ ନଭେମ୍ବର ତୃତୀୟ ସପ୍ତାହରୁ ଆରମ୍ଭ ଓ ଡିସେମ୍ବର ୨୫ ପୂର୍ବରୁ ଶେଷ ହୋଇଥାଏ।

କିନ୍ତୁ ଏଥର ଡିସେମ୍ବର ୩ରେ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ଆସିବା ପରେ ଅଧିବେଶନ ଆରମ୍ଭ ହୋଇ ଖ୍ରୀଷ୍ଟମାସ୍ ପୂର୍ବରୁ ଶେଷ ହୋଇପାରେ। ଉକ୍ତ ଅଧିବେଶନରେ କେନ୍ଦ୍ର ସରକାର ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବେ। ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି), ଆପରାଧିକ ଦଣ୍ଡ ସଂହିତା (ସିଆର୍‌ପିସି) ଏବଂ ସାକ୍ଷ୍ୟପ୍ରମାଣ ଆଇନକୁ ଉଚ୍ଛେଦ କରି ୩ ନୂଆ ଆଇନ ଆଣିବା ପାଇଁ ଏହି ୩ ବିଲ୍ ଆଗତ କରାଯିବ। ସେହିପରି ମୁଖ୍ୟ ନିର୍ବାଚନ କମିଶନର ଓ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ସମ୍ପର୍କିତ ବିଧେୟକ ମଧ୍ୟ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିପାରେ। ମୌସୁମୀ ଅଧିବେଶନରେ ଆଗତ ହୋଇଥିବା ଏହି ବିଲ୍ ହଟ୍ଟଗୋଳ ଯୋଗୁ ପାରିତ ହୋଇପାରି ନ ଥିଲା।

## ଦିଲ୍ଲୀ ସରକାରଙ୍କ କୃତ୍ରିମ ବର୍ଷା ଯୋଜନା

**ପାକିସ୍ତାନରୁ ବଙ୍ଗୋପସାଗର ପ୍ରଦୂଷିତ**

ନୂଆଦିଲ୍ଲୀ,୮।୧୧

ନୂଆଦିଲ୍ଲୀର ବାୟୁ ପ୍ରଦୂଷଣ ସ୍ତର ଅତି ଖରାପ ଅବସ୍ଥାରେ ଥିବାରୁ ଜାତୀୟ ରାଜଧାନୀରେ ଚଳିତମାସରେ କ୍ଲାଉଡ୍ ସିଡିଂ ଜରିଆରେ କୃତ୍ରିମ ବର୍ଷା କରାଇବା ପାଇଁ ସରକାର ଯୋଜନା କରିଛନ୍ତି। ଆଇଆଇଟି କାନ୍‌ପୁର ବୈଜ୍ଞାନିକମାନଙ୍କ ସହ ଆଲୋଚନା ପରେ ବୁଧବାର ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାଏ ସୂଚନା ଦେଇଛନ୍ତି। ତେବେ କେବଳ ଦିଲ୍ଲୀ ନୁହେଁ, ପାକିସ୍ତାନରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଥିବାରୁ ଏହି ବିଶାଳ କ୍ଷେତ୍ରକୁ ସ୍ମଗ୍ ଆଚ୍ଛାଦିତ କରି ରଖିଛି। ବିଶେଷକରି ଅକ୍ଟୋବର ୨୯ରୁ ବାୟୁ ଅଧିକ ବିଷାକ୍ତ ହୋଇଥିବା ଆମେରିକା ମହାକାଶ ସଂସ୍ଥା ନାସା ପକ୍ଷରୁ ଉତ୍ତୋଳିତ ସାଟେଲାଇଟ୍ ଚିତ୍ରରେ ଦେଖିବାକୁ ମିଳିଛି।



ବଙ୍ଗୋପସାଗରରୁ ପାକିସ୍ତାନ ପର୍ଯ୍ୟନ୍ତ ବ୍ୟାପ୍ତ ବିଷାକ୍ତ ସ୍ମଗ୍‌ର ଦୃଶ୍ୟକୁ ଆମେରିକୀୟ ମହାକାଶ ସଂସ୍ଥା ନାସାର ୱାର୍ଲ୍ଡଭ୍ୟୁ ସାଟେଲାଇଟ୍ କଏଦ୍ କରିଛି।

## ରୁଷୀୟ କଳାକାରଙ୍କୁ ୮ ବର୍ଷ ଜେଲ

ମସ୍କୋ,୮।୧୧



ଆଲେକ୍‌ଜାଣ୍ଡ୍ରା ସ୍କୋଚିଲେଙ୍କୋ

ମସ୍କୋର ୟୁକ୍ରେନ୍ ଯୁଦ୍ଧକୁ ବିରୋଧ କରିଥିବା ଜଣେ ରୁଷୀୟ କଳାକାରଙ୍କୁ ବୁଧବାର ୮ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଛି। ୩୩ ବର୍ଷୀୟା ରୁଷୀୟ କଳାକାର ତଥା ମ୍ୟୁଜିସିଆନ୍ ଆଲେକ୍‌ଜାଣ୍ଡ୍ରା (ସାଶା) ସ୍କୋଚିଲେଙ୍କୋ ୨୦୨୨ ମାର୍ଚ୍ଚ ୩୧ରେ ଯୁଦ୍ଧ ବିରୋଧୀ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। ଦେଶର ଦ୍ୱିତୀୟ ବୃହତ୍ ସହର ସେଣ୍ଟ ପିଟର୍ସବର୍ଗସ୍ଥିତ ଏକ ସୁପରମାର୍କେଟର ପ୍ରାଇସ୍ ଟ୍ୟାଗ୍ ହଟାଇ ସେଠାରେ ସେ ୫ଟି ଛୋଟ କାଗଜ ଲଗାଇଦେଇଥିଲେ। ଏଥିରେ ସେ ସାମରିକ ଅପରେଶନ୍ ବନ୍ଦ ପାଇଁ ମସ୍କୋକୁ ଆହ୍ୱାନ ଦେଇଥିଲେ। ତାଙ୍କୁ ୮ ବର୍ଷ ଜେଲ ଦଣ୍ଡାଦେଶ ସହ ୩ ବର୍ଷ ପାଇଁ ଇଣ୍ଟରନେଟ ବ୍ୟବହାର ଉପରେ କଟକଣା ଲଗାଯାଇଛି। ରୁଷୀୟ ସଂଘ ପ୍ରତି ଏହା ଏକ ରାଜନୈତିକ ଘୃଣା ବୋଲି ସରକାରୀ ଓକିଲ ଦର୍ଶାଇଥିଲେ। ପୂର୍ବରୁ ୨୦୨୨ ଏପ୍ରିଲ ୧୧ରେ ସାଶାଙ୍କୁ ଗିରଫ କରାଯାଇଥିଲା।

## ବସୁଧୈବ କୁଟୁମ୍ବକମ୍

### ବିଶ୍ୱ ସ୍ୱାଧୀନତା ଦିବସ



**ବି**ଶ୍ୱରେ ସମସ୍ତଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବ୍ୟବସ୍ଥା ସୃଷ୍ଟି ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଦ୍ୱାରା ବସୁଧୈବ କୁଟୁମ୍ବକମ ଉଦ୍ଦେଶ୍ୟ ସଫଳ ହୋଇ ପାରିବ। ବିଶ୍ୱ ସ୍ୱାଧୀନତା ଦିବସ ହେଉଛି ବର୍ଲିନ ପ୍ରାଚୀରର ପତନ ଏବଂ କେନ୍ଦ୍ରୀୟ ତଥା ପୂର୍ବୟୁରୋପରେ କମ୍ୟୁନିଷ୍ଟ ଶାସନର ସମାପ୍ତିକୁ ସ୍ମରଣ କରିବା ପାଇଁ ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶଙ୍କ ସମୟରେ ୨୦୦୧ ରେ ଆରମ୍ଭ ହୋଇଥିବା ଏକ କାର୍ଯ୍ୟକ୍ରମ। ଏହା ପ୍ରତିବର୍ଷ ନଭେମ୍ବର ୯ ରେ ପାଳନ କରାଯାଇ ଆସୁଛି। ଏହି ଅବସରରେ, ୟଙ୍ଗ ଆମେରିକାର ଫାଉଣ୍ଡେସନ ଏବଂ କଲେଜ ରିପବ୍ଲିକାନ୍ସ ଭଳି ରକ୍ଷଣଶୀଳ ଯୁବ ଗୋଷ୍ଠୀମାନଙ୍କୁ ଏହି ଦିନକୁ ସ୍ମରଣ କରିବାକୁ ଅନୁରୋଧ କରିଥାନ୍ତି। ଯାହା କମ୍ୟୁନିଷ୍ଟ ଉପରେ ବିଜୟ ଉତ୍ସବ ପାଳନ ପାଇଁ ଉଦ୍ଦିଷ୍ଟ। ଅନେକ ରାଜନୈତିକ ସମୀକ୍ଷକ ତଥା କାର୍ଯ୍ୟକର୍ତ୍ତା ବିଶ୍ୱ ସ୍ୱାଧୀନତା ଦିବସକୁ ଏକ ଉତ୍ସବ ଭାବରେ ପାଳନ କରନ୍ତି। ସେମାନେ ରାଷ୍ଟ୍ରପତି ରୋନାଲ୍ଡ ରେଗାନଙ୍କୁ ସୋଭିଏତ ୟୁନିଅନର ପତନ ଏବଂ ଶୀତଳ ଯୁଦ୍ଧର ସମାପ୍ତି ପାଇଁ ଦାୟୀ ବୋଲି ବିବେଚନା କରିଥାନ୍ତି।

# ମହୁଆଙ୍କ ବିରୋଧରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି: ନିଶିକାନ୍ତ

ନୂଆଦିଲ୍ଲୀ,୮।୧୧



ମହୁଆ ମୋଇତ୍ର



ନିଶିକାନ୍ତ ଦୁବେ

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କ ବିରୋଧରେ ଭାଜପା ସଦସ୍ୟ ନିଶିକାନ୍ତ ଦୁବେ ଆଣିଥିବା 'ପ୍ରଶ୍ନ ପାଇଁ ଲାଞ୍ଚ' ଅଭିଯୋଗ ଉପରେ ଗୁରୁବାର ଲୋକ ସଭା ଏଥିକ୍ସ କମିଟି ବୈଠକ ବସିବ। ଏହି ବୈଠକରେ ଉକ୍ତ ପ୍ରସଙ୍ଗରେ ଏକ ଚିଠା ରିପୋର୍ଟ ଅଣାଯିବ। ଶିଳ୍ପପତି ଗୌତମ ଆଦାନୀଙ୍କୁ ଟାର୍ଗେଟ ସକାଶେ ଲୋକ ସଭାରେ ପ୍ରଶ୍ନ କରିବା ପାଇଁ ମହୁଆ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କ ଇଙ୍ଗିତରେ ବିପୁଳ ଟଙ୍କା ନେଇଥିବା ନିଶିକାନ୍ତ ଅଭିଯୋଗ ଆଣିଥିଲେ। ଏପରି କି ମହୁଆଙ୍କ ସଂସଦୀୟ ଲଗ୍‌ଇନ୍ ଆଇଡିକୁ ଦୁବାଇରେ ବ୍ୟବହାର କରାଯାଇଥିବା ଦର୍ଶାଇ ପାର୍ଲାମେଣ୍ଟରୁ ତାଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ବିର୍ଲାଙ୍କ ନିକଟରେ ନିଶିକାନ୍ତ ଦାବି କରିଥିଲେ।

ନିଶିକାନ୍ତଙ୍କ ଅଭିଯୋଗ ଉପରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଭାଜପା ଏମ୍‌ପି ବିଜୟ ସୋନ୍‌କରଙ୍କ ଅଧ୍ୟକ୍ଷତାରେ ଗଠିତ ଏଥିକ୍ସ କମିଟିକୁ ତଦନ୍ତ ଦାୟିତ୍ୱ ଦେଇଥିଲେ। କମିଟିର ୧୫ ସଦସ୍ୟଙ୍କ ମଧ୍ୟରେ ଭାଜପାର ୭, କଂଗ୍ରେସ ୩ ଏମ୍‌ପିଙ୍କ ସମେତ ବିଏସ୍‌ପି, ଶିବସେନା,

### ଆଜି କାର୍ଯ୍ୟାନୁଷ୍ଠାନ ସୁପାରିସ କରିପାରେ ଏଥିକ୍ସ କମିଟି

ୱାଇଏସ୍‌ଆର୍‌ସିପି, ସିପିଆଇଏମ୍ ଏବଂ ଜେଡିୟୁର ଜଣେ ଲେଖାଏ ସଦସ୍ୟ ରହିଛନ୍ତି। ନଭେମ୍ବର ୨ରେ ଏଥିକ୍ସ କମିଟିରେ ହାଜର ହେବାବେଳେ ପ୍ୟାନେଲ ମୁଖ୍ୟ ସୋନ୍‌କର ତାଙ୍କୁ ବ୍ୟକ୍ତିଗତ ଓ ଅନୈତିକ ପ୍ରଶ୍ନ ପଚାରିଥିବା ଦର୍ଶାଇ ଅଧାରୁ ଉଠିଆସିଥିଲେ। କମିଟି ମହୁଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କୁ ସୁପାରିସ କରିପାରେ ବୋଲି ସଙ୍କେତ ମିଳିଛି। ତେବେ ମହୁଆଙ୍କ ସହ କମିଟି ବୈଠକରୁ କକ୍ଷତ୍ୟାଗ କରିଥିବା ୫ ବିରୋଧୀ ଏମ୍‌ପି ଏଥିରେ ଅସହମତି ପ୍ରକାଶ କରିପାରନ୍ତି।

ଇତିମଧ୍ୟରେ ମହୁଆଙ୍କ ବିରୋଧରେ ଦୁର୍ନୀତିର ତଦନ୍ତ ପାଇଁ ଲୋକପାଳ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନିର୍ଦ୍ଦେଶ ଦେଇଥିବା ନିଶିକାନ୍ତ ସାମାଜିକ ଗଣମାଧ୍ୟମ ମଞ୍ଚ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ମହୁଆଙ୍କ ଦୁର୍ନୀତି ଯୋଗୁ ଜାତୀୟ ସୁରକ୍ଷା ସହ ସାଲିସ ହୋଇଛି। ମୋ ଅଭିଯୋଗ ଭିତ୍ତିରେ ଲୋକପାଳ ଏହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ମହୁଆ କହିଛନ୍ତି, ସିବିଆଇ ପ୍ରଥମେ ଆଦାନୀଙ୍କ ବିରୋଧରେ ୧୩,୦୦୦ କୋଟି ଟଙ୍କାର କୋଇଲା ଦୁର୍ନୀତି ଅଭିଯୋଗ ସମ୍ପର୍କିତ ଏଫ୍‌ଆଇଆର୍ କରିବା ଦରକାର।

DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୯/୨୦୨୩ | Bhubaneswar, Thursday, November 9/2023




**ଅଡିଶନ୍ କଥା ଭୁଲିପାରୁନାହାନ୍ତି ଅମୀଷା**

‘ଗଦର-ଏକ ପ୍ରେମ କଥା’ ଫିଲ୍ମରେ ନାୟିକା ଭୂମିକାଟିକୁ ପାଇବା ଅମୀଷା ପଟେଲଙ୍କ ପାଇଁ ସହଜ ନ ଥିଲା। ଏଥିପାଇଁ ତାଙ୍କୁ ୧୨ ଘଣ୍ଟାର ଅଡିଶନ୍ ଦେବାକୁ ପଡ଼ିଥିଲା।

୧୦

୧୬

**ଗିଲ୍ ନମ୍ବର ୱାନ୍**

ପାକିସ୍ତାନର ବାବର ଆଜମଙ୍କୁ ହଟାଇ ଆଇସିସି ବ୍ୟାଟିଂ ର୍ୟାଙ୍କିଙ୍ଗରେ ଏକ ନମ୍ବର ସ୍ଥାନ ଅଧିକାର କରିଛନ୍ତି ଭାରତର ଶୁବମନ ଗିଲ୍।



# ଡିସେମ୍ବର ୧ରୁ ପୁଣି ବସ୍ ଧର୍ମଘଟ

## ନଭେମ୍ବର ୨୨ରେ ବିଧାନସଭା ଆଗରେ ବିକ୍ଷୋଭ କରିବେ ବସ୍ ମାଲିକ

ଭୁବନେଶ୍ୱର,୮।୧୧(ଅନିଲ ଦାସ)

ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପୁଣି ଧର୍ମଘଟକୁ ଓହ୍ଲାଇବ। ଦାବି ପୂରଣ ହେଉ ନ ଥିବାରୁ ସଂଘ ପକ୍ଷରୁ ଆସନ୍ତା ଡିସେମ୍ବର ୧ରୁ ସାରା ରାଜ୍ୟରେ ବସ୍ ଧର୍ମଘଟ କରାଯିବ। କଳାହାଣ୍ଡି ଜିଲା ସଦର ମହକୁମା ଭବାନୀପାଟଣାରେ ବୁଧବାର ଅଲ୍ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଧର୍ମଘଟ ପୂର୍ବରୁ ନଭେମ୍ବର ୨୨ରୁ ବିଧାନସଭା ସମ୍ମୁଖରେ ବସ୍ ମାଲିକମାନେ ବିକ୍ଷୋଭ ପ୍ରଦର୍ଶନ କରିବେ। ଏହା ସତ୍ତ୍ୱେ ରାଜ୍ୟ ସରକାର ଯଦି ଦାବି ପ୍ରତି କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଡିସେମ୍ବର ୧ରୁ ସାରା ରାଜ୍ୟରେ ବସ୍ ଧର୍ମଘଟ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ନଭେମ୍ବର ୨୨ରୁ ୩୦ ଯାଏ ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ହିଂସାରୁ କିଛି ମିଳିନି**



# ମେମୁ ଟ୍ରେନ୍ ଲାଇନଚ୍ୟୁତ

- **ଝାରସୁଗୁଡ଼ାରୁ ସମ୍ବଲପୁର ଅଭିମୁଖେ ଯାଉଥିଲା**
- **୩ ମଇଁଷିକୁ ଧକ୍କାଦେବା ପରେ ଅଘଟଣ**

ସମ୍ବଲପୁର,୮।୧୧ (ପ୍ରମୋଦ ବହିଦାର)

ଝାରସୁଗୁଡ଼ାରୁ ସମ୍ବଲପୁର ଅଭିମୁଖେ ଆସୁଥିବା ମେମୁ ଟ୍ରେନ୍ ବୁଧବାର ସନ୍ଧ୍ୟାରେ ସମ୍ବଲପୁର ଉପକଣ୍ଠ ସରଲାକାନୀ ନିକଟରେ ମଇଁଷିକୁ ଧକ୍କାଦେଇ ଲାଇନଚ୍ୟୁତ ହୋଇଛି। ଏଥିରେ କେହି ମୃତାହତ ହୋଇଥିବା ଖବର ମିଳିନାହିଁ। ସୂଚନା ଅନୁସାରେ ୦୮୧୬୯ ମେମୁ ଟ୍ରେନ୍ ଝାରସୁଗୁଡ଼ାରୁ ସମ୍ବଲପୁର ଅଭିମୁଖେ ବାହାରିଥିଲା। ସନ୍ଧ୍ୟା ପ୍ରାୟ ୬ଟା ୨୫ ମିନିଟ୍‌ରେ ସରଲାକାନୀଠାରେ ରେଳଲାଇନ ଉପରେ ୩ଟି ମଇଁଷି ଯାଉଥିବା ଦେଖି ଚାଳକ ହଠାତ୍ ବ୍ରେକ୍ ଦେବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଫଳରେ ଟ୍ରେନ୍‌ଟି ମଇଁଷିଙ୍କୁ ଧକ୍କାଦେଇ ୪ର୍ଥ ବଗି ଲାଇନଚ୍ୟୁତ ହୋଇଯାଇଥିଲା। ଏଥିରେ କେହି ମୃତାହତ ହୋଇଥିବା ଖବର ମିଳି ନ ଥିବାବେଳେ ଟ୍ରେନ୍ ଧକ୍କାରେ ଗୋଟିଏ ମଇଁଷିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ ସମ୍ବଲପୁରରୁ ରେଲୱେ ସୁରକ୍ଷା ବଳ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଏହାସହ ସମ୍ବଲପୁର, ରେଙ୍ଗାଲି ଓ ମାନେଶ୍ୱର ଅଗ୍ନିଶମ ବାହିନୀକୁ ମଧ୍ୟ ସଜାଗ ☞ପୃଷ୍ଠା-୨

# ଏଏସ୍‌ଆଇ ସତ୍ୟପାଠ ଖାରଜ

## ନାଟମଣ୍ଡପ, ଜଗମୋହନ ମରାମତିରେ ବିଳମ୍ବ

**ଶ୍ରୀମନ୍ଦିର ନାଟମଣ୍ଡପ ଏବଂ ଜଗମୋହନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ତୁରନ୍ତ ମରାମତି ଆବଶ୍ୟକ, ନଚେତ୍ କେତେବେଳେ ବି କିଛି ଅଘଟଣ ଘଟିପାରେ ବୋଲି ଆମିକସ୍ କ୍ୟୁରି ଗତ ପ୍ରାୟ ୨ମାସ ତଳେ ରିପୋର୍ଟ ପ୍ରଦାନ କରିଥିଲେ। ଏହା ସତ୍ତ୍ୱେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ତ୍ୱରିତ ମରାମତି ନେଇ କୌଣସି ପଦକ୍ଷେପ ନ ନେବା ଘଟଣାରେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଥିସହିତ ଏଏସ୍‌ଆଇ ବୁଧବାର ଦାଖଲ କରିଥିବା ସତ୍ୟପାଠକୁ ଅସମ୍ପୂର୍ଣ୍ଣ ଦର୍ଶାଇ ଖାରଜ କରିବା ସହ ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୫ରେ ହେବ।**



କଟକ, ୮।୧୧(କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର କାମ କରୁଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯୋଜନାରେ ମନ୍ଦିର ଚାରିପାର୍ଶ୍ୱର ଉନ୍ନତୀକରଣ ଚାଲିଛି। ଅପରପକ୍ଷରେ ଶ୍ରୀମନ୍ଦିର ଭିତରେ ନାଟମଣ୍ଡପ ଏବଂ ଜଗମୋହନ ଅବସ୍ଥା ବିପଦସଙ୍କୁଳ ରହିଥିଲେ ସୁଦ୍ଧା ଏହାର ମରାମତି ନେଇ ଏଏସ୍‌ଆଇ ତତ୍ପରତା ପ୍ରକାଶ ନ କରିବା ସମସ୍ତଙ୍କୁ ଚକିତ କରିଛି। ଏଭଳିସ୍ଥିତିରେ ନାଟମଣ୍ଡପ ଏବଂ ଜଗମୋହନ ମରାମତି ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ଶୁଣାଣିରେ ହାଇକୋର୍ଟ ଏଏସ୍‌ଆଇ ପକ୍ଷରୁ ଦାଖଲ ହୋଇଥିବା ଜଗମୋହନ ମରାମତି ସମ୍ପର୍କିତ ସତ୍ୟପାଠକୁ ଖାରଜ କରିଛନ୍ତି। ସତ୍ୟପାଠକୁ ଅସମ୍ପୂର୍ଣ୍ଣ କହିବା ସହ ମରାମତିରେ କାହିଁକି ବିଳମ୍ବ ଘଟୁଛି, ୨୦୧୭ରୁ ଏଯାବତ୍ କାର୍ଯ୍ୟର କ’ଣ ଅଗ୍ରଗତି ହୋଇଛି ସେ ସମ୍ପର୍କରେ ଏଏସ୍‌ଆଇକୁ ପ୍ରଶ୍ନ କରିଛନ୍ତି। କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବାରୁ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହିତ ଆଗାମୀ ଶୁଣାଣି ପୂର୍ବରୁ ସାନି ସବିଶେଷ ତଥ୍ୟ ସହ ବିସ୍ତୃତ ସତ୍ୟପାଠ ଦାଖଲ କରିବା ପାଇଁ ଏଏସ୍‌ଆଇ ପୁରୀ ସର୍କଲ୍ ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡ. ଦିବିଶାଦ ବ୍ରଜସୁନ୍ଦର ଗଡ଼ନାୟକଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ଏଏସ୍‌ଆଇ ଗଡ଼ନାୟକ ସତ୍ୟପାଠ ପ୍ରତ୍ୟାହାର କରି ନେଇଥିଲେ। ପ୍ରକାଶ ଯେ, ନାଟମଣ୍ଡପ ଏବଂ ଜଗମୋହନ ମରାମତିରେ ବିଳମ୍ବ ସମ୍ପର୍କରେ ବୁଧବାର ହାଇକୋର୍ଟରେ ଏଏସ୍‌ଆଇ ପକ୍ଷରୁ ସତ୍ୟପାଠ ଦାଖଲ ହୋଇଥିଲା। ଜଗମୋହନ ମରାମତି ସମୟରେ ବ୍ୟବହାର ହେବାକୁ ଥିବା ☞ପୃଷ୍ଠା-୨







**ଆଜିର ମନ୍ତବ୍ୟ**

ବିଧାନସଭା ନିର୍ବାଚନ ହେଉଥିବା ରାଜ୍ୟଗୁଡ଼ିକରେ ଭାଜପା ଓ କେନ୍ଦ୍ର ନିର୍ଦ୍ଦେଶରେ ପରିଚାଳିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଟାର୍ଗେଟ ଚଢ଼ାଉ ବନ୍ଦ ପାଇଁ ନିର୍ବାଚନ କମିଶନ ତୁରନ୍ତ ହସ୍ତକ୍ଷେପ କରନ୍ତୁ। **-ଅଭିଷେକ ମନୁ ସିଂଘଭୀ, କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡଗ ଡଗ ଚାଲିକି,**
**ସରି ନୁହେଁ ଘୋଡା ପାଲିଙ୍କି।**

ଆଗକାଳରେ ସାଧାରଣତଃ ବାବୁଭାୟାମାନେ ପାଲିଙ୍କିରେ ଯା' ଆସ କରୁଥିଲେ। କିନ୍ତୁ ଯେଉଁମାନେ ସାଧାରଣ ଲୋକ, ଯିଏ ଭଲ ଚାଲିପାରୁଛନ୍ତି ତାଙ୍କର ପାଲିଙ୍କି କି ଦରକାର ? ପାଲିଙ୍କିରେ ଯିବାର ସାମର୍ଥ୍ୟ ନ ଥିବା ଏବଂ ନିଜ ଗୋଡ଼ ଉପରେ ଭରସା କରୁଥିବା ବ୍ୟକ୍ତି ଏହିପରି ମତ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢୋଲ ଖାଏ ମାଡ଼,**
**ହାଡ଼ି ଖାଏ କଉଡ଼ି।**

ହାଡ଼ି ଢୋଲ ବଜାଏ ଏବଂ ସେ ଏହାର ପାଉଣା ପାଏ। ଅଧିକ କଷ୍ଟ ସହିବା ଲୋକର ଫଳପ୍ରାପ୍ତିର ଦାବି ନ ଥାଏ, ଅଥଚ କଷ୍ଟ ଦେବା ଲୋକ ହିଁ ଏହି ଫଳ ଭୋଗକରେ। ପରୋକ୍ଷରେ ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଜେଲରୁ ମୁକୁଳିଲେ ପ୍ରଯୋଜକ ଟୁଟୁ ନାୟକ

## ମହିଳା ଖବରଦାତାଙ୍କୁ ମାଡ଼ ଘଟଣା

■ ୫୦ ହଜାର ଟଙ୍କା, ଜଣେ ଜାମିନଦାର ବଦଳରେ ଜାମିନ ଦେଲେ କୋର୍ଟ

ଭୁବନେଶ୍ୱର,୮।୧୧
(ସୂର୍ଯ୍ୟକାନ୍ତ ବେହେରା)

କାର୍ଯ୍ୟରତ ମହିଳା ଖବରଦାତା ଦେବସ୍ମିତା ରାଉତଙ୍କୁ ମାଡ଼ ଓ ଅସଦାଚରଣ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିବା ଚଳଚ୍ଚିତ୍ର ପ୍ରଯୋଜକ ଟୁଟୁ ନାୟକଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ବୁଧବାର ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ଏହାପରେ ଟୁଟୁ ସନ୍ଧ୍ୟାରେ ଝାରପଡ଼ା ସ୍ୱତନ୍ତ୍ର ଜେଲରୁ ବାହାରିଛନ୍ତି। ୫୦ ହଜାର ଟଙ୍କା ଓ ଜଣେ ଜାମିନଦାର ବିନିମୟରେ କୋର୍ଟ ଟୁଟୁଙ୍କୁ ଜାମିନ ପାଇଁ ଯୋଗ୍ୟ ବିବେଚିତ କରିଥିଲେ। ତେବେ ପୀଡ଼ିତା ଦେବସ୍ମିତା ଓ ତାଙ୍କ ପରିବାର ସଦସ୍ୟଙ୍କୁ ଟୁଟୁ ଧମକ ଦେଇପାରିବେ ନାହିଁ ଓ ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ। ଏହାସହ ପୋଲିସ ଯେଉଁ ମୁହୂର୍ତ୍ତରେ ଡାକିବେ ତଦନ୍ତରେ ସହଯୋଗ କରିବେ ଏବଂ ଏଭଳି ସମାନ ଧରଣର ଘଟଣା ନ ଘଟାଇବାକୁ କୋର୍ଟ ସର୍ତ୍ତ ରଖିଛନ୍ତି।

ସୂଚନା ଅନୁଯାୟୀ, ନୂଆ ଓଡ଼ିଆ ସିନେମା 'ପ୍ରଥା'ର ପ୍ରିମିୟର ଶୋ' ଖବର ସଂଗ୍ରହ କରିବାକୁ ଦେବସ୍ମିତା ଗତ ୩ ତାରିଖ ଦିନ ପ୍ରାୟ ୧୨ଟା ୪୫ରେ ସ୍ୱାତୀ ସିନେମା ହଲ୍‌କୁ ଯାଇଥିଲେ। ହଲ୍ ଗେଟ ନିକଟରେ ସେ ଅନ୍ୟ ସହଯୋଗୀଙ୍କ ସହ ଠିଆ ହୋଇଥିବା ସମୟରେ ଟୁଟୁ ହଠାତ୍ ତାଙ୍କ ବାମପଟ ଗାଲକୁ ଏକ ଚାପୁଡ଼ା ମାରିବା ସହ ଅଶ୍ଳୀଳ ଭାଷା ପ୍ରୟୋଗ କରିଥିଲେ। ଏଭଳି ବ୍ୟବହାର



ସର୍ବସମ୍ମୁଖରେ ତାଙ୍କ ମର୍ଯ୍ୟାଦା ହାନି କରିବା ସହ ଗଭୀର ଆଘାତ ଦେଇଥିଲା। ଏନେଇ ଦେବସ୍ମିତା ଖାରବେଳନଗର ଥାନାରେ ଏତଲା ଦେବା ସହ ଟୁଟୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଥିଲେ। ପୋଲିସ ଆଇପିସି ଦଫା ୩୪୧, ୩୨୩, ୩୫୪ ଓ ୨୯୪ରେ ଏକ ମାମଲା (ନଂ.୫୩୩/୨୩) ରୁଜୁ କରିଥିଲା। ହେଲେ ଚାରି ଆଡୁ ବିରୋଧ ପରେ ପୋଲିସ ଶେଷରେ ୪ ନଭେମ୍ବରରେ ତାଙ୍କୁ ଗିରଫ କରିଥିଲା। ଏହାପରେ ଟୁଟୁଙ୍କ ଜାମିନ ଆବେଦନକୁ କୋର୍ଟ ୮ ତାରିଖକୁ ଘୁଞ୍ଚାଇଦେଇଥିଲେ।

# ଇସ୍ତଫା ଦେଲେ ଉପବାଚସ୍ପତି



ରଜନୀକାନ୍ତ ସିଂ ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ଇସ୍ତଫାପତ୍ର ପ୍ରଦାନ କରୁଛନ୍ତି।

## ଦଳୀୟ କାର୍ଯ୍ୟ କରିବାକୁ ଇସ୍ତଫା ଦେଲି: ରଜନୀକାନ୍ତ ସିଂ

ଭୁବନେଶ୍ୱର,୮।୧୧(ଅନିଲ ଦାସ)

ବିଜେଡିର ବରିଷ୍ଠ ନେତା ରଜନୀକାନ୍ତ ସିଂ ଓଡ଼ିଶା ବିଧାନସଭାର ଉପବାଚସ୍ପତି ପଦରୁ ଇସ୍ତଫା ଦେଇଛନ୍ତି। ବୁଧବାର ପୂର୍ବାହ୍ନରେ ବିଧାନସଭା ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟି ସେ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିଜ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ଉଦ୍ଦେଶ୍ୟରେ ସେ ଇସ୍ତଫା ଦେଇଥିବା କୁହାଯାଉଛି। ଇସ୍ତଫା ଦେବା ପରେ ରଜନୀକାନ୍ତ କହିଛନ୍ତି, ସାମ୍ବିଧାନିକ ପଦରେ ଥିବାରୁ ଦଳୀୟ କାର୍ଯ୍ୟ କରିବା ସମ୍ଭବ ହେଉ ନ ଥିଲା । ଦଳୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ସଙ୍ଗଠନକୁ ସୁଦୃଢ଼ କରିବାକୁ ଇସ୍ତଫା ଦେଇଛି। ସାମ୍ବିଧାନିକ ପଦରେ ଥିବାରୁ ସଙ୍ଗଠନ ଓ ଦଳୀୟ ଲୋକଙ୍କ ସହ ମିଶି ପାରୁ ନ ଥିଲି। ଏହା ହଠାତ୍ ନିଷ୍ପତ୍ତି ନୁହେଁ। ବହୁଦିନର ନିଷ୍ପତ୍ତି ଥିଲା ବୋଲି ସେ କହିଛନ୍ତି।

ଅନୁଗୋଳ ବିଧାନସଭା ଆସନରୁ କ୍ରମାଗତ ୪ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ରଜନୀକାନ୍ତ ୨୦୧୯ ଜୁନ୍‌ରେ ଉପବାଚସ୍ପତି ହୋଇଥିଲେ। ଦୀର୍ଘ ସମୟ ସେ ଉପବାଚସ୍ପତି ପଦରେ ରହି ସାମ୍ବିଧାନିକ ଦାୟିତ୍ୱ ତୁଲାଇଛନ୍ତି। ସାମ୍ବିଧାନିକ ପଦରେ ଥିବାରୁ ସେ ସାଙ୍ଗଠନିକ କାର୍ଯ୍ୟ ସୁଚାରୁରୂପେ ତୁଲାଇପାରୁ ନ ଥିଲେ। ଏହାର ପ୍ରଭାବ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳୀୟ ପ୍ରଦର୍ଶନକୁ ପ୍ରଭାବିତ କରିଥିଲା। ରଜନୀକାନ୍ତ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ଅନ୍ୟ କୌଣସି ନେତାଙ୍କୁ ଉପବାଚସ୍ପତି କରାଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ସାଧାରଣ ନିର୍ବାଚନକୁ ଆଉ ଅଳ୍ପ କିଛି ମାସ ଥିବାରୁ ଉପବାଚସ୍ପତି ପଦବୀରେ ଅନ୍ୟ କୌଣସି ନେତାଙ୍କୁ ବସାଇବାକୁ ବିଜେଡି ଚାହୁଁ ନ ଥିବା କୁହାଯାଉଛି।

# ପଞ୍ଚଭୂତରେ ବିଲୀନ ଶହୀଦ ପ୍ରକାଶ

## 'ଅମର ରହେ' ଧ୍ୱନିରେ କମ୍ପିଲା ଗୋପାଳପୁର ବଜାର



ଶହୀଦଙ୍କ ଘର ଆଗରେ ରୁଣ୍ଡ ହୋଇଥିବା ଶୋକାକୁଳ ଜନସାଧାରଣ। ଶହୀଦ ପ୍ରକାଶଚନ୍ଦ୍ର ଶିଅଳ (ଫଟୋ: ଇନ୍‌ସେଟ୍)

ବାହାନଗା, ୮।୧୧(ଅରୂପ୍ କୁମାର ଦାସ)

ଛତିଶଗଡ଼ ଗଙ୍ଗାଲୁର ଟେକାମେଟା ପାହାଡ଼ିଆ ଅଞ୍ଚଳରେ ମାଓବାଦୀମାନେ ବିଛାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଶହୀଦ ହୋଇଥିବା ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଅଞ୍ଚଳର ବିଏସ୍‌ଏଫ୍ ଯବାନ ପ୍ରକାଶ ଚନ୍ଦ୍ର ଶିଅଳଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପଞ୍ଚଭୂତରେ ବିଲୀନ ହୋଇଯାଇଛି ଶହୀଦଙ୍କ ମରଶରୀର। ବୁଧବାର ମରଶରୀର ଜନ୍ମମାଟିରେ ପହଞ୍ଚିବା ପରେ କାନ୍ଦବୋବାଳିରେ ଫାଟି ପଡ଼ିଥିଲା ସମଗ୍ର ଅଞ୍ଚଳ। ଛତିଶଗଡ଼ରୁ ବିମାନ ଯୋଗେ ଶହୀଦ ପ୍ରକାଶଙ୍କ ମରଶରୀର ଭୁବନେଶ୍ୱରରେ ପହଞ୍ଚିବା ପରେ ସେଠାରେ ବିଏସ୍‌ଏଫ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସ୍ୱତନ୍ତ୍ର ବିଏସ୍‌ଏଫ୍ ଗାଡ଼ି ଯୋଗେ ମରଶରୀରକୁ ଶହୀଦଙ୍କ ଜନ୍ମ ସ୍ଥାନକୁ ଅଣାଯାଇଥିଲା। ସୋରରେ ପହଞ୍ଚିବା ପରେ ସେଠାରୁ ଏକ ଶୋଭାଯାତ୍ରାରେ ବାହାନଗା ଦେଇ ଗୋପାଳପୁରସ୍ଥିତ ଶହୀଦ ପ୍ରକାଶଙ୍କ ବାସଭବନ ପର୍ଯ୍ୟନ୍ତ ଅଣାଯାଇଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଶହ ଶହ ଜନସାଧାରଣ ଶେଷ ଦର୍ଶନ କରିଥିଲେ। ତେବେ ଆରଏସ୍‌ଏସ୍ ପକ୍ଷରୁ ବାହାନଗା ବଜାରଠାରୁ ବିଶାଳ ଶୋଭାଯାତ୍ରାରେ ଘର ପର୍ଯ୍ୟନ୍ତ ଅଣାଯାଇଥିଲା। ବାହାନଗା, ଗୋପାଳପୁର ସମେତ ଆଖପାଖ ଅଞ୍ଚଳର ଯୁବକମାନେ ଭାରତ ମାତା କି ଜୟ, ପ୍ରକାଶ ଚନ୍ଦ୍ର ଶିଅଳ ଅମର ରହେ ନାରା ଦେଇଥିଲେ। ମରଶରୀର ସହ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଆସି ଶହୀଦଙ୍କ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ସେହିପରି ଗୋପାଳପୁର ବଜାର କମିଟି ଓ ଗୋପାଳପୁର ମଣିଭଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଏସ୍‌ଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡର ହରିପ୍ରସାଦ ବିଶୋଇ ଉପସ୍ଥିତ ରହି ସ୍ୱତନ୍ତ୍ର ଗାର୍ଡ ଅଫ୍ ଅନର ଦେବା ସହିତ ୬ ରାଉଣ୍ଡ ତୋପ ସଲାମି ଦେଇଥିଲେ। ଛୋଟ ପୁଅ ପ୍ରଭାସ ଶିଅଳ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ସୋର ବିଧାୟକ ପର୍ଶୁରାମ ଧଡା, ଯୋଗେଶ ଚନ୍ଦ୍ର ପତି, ଗିରିଶ ଚନ୍ଦ୍ର ଦାଶ, ରାକେଶ ମଲ୍ଲିକ, ବାସନ୍ତୀ ସାମଲ, ବିଡିଓ, ବାହାନଗା ତହସିଲଦାର, ଏସ୍‌ଡିପିଓ, ଖନ୍ତାପଡା ଥାନା ଅଧିକାରୀ, ଗୋପାଳପୁର ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ।

### କଥା ଦେଇଥିଲ ଆସିବ ବୋଲି...

ପ୍ରକାଶ ଶହୀଦ ହୋଇଥିବା ଖବର ପାଇବା ପରେ ପରିବାର ଲୋକଙ୍କ ପାଦ ତଳୁ ସତେଯେମିତି ମାଟି ଖସିଯାଇଛି। ମୋ ପୁଅ ମୋତେ ଛାଡି ପଳାଇଲା କହି ମା' ବାହୁନି ବାହୁନି କାନ୍ଦୁଥିବା ବେଳେ ସ୍ୱାମୀଙ୍କୁ ହରାଇ ସ୍ତ୍ରୀ ନିର୍ବାକ ପାଲଟି ଯାଇଛନ୍ତି। କଥା ଦେଇଥିଲ ଆସିବ ବୋଲି ହେଲେ ଦୁଇ ଦୁଇଟି ଛୋଟ ପୁଅକୁ ଛାଡି ତୁମେ କେମିତି ଚାଲିଗଲ ବୋଲି କହି ସ୍ତ୍ରୀ କୋହ ସମ୍ଭାଳିପାରୁନାହାନ୍ତି। ସେ କହିଛନ୍ତି ରବିବାର ରାତିରେ ଭିଡିଓ କଲିଂ କରି ମୋ ସହ କଥା ହୋଇଥିଲେ। ଘରର ସମସ୍ତଙ୍କ କଥା ପଚାରିଥିଲେ। ସୋମବାର ରାତିରେ ଫୋନ କରିବାରୁ ସେ ଉଠାଇ ନ ଥିଲେ। ମଙ୍ଗଳବାର ତାଙ୍କ ଫୋନ ଲାଗି ନ ଥିଲା। ପରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ସେ ଆହତ ହୋଇଥିବା ମୋତେ ଫୋନ ଆସିଥିଲା। ପରେ ତାଙ୍କର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଲି। ଡିସେମ୍ବର ୧ ତାରିଖରେ ସେ ଘରକୁ ଆସିବେ ବୋଲି କଥା ଦେଇଥିଲେ।



ଦୁଇ ପୁଅଙ୍କ ସହ ଶହୀଦଙ୍କ ସ୍ତ୍ରୀ।

### ଏଏସ୍‌ଆଇ ସତ୍ୟପାଠ...

କ୍ୟାଣ୍ଟିଲିଭର ଡିଜାଇନ ପ୍ରସ୍ତୁତ କରିବା ପାଇଁ ମାଡ୍ରାସସ୍ଥିତ ଆଇଆଇଟି ସହିତ ଚୁକ୍ତି ହୋଇଛି। ଡିଜାଇନ୍ ପ୍ରସ୍ତୁତି ଚୂଡ଼ାନ୍ତ ହେବା ପରେ ଏଏସ୍‌ଆଇ ଟେକ୍ନିକାଲ କୋର କମିଟି ଏହାକୁ ଅନୁମୋଦନ କରିବେ ଏବଂ ତା'ପରେ ଯାଇ ମରାମତି କାର୍ଯ୍ୟ ଆରମ୍ଭ ହେବ। ଏଥିସହ ଆଇଆଇଟି ମାଡ୍ରାସ୍‌ଙ୍କ ନିଷ୍କ୍ରିୟତା ଯୋଗୁ ନାଟମଣ୍ଡପ ମରାମତି କାର୍ଯ୍ୟ ଅଗ୍ରଗତି କରିପାରୁନାହିଁ ବୋଲି ସତ୍ୟପାଠରେ ଉଲ୍ଲେଖ ରହିଥିଲା। ହେଲେ ଉଚ୍ଚ ଅଦାଲତ ଉକ୍ତ ସତ୍ୟପାଠରେ ସନ୍ତୋଷ ହୋଇନାହାନ୍ତି। ଏହାକୁ ଅସମ୍ପୂର୍ଣ୍ଣ ଦର୍ଶାଇ ଖାରଜ କରିଛନ୍ତି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ନାଟମଣ୍ଡପ ତୁରନ୍ତ ମରାମତି ପାଇଁ ହାଇକୋର୍ଟରେ ମୂଳ ଆବେଦନକାରୀ ଅଭିଷେକ ଦାସଙ୍କ ପକ୍ଷରୁ ରୁଜୁ ହୋଇଥିବା ମାମଲାରେ ଶ୍ରୀମନ୍ଦିର ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଦର୍ଶାଯାଇଥିଲା। ଗତ ଅଗଷ୍ଟ ୧୪ତାରିଖରେ ଜଗମୋହନ ଓ ନାଟମଣ୍ଡପ ମରାମତି ସଂକ୍ରାନ୍ତ ଏକ ରିପୋର୍ଟ ଆମିକସ୍ କ୍ୟୁରି ଏନ୍. କେ. ମହାନ୍ତି ହାଇକୋର୍ଟରେ ଦାଖଲ କରିଥିଲେ। ଏଥିରେ ଜଗମୋହନ ଏବଂ ନାଟମଣ୍ଡପ ବିପଦସଙ୍କୁଳ ଅବସ୍ଥାରେ ରହିଛି ଏବଂ କେତେବେଳେ ବି କିଛି ଘଟିପାରେ। ଏପରି କି ଯଦି ନାଟମଣ୍ଡପ ମୁଖ୍ୟ ବିମ୍‌ରେ କିଛି ଅଘଟଣ ଘଟେ, ତେବେ ଏହା ଶ୍ରୀମନ୍ଦିର ଉପରେ ପ୍ରଭାବ ପକାଇପାରେ। ତେଣୁ ନାଟମଣ୍ଡପ କ୍ରାକ୍ ବିମ୍‌କୁ ପିଡବ୍ଲୁଡି ମୁଖ୍ୟଯନ୍ତ୍ରୀ ଓ ଏକ୍ସପର୍ଟଙ୍କ ସହ ପରାମର୍ଶ କରି ଅଗ୍ରିମ ଭିତ୍ତିରେ ଏଏସ୍‌ଆଇ ମରାମତି କରିବାକୁ ଆମିକସ୍ କ୍ୟୁରି ରିପୋର୍ଟରେ ଉଲ୍ଲେଖ କରିଥିଲେ।

### ଡିସେମ୍ବର ୧ରୁ ପୁଣି...

ରାଜ୍ୟ ସରକାର ନ ଶୁଣିଲେ ଡିସେମ୍ବର ୧ରୁ ସାରା ରାଜ୍ୟରେ ବସ୍ ଧର୍ମଘଟ କରାଯିବ। ବିବାଦ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ସହିତ ବହୁବାର ଆଲୋଚନା କରିଛୁ। ମାତ୍ର ସବୁଥିରେ ବିଫଳ ହୋଇଛୁ। ଏବେ ମଧ୍ୟ ସମୟ ଅଛି। ରାଜ୍ୟ ସରକାର ଚାହିଁଲେ ବସ୍ ଧର୍ମଘଟକୁ ଏଡ଼ାଇ ଦିଆଯାଇପାରିବ ବୋଲି ସେ କହିଛନ୍ତି। ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ୫ ଦଫା ଦାବି କରାଯାଇଛି। ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ସଦର ମହକୁମାକୁ ବସ୍ ଚଳାଚଳ ନ କରିବା, ସହରାଞ୍ଚଳରେ ସଦର ମହକୁମାକୁ ଚାଲୁଥିବା ଘରୋଇ ବସ୍‌ଗୁଡ଼ିକର କ୍ଷତି ଭରଣା କରିବା, ସମସ୍ତ ବର୍ଗର ବସ୍‌ଗୁଡ଼ିକ ପାଇଁ ସମାନ ଭଡ଼ା କରିବା, କ୍ଷତିଗ୍ରସ୍ତ ବସ୍‌ମାଲିକଙ୍କୁ ଏମ୍‌ଭି ଟିକସ ଛାଡ଼ କରିବା ଆଦି ୫ ଦଫା ଦାବି କରାଯାଇଛି।

ଭବାନୀପାଟଣାରେ ଅନୁଷ୍ଠିତ ରାଜ୍ୟ ବସ୍ ମାଲିକ ସଂଘର ସାଧାରଣ ପରିଷଦ ବୈଠକରେ ୩୦ ଜିଲାର ସମସ୍ତ ବସ୍ ମାଲିକମାନେ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନାରେ ଚଳାଉଥିବା ବସ୍ ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ବ୍ଲକ ସଦର ମହକୁମାରୁ ଜିଲା ମୁଖ୍ୟାଳୟକୁ ଲକ୍ଷ୍ମୀ ବସ୍ ଚଳାଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସଂଘ ପକ୍ଷରୁ ବିରୋଧ କରାଯାଇଛି । ରାଜ୍ୟ ସରକାର ପଞ୍ଚାୟତରୁ ବ୍ଲକ ସଦର ମହକୁମାକୁ ଲକ୍ଷ୍ମୀ ବସ୍ ଚଳାନ୍ତୁ। ମାତ୍ର ବ୍ଲକ ସଦର ମହକୁମାରୁ ଜିଲା ମୁଖ୍ୟାଳୟକୁ ନ ଚଳାଇବାକୁ ସଂଘ ଦାବି କରିଛି।

ସୂଚନାଯୋଗ୍ୟ ଯେ ଜିଲା ମୁଖ୍ୟାଳୟକୁ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ଅକ୍ଟୋବର ୨୨ରେ ଘରୋଇ ବସ୍ ଚଳାଚଳ ବନ୍ଦ ଥିଲା। ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ସଂଘ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା।


**ପ୍ରଥମ ପୃଷ୍ଠାରୁ...**


### ମେମୁ ଟ୍ରେନ୍ ...

ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅପରପକ୍ଷରେ ରେଲୱେ ଦୁର୍ଘଟଣା ରିଲିଫ ଟ୍ରେନ୍ ଚିକିତ୍ସା ସାମଗ୍ରୀ ସହ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଧାରଣାର ଉଭୟପଟୁ ଦୁଇଟି କ୍ରେନ୍ ଆସି ଲାଇନଚ୍ୟୁତ ବଗିକୁ ଉଠାଇଥିଲେ। ରାତି ପ୍ରାୟ ସାଢ଼େ ୮ଟା ସମୟରେ ରେଳ ଧାରଣା କ୍ଲିୟର ହୋଇ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନିତ ସିଂ ଅନ୍ୟାନ୍ୟ ପଦାଧିକାରୀଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏ ସମ୍ପର୍କରେ ରେଳ ପ୍ରବନ୍ଧକ ସିଂ କହନ୍ତି, ଦୁର୍ଘଟଣାର ଠିକ୍ କାରଣ ତଦନ୍ତ ପରେ ଜଣାପଡ଼ିବ। ତେବେ ଏହି ଦୁର୍ଘଟଣା ଯୋଗୁ କେତେକ ଟ୍ରେନ୍‌ର ଚଳାଚଳ ସମୟରେ ବିଳମ୍ବ ହୋଇଛି। ସମ୍ବଲପୁର-ଝାରସୁଗୁଡ଼ା ୦୮୧୭୦୯ ମେମୁ ଟ୍ରେନ୍ କେବଳ ବାତିଲ ହୋଇଥିବା ବେଳେ ଅନ୍ୟ କୌଣସି ଟ୍ରେନ୍ ବାତିଲ ହୋଇ ନାହିଁ କି ଗତିପଥ ପରିବର୍ତ୍ତନ କରାଯାଇ ନାହିଁ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କୃତ୍ତିକା ନକ୍ଷତ୍ର ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ହେତୁ ମାନସିକ ସ୍ତରରେ ଅସୁଖୀ ରହିବେ।

**ବୃଷ** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ରୋହିଣୀ ନକ୍ଷତ୍ର ମୌଳିକ ଚିନ୍ତାଧାରାକୁ ଆଧାର କରି ଖୁବ୍ ଆଶାବାଦୀ ହେବେ। ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ ସୁଯୋଗ ହାତଛଡ଼ା ହୋଇପାରେ।

**ମିଥୁନ** ଆଜି ପୁନର୍ବସୁ ନକ୍ଷତ୍ର ବହୁତ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବାକୁ ପଡ଼ିବ। ଗୃହ ସମସ୍ୟାର ସମାଧାନ, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଧୈର୍ଯ୍ୟହରା ନ ହୋଇ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ସଫଳ ହେବେ। ଛୋଟକଥାକୁ ବଡ଼ ଆକାରରେ ଚିନ୍ତାକରି ଅସ୍ଥିର ରହିପାରନ୍ତି।

**କର୍କଟ** ମାନସିକ ସ୍ଥିରତା ଅବ୍ୟାହତ ରଖିଲେ ବହୁତ ଉପକାର ପାଇବେ। ପୁଷ୍ୟା ନକ୍ଷତ୍ର ବରାଦ ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବିଦେଶରେ ରହୁଥିବା ବ୍ୟକ୍ତିମାନେ ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ବିବାଦୀୟ ଘଟଣା ଟିକିଏ ଜଟିଳଆଡ଼କୁ ଗତି କରିପାରେ।

**ସିଂହ** ଆଜି ଦିନଟିରେ ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଋଣଭାରରେ ଅତିଷ୍ଠ ହୋଇ ପାରନ୍ତି ଏବଂ ଅନ୍ୟକୁ ସରଳ ବିଶ୍ୱାସ କରି ଠକିଯାଇ ପାରନ୍ତି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ନୂଆ ଯୋଜନା ଉପରେ ଗୁରୁତ୍ୱ ଦେଲେ ସଫଳତା ମିଳିବ। ଆକସ୍ମିକ ଆବଶ୍ୟକତା ପରିପ୍ରେକ୍ଷୀରେ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**କନ୍ୟା** ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଆଜିର ପ୍ରତ୍ୟୁଷ ଯାତ୍ରା ନିଶ୍ଚିତ ଫଳପ୍ରଦ ହେବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ସଫଳତା ପାଇବେ। ଆଶା କରୁଥିବା ଦିଗରୁ ହାତକୁ ଦି' ପଇସା ଆସିବ। ପରିବାରରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ତୁଳା** ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ବ୍ୟବସାୟିକ କ୍ଷେତ୍ରରୁ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ସ୍ୱାତୀ ନକ୍ଷତ୍ର ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। ଗବେଷଣା, ଅନୁସନ୍ଧାନ, ଆନୁଷ୍ଠାନିକ ଆଲୋଚନା କ୍ଷେତ୍ରରେ କିଛିଟା ସମସ୍ୟା ଭିତରେ ଚଳିବାକୁ ବାଧହେବେ।

**ବିଛା** ଆଜିର ବିଚାରଧାରା ଅନୁଯାୟୀ ଅନୁରାଧା ନକ୍ଷତ୍ର ଅଯଥା ମାନସିକ ଅଶାନ୍ତିକୁ ବଢ଼ାଇବା ବ୍ୟତୀତ କିଛି ଲାଭ ହେବନି। ତଥାପି ବିଶ୍ୱସ୍ତ ସୂତ୍ରରୁ ଆଶା କରୁଥିବା ଖବର ପାଇ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ସ୍ୱାୟବିକ ଦୁର୍ବଳତା ଦେଖାଦେବା କାରଣରୁ ଆଳସ୍ୟ ଅନୁଭବ କରିବେ। ସଭାସମିତିରେ ଆଲୋଚନା ଅସମାପ୍ତ ରହିପାରେ।

**ଧନୁ** ଆଜି ଆପଣ ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଜମିଜମା ସମସ୍ୟା କ୍ରମଶଃ ଜଟିଳ ହୋଇପାରେ। ନିଜସ୍ୱ ଚିନ୍ତାଧାରାକୁ ଆଧାରକରି ଖୁବ୍ ଆଶାବାଦୀ ହେବେ। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମକର** ଆଜି ଚେଷ୍ଟା କରୁଥିବା କାର୍ଯ୍ୟରେ ଅବଶ୍ୟ ସଫଳତା ପାଇବେ। ପାଖ ପଡ଼ୋଶୀଙ୍କ ଛଳନା ଓ ପ୍ରତାରଣାପୂର୍ଣ୍ଣ କଥାକୁ ଭାବିଚିନ୍ତି କରିବା ଭଲ ହେବ। ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ବହୁ ଦିନର ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**କୁମ୍ଭ** ପୂର୍ବଭାଦ୍ରବ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସ୍ଥିରତାକୁ ବୃଦ୍ଧି କରିପାରେ। କର୍ମକ୍ଷେତ୍ରରେ ସ୍ୱାଧୀନ ଭାବେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ନିର୍ମାଣ, ଶେୟାର ବଜାର, ଜମିଜମା କାରବାର ତଥା ଏଜେନ୍ସି ଏବଂ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଯେକୌଣସି କାର୍ଯ୍ୟ ପରିବାରର ସହମତିରେ କରିବା ଭଲ ହେବ।

**ମୀନ** ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ପଶନ୍ତୁ ନାହିଁ, କାରଣ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ରେବତୀ ନକ୍ଷତ୍ର ସକାଶେ ଆପୋଷ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ନୂତନ କର୍ମାରମ୍ଭ କ୍ଷେତ୍ରରେ ବନ୍ଧୁଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ।

ଆଜି କାର୍ତ୍ତିକ କୃଷ୍ଣ ଏକାଦଶୀ ଯୁକ୍ତ ଦ୍ୱାଦଶୀ ଗୁରୁବାର, ନଭେମ୍ବର ୯ ତାରିଖ, ରାଶି ନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୫ମି. ଗତେ ଘ.୦୭।୨୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା॥ ଦିବା ଘ.୧୨।୫୪ମି. ଗତେ ଘ.୦୨।୧୭ମି. ମଧ୍ୟେ ରାହୁକାଳ॥




# ବିଦ୍ୟୁତ୍ ଫାଶରେ ପଡ଼ି ଦନ୍ତାହାତୀ ମୃତ


ବିଦ୍ୟୁତ୍ ଫାଶରେ ପଡ଼ି ପ୍ରାଣ ହରାଇଥିବା ଦନ୍ତାହାତୀ।

**ସାତମାଇଲ,୮।୧୧(ସୁଶାନ୍ତ ପତି)**

ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ନୂଆବଗ ପଞ୍ଚାୟତ କନ୍ତକୁଳ ବ୍ୟାରେଜ ନିକଟରେ ବୁଧବାର ଏକ ଦନ୍ତା ହାତୀର ମୃତଦେହ ଠାବ କରାଯାଇଛି। ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଉକ୍ତ ଦନ୍ତା ହାତୀର ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ମୃତ ହାତୀର ବୟସ ୨୨ରୁ ଅଧିକ ହେବ। ଖବରପାଇ ଜଏଣ୍ଟ ଟାସ୍କଫୋର୍ସ ଅଧିକାରୀ ଡ. ମନୋଜ ନାୟାର, ଅନୁଗୋଳ ଆର୍‌ସିସିଏଫ ସୁଧାଂଶୁ ଶେଖର ଖୋରା, ଡିଏଫଓ ସୁମିତ କୁମାର କର, ରେଞ୍ଜର ଲୋହିତ ରଥଙ୍କ ସମେତ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ସହ ଦାନ୍ତ ୨ଟିକୁ ଜବତ କରାଯିବା ପରେ ମୃତ ହାତୀକୁ ସେଠାରେ ଗାତ ଖୋଳି ପୋତି ଦିଆଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଡିଏଫଓ ସୁମିତ କୁମାର କର ପ୍ରକାଶ କରିଛନ୍ତି।

# ସଙ୍ଗରୋଧରେ ଚିକିତ୍ସିତ ହେବ ମଣିଷଖିଆ ବାଘ

**ସମ୍ବଲପୁର,୮।୧୧**
**(ପ୍ରମୋଦ ବହିଦାର)**

ନୂଆପଡ଼ାରେ ମଣିଷ ମାରି ଆତଙ୍କ ଖେଳାଇଥିବା କଲରାପତରିଆ ବାଘ ବନ ବିଭାଗ ଦ୍ୱାରା ଉଦ୍ଧାରହେବା ପରେ ଚିକିତ୍ସା ପାଇଁ ବୁଧବାର ସମ୍ବଲପୁରରେ ଆସି ପହଞ୍ଚିଛି। ସମ୍ବଲପୁର ବନ ମଣ୍ଡଳ ଅଧୀନ ବନ୍ୟପ୍ରାଣୀ ଉଦ୍ଧାର କେନ୍ଦ୍ରରେ ବାଘକୁ ସଙ୍ଗରୋଧରେ ରଖାଯାଇ ଚିକିତ୍ସା କରାଯାଉଛି। ଏ ସମ୍ପର୍କରେ ସୂଚନା ଦେଇ ହୀରାକୁଦ ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ଅଂଶୁପ୍ରଜ୍ଞା ଦାସ କହିଛନ୍ତି, ନୂଆପଡ଼ା ବନ ବିଭାଗ ଦ୍ୱାରା ଉକ୍ତ ବାଘଟିକୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସମ୍ବଲପୁରରୁ ଏକ ପ୍ରାଣୀ ଚିକିତ୍ସକ ଦଳ ନୂଆପଡ଼ା ଗସ୍ତକରି ବାଘଟିର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଧିକ ଚିକିତ୍ସା ଆବଶ୍ୟକତା ଥିବାରୁ ବାଘଟିକୁ ବନ ବିଭାଗର ଏକ ଦଳ ନୂଆପଡ଼ା ଯାଇ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ


ସଙ୍ଗରୋଧରେ ଚିକିତ୍ସିତ ହେଉଥିବା ବାଘ।

ସମ୍ବଲପୁର ଆଣିଛନ୍ତି। ତେବେ ବାଘଟି ବର୍ତ୍ତମାନ ଚାପଗ୍ରସ୍ତ ଥିବାରୁ ତାକୁ ବନ୍ୟପ୍ରାଣୀ ଉଦ୍ଧାର କେନ୍ଦ୍ରରେ ସଙ୍ଗରୋଧରେ ରଖାଯାଇଛି। ଚିକିତ୍ସକଙ୍କ ବ୍ୟତୀତ କୌଣସି ବ୍ୟକ୍ତିଙ୍କୁ ବାଘ ପାଖକୁ ଯିବାକୁ ବାରଣ କରାଯାଇଛି। ଏପରି କି ଉଚ୍ଚ ଶବ୍ଦ, ମୋବାଇଲ, କ୍ୟାମେରା ଆଦିରୁ ଦୂରେଇ ରଖାଯାଇଛି। ବନ କର୍ମଚାରୀ ଓ ଚିକିତ୍ସକ ଦଳ ବାଘ ଉପରେ ୨୪ ଘଣ୍ଟା ଧରି ନଜର ରଖିଛନ୍ତି। ଆଗାମୀ ୭ଦିନ ପର୍ଯ୍ୟନ୍ତ ବାଘକୁ ସଙ୍ଗରୋଧରେ ରଖି ଚିକିତ୍ସା କରାଯିବ। ପରେ ସ୍ୱାସ୍ଥ୍ୟ ଅବସ୍ଥା ଦେଖି ତା’ର ଥଇଥାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସୂଚାନାଯୋଗ୍ୟ, ନୂଆପଡ଼ା ଜିଲାରେ ବାଘଟି ଜଣେ ନାବାଳିକା ଓ ଜଣେ ମହିଳାଙ୍କ ସମେତ କେତେକ ଗାଈକୁ ମାରିଦେଇଥିବା ବେଳେ ଅନ୍ୟ ଜଣେ ଶିଶୁ ବାଘ ଆକ୍ରମଣରେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ସମଗ୍ର ଜିଲାରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଗତ ୪ ତାରିଖରେ ଧରମବନ୍ଧା ବନ ମଣ୍ଡଳ ଅନ୍ତର୍ଗତ କଦୋପାଲି ଗ୍ରାମରେ ଶିଶୁକୁ ଆକ୍ରମଣ କରି କ୍ଷତାକ୍ତ କରିବା ପରେ ବାଘଟି ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଛାତରେ ଲୁଚି ରହିଥିଲା। ଏ ସମ୍ପର୍କରେ ଖବର ପାଇ ବନ କର୍ମଚାରୀ କୌଶଳକ୍ରମେ ରାତିରେ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ସେଠାରୁ ବାଘକୁ ନୂଆପଡ଼ା ବନ ବିଭାଗ କାର୍ଯ୍ୟାଳୟକୁ ଆଣି ରଖାଯାଇଥିଲା।

# ମନ୍ଦିର ପୂଜକଙ୍କୁ ହତ୍ୟା

**କୋରାପୁଟ,୮।୧୧(ଅମିତାଭ ବେହେରା)**

କୋରାପୁଟ ସହରର ବୁଢ଼ୀ ଠାକୁରାଣୀ ମନ୍ଦିର ପୂଜକ ରମେଶ ଚନ୍ଦ୍ର ତ୍ରିପାଠୀ(୭୪)ଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଛି। ହାତଗୋଡ଼ ବନ୍ଧା ଅବସ୍ଥାରେ ତାଙ୍କ ମୃତଦେହ ମନ୍ଦିର ପଛପଟେ ଥିବା ତାଙ୍କ ଘରୁ ବୁଧବାର ମଧ୍ୟାହ୍ନରେ ସଦର ଓ ଟାଉନ ଥାନା ପୋଲିସ ଜବତ କରିଛି। ଏହି ସମୟରେ ଡିଏସ୍‌ପି ସୁମିତ୍ରା ଜେନା, ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ ଉପସ୍ଥିତ ଥିଲେ। ଘଟଣାସ୍ଥଳରେ ଘରର ଆସବାବପତ୍ର ବିଛାଡ଼ି ହୋଇପଡିଥିବା ଦେଖିବାକୁ ମିଳିଥିଲା। ହତ୍ୟାକାଣ୍ଡ ବେଳେ ପୂଜକଙ୍କ ସହ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କର ଧସ୍ତାଧସ୍ତି ହୋଇଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ଅନେକ ଲୋକଙ୍କୁ ପଚରାଉଚରା କରୁଛି। ପୋଲିସ ୨୯୧/୨୩ରେ ମାମଲା ରୁଜୁକରି ତଦନ୍ତକୁ ଜୋର୍‌ଦାର କରିଥିବା ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ କହିଛନ୍ତି।

ଖବରରୁ ଜଣାପଡିଛି, କୋରାପୁଟ-ଜୟପୁର ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ଠକୁରାଣୀ ମନ୍ଦିରକୁ ରମେଶ ଚାକିରି କରିଥିବା ସମୟରେ ନିର୍ମାଣ ଆରମ୍ଭ କରିଥିଲେ। କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟରେ ସେ ଚାକିରି କରିଥିଲେ। ଗତ ୧୪ ବର୍ଷ ହେଲା ସେ ଅବସର ଗ୍ରହଣ କରିସାରିଥିଲେ। ଅବସର ଗ୍ରହଣ ପରେ ଅର୍ଦ୍ଧନିର୍ମିତ ହୋଇ ରହିଥିବା ମନ୍ଦିର କାର୍ଯ୍ୟ ଶେଷ କରିବାକୁ ସେ ଗୁରୁତ୍ୱ ଦେଇ କାମ ଆରମ୍ଭ କରିଥିଲେ। ମନ୍ଦିର ନିର୍ମାଣ ସରି ପ୍ରତିଷ୍ଠା ପରେ ସେ ଏହି ମନ୍ଦିରର ପୂଜକ ରୂପେ କାର୍ଯ୍ୟ କରୁଥିଲେ। ତାଙ୍କ ପ୍ରକୃତ ଘର କେଉଁଠି ଜଣାପଡ଼ି ନ ଥିଲେ ମଧ୍ୟ ସେ କୋରାପୁଟରେ ପ୍ରାୟ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ରହି ଆସୁଥିଲେ। ରମେଶଙ୍କ ସ୍ତ୍ରୀ, ୨ପୁଅ ଥିଲେ। ଇତି ମଧ୍ୟରେ ସେମାନଙ୍କ ମୃତ୍ୟୁ ହୋଇସାରିଛି।



For all institutional/bulk, GeM requirements, please mail at Kolkata@heromotocorp.com & vipul.katare@heromotocorp.com | All hero offers on scooters and motorcycles are available at CSD canteen also.
**Authorized Dealers: Bhubaneswar:** Rohan Hero - 9289922474, Bharat Hero - 7799766378, DD Hero - 7799766329, Arundhati Hero - 9289923183, **Cuttack:** JMG Hero - 9289922178, Sunny Hero - 9289922697, Essen Hero - 9289923078, **Angul:** Parbati Hero - 9289922902, **Balasore:** Neelam Hero - 9289922519, **Baripada:** Aditya Hero - 7799766370, **Bhadrak:** Sanjib Hero - 9289922608, **Chandikhol:** S.K. Hero - 9289922900, **Jajpur Road:** Soumik Hero - 9289922611, **Jaleswar:** Sai Hero - 9289922844, **Jatni:** Vishal Hero - 9289922984, **Keonjhar:** Supreme Hero - 9289922182, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Behrampur:** Lakshmi Motors, **Dharma Nagar** - 9289923187, Lakshmi Automotives, **Gajapati Nagar** - 9289922184, **Jeypore:** Supreme Hero - 9289922183, **Phulbani:** Narayani Hero - 9289922991, **Raygada:** Ajit Hero - 9289922819, **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Rourkela:** Dua Hero - 9289922179, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Sundergarh:** Robotech Hero - 9289923063, **Dhenkanal:** Som Hero - 9289922614, **Talcher:** Tarini Hero- 9289922736.

# ହିଂସାରୁ କିଛି ମିଳିନି



ମୁହାନନ୍ଦ ଆଲେଝି

ଅକ୍ଟୋବର ୭ରେ ଇସ୍ରାଏଲର ସୀମା ମଧ୍ୟରେ ହମାସ୍ ଏକ ବଡ଼ ଆକ୍ରମଣ କରିଥିଲା। ଏଥିରେ ବହୁ ଇସ୍ରାଏଲୀ ନିହତ ଓ ଆହତ ହେବା ପରେ ଇସ୍ରାଏଲ ହମାସ୍ ଉପରେ ଆକ୍ରମଣ ଜାରିରଖିଛି। ଏହି କ୍ରୁର ଆକ୍ରମଣ ମଧ୍ୟପ୍ରାଚ୍ୟରେ ହିଂସାକୁ ପୁନର୍ଜୀବିତ କରିପାରିଛି। ଏହାର ଶେଷ କେବେ ହେବ ତାହା କହିହେଉ ନାହିଁ। ଏଭଳି ହିଂସା ନୂଆ ନୁହେଁ, ପୂର୍ବରୁ ବାରମ୍ବାର ଦେଖାଯାଇଛି। ଏବେ ଏହାକୁ ରୋକିବା ଲାଗି କୌଣସି ଗମ୍ଭୀର ଉଦ୍ୟମ ହେଉ ନାହିଁ। ଫଳରେ ଇସ୍ରାଏଲ–ପାଲେଷ୍ଟାଇନ ବିବାଦର ସମାଧାନ ହେବାର ସମ୍ଭାବନା ନାହିଁ। ଯେଉଁମାନେ ଶାନ୍ତି ଚାହାନ୍ତି ସେମାନେ ଉଭୟ ଇସ୍ରାଏଲୀ ଏବଂ ଉଗ୍ରବାଦୀ ଇସ୍‌ଲାମିକ ମୌଳବାଦୀଙ୍କୁ ସତ କହିବାକୁ ପଡ଼ିବ। ଆମମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଶିକ୍ଷା ଦିଆଗଲା ଯେ ଜଣଙ୍କର ନିଜର ଅତୀତକୁ ଜାଣିବା ଏବଂ ତା' ଉପରେ ଯତ୍ନର ସହିତ ବିଚାର କରିବା ହେଉଛି ବାସ୍ତବ ଚରିତ୍ରର ପ୍ରତୀକ। କିନ୍ତୁ ଏବେ ଆମେ ଯେଉଁ ଦଳଗୁଡ଼ିକ ସହିତ କାମ କରୁଛୁ ତାହା ଅତୀତର ଅନୁଭୂତିର ମୂଲ୍ୟାୟନ କରିବାକୁ କିମ୍ବା ସେଗୁଡ଼ିକର ଭବିଷ୍ୟତ ପାଇଁ ଯୋଜନା କରିବାକୁ ଚାହୁଁନାହିଁ।

ଇସ୍ରାଏଲ ଉପରେ ହମାସ୍ ୨୦୦୮, ୨୦୧୪ ଏବଂ ୨୦୨୧ରେ ଆକ୍ରମଣ କରିଥିଲେ ମଧ୍ୟ ଅକ୍ଟୋବର ୭ରେ ଏକ ଅତ୍ୟାଧୁନିକ ତଥା ନିଆରା ଧରଣର ଆକ୍ରମଣ କରିଥିଲା। ଏହାର ତଥାକଥିତ ଲକ୍ଷ୍ୟ ହେଉଛି ପୂର୍ବ ଜେରୁଜେଲମର ଅଲ–ଆକ୍‌ସା ମସ୍‌ଜିଦ ଚାରିପାଖକୁ ଜୋରଜବରଦସ୍ତ ତଥା ଉତ୍ତେଜନାମୂଳକ ଦଖଲକୁ ଜବାବ ଦେବା ଏବଂ ପାଲେଷ୍ଟିନୀୟ ବନ୍ଦୀମାନଙ୍କୁ ମୁକ୍ତ କରିବା। କିନ୍ତୁ ଅତୀତରୁ ଏହିସବୁ ଆକ୍ରମଣ ଗାଜା ମାଟିରେ କୌଣସି ପରିବର୍ତ୍ତନ ଆଣିନାହିଁ; ବରଂ ଏହିସବୁ ଆକ୍ରମଣ ଉଭୟ ପକ୍ଷର ଅଧିକ ମୃତ୍ୟୁ ଘଟାଇ ଚାଲିଛନ୍ତି। ଇସ୍ରାଏଲ ତୁଳନାରେ ୫ଗୁଣ ଅଧିକ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଯୁଦ୍ଧରେ ଭିତ୍ତିଭୂମିର ବିନାଶ ହେବା ନିଶ୍ଚିତ। ଏହାସହ ଭବିଷ୍ୟତ ଲକ୍ଷ୍ୟରେ ଅବରୋଧକୁ କଡ଼ାକଡ଼ି କରିବା ଏବଂ ପାଲେଷ୍ଟିନୀୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ (ଯେପରିକି ଅତ୍ୟଧିକ ସଂଖ୍ୟାରେ ଅଲ୍–ଆକ୍‌ସରେ ଗିରଫ କରାଯାଉଛି) ଲାଗିରହିଛି। ସେହିପରି, ଅକ୍ଟୋବର ୭ ରେ ହମାସ୍ ୧୪୦୦ ଇସ୍ରାଏଲୀଙ୍କୁ ହତ୍ୟା କରିବା ପରେ ତାହାର ସାମରିକ ଜବାବ ଦେବାକୁ ଇସ୍ରାଏଲ ବିଳମ୍ବ କରିନାହିଁ। ଗାଜା ଉପରେ ହୋଇଥିବା ପୂର୍ବ ଆକ୍ରମଣଗୁଡିକର ଲକ୍ଷ୍ୟ ଥିଲା ହମାସ୍‌କୁ ନିୟନ୍ତ୍ରଣ କରିବା। କିନ୍ତୁ ସେହି ମୂଳ ଲକ୍ଷ୍ୟ ହାସଲ କରାଯାଇପାରି ନାହିଁ। କାରଣ ଇସ୍ରାଏଲର ଆଭିମୁଖ୍ୟ ଭିନ୍ନ



ରହୁଛି। ଏହା ମୂଳ କାରଣକୁ ଛାଡ଼ି ପ୍ରକାଶ ପାଉଥିବା ସ୍ଥିତିର ମୁକାବିଲା କରିବାକୁ ବାହାରିପଡୁଛି। ଆରମ୍ଭରୁ ଇସ୍ରାଏଲ ଏହାର ସୁରକ୍ଷା ପ୍ରସଙ୍ଗକୁ ଆଳ କରି ଅନେକ ରକ୍ତାକ୍ତ ଯୁଦ୍ଧ କରିଆସିଛି, ଯାହା ପାଲେଷ୍ଟିନୀୟଙ୍କ ଜୀବନ, ଅଧିକାର ଏବଂ ଭବିଷ୍ୟତକୁ କ୍ଷତି କରିଛି। ସମ୍ପ୍ରତି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଦକ୍ଷିଣପନ୍ଥୀ ସରକାର ପ୍ରମୁଖ କ୍ୟାବିନେଟ ପଦବୀରେ ଧର୍ମୀୟ ଚରମପନ୍ଥୀଙ୍କୁ ସ୍ଥାନିତ କରିଥିଲେ, ଯେଉଁଠି ସେମାନେ ଅଲ୍–ଆକ୍‌ସା ଏବଂ ଅଧିକୃତ ୱେଷ୍ଟ ବ୍ୟାଙ୍କକୁ ନେଇ ପାଲେଷ୍ଟିନୀୟଙ୍କ ସହ ଅଧିକ ତିକ୍ତତା ସୃଷ୍ଟି କରିଥିଲେ।

ଇସ୍ରାଏଲୀମାନେ ବିଶ୍ୱାସ କରିଆସୁଛନ୍ତି ଯେ କଠିନ ପରିସ୍ଥିତିରେ ଜୀବନ ବିତାଇବାର କ୍ଷୀଣ ଆଶା ଥିବା ସତ୍ତ୍ୱେ ପାଲେଷ୍ଟିନୀୟମାନେ ସ୍ଥିତାବସ୍ଥାକୁ ଗ୍ରହଣ କରିବେ। ଏଭଳି କରି ଇସ୍ରାଏଲୀମାନେ ଲଗାତର ଭୁଲ୍ କରିଆସୁଛନ୍ତି। ଆଲଜେରିଆ, ମରକୋ, ଟ୍ୟୁନିସିଆ, ସିରିଆ ଏବଂ ଇଜିପ୍ଟରେ ବିବାଦ ଓ ବଳପୂର୍ବକ ଦଖଲର ଇତିହାସ ସ୍ପଷ୍ଟ କରେ ଯେ ଏହିପରି ମାନସିକତା ବିଫଳତା ଆଣିବା ନିଶ୍ଚିତ। ଅବଦମିତ ଲୋକମାନେ ଗଭୀର ଦୁଃଖ ଦେଇ ଗତି କରିପାରନ୍ତି ସତ, କିନ୍ତୁ ସ୍ୱାଧୀନତା ପାଇଁ ସେମାନଙ୍କର ଇଚ୍ଛା ସବୁବେଳେ ଜାଗ୍ରତ ରହିଥାଏ। ଏହା ନିଃସନ୍ଦେହ ଯେ, ସେମାନେ ଯେ କୌଣସି ସମୟରେ ସେମାନଙ୍କ ମଧ୍ୟରେ ଥିବା ଶୁପ୍ତ ଭାବନା କିମ୍ବା ନିଷ୍କ୍ରିୟତାର ଉଜାଗର କରିପାରିବେ। ଏବେ ଆରମ୍ଭ ହୋଇଥିବା ଯୁଦ୍ଧ ହମାସ୍ ଦ୍ୱାରା ନିହତମାନଙ୍କର ପ୍ରତିଶୋଧ ନେବା ଲାଗି ଉଦ୍ଦିଷ୍ଟ ବୋଲି ଜଣାପଡୁଛି। ଏହା ବ୍ୟତୀତ ଇସ୍ରାଏଲ ପ୍ରତିରକ୍ଷା ବାହିନୀର ପ୍ରତିରୋଧକାରୀ ଶକ୍ତି ପୁନଃସ୍ଥାପିତ କରିବା ଏବଂ ହମାସ୍‌କୁ ଗାଜାରୁ ହଟାଇବା ଇସ୍ରାଏଲର ଲକ୍ଷ୍ୟ ବୋଲି ମନେହୁଏ। କିନ୍ତୁ ଏହା ପରବର୍ତ୍ତୀ ଲକ୍ଷ୍ୟକୁ କିପରି ହାସଲ କରିବ କିମ୍ବା ପରବର୍ତ୍ତୀ ପରିସ୍ଥିତିକୁ କିପରି ମୁକାବିଲା କରିବ ତାହା ସ୍ପଷ୍ଟ ହେଉନାହିଁ।

ପ୍ରତ୍ୟେକ ଥର ହମାସ୍ ଗାଜା ଏବଂ ଏହାର ଲୋକଙ୍କୁ ଇସ୍ରାଏଲ ସହିତ ରକ୍ତାକ୍ତ ଯୁଦ୍ଧ ବଳୟକୁ ଟାଣିନେଇଛି। ଏଭଳି ଯୁଦ୍ଧକୁ ନେଇ ଆରବ ଦେଶଗୁଡ଼ିକର ଭାବାବେଗ ଅବଶ୍ୟ ଉଚ୍ଚ ହୋଇଯାଏ। ଗାଜାର ଧ୍ୱଂସ ଚିତ୍ର କେବଳ ଆରବର ରାସ୍ତାରେ ନୁହେଁ, ବରଂ ଅନ୍ୟ ଶାନ୍ତ ଦେଶଗୁଡ଼ିକରେ ବି କ୍ରୋଧ ସୃଷ୍ଟି କରେ। ହମାସ୍ ପ୍ରତି ସମର୍ଥନ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଥିବାବେଳେ ପାଲେଷ୍ଟିନୀୟଙ୍କୁ ଆୟତ୍ତ କରିବାରେ ଆରବୀୟ ଆଭିଜାତ୍ୟ ବର୍ଗର କେତେଜଣ ଶିକ୍ଷିତ ଏବଂ ପ୍ରତିଷ୍ଠିତ ସଦସ୍ୟ ହମାସ୍‌କୁ ସମର୍ଥନ କରିବା ଆଶ୍ଚର୍ଯ୍ୟଜନକ ନୁହେଁ। ହମାସ୍‌କୁ ସମାଲୋଚନା କରିଥିବାରୁ ଏହିପରି ଜଣେ ବ୍ୟକ୍ତି ମୋତେ ମଧ୍ୟ ସମାଲୋଚନା କରି କହିଛନ୍ତି ଯେ ଏହା ଆତଙ୍କବାଦୀ ସଂଗଠନ ନୁହେଁ ବରଂ ଏକ ପ୍ରତିରୋଧ ଅଭିଯାନ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ନିହତ ଇସ୍ରାଏଲୀମାନେ ସାଧାରଣ ନାଗରିକ ନୁହନ୍ତି ବରଂ ଉପନିବେଶୀ ବସ୍ତିବାସିନ୍ଦା, ଯେଉଁମାନେ ଅନ୍ୟ ଦେଶରୁ ଆସି ସେଠାରେ ରହିଛନ୍ତି। ହିଂସା ଏବଂ ଘୃଣାର ତରଙ୍ଗ କିପରି ସମସ୍ତଙ୍କୁ ଗ୍ରାସ କରେ, ତାହା ଏଭଳି ପ୍ରତିକ୍ରିୟା ଦର୍ଶାଉଛି। ଏପରିକି ବୁଦ୍ଧିଜୀବୀମାନେ ଭାବାବେଗ ଏବଂ କ୍ରୋଧର ଶିକାର ହୋଇପାରନ୍ତି, ଯାହା ସୋସିଆଲ ମିଡିଆ ଏବଂ ପ୍ରଚାର ଦ୍ୱାରା ଅଧିକ ବୃଦ୍ଧି ପାଉଛି।

ଯଦି ଇସ୍ରାଏଲ ହମାସ୍‌କୁ ହଟାଇବାରେ ଅସମର୍ଥ ହୁଏ କିମ୍ବା ଏହାର ସାମରିକ ଶକ୍ତି ଏବଂ ରାଜନୈତିକ ଅଧିକାରକୁ ଅବଦମିତ କରିବାରେ ଅସମର୍ଥ ହୁଏ, ତେବେ ଏହା ଅଳ୍ପ କିଛି ହାସଲ କରିବ। ଗାଜାରେ ଏବେ ଅତ୍ୟଧିକ କ୍ଷତି ଘଟୁଛି। ଏହାକୁ ପୂରଣ କରିବା ଲାଗି ଅନେକ ଦଶନ୍ଧି ଲାଗିଯିବ। ସେହିଭଳି, ହମାସ୍ ଯାହା କରିବ ତାହା ହେଉଛି ସେମାନଙ୍କ ଆତ୍ମକୈନ୍ଦ୍ରିକ ଶକ୍ତିର ଏକ ପ୍ରଦର୍ଶନ, ଯାହାପାଇଁ ଗାଜାର ନିରୀହ ଲୋକମାନଙ୍କୁ ରକ୍ତ ଦେବାକୁ ପଡ଼ିବ, ଘର ଏବଂ ଭବିଷ୍ୟତ ହରାଇବାକୁ ହେବ। ଯୁଦ୍ଧ ଶେଷହେବାବେଳକୁ ସାଧାରଣ ନାଗରିକଙ୍କ ପ୍ରତି ହମାସ୍‌ର ଅବହେଳା ବହୁତ ବଢିଯିବ। ସେତେବେଳେ ପୁଣିଥରେ ଏହାର ସମର୍ଥକମାନେ ଭାଙ୍ଗିଯାଇଥିବା ଘରଗୁଡ଼ିକର ଧ୍ୱଂସାବଶେଷ ଏବଂ ନିରୀହ ଗାଜାବାସୀଙ୍କ ଶବ ଉପରେ ଠିଆ ହୋଇ ବିଜୟ ପାଳନ କରିବେ।

ଉଭୟ ଆରବ ଏବଂ ଇସ୍ରାଏଲୀମାନେ ସେମାନଙ୍କର ନୀତି ଏବଂ କାର୍ଯ୍ୟରୁ କ'ଣ ପାଇବାର ସମ୍ଭାବନା ରହିଛି ସେ ବିଷୟରେ ଭଲ ଭାବରେ ଚିନ୍ତାକରିବା ଆବଶ୍ୟକ। ଅତୀତର ଅଭିଜ୍ଞତାକୁ ସ୍ମରଣ କରିବା ହେଉଛି ପଥକୁ ଫେରିବା ପାଇଁ ଏକମାତ୍ର ଉପାୟ, ଯାହା ଯୁଦ୍ଧର ଲିପ୍ତ ଉଭୟ ଦେଶର ଭବିଷ୍ୟତ ପାଇଁ ଅନ୍ତତଃପକ୍ଷେ କିଛି ଆଶା ସଞ୍ଚାର କରିବ।

**ପୂର୍ବତନ ସଦସ୍ୟ, ଜୋର୍ଡାନ ସିନେଟ ତଥା ଅନ୍ତର୍ଜାତୀୟ ମାନବ ଅଧିକାର ବିଶେଷଜ୍ଞ**

# ଯେମିତି ବିଚାର, ସେମିତି ପରିଣାମ



ନଗେନ୍ଦ୍ର ନାଥ ପଟ୍ଟନାୟକ

ବିଶ୍ୱବ୍ରହ୍ମାଣ୍ଡ ଏକ ଚିରନ୍ତନ, ଶାଶ୍ୱତ ତଥା ଅପରିବର୍ତ୍ତନୀୟ ନିୟମ ଦ୍ୱାରା ପରିଚାଳିତ। ଏହାର ସ୍ୱରୂପ ଅନେକ, କିନ୍ତୁ ସବୁର ପରମ ଏବଂ ଚରମ ଲକ୍ଷ୍ୟ ଏକ ଓ ଅଭିନ୍ନ। ଆମେ କେତେକ ସ୍ୱରୂପ ସହ ପରିଚିତ, ମାତ୍ର ବାକି ସବୁ ସମ୍ପର୍କରେ ଆମେ ଏକବାରେ ଅଜ୍ଞ ଓ ଅନଭିଜ୍ଞ। ବିଜ୍ଞାନ ତମାମ ନିୟମ ଊର୍ଦ୍ଧ୍ୱରେ ତ ଆମେ ଜ୍ଞାନ ବିତରଣ କରିଚାଲୁ, କିନ୍ତୁ ବିଚାରସମୂହ ଦୁନିଆର ସେତିକି ଅଦ୍ଭୁତ ଆକର୍ଷଣ ଥିବା ନିୟମକୁ ନଜର ଅନ୍ଦାଜ କରିଥାଉ। ଫଳରେ ଆମର ଜୀବନ ଗଡ଼ି ହୋଇଯାଏ କିମ୍ବା ପଥହୁଡ଼ା ହୋଇ ବିଗିଡ଼ିଯାଏ। ଆମେ ଯେବେ ମନରେ କ'ଣ କିଛି ଭାବି ବିଚାରୁ ଏକ କମ୍ପନ, ସ୍ଫୁରଣ ଆମ ଭିତରେ ଉତ୍ପନ୍ନ ହୁଏ ଯାହାକି ସ୍ୱତଃପ୍ରବୃତ୍ତ ଓ ସ୍ୱାଭାବିକ। ଠିକ୍ ଯେପରି ଆଲୋକ, ଉତାପ ବିଦ୍ୟୁତ୍ ଅଥବା ଚୁମ୍ବକର କମ୍ପନ ଭଳି। ଆମ ଇନ୍ଦ୍ରିୟଗୁଡ଼ିକ ଏହାକୁ ଅନୁଭବ କରିପାରେନା। ତେବେ ଏହାର ଅର୍ଥ ଏଇଆ ନୁହେଁ ଯେ ଏମାନଙ୍କର ଅସ୍ତିତ୍ୱ ନାହିଁ। ଆଲୋକ ବା ଉତ୍ତାପର କମ୍ପନ ତ ବିଚାରଧାରା ସମ୍ମୁଖରେ ଦୁର୍ବଳ ଓ ଅଶକ୍ତ। କେବଳ ଆମ ଆଭ୍ୟନ୍ତରଣରେ ସେମାନଙ୍କ ବେଗ ବା ଗତି ଥାଏ। ଆମେ ଯେବେ ଏସବୁ ତରଙ୍ଗର ଉତ୍ପତ୍ତି ଓ କାର୍ଯ୍ୟଶୈଳୀର ନିୟମ ସମ୍ପର୍କରେ ଜାଣିପାରିବା ଏମାନଙ୍କୁ ବି ସେମିତି ବ୍ୟବହାର କରିପାରିବା ଆମର ଦୈନନ୍ଦିନ ଜୀବନଚର୍ଯ୍ୟାରେ, ଠିକ୍ ଯେପରି ଆମେ ଉର୍ଜା ବା ଶକ୍ତିର ଅବଶିଷ୍ଟ ସ୍ୱରୂପଗୁଡ଼ିକୁ କରିଥାଉ।

ପ୍ରତିଟି ତରଙ୍ଗକୁ ମାପିବା ସକାଶେ ଏହାର ଅନୁରୂପ ଉପକରଣର ଆବଶ୍ୟକତା ନିହାତି ଜରୁରୀ। ବିଚାର–ତରଙ୍ଗକୁ ବୁଝିବା ଲାଗି ମସ୍ତିଷ୍କ ହିଁ ଏକମାତ୍ର ଉପକରଣ। ପ୍ରତି ସମୟ ଆମକୁ ଭିନ୍ନ ଭିନ୍ନ ତୀବ୍ରତାବିଶିଷ୍ଟ ବିଚାରଧାରାର ଆଦାନପ୍ରଦାନ କରିଥାଏ ଏବଂ ସେମିତିକା ପରିଣାମ ମଧ୍ୟ ଆମକୁ ପ୍ରାପ୍ତ ହୁଏ। ବିଚାର–ତରଙ୍ଗ କେବଳ ଯେ ଆମକୁ ପ୍ରଭାବିତ କରେ ତାହା ନୁହେଁ, ସେମାନଙ୍କ ଭିତରେ ଏପରି ଏକ ଶକ୍ତି ପ୍ରଚ୍ଛନ୍ନଭାବେ ନିହିତ, ଯାହା ଅନ୍ୟ ବିଚାର ପ୍ରବାହ, ପରିସ୍ଥିତି, ମାନବଜାତି, ବସ୍ତୁ ଓ ସର୍ବୋପରି ଆମର ନିୟତି ଅର୍ଥାତ୍ ଆମର ଆଗାମୀ କାଲିର ଅଙ୍ଗୀକୃତ କରିଥାଏ। ଆମର ଭବିଷ୍ୟ ଆମର ବିଚାରପ୍ରବାହରୁ ସୃଷ୍ଟି ହୁଏ।

ବିଚାରସମୂହ ଇଲାକାରେ ସମରୂପୀ ବିଚାର ପରସ୍ପରକୁ ଆକର୍ଷିତ କରିଥାଏ। ଅର୍ଥାତ୍ ଯେମିତି ରୋପିବ ସେମିତି କାଟିବ। ସେମିତି ବିଚାର ରାଇଜରେ ମଧ୍ୟ। ତାତ୍ପର୍ଯ୍ୟ–ଯେତିକି କରିବ, ସେତିକି ଭରିବ। ଯଦି କେହି ଜଣେ ବ୍ୟକ୍ତି ପ୍ରେମାପ୍ଲୁତ ହୋଇଯାଏ ତେବେ ଆଖପାଖରେ କେବଳ ତାକୁ ପ୍ରେମ ପ୍ରୀତି ଜଳଜଳ ହୋଇ ଦୃଶ୍ୟମାନ ହୁଏ। ସେହିପରି ଘୃଣା, ଅସୂୟା ତଥା ବିଦ୍ୱେଷ ଭାବାପନ୍ନ ବ୍ୟକ୍ତି ଭାଗ୍ୟରେ କେବଳ ନିନ୍ଦା ଓ ଘୃଣା ମିଳିଥାଏ। ଯଦି କେହି ବ୍ୟକ୍ତି କଳିଝଗଡ଼ା ବାବଦରେ ବିଚାର କରେ ତେବେ ତା'ର କାହାରି ସହ କଳିତକରାଳ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଅତଏବ ବ୍ୟକ୍ତିର ତାହା ହିଁ ପ୍ରାପ୍ତି ଥାଏ ଯାହାକୁ ସେ କାମନା କରିଥାଏ। ବିଚାରପ୍ରବାହର ଆକର୍ଷଣ ଏଭଳି ଗୋଟେ ବିଷୟ, ଯାହାକୁ ନେଇ ଆମେ ଗମ୍ଭୀରତାର ସହ ଚିନ୍ତନ କରିବା ବିଧେୟ। ଯେତେବେଳେ ଆମେ ନିଜସ୍ୱ ବିଚାରଧାରା ଉପରେ ନିଘା ରଖୁନେ ଆମେ ଅନ୍ୟମାନଙ୍କ ମୁଣ୍ଡରେ ଦୋଷ ଲଦିବା କାହିଁକି ? ତେଣୁ ଏ କଥାକୁ ହୃଦୟଙ୍ଗମ କରିବାକୁ ପଡିବ ଯେ ମନୁଷ୍ୟ ଯେଉଁ ପରିସ୍ଥିତି ପାଇଁ ଅନ୍ୟମାନଙ୍କୁ ଦୋଷାରୋପ କରେ ବାସ୍ତବରେ ସେ ଖୋଦ୍ ଦାୟୀ ସେଥିପାଇଁ।

ବିଚାରଧାରାରେ ଏତେମାତ୍ରାରେ ଶକ୍ତି ଥାଏ ଯେ ଆମର ସାରା ଜୀବନକୁ ବଦଳେଇଦେବାର ସାମର୍ଥ୍ୟ ରଖେ। ଯେଉଁ ବ୍ୟକ୍ତି ବିଚାରଶକ୍ତିର ସମୁଚିତ ବିନିଯୋଗ କରିବା ଜାଣିଥାଏ ସେ ନିଜକୁ ଯେମିତି ଇଚ୍ଛା ସେମିତି ଗଢ଼ି ତୋଳିପାରିବ। କାହାର ଶରୀର କେବଳ ଯେ ତା' ମନକୁ ନିୟନ୍ତ୍ରଣରେ ରଖିପାରେନି ତାହା ନୁହେଁ, ଏହା ମଧ୍ୟ ନକାରାତ୍ମକ ବିଚାର ସ୍ଥାନରେ ସକାରାତ୍ମକ ବିଚାରରୁ ସ୍ଥିତି, ଭାଗ୍ୟ ଅଥବା ଆପଣା ପରିସ୍ଥିତିକୁ ବି ପରିବର୍ତ୍ତିତ କରିପାରିବ। ତେଣୁ ବିଚାରସମୂହର ନିୟମକୁ ପ୍ରାଞ୍ଜଳ ଭାବେ ହୃଦ୍‌ବୋଧ କରି ତାକୁ ନିଜର ପ୍ରାତ୍ୟହିକ ଜୀବନରେ ସ୍ଥାନ ଦେବା ବାଞ୍ଛନୀୟ। ଜୀବନରେ ସୁଖ–ଅସୁଖ, ବ୍ୟାଧି, ଗରିବୀ ଇତ୍ୟାଦି ଯାହାସବୁ ଆସେ ତାହା ଆମ ବିଚାରର ହିଁ ପରିଣାମ। ସୁତରାଂ ଯେମିତିକା ବିଚାର ଆମେ ମନ ମସ୍ତିଷ୍କରେ ଆସ୍ଥାନ ଜମେଇବାକୁ ଦେଉ ଆମ ସମ୍ମୁଖରେ ସେମିତି ପରିସ୍ଥିତି ସୃଷ୍ଟି ହୋଇଯାଏ।

**ପ୍ରାକ୍ତନ ଅତିରିକ୍ତ ସଚିବ, ଓଡ଼ିଶା ସରକାର**
**ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର**
**ମୋ–୯୪୩୮୩୩୨୧୩୮**

## ଏଇ ଭାରତରେ

କୁକୁର କିଭଳି ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବେ ସେଭଳି ଏକ ଭିନ୍ନ ଚିନ୍ତା କରିଛନ୍ତି ରାଜସ୍ଥାନ ଜୟପୁରର ଗଜରାଜ ସିଂ। ଗଜରାଜ କୁକୁରଙ୍କ ପାଇଁ ସ୍ୱତନ୍ତ୍ର ପୁଷ୍ଟିକର ଖାଦ୍ୟ ପ୍ୟାକେଟ କରି ତାହାକୁ ମାତ୍ର ୫ଟଙ୍କାରେ ଯୋଗାଇ ଦେଉଛନ୍ତି। ସେ ରୁଟି ସହିତ ଅଣ୍ଡା, ପନିର, ସୋୟା ଆଦି ମିଶାଇ ୪୦୦ ଗ୍ରାମର ଛୋଟ ପ୍ୟାକେଟ କରୁଛନ୍ତି। ଏହି ପ୍ୟାକେଟ ପ୍ରସ୍ତୁତ କରିବା ପାଇଁ ସେ 'କିଚେନ ଫର୍ ଡଗ୍' ନାମକ ଏକ ଷ୍ଟଲ୍ ଜୟପୁରରେ ଖୋଲିଛନ୍ତି। ଏହା ଦ୍ୱାରା ଏବେ ପ୍ରତିଦିନ ୩୦୦୦ କୁକୁରଙ୍କୁ ପୁଷ୍ଟିକର ଖାଦ୍ୟ ମିଳିପାରୁଛି। ଯେଉଁମାନେ ପ୍ରତିଦିନ ବୁଲା କୁକୁରଙ୍କୁ ଖାଇବାକୁ ଦେଉଛନ୍ତି ସେମାନେ ଏହି ଷ୍ଟଲ୍‌ରୁ ୫ଟଙ୍କାରେ ଖାଦ୍ୟ ପ୍ୟାକେଟ କିଣୁଛନ୍ତି। କିଛି ବର୍ଷ ପୂର୍ବେ ଗଜରାଜ ଏକ ଦୋକାନ ନିକଟରେ ଠିଆ ହୋଇଥିବା ସମୟରେ ଜଣେ ବ୍ୟକ୍ତି ବିସ୍କୁଟ ପ୍ୟାକେଟ କିଣି କୁକୁରକୁ ଖାଇବାକୁ ଦେବା ଦେଖିଲେ। ପରେ ସେହି ବିସ୍କୁଟ ମଇଦା ଓ ଚିନିରେ ହେଉଥିବାରୁ ତାହା କୁକୁରଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ସେହି ବ୍ୟକ୍ତିଙ୍କୁ କହିଥିଲେ। ବ୍ୟକ୍ତି ଜଣକ କମ୍ ଟଙ୍କାରେ କୁକୁରଙ୍କ ପାଇଁ ଖାଦ୍ୟ ମିଳୁନାହିଁ ବୋଲି କହିବାରୁ ଗଜରାଜ ଏଭଳି ପ୍ୟାକେଟ ପ୍ରସ୍ତୁତ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ସେହି ନିଷ୍ପତ୍ତି ଏବେ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବାରୁ ସେ ଖୁସି ବୋଲି କହନ୍ତି ଗଜରାଜ।

## ୨୫ ବର୍ଷ ତଳର ଧରିତ୍ରୀ

୯ ନଭେମ୍ବର ୧୯୯୮

- ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ବାବାଜୀ ମହାରାଜ ରାମକୃଷ୍ଣ ଦାସଙ୍କ ୯୧ ବର୍ଷ ବୟସରେ ଦେହାନ୍ତ।
- ଶ୍ରୀଲଙ୍କାର ଉତ୍ତର ଓ ପୂର୍ବାଞ୍ଚଳରେ ଏଲ୍‌ଟିଟିଇ ବିଦ୍ରୋହୀ ଏବଂ ସରକାରୀ ସୈନ୍ୟଙ୍କ ମଧ୍ୟରେ ସାନି ସଂଘର୍ଷ ଘଟି ୧୪ ଜଣ ଏଲ୍‌ଟିଟିଇ ଉଗ୍ରବାଦୀ ନିହତ।
- ବାଂଲାଦେଶର ପ୍ରତିଷ୍ଠାତା ରାଷ୍ଟ୍ରପତି ଶେଖ ମୁଜିବୁର ରହମନଙ୍କୁ ହତ୍ୟା କରିଥିବା ଅଭିଯୋଗରେ ୧୫ ଜଣ ପୂର୍ବତନ ସାମରିକ ଅଫିସରଙ୍କୁ ମୃତ୍ୟୁଦଣ୍ଡ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | | | | 2 |
| | | | | 9 | | | | |
| 5 | | 9 | | 3 | | 8 | | 7 |
| 6 | | | | | | | 4 | 9 |
| | 7 | | | | | | | |
| | | | | | 3 | | 6 | |
| | | | 9 | 5 | | 2 | | |
| | 4 | | | | 7 | 9 | | |
| | 1 | | | | | | 8 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 5 | 8 | 9 | 2 | 7 | 4 | 6 |
| 7 | 8 | 9 | 4 | 6 | 5 | 1 | 2 | 3 |
| 4 | 6 | 2 | 7 | 3 | 1 | 9 | 8 | 5 |
| 9 | 5 | 7 | 1 | 8 | 3 | 4 | 6 | 2 |
| 8 | 2 | 1 | 6 | 4 | 7 | 5 | 3 | 9 |
| 6 | 4 | 3 | 2 | 5 | 9 | 8 | 1 | 7 |
| 5 | 1 | 4 | 9 | 2 | 6 | 3 | 7 | 8 |
| 3 | 7 | 6 | 5 | 1 | 8 | 2 | 9 | 4 |
| 2 | 9 | 8 | 3 | 7 | 4 | 6 | 5 | 1 |

ଗତକାଲିର ଉତ୍ତର

# ନିର୍ଣ୍ଣୟରେ ନୈତିକ ଦାୟିତ୍ୱ



ଡ. ସତ୍ୟ ନାରାୟଣ ମିଶ୍ର

ମଣିଷ ସମାଜରେ ଶୃଙ୍ଖଳିତ ଭାବେ ବଞ୍ଚିବାର କୌଶଳ ଯେତେବେଳେ ସ୍ୱୀକାର କରିଥାଏ, ସେତେବେଳେ ତାହାକୁ ପୂର୍ଣ୍ଣାଙ୍ଗ ରୂପରେଖ ଦେବା ପାଇଁ ଜୀବନର ଗତିପଥକୁ ନିର୍ଣ୍ଣୟର ନୈତିକ ଦାୟିତ୍ୱ ଉପରେ ନିହିତ କରିଥାଏ। ନିର୍ଣ୍ଣୟ କେତେବେଳେ ଓ କେଉଁ ପରିପ୍ରେକ୍ଷୀରେ ବ୍ୟକ୍ତି ଉଦ୍ଦିଷ୍ଟ କରିଥାଏ ତାହା ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଜୀବନଶୈଳୀ ତଥା ବିଚାର ବ୍ୟବସ୍ଥାର ପରିପକ୍ୱତା ଉପରେ ନିର୍ଭର କରେ। ଜଣେ ବ୍ୟକ୍ତି ଯେତେବେଳେ କୌଣସି ନିର୍ଣ୍ଣୟ ପାରିବାରିକ, ସାମାଜିକ, ବ୍ୟକ୍ତିଗତ, ସାମୂହିକ, ଆନୁଷ୍ଠାନିକ, ସରକାରୀ ବା ବେସରକାରୀ କ୍ଷେତ୍ରରେ ନେଇଥାଏ, ସେତେବେଳେ ତା'ନିକଟରେ ଥିବା ନୀତି ଓ ନୈତିକ ମୂଲ୍ୟବୋଧର ଦାୟିତ୍ୱକୁ ଉପଯୋଗ କରିବା ଏକାନ୍ତ ବାଞ୍ଛନୀୟ। କାରଣ ନିର୍ଣ୍ଣୟର କାର୍ଯ୍ୟକାରିତା ଓ ପ୍ରୟୋଗ ଯେତେବେଳେ ହୋଇଯାଏ ସେଥିପାଇଁ ନିର୍ଣ୍ଣାୟକର୍ତ୍ତା ମଧ୍ୟ ଉତ୍ତରଦାୟୀ ରହିବା ଉଚିତ। କୌଣସି ପ୍ରସଙ୍ଗରେ ଯେତେବେଳେ ବ୍ୟକ୍ତି ନିର୍ଣ୍ଣୟ ନିଏ ସେତେବେଳେ ବ୍ୟକ୍ତି ଏହାକୁ ଏକ ନୈତିକ ଦାୟିତ୍ୱର ସୁପରିଚାଳନା ବୋଲି ହୃଦୟଙ୍ଗମ କରିବା ଉଚିତ।

ନୀତି ଓ ଦାୟିତ୍ୱ ସଦାବେଳେ ମଣିଷକୁ ଉଚିତ୍ ମାର୍ଗରେ ଧାବମାନ କରାଇଥାଏ। ପରିବାରରେ ଯେତେବେଳେ ବରିଷ୍ଠମାନେ କୌଣସି ବିଷୟ ଉପରେ ନିର୍ଣ୍ଣୟ ନେଇଥା'ନ୍ତି, ତାହା ଥାଏ ସୀମିତ ଉଦ୍ଦେଶ୍ୟ ସହ ଜଡ଼ିତ ଓ ସେଥିରେ ପରିବାରର ସଦସ୍ୟମାନଙ୍କର ସ୍ଥିତି ନିହିତ ଥାଏ। ତାହା ମଧ୍ୟ ନୈତିକତାର ବିଚାରଧାରା ମଧ୍ୟରେ ହେବା ଉଚିତ। ସେହିଭଳି ସାମାଜିକ କ୍ଷେତ୍ରରେ ବା ଆନୁଷ୍ଠାନିକ କ୍ଷେତ୍ର ବା ସରକାରୀ କ୍ଷେତ୍ରରେ ଯେଉଁ ନିର୍ଣ୍ଣୟ ନିଆଯାଏ, ତାହା କୌଣସି ଗୋଷ୍ଠୀ ବା ସୀମିତ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ। ସୀମିତ ଉଦ୍ଦେଶ୍ୟର ନିର୍ଣ୍ଣୟ ମଣିଷର ନୈତିକ ସ୍ଖଳନ ହୋଇ ସମଗ୍ର ସାମାଜିକ ସ୍ଥିତିକୁ ଧୀରେ ଧୀରେ ଦୁର୍ବଳ କରିଥାଏ, କାରଣ ତାହା ଥାଏ ସାମୂହିକ ସ୍ୱାର୍ଥର ସଙ୍କୋଚନ। ନିର୍ଣ୍ଣୟ ନେବା ଏକ ଅତ୍ୟାବଶ୍ୟକ ଦକ୍ଷତା, ଯାହା ବ୍ୟକ୍ତିଗତ ଜୀବନରେ ଆବଶ୍ୟକ। ନିର୍ଣ୍ଣୟ ନେବାର କ୍ଷମତା ହେଉଛି ଏକ ଦକ୍ଷତା, ଯାହା ପ୍ରାୟତଃ ଅଭିଜ୍ଞତା ମାଧ୍ୟମରେ ଶିଖାଯାଏ ଓ ବିବେକର ସୁ–ପ୍ରୟୋଗ ଦାରା ନିର୍ଦ୍ଧାରିତ ହୋଇଥାଏ।

ଦାୟିତ୍ୱକୁ ଗ୍ରହଣ କରିବାରେ ଯେତିକି ସାମର୍ଥ୍ୟ ଆବଶ୍ୟକ ହୋଇଥାଏ, ତାହାଠୁ ଅଧିକ ସାମର୍ଥ୍ୟ ଆବଶ୍ୟକ ହୋଇଥାଏ ତାହାକୁ ନିଷ୍ଠାର ସହ ପାଳନ କରିବା। ବ୍ୟକ୍ତି ଜାଣିବାକୁ ଚାହିଁବା ଉଚିତ ଯେ ଏକ ନିର୍ଣ୍ଣୟର କାହିଁକି ଆବଶ୍ୟକ, ଏହାଦ୍ୱାରା ଅନ୍ୟର ଜୀବନରେ କ'ଣ ପରିବର୍ତ୍ତନ ହେବ ଓ ନିର୍ଣ୍ଣୟ ବିଷୟରେ ବ୍ୟକ୍ତି ପାଇଁ ବା ସମାଜ ଲାଗି କ'ଣ ଗୁରୁତ୍ୱପୂର୍ଣ୍ଣ ନିହିତ ରହିଥାଏ। ଅତଏବ୍ ତର୍ଜମା ଓ ଅନୁସନ୍ଧାନ ତଥା ଅନୁଶୀଳନ ହେଉଛି ନୈତିକ ଦାୟିତ୍ୱର ମାନଦଣ୍ଡ। ଉକ୍ତ କାରଣଗୁଡ଼ିକର ସମୀକ୍ଷା କରିବା ପରେ ବ୍ୟକ୍ତି କିଛି ବିକଳ୍ପ ସହିତ ନିର୍ଣ୍ଣୟ ନେବା ଉଚିତ, ଯେଉଁଥିରେ ବ୍ୟକ୍ତିର ଉଦ୍ଦେଶ୍ୟ ନିହିତ ରହିଥାଏ ଯେ ବ୍ୟକ୍ତି କେଉଁ ଉପାୟରେ ସମସ୍ୟାର ସମାଧାନ କରିବାକୁ ଚାହୁଁଛନ୍ତି ଓ ତାହାର ସକାରାତ୍ମକ ପ୍ରକ୍ରିୟା କେତେମାତ୍ରାରେ ବ୍ୟକ୍ତି ବା ସମାଜ ପାଇଁ ଉଦ୍ଦିଷ୍ଟ ହୋଇପାରିବ। ନିର୍ଣ୍ଣୟ ନେବାବେଳେ ବ୍ୟକ୍ତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଏକ ଉତ୍ତମ ନିର୍ଣ୍ଣୟ ଓ ଖରାପ ନିର୍ଣ୍ଣୟ ମଧ୍ୟରେ ପାର୍ଥକ୍ୟକୁ ଜାଣିବା ଓ ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତକୁ ଦୂରଦୃଷ୍ଟିରେ ପ୍ରକ୍ଷାଳନ କରିବା। ଏକ ଭଲ ନିର୍ଣ୍ଣୟ ଓ ଏକ ଖରାପ ନିର୍ଣ୍ଣୟ ମଧ୍ୟରେ ପ୍ରାଥମିକ ପାର୍ଥକ୍ୟ ହେଉଛି ଏହାର ପ୍ରଭାବ ବ୍ୟକ୍ତିର ଜୀବନରେ କେତେ ଓ କେଉଁ ମାତ୍ରାରେ ଉପଯୋଗ ହୋଇଥାଏ। ସେଦୃଷ୍ଟିରୁ ବିଚାରକଲେ ଏକ ଉତ୍ତମ ନିର୍ଣ୍ଣୟ ହେଉଛି ଯାହା ବ୍ୟକ୍ତିର ଜୀବନରେ ସକାରାତ୍ମକ ପ୍ରଭାବ



ପକାଇଥାଏ, ଯେତେବେଳେ ଏକ ଖରାପ ନିଷ୍ପତ୍ତି ବ୍ୟକ୍ତିର ଜୀବନ ଉପରେ ନକାରାତ୍ମକ ପ୍ରଭାବ ମଧ୍ୟ ପକାଇଥାଏ। ମାତ୍ର ଉତ୍ତମ ନୈତିକ ଦାୟିତ୍ୱବୋଧ ନିର୍ଣ୍ଣୟ ସାଧାରଣତଃ ଅଧିକ ସୁଯୋଗ ଆଣିଥାଏ ଓ ତାହା ସର୍ବଜନରେ ଆଦୃତ ମଧ୍ୟ ହୋଇଥାଏ। ତଥାପି, ଅନେକ କ୍ଷେତ୍ରରେ କେତେକ ପରିସ୍ଥିତିରେ ଯେତେବେଳେ ବ୍ୟକ୍ତି କୌଣସି ନ୍ୟୂନ ନିର୍ଣ୍ଣୟ ନିଅନ୍ତି, ଏହାର ପ୍ରତିକ୍ରିୟା ସଙ୍ଗେସଙ୍ଗେ ସମାଜର କୋଣ ଅନୁକୋଣରେ ବିଛୁରିତ ହୋଇଥାଏ, ସେତେବେଳେ ତାହା ସମାଲୋଚିତ ହୋଇ ନ୍ୟୂନତାର ତୁଷ୍ଟୀକରଣକୁ ଧିକ୍କାର ଦେଇଥାଏ। ମାତ୍ର ଉପଯୁକ୍ତ ନୈତିକ ଦାୟିତ୍ୱର ନିର୍ଣ୍ଣୟ ଦୀର୍ଘସ୍ଥାୟୀ ହୋଇ ସମାଜର ହିତ ସାଧନ କରିବାରେ ସହାୟକ ହୋଇଥାଏ। ଉତ୍ତମ ନିର୍ଣ୍ଣୟ ବିବେକର ଲକ୍ଷ୍ୟ ହାସଲ କରେ ଓ ଖରାପ ନିର୍ଣ୍ଣୟ ତୁଷ୍ଟୀକରଣ କରି ଏକ ଅବାଞ୍ଛିତ ଉପାୟରେ ବଳପୂର୍ବକ ପ୍ରୟୋଗ ହୋଇଥାଏ, ଯାହା ଥାଏ ଅପରିପକ୍ୱତାର ନିଦର୍ଶନ। ମଣିଷ ଜୀବନରେ ପରିଚାଳନାରେ ଥିବା ସମସ୍ତ ସମସ୍ୟା ମଧ୍ୟରୁ ନିର୍ଣ୍ଣୟ ନେବା ସମସ୍ୟା ହେଉଛି ସବୁଠାରୁ କଷ୍ଟସାଧ କାର୍ଯ୍ୟ, କାରଣ ସେଥିରେ ଥାଏ ଆତ୍ମିକ ବିଚାରଧାରା। ସାଧାରଣ ଜୀବନରେ ମଧ୍ୟ 'କରିବା ବା ନ କରିବା' ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ, ଯାହା ଜଣେ ବ୍ୟକ୍ତିର କାର୍ଯ୍ୟକୁ ତର୍ଜମା କରିଥାଏ। ଅନ୍ୟପକ୍ଷରେ ନିର୍ଣ୍ଣୟ ନେବାରେ ମଧ୍ୟ ସମୟର ସଦୁପଯୋଗ ହେବା ନିତାନ୍ତ ଆବଶ୍ୟକ, କାରଣ ଉପଯୁକ୍ତ ସମୟରେ ଉପଯୁକ୍ତ ନିର୍ଣ୍ଣୟ ନ ନେଲେ କାର୍ଯ୍ୟ ଫଳପ୍ରସୂ ହୋଇ ନ ଥାଏ।

ଅତୀତର ପୁରାଣ, ଗ୍ରନ୍ଥ, ରାମାୟଣ, ମହାଭାରତରେ ଅନେକ ଦୃଷ୍ଟାନ୍ତ ଏ ମଣିଷ ସମାଜ ଜାଣିଛି ଓ ତଦନୁଯାୟୀ ନିର୍ଣ୍ଣୟ ନେବା ମଧ୍ୟ ଆବଶ୍ୟକ, ଯାହା ସମୟୋପଯୋଗୀ ହେବା ଉଚିତ। ସରକାରୀ, ବେସରକାରୀ କିମ୍ବା ସାର୍ବଜନୀନ ସଂଗଠନର ଅର୍ଥ ହେଉଛି ଚରମ ବିଶ୍ଳେଷଣରେ ଠିକ୍ ଓ ଦାୟିତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବା। ଜଣେ ଭଲ ନେତା ହେଉଛନ୍ତି ସିଏ, ଯିଏ ନିଷ୍ପତ୍ତି ନେଇପାରିବେ। କିଏ କ'ଣ କରିବ ବା ନ କରିବ ସମସ୍ୟାର ସମାଧାନ କରିପାରିବେ ଓ ନିର୍ଣ୍ଣୟର ନିଷ୍ପତ୍ତି ନେବା ପାଇଁ ଯିଏ ସ୍ୱେଚ୍ଛାକୃତ ଭାବେ ଦାୟିତ୍ୱ ଗ୍ରହଣ କରିପାରିବ। ବାସ୍ତବରେ ଦାୟିତ୍ୱ ହେଉଛି ଏକ ଭାର, ଯାହା ବର୍ତ୍ତମାନର ସମାଜରେ ଅନେକଙ୍କ ମଧ୍ୟରୁ ଅଧିକାଂଶ ଭଲଭାବେ ବହନ କରନ୍ତି ନାହିଁ ଓ ଅଧିକାଂଶ ଗ୍ରହଣ କରିବାକୁ ଇଚ୍ଛୁକ ନୁହନ୍ତି। କିନ୍ତୁ ନେତୃତ୍ୱର ଅର୍ଥ ହେଉଛି ନିର୍ଣ୍ଣୟ ନିଆଯିବା ଓ ଦାୟିତ୍ୱ ଗ୍ରହଣ କରାଯିବା ଆବଶ୍ୟକ ତାହା ପୁଣି ନୈତିକ ବିଚାରଧାରା ଉପରେ ପର୍ଯ୍ୟବସିତ ହେବା ଆବଶ୍ୟକ। ଜଣେ ବ୍ୟକ୍ତି ଠିକ୍ ନିର୍ଣ୍ଣୟ ନେବାକୁ ହେଲେ, ସେ ତାଙ୍କ ବ୍ୟକ୍ତିତ୍ୱର କିଛି ବୈଶିଷ୍ଟ୍ୟ ଧାରଣ କରିବା ଆବଶ୍ୟକ। ଭାବନା ସହିତ ଚିନ୍ତା କରିବା ପାଇଁ ବ୍ୟକ୍ତିଙ୍କୁ ନୈତିକ ଅନୁଶାସନକୁ ପାଥେୟ କରିବା ଆବଶ୍ୟକ। ନୈତିକ ଦାୟିତ୍ୱ ଯାହା ନିଜକୁ ଏକ ଅନୁଶାସିତ ବ୍ୟବସ୍ଥା ଭାବରେ ପରିପ୍ରକାଶ କରେ, ଏକ ନୈତିକ ବିଚାରର ସ୍ୱଭାବ ଓ ଏକ ଆତ୍ମସଚେତନ ନୈତିକ ଆଭିମୁଖ୍ୟ ସହିତ ନୈତିକ ଶକ୍ତି ତଥା ନୈତିକ ଭାବନା ଉପରେ କାର୍ଯ୍ୟ କରିବା, ନିଷ୍ପତ୍ତି ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସମ୍ପ୍ରତି ସମାଜରେ ସାମୂହିକ ନିର୍ଣ୍ଣୟକୁ ନିଷ୍ପତ୍ତିରେ ପରିଣତ କରିବା ପାଇଁ ଅନେକ କ୍ଷେତ୍ରରେ ଏକ ଚାପ ଗୋଷ୍ଠୀ ସକ୍ରିୟ ହେଉଅଛି, ଯାହା ନୈତିକ ନିର୍ଣ୍ଣୟ ନେବାରେ ବାଧକ ହୋଇଥାଏ ଓ ଦାୟିତ୍ୱର ସୁପ୍ରୟୋଗ ହୋଇପାରି ନ ଥାଏ। ନିର୍ଣ୍ଣୟର ନୈତିକ ଦାୟିତ୍ୱକୁ ଉପଯୁକ୍ତ ଭାବେ ପ୍ରୟୋଗ କଲେ ସମାଜରେ ଅସମାନତା ଓ ତୁଷ୍ଟୀକରଣ ବ୍ୟବସ୍ଥାର ବିଲୋପ ହୋଇପାରନ୍ତା ଓ ବିଶ୍ୱାସରୁ ଆତ୍ମବିଶ୍ୱାସର ସୃଷ୍ଟିହୋଇ ସମାଜ, ଦେଶ ଓ ଜାତିର ସମୃଦ୍ଧି ହୋଇପାରନ୍ତା।

**ଅଭିଲେଖାଧିକାରୀ, ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ମୋ: ୯୯୩୭୩୪୫୯୦୦**

## ପାଠକ ଶ୍ରେଷ୍ଠ ବିଚାରକ

### ସାଇବର କ୍ରାଇମ୍

ମହାଶୟ,

ସାଇବର ଅବରାଧ ଏବେ ରାଜ୍ୟରେ ଚହଳ ସୃଷ୍ଟି କରିଛି। ବିଶେଷ କରି ମଧ୍ୟବିତ୍ତ ବର୍ଗର ଲୋକମାନେ ଏହାର ଶିକାର ହେଉଛନ୍ତି। ଟେକ୍ନୋଲୋଜିର ସାହାରା ନେଇ ଅପରାଧୀମାନେ ନିଜର କଳାସାମ୍ରାଜ୍ୟ ବଢ଼ାଇବାରେ ଲାଗିଛନ୍ତି। ସାଇବର ଅପରାଧ ବିଶେଷଭାବରେ କିଛି ନିର୍ଦ୍ଦିଷ୍ଟ ଅପରାଧୀମାନେ ଅନ୍ୟ ସ୍ଥାନରୁ ଚଳାଉଛନ୍ତି। ବିଭିନ୍ନ ବାହାନା ଯେମିତି ଲଟେରି ଜିତିବା, କ୍ରେଡିଟ୍ ଓ ଡେବିଟ୍ କାର୍ଡ ବ୍ଲକ ହୋଇଯାଇଛି। ଓଟିପି ଶେୟାର କରନ୍ତୁ, ଆକାଉଣ୍ଟ ହ୍ୟାକ୍ କିମ୍ବା ବ୍ଲକ୍ ହୋଇଯିବା କହି ଲୋକଙ୍କୁ ଠକିବାକୁ ଚେଷ୍ଟା କରୁଛନ୍ତି। ସାମାନ୍ୟତମ ଭୁଲ୍ କିମ୍ବା ଅସାବଧାନତା ଜୀବନଯାକର ଝାଳବୁହା ଧନକୁ ନେଇଯିବାର ସାମର୍ଥ୍ୟ ରଖୁଛନ୍ତି। ସର୍ବଦା ସାବଧାନତା ଅବଲମ୍ବନ କରିବା ଏକମାତ୍ର ବାଟ।

**–ସତ୍ୟସିଂହ ଶତପଥୀ, ସିଏସ୍‌ପୁର ଏଚ୍‌ବି କଲୋନି, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜନନୀଙ୍କୁ ନ ଦେଖି କାନ୍ଦେ ନନ୍ଦନ
ନ ମାନଇ ଦୁହିତା ପିତା ବଚନ !
ସ୍ୱାମୀ କଥା ନ ଶୁଣେ କୁଳ ରମଣୀ
ସମାଜର ନିୟମ କେହି ନ ଗଣି !
–(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଆମ ଓଡ଼ିଶା ନବୀନ ଓଡ଼ିଶା

# ସୁନ୍ଦରଗଡ଼, ଢେଙ୍କାନାଳ, ବୌଦ୍ଧ ସାମିଲ

■ ଗାଁରେ ଆଧୁନିକ ଓଡ଼ିଶାର ଭିତ୍ତି ରଖିବ: ମୁଖ୍ୟମନ୍ତ୍ରୀ

■ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ସାକାର କରି ମା'ମାନେ ନବୀନ ଓଡ଼ିଶାର ମଙ୍ଗ ଧରିଛନ୍ତି: ପାଣ୍ଡିଆନ

ଭୁବନେଶ୍ୱର,୮।୧୧(ଅନିଲ ଦାସ)



ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଦ୍ୱାଦଶ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼, ଢେଙ୍କାନାଳ ଓ ବୌଦ୍ଧ ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ସୁନ୍ଦରଗଡ଼ ଜିଲାର ସୁନ୍ଦରଗଡ଼, ତଲସରା, ବୀରମିତ୍ରପୁର, ରଘୁନାଥପାଲି, ରାଜଗାଙ୍ଗପୁର ଓ ବଣାଇ ନିର୍ବାଚନମଣ୍ଡଳୀକୁ ୧୩୯.୫୦କୋଟି ଟଙ୍କା ମିଳିଥିବାବେଳେ ଢେଙ୍କାନାଳ ଜିଲାର ଢେଙ୍କାନାଳ, କାମାକ୍ଷାନଗର, ପରଜଙ୍ଗ, ହିନ୍ଦୋଳ ନିର୍ବାଚନମଣ୍ଡଳୀ ପାଇଁ ୧୦୬ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ବୌଦ୍ଧ ଜିଲାର କଣ୍ଟାମାଳ, ବୌଦ୍ଧ ନିର୍ବାଚନମଣ୍ଡଳୀକୁ ୩୪.୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ପ୍ରସାର, ପ୍ରତି ପୂଜାସ୍ଥଳୀର ବିକାଶ ସହ ଡିଜିଟାଲ ଭିତ୍ତିଭୂମିର ମଧ୍ୟ ବିକାଶ କରାଯିବ। ଏକ ଆକାଂକ୍ଷୀ ଓଡ଼ିଶା ଗଠନ ପାଇଁ ଏହା ମୂଳଭିତ୍ତି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଗାଁ ଗାଁରେ ଆଧୁନିକ ଓଡ଼ିଶାର ଭିତ୍ତି ସ୍ଥାପନ ହେବ। ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ବିକାଶର ଗ୍ୟାରେଣ୍ଟି ମିଳିବ। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଭୂମି। ଜାତି, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରତି ଗାଁରେ ଇଣ୍ଟରନେଟ୍‌ସଂଯୋଗ ମିଳିବ। ବିଜ୍ଞାନ ପାର୍କ ସହ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ହେବ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। ସେ କହିଛନ୍ତି, ଏବେ ଓଡ଼ିଶାରେ ଗାଁ ଲୋକମାନେ ବିକାଶର ପ୍ରକୃତ ଭାଗୀଦାରି ହୋଇଛନ୍ତି। ଆମେ ସମସ୍ତେ ମିଶି ଗାଁର ବିକାଶ କରିବୁ, ଭଲ କାମ କରିବୁ, ଶୀଘ୍ର କରିବୁ ଓ ସ୍ୱଚ୍ଛତାର ସହ କରିବୁ। ମା'ମାନଙ୍କୁ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଆଜି ସଫଳ ହୋଇଛି। ମା'ମାନେ ହିଁ ନବୀନ ଓଡ଼ିଶାର ମଙ୍ଗ ଧରିଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି। ସୁନ୍ଦରଗଡ଼ ଜିଲା କାର୍ଯ୍ୟକ୍ରମରେ ପାଣ୍ଡିଆନ କହିଛନ୍ତି, ସୁନ୍ଦରଗଡ଼ ଲୋକଙ୍କ ହକି ପ୍ରତି ପ୍ରବଳ ଉତ୍ସାହକୁ ମୁଖ୍ୟମନ୍ତ୍ରୀ ଭଲ ଭାବରେ ଅନୁଭବ କରିଛନ୍ତି। ସେମାନଙ୍କ ମନୋଭାବକୁ ସମ୍ମାନ ଜଣାଇ ସେ ସୁନ୍ଦରଗଡ଼ରେ ବିଶ୍ୱକପ୍ ହକିର ଆୟୋଜନ କରିଥିଲେ ଏବଂ ଏଥିପାଇଁ ଏକ ସୁନ୍ଦର ଅନ୍ତର୍ଜାତୀୟ ମାନର ହକି ଷ୍ଟାଡିୟମ ନିର୍ମାଣ କରିଛନ୍ତି। ହକିର ବିକାଶ ପାଇଁ ସୁନ୍ଦରଗଡ଼ର ପ୍ରତି ବ୍ଲକକୁ ଆଷ୍ଟ୍ରୋଟର୍ଫ ମଧ୍ୟ ଦେଇଛନ୍ତି ବୋଲି ସେ କହିଛନ୍ତି। ସୁନ୍ଦରଗଡ଼ ଜିଲାର ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀରେ ୧୭ ପ୍ରକଳ୍ପ ପାଇଁ ୨୭୯.୪୨ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ତଲସରା ନିର୍ବାଚନମଣ୍ଡଳୀରେ ୧୬ ପ୍ରକଳ୍ପ ପାଇଁ ୧୬୦.୫୩ କୋଟି, ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ୮ ପ୍ରକଳ୍ପ ପାଇଁ ୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ରଘୁନାଥପାଲି ନିର୍ବାଚନମଣ୍ଡଳୀରେ ଗୋଟିଏ ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା, ବଣାଇ ନିର୍ବାଚନମଣ୍ଡଳୀରେ ୧୧ ପ୍ରକଳ୍ପ ପାଇଁ ୬.୩୧ କୋଟି, ରାଉରକେଲା ନିର୍ବାଚନମଣ୍ଡଳୀରେ ୧୨ ପ୍ରକଳ୍ପ ପାଇଁ ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ସୁନ୍ଦରଗଡ଼ ଜିଲାର ୬ ନିର୍ବାଚନମଣ୍ଡଳୀରେ ସମୁଦାୟ ୬୫ ପ୍ରକଳ୍ପ ପାଇଁ ୪୬୩.୭୬ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି।

ଢେଙ୍କାନାଳ ଜିଲାର ଢେଙ୍କାନାଳ ନିର୍ବାଚନମଣ୍ଡଳୀରେ ୯ ପ୍ରକଳ୍ପ ପାଇଁ ୧୨୭.୭୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି କାମାକ୍ଷାନଗର ନିର୍ବାଚନମଣ୍ଡଳୀରେ ୧୫ ପ୍ରକଳ୍ପ ପାଇଁ ୧୧.୨୯ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ପରଜଙ୍ଗ ନିର୍ବାଚନମଣ୍ଡଳୀରେ ୬ ପ୍ରକଳ୍ପ ପାଇଁ ୩.୫୧ କୋଟି, ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ୭ ପ୍ରକଳ୍ପ ପାଇଁ ୧୬.୯୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ଢେଙ୍କାନାଳ ଜିଲାର ୪ ନିର୍ବାଚନମଣ୍ଡଳୀରେ ସମୁଦାୟ ୩୭ ପ୍ରକଳ୍ପ ପାଇଁ ୧୫୯.୪୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ବୌଦ୍ଧ ଜିଲାର କଣ୍ଟାମାଳ ନିର୍ବାଚନମଣ୍ଡଳୀରେ ୬ ପ୍ରକଳ୍ପ ପାଇଁ ୧୧୨୮ କୋଟି ଟଙ୍କା ମଞ୍ଜୁର କରାଯାଇଥିବାବେଳେ ବୌଦ୍ଧ ନିର୍ବାଚନମଣ୍ଡଳୀରେ ୧୧ ପ୍ରକଳ୍ପ ପାଇଁ ୧୨.୮୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ବୌଦ୍ଧ ଜିଲାର ୨ ନିର୍ବାଚନମଣ୍ଡଳୀରେ ସମୁଦାୟ ୧୭ ପ୍ରକଳ୍ପ ପାଇଁ ୧୧୪୧.୮୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ୩ ଜିଲାରେ ସମୁଦାୟ ୧୧୯ ପ୍ରକଳ୍ପ ପାଇଁ ୧୭୬୫.୦୩ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ପ୍ରଫୁଲ୍ଲ ମଲ୍ଲିକ, ପ୍ରୀତିରଞ୍ଜନ ଘଡ଼େଇ, ପ୍ରଦୀପ ଅମାତ, ବିଧାୟକ ସୁବ୍ରତ ତରାଇ, ସୁଧୀର ସାମଲ, ନୃସିଂହ ସାହୁ, ଏମ୍‌ପି ମହେଶ ସାହୁ, ମହୀଧର ରଣାଙ୍କ ସମେତ ଜିଲା ପରିଷଦ ସଭାପତି, ନିର୍ବାଚିତ ପ୍ରତିନିଧିମାନେ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ୩ ଜିଲାର ଜିଲାପାଳ ଧନ୍ୟବାଦ ଦେଇଥିଲେ।

# ବାଘ ଛାଲ କାରବାର ବେଳେ ମାଡ଼ି ବସିଲା ଏସ୍‌ଟିଏଫ୍, ୨ ଗିରଫ



ଜବତ ବାଘ ଛାଲ।

ରାୟଗଡ଼ା, ୮।୧୧
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନସ୍ଥ ତାମ୍ପରାବୁଡୁଣି ଛକରେ ବାଘ ଛାଲ କାରବାର ଚାଲିଥିବାବେଳେ ମାଡ଼ି ବସିଲା କ୍ରାଇମବ୍ରାଚ ସ୍ପେସାଲ ଟାସ୍କଫୋର୍ସ। ମଙ୍ଗଳବାର ରାତିରେ ଏସ୍‌ଟିଏଫ୍ ୨ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨ଟି କଲରାପତରିଆ ବାଘ ଛାଲ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦ୍ରପୁର ଥାନା ବିଜାପୁର ଗ୍ରାମର ବିକ୍ରମ ମାଝି ଓ ରାଜା ମାଝି। ଏ ନେଇ ଏସଟିଏଫ୍ ୨୭/୨୩ରେ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ରାୟଗଡ଼ା କୋର୍ଟକୁ ଚାଲାଣ କରିଛି। ଜବତ ବାଘ ଛାଲକୁ ବାୟୋଲୋଜିକାଲ ଟେଷ୍ଟ ପାଇଁ ଡେରାଡୁନ୍ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟକୁ ପଠାଯିବ ବୋଲି ଜଣାପଡ଼ିଛି। ଜବତ ବାଘ ଛାଲ କେବେ ଓ କେଉଁଠାରୁ ଆସିଛି ତାହାର କୌଣସି ସତ୍ୟତା ଜଣାପଡ଼ିନାହିଁ। ଗିରଫ ୨ ଅଭିଯୁକ୍ତଙ୍କ ଘର ରାୟଗଡ଼ା, ଗଜପତି ଓ କନ୍ଧମାଳ ଜଙ୍ଗଲ ସୀମାରେ ଅବସ୍ଥିତ ଚନ୍ଦ୍ରପୁର ବ୍ଲକର ବିଜାପୁର ହୋଇଥିବାରୁ ଅଭିଯୁକ୍ତମାନେ କଲରାପତରିଆ ବାଘ ଶିକାର କରିବା ପରେ ଛାଲ ବାହାର କରି ବିକ୍ରି ପାଇଁ ଆଣିଥିବା ଏସ୍‌ଟିଏଫ ସନ୍ଦେହ କରୁଛି।

ବନ ବିଭାଗ ପକ୍ଷରୁ ୨୦୧୬ରେ ହୋଇଥିବା ବ୍ୟାଘ୍ରଗଣନା ଅନୁସାରେ ଜିଲାର ବିଭିନ୍ନ ଜଙ୍ଗଲରେ ୬ଟି କଲରାପତରିଆ ବାଘ ଥିଲେ। ମୁନିଗୁଡ଼ା ରେଞ୍ଜ ଅନ୍ତର୍ଗତ ଚନ୍ଦ୍ରପୁର ଜଙ୍ଗଲରେ ୨ଟି କଲରାପତରିଆ ବାଘ ରହିଥଲେ। ଚଳିତ ବର୍ଷ ଅକ୍ଟୋବରରେ ଶେଷ ହୋଇଥିବା ବ୍ୟାଘ୍ର ଗଣନାରେ ବନ ବିଭାଗ ଗୋଟିଏ ବି ହେଲେ ବାଘର ପତ୍ତା ପାଇ ନ ଥିଲା। ରାୟଗଡ଼ା ଜିଲାରେ ଥିବା ଜଙ୍ଗଲ ବାଘ ଶୂନ୍ୟ ହେବା ବନ ବିଭାଗର କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି କରୁଛି। ତେଣୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ରହିଥିବା ସାଧାରଣରେ ମତ ପ୍ରକାଶ ପାଇଛି।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ

■ ୨୮ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ

■ ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ମାନଜନକ ଡକ୍ଟରେଟ

ବାରଙ୍ଗ,୮।୧୧(ଲିଙ୍ଗରାଜ ରାଉତ)

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଦଶମ ସମାବର୍ତ୍ତନ ସମାରୋହ ବୁଧବାର ଅନୁଷ୍ଠିତ ହୋଇଛି। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ଆଜୀବନ ଅଧ୍ୟକ୍ଷ ଓ ଆର୍ଟ ଅଫ୍ ଲିଭିଂ ପ୍ରତିଷ୍ଠାତା ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କର ସମାରୋହକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ପୂର୍ବତନ ୟୁରୋପିୟାନ ପାର୍ଲାମେଣ୍ଟ ସଦସ୍ୟ ଯୋ ଲେନିନ୍, ପଦ୍ମଭୂଷଣ ବୈଦ୍ୟଦେବେନ୍ଦ୍ର ତ୍ରିଗୁଣ, ଅନ୍ତଃରାଷ୍ଟ୍ରୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୬୪୦ଜଣଙ୍କୁ ସ୍ନାତକ ଏବଂ ସ୍ନାତକୋତ୍ତର ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ୫ଜଣଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଡା. ଦୁର୍ଗାପ୍ରସାଦ ଦାଶ, ଡା. ନିବେଦିତା ରାୟ, ଡା. ସିପ୍ରାରାମ, ଡା. ଗୋପୀକ୍ରିଷ୍ଣା ପଣ୍ଡା ଏବଂ ଡା. ମୋନାଲିସା ପଟେଲ। ସର୍ବମୋଟ ବିଭିନ୍ନ ବିଭାଗର ୨୮ଜଣ ଛାତ୍ରୀଛାତ୍ରଙ୍କୁ ଉତ୍କୃଷ୍ଟତା ପାଇଁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ମାନଜନକ ଡକ୍ଟରେଟ ପ୍ରଦାନ କରାଯାଇଥିଲା। ୧୦ବର୍ଷ ମଧ୍ୟରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ନାକ୍(ଏନ୍‌ଏଏସି)-ଏ ଗ୍ରେଡ୍ ମାନ୍ୟତା ପାଇଛି। ଆଉଟ୍‌ଲୁକ-ଆଇସିଏଆର୍‌ଇ ଦ୍ୱାରା ଏହି ବିଶ୍ୱବିଦ୍ୟାଳୟକୁ ୮ମ ଶ୍ରେଷ୍ଠ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ମାନ୍ୟତା ମିଳିଛି। ଏହି ବିଶ୍ୱବିଦ୍ୟାଳୟ ଭାରତର ପ୍ରଥମ ସ୍କୁଲ ଅଫ୍ ଅଷ୍ଟିଓପାଥି, ଆୟୁର୍ବେଦ, ଯୋଗ, କ୍ରୀଡ଼ା, ଫିଜିଓଲୋଜି, ନର୍ସିଂ ଏବଂ ଅଧ୍ୟାପିକାଙ୍କ ମଧ୍ୟରେ ସମାହିତ ସ୍ୱାସ୍ଥ୍ୟ ବିଜ୍ଞାନରେ ବିପ୍ଲବ ଆଣିଛି ବୋଲି ଶ୍ରୀଶ୍ରୀ ରବି ଶଙ୍କର କହିଥିଲେ।

ଓଡ଼ିଶା ସରକାର ଅଷ୍ଟିଓପାଥି ଶିକ୍ଷା ପାଇଁ ଏକ ନିୟାମକ(ଫ୍ରେମ୍‌ୱାର୍କ) ସୃଷ୍ଟି କରିଛନ୍ତି, ଯାହା ରାଜ୍ୟ ଆଲାଏଡ୍ ମେଡିକାଲ ସାଇନମ କାଉନସିଲରେ ଅଷ୍ଟିଓପାଥି ଯୋଗକରି ଦେଶରେ ଅଗ୍ରଗାମୀ ହୋଇଛି। ଅଷ୍ଟିଓପାଥି ଦ୍ୱାରା ୨୦ହଜାରରୁ ଅଧିକ ରୋଗୀ ଉପକୃତ ହୋଇଛନ୍ତି। ଯେଉଁମାନେ ରାଜ୍ୟର ୧୨ଟି ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଅତିଥିମାନେ କହିଥିଲେ। ସମାରୋହରେ ବିଶ୍ୱବିଦ୍ୟାଳୟ ପ୍ରଫେସର ରଜିତା କୁଲ୍‌କର୍ଣି (ପ୍ରେସିଡେଣ୍ଟ), ପ୍ରଫେସର ଡ. ବି. ଆର୍. ଶର୍ମା (କୁଳପତି), ଡ. ଦୀପ ବିନୟ (କାର୍ଯ୍ୟନିର୍ବାହୀ ରେଜିଷ୍ଟ୍ରାର), ସ୍ୱାମୀ ସତ୍ୟ ଚୈତନ୍ୟ (ନିର୍ଦ୍ଦେଶକ ଅପରେଶନ), ସମସ୍ତ ଡିନ୍, ମୁଖ୍ୟ ଏବଂ ବିଶିଷ୍ଟ ପ୍ରକାଶକ ବୋର୍ଡର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ଶ୍ରୀଶ୍ରୀ ରବିଶଙ୍କରଙ୍କଠାରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ଗ୍ରହଣ କରୁଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ।

ଜାଲ୍ ସାର୍ଟିଫିକେଟ ମାମଲା

# କାର୍ଯ୍ୟାନୁଷ୍ଠାନରେ ବିଳମ୍ବ

## ଚାକିରିରୁ ବହିଷ୍କୃତର ୬ମାସ ପରେ ପ୍ରଧାନଶିକ୍ଷକ ଗିରଫ

■ ବିଏଡ୍ ସାର୍ଟିଫିକେଟ, ମାର୍କଶିଟ୍ ଜାଲିଆତି କରି ଧରାପଡିଥିଲେ

■ ଭିଆର୍‌ଏସ୍ ଆବେଦନ କରି ଖସିବା ବାଟ କରିଥିଲେ

■ ଏବିଇଓ, ୩ଶିକ୍ଷକ ଫେରାର

■ ନକଲି ଶିକ୍ଷକଙ୍କୁ ଚିହ୍ନଟରେ ବିଳମ୍ବ, ଅଭିଭାବକ ଚିନ୍ତିତ

ବଲାଙ୍ଗୀର, ୮।୧୧
(ବୀରେନ୍ଦ୍ର କୁମାର ଝାଙ୍କର)

ନକଲି ଶିକ୍ଷକଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବହୁ ବିଳମ୍ବ ଘଟୁଛି। ଜାଲ୍ ସାର୍ଟିଫିକେଟ ଦେଇ ବହୁ ବ୍ୟକ୍ତି ଦୀର୍ଘ ବର୍ଷ ଧରି ଶିକ୍ଷକତା କରୁଥିଲେ ମଧ୍ୟ ସେମାନେ ଧରାପଡି ପାରୁନାହାନ୍ତି। ଏଭଳିକି ଶିକ୍ଷା ବିଭାଗ ଏବଂ ପୋଲିସର ଆନ୍ତରିକତା ଅଭାବରୁ ବହୁ ନକଲି ଶିକ୍ଷକ ବିଳମ୍ବରେ ଗିରଫ ହେଉଛନ୍ତି ଏବଂ ଅନେକେ ଫେରାର ହେବାରେ ସଫଳ ହେଉଛନ୍ତି। ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ୍ ଡଙ୍ଗାପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ପଧାନ ଚାକିରିରୁ ବହିଷ୍କୃତ ହେବାର ପ୍ରାୟ ୬ ମାସ ପରେ ଗିରଫ ହୋଇଛନ୍ତି। ପଧାନ ବିଏଡ୍ ସାର୍ଟିଫିକେଟ ଜାଲିଆତି କରିଥିବା ନେଇ ୨୦୨୨ ମସିହାରୁ ଜଣାପଡିଥିଲା। ଗୁଡଭେଲା ବ୍ଲକ ଶିକ୍ଷା ଅଧିକାରୀ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଲେଖିଥିଲେ। ଯାଞ୍ଚ ରିପୋର୍ଟ ଆସିବା ପରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିଏଡ୍ ସାର୍ଟିଫିକେଟ ଏବଂ ମାର୍କଶିଟ୍‌ରେ ଅନିୟମିତତା ହୋଇଥିବା ଜଣାପଡିଥିଲା। ବିଏଡ୍ ପରୀକ୍ଷାରେ ସେ ଫେଲ୍ ହୋଇଥିଲେ ମଧ୍ୟ ସାର୍ଟିଫିକେଟ ଜାଲିଆତି କରି ସେ ପାସ୍ କରିଥିବା ଦର୍ଶାଇଥିଲେ। ଏଭଳିକି ପଦୋନ୍ନତି ପାଇଁ ଏହି ଜାଲ ସାର୍ଟିଫିକେଟ ଦାଖଲ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଏହି ତଥ୍ୟ ଜଣାପଡିବା ପରେ ଗୁଡଭେଲା ବିଇଓ ପ୍ରଧାନ ଶିକ୍ଷକ ପଧାନଙ୍କ ନାଁରେ ମାମଲା ଅଭିଯୋଗ କରିଥିଲେ। ଗତ ଫେବୃୟାରୀ ମାସରେ ଗୁଡଭେଲା ଥାନାରେ ମାମଲା (୨୪/୨୦୨୩) ରୁଜୁ ହୋଇଥିଲେ ମଧ୍ୟ ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ପ୍ରଧାନଶିକ୍ଷକ ପଧାନ ହାଇକୋର୍ଟର ଦ୍ୱାରସ୍ଥ ହୋଇ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ତାଙ୍କୁ ଜାମିନ୍ ଶୁଣାଣି ନ ହେବା ପର୍ଯ୍ୟନ୍ତ ଗିରଫ ନ କରିବାକୁ ନିର୍ଦ୍ଦେଶ ଦେବାରୁ ପୋଲିସ ତାଙ୍କୁ ଗିରଫ କରି ନ ଥିଲା। ୨୦୨୩ ଏପ୍ରିଲରେ ପ୍ରଧାନଶିକ୍ଷକ ପଧାନ ଚାକିରିରୁ ଅବସର ଗ୍ରହଣ କରିବାକୁ ଥିବାରୁ ଗୁଡଭେଲା ବିଇଓ ସେହି ମାସରେ ତାଙ୍କୁ ଚାକିରିରୁ ବହିଷ୍କୃତ କରିଥିଲେ। ଇତିମଧ୍ୟରେ



ଗିରଫ ବହିଷ୍କୃତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ପଧାନ।

ହାଇକୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ପୋଲିସ ଗତ ଗୁରୁବାର ବହିଷ୍କୃତ ପ୍ରଧାନଶିକ୍ଷକ ପଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଏସ୍‌ଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି।

ଚଳିତବର୍ଷ ମାର୍ଚ୍ଚରୁ ବଲାଙ୍ଗୀର ଜିଲାରେ କେବଳ ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ଜାଲ୍ ସାର୍ଟିଫିକେଟରେ ସରକାରୀ ଚାକିରି ହଡ଼ପ ଅଭିଯୋଗ ହୋଇଛି। ସେଥିରୁ ୨୨ ଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ଜଣେ ଏବିଇଓ ଓ ୩ ଜଣ ଶିକ୍ଷକ ଫେରାର ହେବାରେ ସକ୍ଷମ ହୋଇଥିବା ଜଣାପଡିଛି। ଗତ ମାର୍ଚ୍ଚରେ ବଲାଙ୍ଗୀର ଜିଲାରେ ବହୁଚର୍ଚ୍ଚିତ ଡାକବିଭାଗରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି ହଡପ ଉଦ୍ୟମ ଧରାପଡିଥିଲା। ଏହି ମାମଲାରେ ପୋଲିସ ୧୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣା ପରେ ସମଗ୍ର ଦେଶରେ କିଭଳି ଜାଲ ସାର୍ଟିଫିକେଟର ଚେର ବିଛେଇ ହୋଇଛି ତାହା ଜଣାପଡିଥିଲା। ଘଟଣାର ଗୁରୁତ୍ୱ ଉପଲବ୍ଧ କରି ସରକାର ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। ମାତ୍ର କ୍ରାଇମବ୍ରାଞ୍ଚ ବିଶେଷ ଅଗ୍ରଗତି କରିପାରି ନ ଥିଲା। ଫଳରେ ଏହି ଜାଲ ସାର୍ଟିଫିକେଟ ମାମଲା ଶିଥିଳ ପଡିଯାଇଥିଲା। ତେବେ ଜାଲ୍ ସାର୍ଟିଫିକେଟ ମାମଲାକୁ ଆଖିଆଗରେ ରଖି ଜିଲାପାଳଙ୍କ ନିର୍ଦ୍ଦେଶରେ ବଲାଙ୍ଗୀର ଶିକ୍ଷା ବିଭାଗ ଅଧୀନରେ ଚାକିରୀ କରୁଥିବା ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ଅଭିଯାନ ଆରମ୍ଭ ହୋଇଥିଲା। ଏହି ଯାଞ୍ଚ ବେଳେ ୪ଜଣ ଶିକ୍ଷକ ସାର୍ଟିଫିକେଟ ଜାଲିଆତି କରି ଚାକିରି ହାତେଇଥିବା ସ୍ପଷ୍ଟ ହୋଇଥିଲା। ଏହା ଜଣାପଡିବା ପରେ ଜିଲା ଶିକ୍ଷା ଅଧିକାରୀଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଥିଲା। ରଣ୍ଡା ହାଇସ୍କୁଲ ହିନ୍ଦୀ ଶିକ୍ଷୟିତ୍ରୀ ମିନ୍‌ମୟୀ ପଣ୍ଡାଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଶିକ୍ଷା ବିଭାଗ ଏବଂ ପୋଲିସ ଅବହେଳା ଯୋଗୁ ଅନ୍ୟ ୩ଶିକ୍ଷକ ଏବଂ ସଦର ଏବିଇଓ ଶ୍ୟାମବନ୍ଧୁ ମେଣ୍ଡୁଲି ଫେରାର ହେବାରେ ସକ୍ଷମ ହୋଇଛନ୍ତି। ତାଙ୍କୁ ଖସିଯିବାକୁ ସମୟ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।

# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ମାଣିଆବନ୍ଧ/ବଡ଼ମ୍ବା, ୮।୧୧
(ଅଖିଳ କୁମାର ସାହୁ/ମାୟାଧର ମଲ୍ଲିକ)

କଟକ ଜିଲା ବଡ଼ମ୍ବା ବ୍ଲକ କୁଆଁରପାଳ ପଞ୍ଚାୟତରେ ପୁଣି ହାତୀ ଆକ୍ରମଣରେ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ କୁଆଁରପାଳ ଗାଁର କାର୍ତ୍ତିକ ପ୍ରଧାନଙ୍କ ପୁଅ ସଞ୍ଜୟ (୩୬) ବୋଲି ଜଣାପଡିଛି। ଫସଲ ସୁରକ୍ଷା ପାଇଁ ହାତୀ ଘଉଡ଼ାଇବା ପାଇଁ ବିଳମ୍ବିତ ରାତ୍ରିରେ ପୋଖରୀ ପାଖ ଆମ୍ବତୋଟା ନିକଟରେ ସଞ୍ଜୟ ଥିବାବେଳେ ହାତୀ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ମାଣିଆବନ୍ଧ ଥାନା ଅଧିକାରୀ ବସନ୍ତ କୁମାର ଶତପଥୀ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୩୧/୨୩) ରୁଜୁ ହୋଇଛି। ବଡ଼ମ୍ବା ବନାଞ୍ଚଳ ଅଧିକାରୀ ସୀତାରାମ ଶବର, ମାଣିଆବନ୍ଧ ଓ ବଡ଼ମ୍ବା ବନପାଳ ଦିବ୍ୟସିଂହ ପରିଡ଼ା, କୃଷ୍ଣଚନ୍ଦ୍ର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ ସୁଶାନ୍ତ ଜେନା, ସରପଞ୍ଚ ମନୋଜ ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ପଣ୍ଡା ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨ ଦିନ ଭିତରେ ହାତୀ ଆକ୍ରମଣରେ ୨ ଜଣଙ୍କ ଜୀବନ ଚାଲିଯିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ମଙ୍ଗଳବାରଠାରୁ ହାତୀଟି ଗ୍ରାମ ପାଖରେ ବୁଲୁଥିବା ବେଳେ ବନ ବିଭାଗ ଓ ପୋଲିସ କର୍ମଚାରୀ ମିଳିତ ଭାବେ ହାତୀଟିକୁ ଘଉଡ଼ାଇ ଦେଇଥିଲେ ମଧ୍ୟ ସେ ପୁଣି ଗ୍ରାମମୁହାଁ ହୋଇଥିବା ଗ୍ରାମବାସୀ କହିଛନ୍ତି।



ସଞ୍ଜୟ ପ୍ରଧାନ



ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା ଭସାଣ ଉତ୍ସବରେ କଳାହାଣ୍ଡିର ଲୋକନୃତ୍ୟ।

## ସଂକ୍ଷେପରେ

### ମୋବାଇଲ ଲୁଟ୍ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୮।୧୧(ସୂର୍ଯ୍ୟକାନ୍ତ ବେହେରା): ଭୁବନେଶ୍ୱରର ଫାୟାରଷ୍ଟେଶନ ଛକ ନିକଟରେ ଫୋନ୍‌ରେ କଥା ହେଉଥିବା ସମୟରେ ଜଣେ ଯୁବକଙ୍କଠାରୁ ମୋବାଇଲ ଲୁଟିନେଇଥିବା ଅଭିଯୁକ୍ତଙ୍କୁ ଭରତପୁର ଥାନା ପୋଲିସ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁରର ଶତ୍ରୁଘନ ସାମଲ। ତାଙ୍କଠାରୁ ବିଭିନ୍ନ କମ୍ପାନୀର ୪ଟି ମୋବାଇଲ ଜବତ ହୋଇଛି। ଉକ୍ତ ମୋବାଇଲ୍‌ଗୁଡିକୁ ସେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଲୁଟି ନେଇଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି।

### ମୋଟରସାଇକେଲ ଶୋ'ରୁମ୍‌ରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୮।୧୧(ସୂର୍ଯ୍ୟକାନ୍ତ ବେହେରା) – ଶହୀଦନଗର ଥାନା ଅନ୍ତର୍ଗତ ବାଣୀବିହାର ନିକଟରେ ଥିବା ଏକ ମୋଟରସାକେଇଲ ଶୋରୁମ୍‌ରେ ବୁଧବାର ରାତି ସାଢେ ୯ ଟାରେ ଅଗ୍ନିକାଣ୍ଡ ହୋଇଛି । ଶୋରୁମ୍‌ର ଇଲେକଟ୍ରିକ୍ ପ୍ୟାନେଲ ବୋର୍ଡରେ ନିଆଁ ଲାଗିବାରୁ ପ୍ରବଳ ଧୂଆଁ ବାହାରିଥିଲା। ଖବରପାଇ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାରୁ ବଡ ବିପଦ ଟଳିଯାଇଥିବା କୁହାଯାଉଛି। ଅପରପକ୍ଷେ ଶୋରୁମ ପାଖରେ ପେଟ୍ରୋଲ ପମ୍ପ ଥିବାରୁ ଲୋକମାନେ ଭୟଭୀତ ହୋଇଯାଇଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ୍ୟ ଶର୍ଟ ସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ସୂଚନା ମିଳିଛି ।

### ଉତ୍କଳ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର

ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)– ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିସଂଖ୍ୟାନ ବିଭାଗ ପକ୍ଷରୁ ଭାରତୀୟ ରେଡକ୍ରସ ସୋସାଇଟିର ଓଡିଶା ଶାଖା ସହଯୋଗରେ ବୁଧବାର ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର, କର୍ମଚାରୀ ଏବଂ ଅନ୍ୟ ଶିକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ୮୦ରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ବିଭାଗର ମୁଖ୍ୟ ପ୍ରଫେସର ପ୍ରିୟରଞ୍ଜନ ଦାଶ, ପ୍ରଫେସର ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରଫେସର ରାକେଶ ବେହେରା ରକ୍ତଦାନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନା କରିଥିଲେ। ଡ. ସୁଶୀଲ କୁମାର ପଟ୍ଟନାୟକ ଉପସ୍ଥିତ ରହି ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

### ନୂଆ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଭୁବନେଶ୍ୱର, ୮।୧୧(ଅସମାପିକା ସାହୁ)– ବିଜେବି କଲେଜ ସାମ୍ବାଦିକତା ବିଭାଗରେ ନୃତ୍ୟ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ ଓ ସ୍ୱାଗତ ଉତ୍ସବ 'ପ୍ରାରମ୍ଭ-୨୦୨୩' ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୂତନ ଭାବେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯିବା ସହିତ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ନବାଗତ ଛାତ୍ରୀଛାତ୍ର ସେମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। ବିଭାଗୀୟ ମୁଖ୍ୟ ଡ. ନଳିନ ପାତ୍ର ସଭାପତିତ୍ୱ କରିଥିବାବେଳେ ଅଧାପିକା ରାଜଲକ୍ଷ୍ମୀ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ବରିଷ୍ଠ ଛାତ୍ର ରାଜେଶ ରାଉତ, ସ୍ମୃତି ରଞ୍ଜନ ସାହୁ, ବିଶ୍ୱଜିତ୍, ଅନନ୍ୟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ଦେଶ୍ୟରେ ନେଇ ହତ୍ୟା କରିଥିଲେ

ଭୁବନେଶ୍ୱର,୮।୧୧ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱରର ଏୟାରଫିଲ୍ଡ ଥାନା ଅନ୍ତର୍ଗତ କେଳା ବସ୍ତିରେ ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ତଣ୍ଟି କାଟି ହତ୍ୟା ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ଘନିଆ ଦାସ(୨୩)ଙ୍କୁ ବୁଧବାର ପୋଲିସ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତେବେ ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇ ନ ଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସ୍ପଷ୍ଟ କରିବା ସହ ପୂରା ଘଟଣା ସମ୍ପର୍କରେ କହିଛନ୍ତି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଶନର କହିଛନ୍ତି, ଶିଶୁକନ୍ୟାଙ୍କୁ ବଳାତ୍କାର କରିବା ଅଭିଯୁକ୍ତ ଘନିଆଙ୍କ ଉଦ୍ଦେଶ୍ୟ ଥିଲା। ହେଲେ ପରିବାର ଲୋକେ ଶିଶୁକନ୍ୟାଙ୍କୁ ଖୋଜିବାରୁ ଘନିଆ ଭୟ କରିଯାଇଥିଲେ। ଶିଶୁକନ୍ୟା ତାଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଦେବ ବୋଲି ଭାବି ଘନିଆ ଛୁରିରେ ତାଙ୍କ ତଣ୍ଟିକୁ କାଟି ହତ୍ୟା କରିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ସମ୍ବେଦନଶୀଳ ମାମଲାର ତଦନ୍ତକୁ ଶୀଘ୍ର ଶେଷ କରାଯାଇ ଚାର୍ଜଶିଟ୍ ଦିଆଯିବ। ଅଭିଯୁକ୍ତ ଘନିଆଙ୍କୁ ଶୀଘ୍ର ଦଣ୍ଡବିଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କମିଶନର କହିଛନ୍ତି। ସୂଚନାଯୋଗ୍ୟ, ମୃତ ଶିଶୁକନ୍ୟାଙ୍କ ମା'ବାପା କେଳା ବସ୍ତିରେ ରହି ଦିନମଜୁରିଆ କାମ କରନ୍ତି। ସୋମବାର ସନ୍ଧ୍ୟା ପ୍ରାୟ ୬ଟାରେ ଶିଶୁକନ୍ୟାଙ୍କୁ

**ଜେଲ ଗଲେ ଅଭିଯୁକ୍ତ ଘନିଆ**



ଅଭିଯୁକ୍ତ ଘନିଆ ଚକୋଲେଟ୍ କିଣିଦେବେ ବୋଲି କହି ନିଜ ଘରକୁ ନେଇ ହତ୍ୟା କରିଥିଲେ। ଶିଶୁକନ୍ୟାଟି ଘରକୁ ନ ଫେରିବାରୁ ପରିବାର ଲୋକେ ଦେଢ଼ଘଣ୍ଟା ଧରି ଖୋଜାଖୋଜି କରିଥିଲେ। ଘର ନିକଟରେ ସେମାନେ ଘନିଆଙ୍କୁ ଦେଖି ତାଙ୍କୁ ଶିଶୁକନ୍ୟା ସମ୍ପର୍କରେ ପଚାରିବାରୁ ସେ ଧକ୍କା ଦେଇ ସେଠାରୁ ଫେରାର ହୋଇଯାଇଥିଲେ। ଏହାପରେ ଘନିଆଙ୍କ ଘର ଖୋଲି ପରିବାର ଲୋକେ ଖୋଜାଖୋଜି କରିବାରୁ ଖଟ ତଳେ ଶିଶୁକନ୍ୟାଙ୍କ ମୃତଦେହ କମ୍ବଳ ଘୋଡ଼ାଯାଇ ରଖାଯାଇଥିବା ଦେଖିବାକୁ ପାଇଥିଲେ। ଶିଶୁକନ୍ୟାର ବାପାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୭୪/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୋଲିସ ଟିମ୍ ଜଗତ୍‌ସିଂପୁର ଜିଲା ରାହାମା ଷ୍ଟେଶନ ଅଞ୍ଚଳରୁ ଘନିଆଙ୍କୁ ଗିରଫ କରିଥିଲା।

# ମାମୁ ଆଗରେ ଚାଲିଗଲା ଭାଣିଜୀ ଜୀବନ

ଭୁବନେଶ୍ୱର,୮।୧୧
(ସୂର୍ଯ୍ୟକାନ୍ତ ବେହେରା)

**ପରୀକ୍ଷା ଦେବାକୁ ଆସୁଥିବାବେଳେ ଚଢ଼ିଗଲା ଟ୍ରକ, ଡ୍ରାଇଭର ଗିରଫ**

ମାମୁଙ୍କ ସହ ପରୀକ୍ଷା ଦେବାକୁ ଆସୁଥିବାବେଳେ ଛାତ୍ରୀଙ୍କ ଉପରେ ଟ୍ରକ୍ ମାଡିଯିବା ସହ ୩୦ ମିଟର ଘୋଷାରି ନେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସପ୍ତଶତୀ ବିହାର ନିକଟ ଜାତୀୟ ରାଜପଥରେ ଏହି ଦୁଃଖଦ ଘଟଣା ଘଟିଛି। ମୃତା ଛାତ୍ରୀ ହେଲେ କେନ୍ଦ୍ରାପଡା ମୁକୁନ୍ଦପୁର ଅଞ୍ଚଳର ସନ୍ଧ୍ୟାରାଣୀ ସାହୁ (୨୪)। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଟ୍ରକ ଡ୍ରାଇଭରଙ୍କୁ ଗିରଫ କରିଛି। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି । ସୂଚନାନୁସାରେ, ଭୁବନେଶ୍ୱରରେ ପରୀକ୍ଷା ଥିବାରୁ ସନ୍ଧ୍ୟାରାଣୀ ତାଙ୍କ ମାମୁଙ୍କ ସହ ଏକ ବାଇକରେ ଆସୁଥିବା ସମୟରେ ଅପରାହ୍ନ ପ୍ରାୟ ୧ଟାରେ ସପ୍ତଶତୀ ବିହାର ନିକଟରେ ଏକ ଟ୍ରକ ପଛପଟୁ ଜୋରରେ ଧକ୍କା ଦେଇଥିଲା। ଫଳରେ ମାମୁ ଓ ଭାଣିଜୀ ବାଇକରୁ ଛିଟିକି ତଳେ ପଡିଯାଇଥିଲେ। ତେବେ ଭାଣିଜୀ ସନ୍ଧ୍ୟାରାଣୀଙ୍କ ଉପରେ ଟ୍ରକ୍‌ଟି ଚଢ଼ିଯିବା ସହ ୩୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଏହାପରେ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।





ଇନ୍‌ଫୋସିସ୍ ଫାଉଣ୍ଡେଶନ ଓ ଭାରତୀୟ ବିଦ୍ୟାଭବନ ପକ୍ଷରୁ ଲୁପ୍ତପ୍ରାୟ କଳା ମହୋତ୍ସବର ବୁଧବାର ଚତୁର୍ଥ ସନ୍ଧ୍ୟାରେ ଭଞ୍ଜକଳା ମଣ୍ଡପରେ ଭଦ୍ରକ ସଙ୍କେତ କଲଚରାଲ ଆସୋସିଏଶନର ଗୁରୁ ବାଦଲ ସିକ୍‌ଦାର ଓ ସାଥୀଙ୍କ ଦ୍ୱାରା ପରିବେଷିତ ମୋଗଲ ତାମସା। (ଫଟୋ– ମୌସମ ନନ୍ଦ)

# ଆକର୍ଷଣ ସାଜିଲା ମୋଗଲ ତାମସା

ଭୁବନେଶ୍ୱର,୮।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

**୭ଦିନିଆ ସାଂସ୍କୃତିକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ଇନ୍‌ଫୋସିସ୍ ଫାଉଣ୍ଡେଶନ ଓ ଭାରତୀୟ ବିଦ୍ୟାଭବନ ପକ୍ଷରୁ ୭ଦିନିଆ ଲୁପ୍ତପ୍ରାୟ କଳା କାର୍ଯ୍ୟକ୍ରମର ବୁଧବାର ଥିଲା ଚତୁର୍ଥ ସନ୍ଧ୍ୟା। ଭଞ୍ଜକଳା ମଣ୍ଡପରେ ଆୟୋଜିତ ଏହି ସାଂସ୍କୃତିକ ମହୋତ୍ସବ ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତି ତଥା ଆକର୍ଷଣ ଥିଲା ମୋଗଲ ତାମସା। ଏହାକୁ ପରିବେଷଣ କରିଥିଲେ ଭଦ୍ରକ ସଙ୍କେତ କଲଚରାଲ ଆସୋସିଏଶନର ଗୁରୁ ବାଦଲ ସିକ୍‌ଦାର ଓ ସାଥୀ। ପ୍ରାୟ ୨୦୦ ବର୍ଷର ପୁରୁଣା ଏହି ଅତି ପ୍ରାଚୀନ ଲୋକ ନାଟକକୁ ନିଖୁଣଭାବେ ପରିବେଷଣ କରିଥିଲେ କଳାକାରମାନେ। ଉପସ୍ଥିତ ଦର୍ଶକ ଏହି ପ୍ରସିଦ୍ଧ ଲୋକ ନାଟକକୁ ବେଶ୍ ଉପଭୋଗ କରିଥିଲେ। ପରେ ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ ଡାଲଖାଇ ଓ ରଙ୍ଗବତୀ ଦର୍ଶକଙ୍କୁ ଆନମନା କରିଥିଲା। ବରଗଡ଼ର ଶିଳ୍ପୀ ଦିଲୀପ ସାହୁ ଏବଂ ସାଥୀ ଏହାକୁ ପରିବେଷଣ କରିଥିଲେ। ଶେଷ ପ୍ରସ୍ତୁତିରେ ଥିଲା ଢାପ ଏବଂ ଘୁଡୁକା ନୃତ୍ୟ। ଏହାକୁ ପରିବେଷଣ କରିଥିଲେ ବଲାଙ୍ଗୀର ଚନ୍ଦ୍ରଶେଖର ନଗରର ଶିଳ୍ପୀ ବାସୁଦେବ ସାହୁ ଏବଂ ସାଥି। ସନ୍ଧ୍ୟାରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଭାରତୀୟ ବିଦ୍ୟାଭବନ ଅଧ୍ୟକ୍ଷ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜେ.କେ ମହାନ୍ତି ଓ ବିଦ୍ୟାଭବନର ସହଯୋଗୀ ନିର୍ଦ୍ଦେଶକ ମନ୍ମଥ ଶତପଥୀ ଉପସ୍ଥିତ ଥିଲେ।

# ବିଜେବି କଲେଜରେ ନିର୍ମାଣ ହେବ ଅଡିଟୋରିୟମ୍

ପୁରୁଣା ଭୁବନେଶ୍ୱର, ୮।୧୧
(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ବିଜେବି କଲେଜରେ ଏକ ପ୍ରେକ୍ଷାଳୟ ନିର୍ମାଣ କରିବା ପାଇଁ ଛାତ୍ରୀଛାତ୍ରୀ ଓ ଅଭିଭାବକ ପୁରାତନ ଛାତ୍ର ସଂସଦ ତରଫରୁ ବହୁଦିନରୁ ଦାବି ହୋଇଆସୁଥିଲା। ରାଜ୍ୟ ସରକାରଙ୍କ ତରଫରୁ ଏ ନେଇ ୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାକୁ ନେଇ ବୁଧବାର ସକାଳେ କଲେଜର ଅଧ୍ୟକ୍ଷ ଜିଏମଖାନ୍, ବିଜେବି ପ୍ରେଣ୍ଡସର ସଭାପତି ଦେବାଶିଷ ପଟ୍ଟନାୟକ, ସତ୍ୟବ୍ରତ ଧୂପାଳ, ଡ. ସନ୍ତୋଷ ବେଜ ପ୍ରମୁଖ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ବାସ ଭବନରେ ପହଞ୍ଚି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଧନ୍ଦାମୂଳକ ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୮।୧୧(ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଧନ୍ଦାମୂଳକ ଶିକ୍ଷକଙ୍କ ବୁଧବାର ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଶିବିରରେ ବ୍ୟାଙ୍କିଙ୍ଗ୍ ଫାଇନାନ୍‌ସିଆଲ୍ ସର୍ଭିସେସ୍ ଏବଂ ଇନ୍‌ସ୍ୟୁରାନ୍ସ ଭୋକେଶନାଲ୍ ବିଷୟରେ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯିବ। ପ୍ରଫେସର ଡ. ତିଳୋତ୍ତମା ସେନାପତି ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉପଶାସନ ସଚିବ ରଞ୍ଜିତା ମେରୀ ନାୟକ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଶିବିରର କାର୍ଯ୍ୟ ନିର୍ଘଣ୍ଟ ସମ୍ବନ୍ଧରେ କହିଥିଲେ। ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜନ ବଳ ସମସ୍ତ ଟ୍ରେନି ଓ ରିସୋର୍ସ ପର୍ସନ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱାଗତ କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍ ଆୟାର ଦୁଇଦିବସୀୟ ପ୍ରଶିକ୍ଷଣ ଶିବିରର ଲକ୍ଷ୍ୟ ସମ୍ବନ୍ଧରେ ଆଲୋଚନା କରିବା ସହ ଟ୍ରେନିମାନଙ୍କଠାରୁ ଫିଡ୍‌ବ୍ୟାକ୍ ନେଇଥିଲେ। ଏନ୍‌ଏସ୍‌କ୍ୟୁଏଫ୍ ସିଲାବସ୍ ପ୍ରଥମ ବର୍ଷ ପାଇଁ ଲାଗୁ ହୋଇଥିବାରୁ ବିଭିନ୍ନ ମାଧ୍ୟମରୁ ସିଲାବସ୍ ସମ୍ବନ୍ଧୀୟ ଶିକ୍ଷା ସାମଗ୍ରୀ ଛାତ୍ରୀଛାତ୍ରଙ୍କୁ ଜଣାଇବା ପାଇଁ ମତପ୍ରଦାନ କରିଥିଲେ। ସହକାରୀ ନିର୍ଦ୍ଦେଶକ ସୁନନ୍ଦା ମେକାପ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଳଦ୍ୱୀପ ମତ୍ସ୍ୟ ସାମୁଦ୍ରିକ ସମ୍ପଦ ଓ କୃଷି ମନ୍ତ୍ରୀଙ୍କ ସିଫା ପରିଦର୍ଶନ



ସିଫାଠାରେ ମାଳଦ୍ୱୀପର ମତ୍ସ୍ୟ ସାମୁଦ୍ରିକ ସମ୍ପଦ ଓ କୃଷି ମନ୍ତ୍ରୀ ଡ. ହୁସେନ ରସିଦ ହାସନ ଓ ଉପମନ୍ତ୍ରୀ ଅହମଦ ନାଜିରଙ୍କ ସହ ଅନ୍ୟମାନେ।

ବାଲକାଟୀ,୮।୧୧(ମନୋଜ ମଣ୍ଡଳ)

ମାଳଦ୍ୱୀପର ମତ୍ସ୍ୟ ସାମୁଦ୍ରିକ ସମ୍ପଦ ଓ କୃଷି ମନ୍ତ୍ରୀ ଡ. ହୁସେନ ରସିଦ ହାସନ ଓ ଉପମନ୍ତ୍ରୀ ଅହମଦ ନାଜିର ସୋମବାର କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ସଂସ୍ଥା (ସିଫା) ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଦ୍ୱୟ ଭାରତରେ ଜଳଜୀବ ପାଳନରେ ଉନ୍ନତି ପାଇଁ ସିଫାର ଅବିରତ ପ୍ରଚେଷ୍ଟାକୁ ଭୂୟସୀ ପ୍ରଶଂସା କରିଥିଲେ। ବିବିଧ ମତ୍ସ୍ୟ ଚାଷ ପୋଖରୀ, ଜୟନ୍ତୀ ରୋହି ଏକକ, ମାଗୁର ମାଛ ଏକକ, ୟୋ ଫ୍ଲକ ଏକକ, ମାଛ ଉତ୍ପାଦନ କେନ୍ଦ୍ର, ଚିଙ୍ଗୁଡ଼ି ଚାଷ ଏକକ ଓ ରଙ୍ଗିନ ମାଛ ଏକକ ବୁଲିବା ସହ ବିଭାଗୀୟ ବୈଜ୍ଞାନିକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପୋଷଣୀୟ ଉନ୍ନତି ପାଇଁ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗକୁ ମନ୍ତ୍ରୀ ଡ. ହୁସେନ ଗୁରୁତ୍ୱ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାର ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସିଫାର ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ଏସ୍ ଏସ୍ ଗିରି ସିଫା ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ପ୍ରଧାନ ବୈଜ୍ଞାନିକ ଡ. ଜେ.ଜେ. ସୁନ୍ଦରାୟ ଧନ୍ୟବାଦ ଦେଇଥିଲେ।

# ଟ୍ରେନ୍‌ରେ ଅଗ୍ନିକାଣ୍ଡ ରୋକିବାକୁ ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ

ଜଟଣୀ, ୮।୧୧(ରବୀନ୍ଦ୍ର ନାଥ ମହାକୁଡ଼)

ଦୀପାବଳିରେ ଆତସବାଜି, ବାଣ, ଗ୍ୟାସ୍ ସିଲିଣ୍ଡର, ଏସିଡ୍, ପେଟ୍ରୋଲ୍, କିରୋସିନି ଆଦି ଦହନଶୀଳ ପଦାର୍ଥ ପରିବହନ ଉପରେ କଡ଼ା ନଜର ରଖିବାକୁ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ ଆରମ୍ଭ କରାଯାଉଛି। ସରକାରୀ ରେଲୱେ ପୋଲିସ (ଜିଆରପି), ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସହ ସମନ୍ୱୟ ରକ୍ଷା କରି ରେଲୱେ ଅଧିକାରୀଙ୍କ ଦ୍ୱାରା ପାର୍ସଲ୍ ଭ୍ୟାନ୍ ଓ ଲଗେଜ୍ ଲୋଡିଂ ସମୟରେ କଡ଼ାକଡ଼ି ଯାଞ୍ଚ କରାଯାଉଛି। ଟ୍ରେନ୍ ଏବଂ ଷ୍ଟେଶନରେ ପର୍ଯ୍ୟାପ୍ତ ଅଗ୍ନି ନିର୍ବାପକ ଯନ୍ତ୍ରର ଉପଲବ୍ଧତା ମଧ୍ୟ ସୁନିଶ୍ଚିତ କରାଯାଉଛି। ପାୱାର କାର୍, ପ୍ୟାଣ୍ଟ୍ରିକାର ଏବଂ କୋଚରେ ପ୍ରଦତ୍ତ ଧୂଆଁ ଏବଂ ଅଗ୍ନି ଚିହ୍ନଟ ଆଲାର୍ମ ସିଷ୍ଟମର କାର୍ଯ୍ୟକାରିତା ପାଇଁ ବିଶେଷ ଧ୍ୟାନ ଦିଆଯାଉଅଛି। ଟ୍ରେନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ରର କାର୍ଯ୍ୟକାରିତା ବିଷୟରେ ପରାମର୍ଶ ଦିଆଯାଉଛି। ଏହା ବ୍ୟତୀତ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଥିବା ଦେଖା ଯାଇଛି। ଯାତ୍ରୀମାନେ ଟ୍ରେନ୍ ଚଳାଚଳ ସମୟରେ କୌଣସି ଦହନଶୀଳ ପଦାର୍ଥ ଷ୍ଟେଶନ ପରିସରରେ ରହିଥବା ଦେଖିଲେ ହେଲ୍ପ ଲାଇନ୍ ନମ୍ବର ୧୩୯କୁ ଫୋନ୍ କରି ଜଣାଇବା ପାଇଁ କୁହାଯାଇଛି। ରେଳ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ରେଳ ପ୍ରବନ୍ଧକ ଏଚ୍.ଏସ୍ ବାଜୱା, ଟ୍ରେନ୍ ଏବଂ ଷ୍ଟେଶନରେ ଦହନଶୀଳ ସାମଗ୍ରୀ ପରିବହନ ନକରିବା ଏବଂ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ସମସ୍ତ ଉଦ୍ୟମ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉପରୋକ୍ତ ସମସ୍ତ ସୂଚନା ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଉଦ୍‌ଯାପନୀ ଉତ୍ସବରେ ୪୦ଲକ୍ଷ ଟଙ୍କାର ଯନ୍ତ୍ରପାତି ବିକ୍ରି

ବାଲିପାଟଣା,୮।୧୧(ଅଭିମନ୍ୟୁ ନାୟକ)

ବାଲିପାଟଣାଠାରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମେଳା ଲୋକଙ୍କ ପାଖରେ ହୋଇଥିବାରୁ ଚାଷ ପାଇଁ ଚାଷୀ ସଚେତନ ହୋଇ ୪୦ଲକ୍ଷ ଟଙ୍କାର ଉନ୍ନତମାନର ଯନ୍ତ୍ରପାତି କିଣିଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ ପରିଡ଼ା କହିଥିଲେ। କୃଷି ସହିତ ସମ୍ପୃକ୍ତ କୃଷି, ଉଦ୍ୟାନ, ମାଛ ଚାଷ, ପଶୁପାଳନ ଓ ମିଶ୍ରିତ ଚାଷ ପରି ୫ଟି ବିଭାଗରେ ସରକାରଙ୍କ ପକ୍ଷରୁ ଚାଷୀଙ୍କ ପାଇଁ ଉନ୍ନତ ଜ୍ଞାନକୌଶଳର ପ୍ରଶିକ୍ଷଣ ଓ ରିହାତି ଓ ପ୍ରୋତ୍ସାହନ ବ୍ୟବସ୍ଥା କରିଥିବା ଜିଲା କୃଷି ନିର୍ବାହୀ ଅଧିକାରୀ ପ୍ରଦୀପ ନାୟକ କହିଥିଲେ। ଏଥିସହ ଏହି ମେଳାରେ ଜିଲା କୃଷି ଅଧିକାରୀ କଲ୍ୟାଣ ରାୟ, କୃଷି ଅଧିକାରୀ ରଞ୍ଜିତା



କୃଷି ଯନ୍ତ୍ରପାତି ମେଳାରେ ଅତିଥିମାନେ ଜଣେ ମହିଳା କୃଷି ଉଦ୍ୟୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଜୀ ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ବାଲିପାଟଣା ଓ ବାଲିଅନ୍ତା ବ୍ଲକର ଚାଷୀ ଏହାର ଉପଯୋଗ କରିପାରିବେ। ବାଲିପାଟଣା ବ୍ଲକ କୃଷି ଅଧିକାରୀ ନକ୍ଷତ୍ର କୁମାର ରାଉଳ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ। ଲକ୍ଷ୍ମୀପ୍ରିୟା ମାଝି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଟିଏମ୍ ସୁନିତା ମହାପାତ୍ର ସଭା ପରିଚଳନା କରିଥିଲେ। ଅଗ୍ରଣୀ ଚାଷୀ ଓ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅନ୍‌ଲାଇନରେ ମୁକ୍ତା କାର୍ଯ୍ୟର ଅପ୍‌ଡେଟ୍ ଦେବେ ଏସ୍ଏଚ୍‌ଜି

ଭୁବନେଶ୍ୱର,୮।୧୧
(ଅନୁରାଧା ମହାରଣା)

**ମୁକ୍ତା–ସଫ୍ଟ ତାଲିମ କାର୍ଯ୍ୟକ୍ରମ**

ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା)ର ସମସ୍ତ କାମ ଅନ୍‌ଲାଇନରେ ହେବ। ଏନେଇ ବୁଧବାର ଏକ ପ୍ରଶିକ୍ଷଣ ଶିବିର 'ମୁକ୍ତା-ସଫ୍ଟ' ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଚାଲିବାକୁ ଥିବା ଏହି ତାଲିମ ଶିବିରର ୪ଟି ପର୍ଯ୍ୟାୟରେ ୨୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଓ ବସ୍ତି ବାସିନ୍ଦା ସଂଘ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ମୁକ୍ତା ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏଣିକି ମୁକ୍ତା ସଫ୍ଟ ଆପ୍ ବ୍ୟବହାର ଜରୁରୀ ବୋଲି ମେୟର ସୂଚନା ଦେଇଥିଲେ। ଏହି ଆପ୍ ଦ୍ୱାରା କାର୍ଯ୍ୟାଦେଶଠାରୁ ଆରମ୍ଭ କରି କାର୍ଯ୍ୟ ତଦାରଖ କରିବା, ଶ୍ରମିକଙ୍କ ଉପସ୍ଥାନ, ହିସାବ, କାର୍ଯ୍ୟ ଅଗ୍ରଗତି, ଅର୍ଥ ପ୍ରଦାନ ଆଦି ସମସ୍ତ କାର୍ଯ୍ୟ ଅନ୍‌ଲାଇନରେ ହୋଇପାରିବ। ଫଳରେ କାର୍ଯ୍ୟର ଅଗ୍ରଗତି ସହ ବିଲ୍ ପେମେଣ୍ଟ ସହଜ ହେବ ବୋଲି ସେ କହିଛନ୍ତି। ମୁକ୍ତାକୁ ସମ୍ପୂର୍ଣ୍ଣ ଭାବେ ଅନ୍‌ଲାଇନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ମୁକ୍ତା–ସଫ୍ଟ ତାଲିମ କାର୍ଯ୍ୟକ୍ରମ। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ତାଲିମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବସ୍ତି ବାସିନ୍ଦା ସଂଘର କର୍ମକର୍ତ୍ତା ସାମିଲ ହୋଇଛନ୍ତି। ଏମାନେ ତାଲିମ ନେଇ ଯିବା ପରେ ନିଜ ଗୋଷ୍ଠୀ ଏବଂ ଆଖପାଖ ଗୋଷ୍ଠୀର ସଦସ୍ୟାମାନଙ୍କୁ ମୁକ୍ତା–ସଫ୍ଟ ଆପ୍ କିପରି ଡାଉନ୍‌ଲୋଡ କରି ନିଜ ମୋବାଇଲେ ଇନ୍‌ଷ୍ଟଲ କରିବେ, କେମିତି କାର୍ଯ୍ୟାଦେଶ ପାଇଁ ସରକାରଙ୍କୁ ଆବେଦନ କରିବେ, କାର୍ଯ୍ୟାଦେଶ ପାଇବା ପରେ ତାହାକୁ ଗ୍ରହଣ କରିବେ କି ନ କରିବେ, ଯଦି ଗ୍ରହଣ କଲେ, ତେବେ କାର୍ଯ୍ୟ କିପରି କରିବେ, କେଉଁ ବୟସର ଶ୍ରମିକଙ୍କୁ କାମରେ ନିୟୋଜିତ କରିବେ, କେତେ ଶ୍ରମିକ କାମ କରୁଛନ୍ତି ତା'ର ଦୈନିକ ରିପୋର୍ଟ ଅନଲାଇନରେ କେମିତି ପୂରଣ କରିବେ, ମଷ୍ଟର ରୋଲ୍ କିପରି ପ୍ରସ୍ତୁତ କରିବେ ଓ ସେଗୁଡିକୁ ପଠାଇବେ, କାର୍ଯ୍ୟର ଅଗ୍ରଗତି ଫଟୋ ସହ କାର୍ଯ୍ୟାରମ୍ଭ ପୂର୍ବରୁ ସେ ସ୍ଥାନର ଅବସ୍ଥା କିପରି ଥିଲା ଏବଂ କାର୍ଯ୍ୟ ସରିବା ପରେ ଉକ୍ତ ସ୍ଥାନ କିପରି ହେଲା ତା'ର ଫଟୋ ଉଠାଇ ପଠାଇବା ନେଇ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କମିଶନର (ମୁକ୍ତା) ଡ. ମନୋରଞ୍ଜନ ସାହୁ, ଓଏସ୍‌ଡି ଲାବଣ୍ୟ ଶବର, ମୁକ୍ତା ଓଏସ୍‌ଡି ଅଶ୍ୱିନୀ ମିଶ୍ର, ଷ୍ଟେଟ ମିଶନ ମ୍ୟାନଜର ଡ. ମନୋରଞ୍ଜନ ମହାରଣା ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଅମାନିଆ ବାଇକ୍ ଚାଳକଙ୍କ ଦୌରାତ୍ମ୍ୟ, ଜବତ ହେଲା ୫ ବାଇକ୍

ଗମ୍ଭାରୀମୁଣ୍ଡା, ୮।୧୧ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ପୋଲିସ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଦ୍ରୁତଗତିରେ ଗାଡି ଚଳାଉଥିବା ଅଭିଯୋଗରେ ୫ଟି ମୋଟର ସାଇକେଲ ଜବତ କରାଯାଇଛି। କିଛିଦିନ ହେବ ଅମାନିଆ ବାଇକ ଚାଳକଙ୍କ ଦୌରାତ୍ମ୍ୟରେ ସାଧାରଣ ଲୋକ ଅତିଷ୍ଠ ହୋଇଆସୁଥିବା ଦେଖିବାକୁ ମିଳିଥିଲା। ଏଭଳି ଅସାମାଜିକ ଯୁବକଙ୍କ କାର୍ଯ୍ୟକଳାପ ନେଇ ନାଚୁଣୀ ଥାନା ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ଅଞ୍ଚଳରେ କଲେଜ, ହାଇସ୍କୁଲ, ଆଦର୍ଶ ସ୍କୁଲ ଭଳି ଶିକ୍ଷାନୁଷ୍ଠାନକୁ ପାଠ ପଢିବାକୁ ଆସୁଥିବା ଛାତ୍ରୀଛାତ୍ର ଅତିଷ୍ଠ ହୋଇପଡ଼ିଥିଲେ। ଏ ନେଇ ନାଚୁଣୀ ପୋଲିସ ଏବଂ ଗମ୍ଭାରୀମୁଣ୍ଡା ବିଟ୍ ହାଉସ୍ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି ହୋଇ ଆସୁଥିଲା। ତେବେ ବୁଧବାର ବାଣପୁର ପୋଲିସ ଅଚାନକ ଚଢାଉ କରି ଅନେକ ବାଇକ୍ ଜବତ କରିଥିବା ଜଣାଯାଇଛି। ବାଣପୁର ପୋଲିସର ଏଭଳି କାର୍ଯ୍ୟପନ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ପୋଲିସର ଯଦି ଏଭଳି କାର୍ଯ୍ୟ ଜାରି ରହିଲେ ଅସାମାଜିକ ଯୁବକଙ୍କ କାର୍ଯ୍ୟକଳାପ ଲୋପ ପାଇଯିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି।

### ବିଜେବି କଲେଜରେ ନିର୍ମାଣ ହେବ ଅଡିଟୋରିୟମ୍

ପୁରୁଣା ଭୁବନେଶ୍ୱର, ୮।୧୧ (ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ବିଜେବି କଲେଜରେ ଏକ ପ୍ରେକ୍ଷାଳୟ ନିର୍ମାଣ କରିବା ପାଇଁ ଛାତ୍ରୀଛାତ୍ରୀ ଓ ଅଭିଭାବକ ପୁରାତନ ଛାତ୍ର ସଂସଦ ତରଫରୁ ବହୁଦିନରୁ ଦାବି ହୋଇଆସୁଥିଲା। ରାଜ୍ୟ ସରକାରଙ୍କ ତରଫରୁ ଏ ନେଇ ୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାକୁ ନେଇ ବୁଧବାର ସକାଳେ କଲେଜର ଅଧ୍ୟକ୍ଷ ଜିଏମଖାନ୍, ବିଜେବି ପ୍ରେଣ୍ଡସର ସଭାପତି ଦେବାଶିଷ ପଟ୍ଟନାୟକ, ସତ୍ୟବ୍ରତ ଧୂପାଳ, ଡ. ସନ୍ତୋଷ ବେଜ ପ୍ରମୁଖ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ବାସ ଭବନରେ ପହଞ୍ଚି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ।

### ୫ ଲକ୍ଷ ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ, ୨ ଅଭିଯୁକ୍ତ ଗିରଫ



ଜଟଣୀ, ୮।୧୧ (ରବୀନ୍ଦ୍ର ନାଥ ମହାକୁଡ଼)

ଖୋର୍ଦ୍ଧାରୋଡ ରେଳମଣ୍ଡଳ ରେଳ ସୁରକ୍ଷା ବଳ ଏବଂ ଜିଆରପି ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ରେଲୱେ ଷ୍ଟେସନ ପରିସରରୁ ୫୦ କିଲୋ ଓଜନର ଦୁଇଟି ଗଞ୍ଜେଇ ବ୍ୟାଗକୁ ଜବତ କରାଯିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି। ଏହି ମାମଲାରେ ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ବିହାରର ମୁଙ୍ଗେର ଜିଲାର ବିଶାଳ କୁମାର ଏବଂ ବିକାଶ କୁମାର। ଜିଆରପି ଥାନା କେସ୍ ନଂ ୧୧୭/୨୩ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁକରି ବୁଧବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଆଣି ୭ ତାରିଖ ସନ୍ଧ୍ୟାରେ ଖୋର୍ଦ୍ଧାରୋଡ଼ ରେଲୱେ ଷ୍ଟେସନରେ ପୁରୁଷୋତ୍ତମ ଏକ୍ସପ୍ରେସକୁ ଅପେକ୍ଷା କରିଥିଲେ। ତେବେ ରେଳ ସୁରକ୍ଷା ବଳ ଏବଂ ଜିଆର୍‌ପି ପକ୍ଷରୁ ଷ୍ଟେସନ ପରିସର ଯାଞ୍ଚ ଓ ଚଢ଼ାଉ ବେଳେ ଏହି ଦୁଇ ଅଭିଯୁକ୍ତ ଧରାପଡ଼ିଥିଲେ।

# ଧାନ ଥୋଡ଼ ସମୟରେ ଜମି ଶୁଖିଲା



## ଚିନ୍ତାରେ ଚାଷୀ

ଜଟଣୀ, ୮।୧୧ (ରବୀନ୍ଦ୍ର ନାଥ ମହାକୁଡ଼)

ଚଳିତବର୍ଷ କମ୍ ପରିମାଣର ବର୍ଷା ଯୋଗୁଁ ଏହାର ସିଧାସଳଖ ପ୍ରଭାବ ଚାଷୀକୁଳ ଉପରେ ପଡ଼ିଛି। ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରୀ ଅଞ୍ଚଳରେ ଧାନକ୍ଷେତରେ ପାଣି ଅଭାବରୁ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। ଧାନଥୋଡ଼ ବାହାରି ଫୁଲ ଧରିବା ବେଳକୁ ଜମି ଫାଟି ଆଁ କରିଛି। ଉକ୍ତ ପଞ୍ଚାୟତରେ ଶହ ଶହ ଚାଷୀ ହଜାର ହଜାର ଏକର ଜମିରେ ଚାଷ କରିଥିବାବେଳେ ଜଳାଭାବ ସେମାନଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। ଅନ୍ୟପକ୍ଷରେ ଏଠାରେ ଜଳସେଚନର କୌଣସି ବ୍ୟବସ୍ଥା ନଥିବାରୁ ଧାନ ଫସଲ ନଷ୍ଟ ହେବାକୁ ବସିଛି। କେତେକ ଚାଷୀ ନିଜ ଫସଲକୁ ବଞ୍ଚାଇବା ପାଇଁ ଅରଖ ବନ୍ଧରୁ ମୋଟର ଲଗାଇ ପାଣି ଉଠାଉଥିବାବେଳେ ଗରିବ ଓ ଭାଗ ଚାଷୀ ଅର୍ଥାଭାବରୁ ଜଳସେଚନ କରିପାରୁନାହାନ୍ତି। ଫଳରେ ସେମାନଙ୍କ ଫସଲ ନଷ୍ଟ ହେବାକୁ ଲାଗିଲାଣି। କେତେକ ଚାଷୀ ମହାଜନଙ୍କ ଠାରୁ ସୁଧରେ ଟଙ୍କା ଆଣି ଚାଷ କରିଥିବାବେଳେ ଏବେ ଫସଲ ନଷ୍ଟ ହେବା ଦେଖି ଚିନ୍ତାରେ ଅଛନ୍ତି। ତୁରନ୍ତ ସେମାନଙ୍କ ଜମିରେ ଜଳସେଚନ ବ୍ୟବସ୍ଥା କରାନଗଲେ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ତେଣୁ ନିକଟରେ ଥିବା ଅରଖ ବନ୍ଧରୁ ପ୍ରଶାସନ ପ୍ରଭାବିତ କ୍ଷେତକୁ ଜଳସେଚନ କଲେ ଚାଷୀକୁଳ ଉପକୃତ ହେବେ ବୋଲି ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଏମଡି. ଜାଫର କହିଛନ୍ତି।

### ଏମାନେ ଯାହା କୁହନ୍ତି...

“ବର୍ତ୍ତମାନ କିଛି ଧାନରେ ଫୁଲଧରିବା ସହିତ ଧାନଥୋଡ଼ ବାହାରିଛି। ତେବେ ପାଣି ଅଭାବରୁ ଜମି ଫାଟି ଆଁ କରିଛି। ଆମ ପଞ୍ଚାୟତ ଅଧୀନରେ ଥିବା ହଜାର ହଜାର ଏକର ଚାଷ ଜମିକୁ ଜଳସେଚନର କୌଣସି ବ୍ୟବସ୍ଥା ନାହିଁ। ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରି ଚାଷ କରିଥାଉ। ବର୍ତ୍ତମାନ ଜିଲା, ବ୍ଲକ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ନିକଟରେ ରହିଥିବା ଅରଖ ନାଳ ବନ୍ଧରୁ ମୋଟର ସାହାଯ୍ୟରେ ଆମ ଜମିକୁ ଜଳସେଚନ ବ୍ୟବସ୍ଥା କରିପାରିଲେ ଫସଲ ନଷ୍ଟ ହେବାରୁ ବର୍ତ୍ତିପାରନ୍ତା। ଗତ ଦେଢ଼ବର୍ଷ ତଳେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏମଆଇ ଡିଭିଜନ ଦ୍ୱାରା ପାଣି ପଞ୍ଚାୟତ କମିଟି ଗଠନ କରାଯାଇଥିଲା। କମିଟିରେ ସଭାପତି, ସମ୍ପାଦକ ଓ ସଦସ୍ୟ ରହିଥିଲେ ବି କମିଟି ଅନୁମୋଦନ ନହେବା କାରଣରୁ ଚାଷୀ ଅନେକ ସମସ୍ୟା ଭୋଗୁଛନ୍ତି। କମିଟି ଅନୁମୋଦନ ହୋଇଥିଲେ ପାଣି ପଞ୍ଚାୟତ ମାଧ୍ୟମରେ କାଡା ସିଷ୍ଟମରେ ସମସ୍ତ ଜମିକୁ ଜଳସେଚନ କରିହୋଇଥାନ୍ତା। ଉକ୍ତ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରୁଛୁ।

– ମହମଦ କୌଶର, ଚାଷୀ, ବେଣାପଞ୍ଜରୀ

“ଧାନଥୋଡ଼ ହୋଇ ମାରିବା ଉପରେ। ଘଣ୍ଟାକୁ ୪୦୦ ଟଙ୍କା ଦେଇ ୫ ମାଣ ଜମିରେ ପାଣି ମଡ଼ାଇ ଚାଷ କରିଥିଲି। ବଡ଼ ବୋହୂର କାନଫୁଲ ବନ୍ଧକ ରଖି ୧୩ ହଜାର ଟଙ୍କା ଆଣି ଚାଷ କରିଥିଲି। ମୋ ପାଖରେ ଆଉ ସମ୍ବଳ ନାହିଁ। ଯାହା ପାଖରେ ଟଙ୍କା ଅଛି ସେମାନେ ପାଣି କିଣି ପାଖରେ ଥିବା ଅରଖ ବନ୍ଧରୁ ମୋଟର ଲଗାଇ ନିଜ ଚାଷ ଜମିରେ ପାଣି ମଡ଼ାଇ ପାରୁଛନ୍ତି। ସରକାର ଆମ ଗରିବ ଚାଷୀଙ୍କୁ ସାହାଯ୍ୟ କରିଲେ ଆମ ଚାଷ ଜମିରେ ଫସଲ ନଷ୍ଟ ହେବାରୁ ବର୍ତ୍ତିପାରନ୍ତା

–ଏମଡି ସାଜିଦ, ଚାଷୀ, ବେଣାପଞ୍ଜରୀ

“ଆମ ଚାଷ ଜମି ନିକଟରେ ସରକାରଙ୍କର ଏକ ଅରଖ ବନ୍ଧ ରହିଛି। ସେଠାରୁ ବର୍ତ୍ତମାନ ମୋଟରପମ୍ପ ସହାୟତାରେ ଚାଷ ଜମିକୁ ପାଣି ମଡ଼ାଇ ପାରିଲେ ଆମ ଚାଷ ବଞ୍ଚିଯିବ ଓ ଭଲ ଅମଳ ହେବ।

– ମହମ୍ମଦ କୁଦ୍‌ରତ, ଚାଷୀ, ବେଣାପଞ୍ଜରୀ

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରରେ ଅତିଥିଙ୍କ ଗହଣରେ ଜଣେ ଦିବ୍ୟାଙ୍ଗ।

କୃଷ୍ଣପ୍ରସାଦ, ୮।୧୧ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ସାମାଜିକ ସୁରକ୍ଷା ବିଭାଗ ସହଯୋଗ ଏବଂ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ସହାୟତାରେ ଚିଲିକା ନୂଆପଡ଼ା ନାରାୟଣ ବିଦ୍ୟାପୀଠ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ ଉଦଘାଟନ କରିଥିଲେ। ବ୍ଲକର ବିଭିନ୍ନ ସ୍ଥାନରୁ ୧୮୪ଜଣ ଅଂଶଗ୍ରହଣ କରିଥିଲେ। ବିଡିଓ ବିଜୟ କୁମାର ବେହେରା, ସିଡିପିଓ ମନୋରମା ଦେବୀ, ବିଧାୟକଙ୍କ ପ୍ରତିନିଧି ରବୀନ୍ଦ୍ର ନାଥ ସାହୁ, ବ୍ଲକ ଉପାଧ୍ୟକ୍ଷା ଶକୁନ୍ତଳା ଗଡ୍ଡୁ, ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ଚିଲିକା ନୂଆପଡ଼ା ଫାଣ୍ଡି ଅଧିକାରୀ ସନ୍ତୋଷ କୁମାର ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର, ଶ୍ରୀମନ୍ତ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, କନିଷ୍ଠ ଯନ୍ତ୍ରୀ ପଙ୍କଜରାଜ ମିଞ୍ଜ, ଏପିଓ ଅଭିନ୍ନ କୁମାର ପଲାଇ, ଏସିପି ସୌଭାଗ୍ୟ କୁମାର ବଳିୟାରସିଂ, ବି.ଆର୍.ସି ଅମିତ କୁମାର ତାଡ଼, ବିପିଏମ୍ ଉମାକାନ୍ତ ମିଶ୍ର, ସବିତା ତରେଇ, ଆରଆଇ ଆଲୋକ କୁମାର ଖୁଣ୍ଟିଆ, ଅମିନ ପ୍ରଧାନ, ରଶ୍ମି ରଞ୍ଜନ ପଟ୍ଟନାୟକ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।

# ପ୍ରଦୂଷଣମୁକ୍ତ ଦୀପାବଳିର ସନ୍ଦେଶ



କନ୍ଦଲେଇ ବିଦ୍ୟାର୍ଥୀମାନେ ଦୀପାବଳି ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି।

ପୁରୁଣା ଭୁବନେଶ୍ୱର, ୮।୧୧ (ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା ଡମ୍ପପଡ଼ା ହସ୍ତୀ ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ଆଦିବାସୀ ପଲ୍ଲୀ କନ୍ଦଲେଇ ଗ୍ରାମ। ସୂଚନାଥାଉକି, କନ୍ଦଲେଇ ବିଦ୍ୟାର୍ଥୀମାନେ ଦୀପାବଳୀ ଉତ୍ସବ ପାଳନ ଲାଗି ଏକ ସ୍ୱତନ୍ତ୍ର ସନ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ବାଣଫୁଟା ଉପରେ କଟକଣା ନିର୍ଦ୍ଦେଶକୁ ବିଦ୍ୟାର୍ଥୀମାନେ ସ୍ୱାଗତ କରିବା ସହ ଦୀପଜାଳି ପ୍ରଦୂଷଣ ତଥା ବିପଦମୁକ୍ତ ଦୀପାବଳୀ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ଫ୍ଲାଗ୍ କାର୍ଡ଼ରେ ପରିବେଶ ଧର୍ମୀ ବାର୍ତ୍ତା ଲେଖି ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ‘ବୁଲସଆଇ’ ପକ୍ଷରୁ ଏହି ନିଆରା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଲୋକର ପର୍ବରେ କାହାର ଜୀବନ ଅନ୍ଧକାର ନହେଉ ସେଥିପାଇଁ ସତର୍କ ହେବା ସହ ବାଣ ନ ଫୁଟାଇବାକୁ ଶପଥ ନେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ପରାମର୍ଶ ଦାତା ଚନ୍ଦ୍ରଶେଖର ପାଳ, ସନ୍ତୋଷ ଶ୍ରୀ ଜୈନ, ଶିକ୍ଷକ ଓଝା ସମ୍ମୁଖ ଉପସ୍ଥିତ ଥିଲେ।

## ବିଜେଡିର ପ୍ରଶିକ୍ଷଣ ଶିବିର

ବାଣପୁର, ୮।୧୧ (ଶଙ୍କର ବସ୍ତି)

ଚିଲିକା ନିର୍ବାଚନମଣ୍ଡଳୀର ୧୪ ଓ ୧୫ ନମ୍ବର ଜୋନ୍‌ର କର୍ମକର୍ତ୍ତାଙ୍କୁ ନେଇ ବିଜେଡିର ଏକ ପ୍ରଶିକ୍ଷଣ ଶିବିର ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ଶହୀଦ କୃତ୍ତିବାସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲା ପର୍ଯ୍ୟବେକ୍ଷକ ରାଜା ଚକ୍ର ପରିଚାଳନା କରିଥିଲେ। ସେହିପରି ପ୍ରଶିକ୍ଷକ ଭାବେ ଭୁବନେଶ୍ୱର ଶଙ୍ଖ ଭବନରୁ ବିଜେଡି ମୁଖପାତ୍ର ସୋଫିଆ ଆଲମ ଓ ଲୋରା ମହାପାତ୍ର ଏଥିରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ କୁମାର ଜଗତବଲ୍ଲଭ ମହାରଥା, ପୁରୀ ଏମ୍‌ପି ପ୍ରତିନିଧି ମାନସ ରଞ୍ଜନ ପ୍ରଧାନ, ବାଣପୁର ବିଜ୍ଞାପିତ ଅଞ୍ଚଳ ଅଧ୍ୟକ୍ଷ ମିଟୁ ନାୟକ, ଚିଲିକା ବିଧାୟକ ପ୍ରତିନିଧି ମନୋଜ କୁମାର ପ୍ରଧାନ, ବାଣପୁର ବ୍ଲକ ସଭାପତି ଭବାନୀ ଶଙ୍କର ବଳିୟାରସିଂଙ୍କ ସମେତ ବିଭିନ୍ନ ପଞ୍ଚାୟତର ବିଜେଡି ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ଜୋନ୍ ନମ୍ବର ୧୪, ୪, ୫, ୬ର ବାଣପୁର ଓ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଜେଡି କର୍ମକର୍ତ୍ତାଙ୍କୁ ନେଇ ୯ ଓ ୧୯ତାରିଖରେ ଅନ୍ୟ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ଓ ଜନହିତକର ଯୋଜନା କିପରି ଅଧିକ ଲୋକଙ୍କ ନିକଟତର ହେବ ଓ ତା’ର ପ୍ରଚାର ପ୍ରସାର ଡିଜିଟାଲ ପ୍ଲାଟଫର୍ମରେ କରାଯିବ ସେ ନେଇ ଏହି ଶିବିର ଆୟୋଜିତ ହୋଇଥିଲା।

# ଜୀବେ ଦୟାର ବାର୍ତ୍ତା ଦେଲେ କୈଳାସ



କୁକୁରର ଦଶାହ କର୍ମରେ ମୋତିକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

## କୁକୁରର ଦଶାହ କ୍ରିୟା

ଜଟଣୀ, ୮।୧୧ (ରବୀନ୍ଦ୍ର ନାଥ ମହାକୁଡ଼)

ପଶୁପକ୍ଷୀଙ୍କ ପ୍ରତି ଯତ୍ନଶୀଳ ହେବାର ବାର୍ତ୍ତା ଦେଇଛନ୍ତି ପଶୁପ୍ରେମୀ ତଥା ଅବସରପ୍ରାପ୍ତ ପୋଲିସ ଅଧିକାରୀ କୈଳାସ ବେହେରା। ଜଟଣୀ ବ୍ଲକ ଅଧୀନ ତିରିମଲ ପଞ୍ଚାୟତରେ ଦେଖିବାକୁ ମିଳିଛି ଏପରି ଏକ ଘଟଣା। ପାଳିତ କୁକୁର ମରିଯିବା ପରେ ଆତ୍ମାର ସଦ୍‌ଗତି ପାଇଁ ଆୟୋଜନ କରାଯାଇଥିଲା ଦଶାହ କାର୍ଯ୍ୟ। ମଣିଷ ଯେପରି ନିଜର ଆତ୍ମୀୟସ୍ୱଜନଙ୍କ ମୃତ୍ୟୁ ପରେ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶୁଦ୍ଧିକ୍ରିୟା କରିଥାଏ ଠିକ୍ ସେହିପରି କୁକୁର ମୋତିର ବୁଧବାର ରୀତିନୀତି ଅନୁସାରେ ଶୁଦ୍ଧିକ୍ରିୟା କରାଯାଇଥିବା ଦେଖିବାକୁ ମିଳିଥିଲା। ଛୋଟବେଳୁ ଅତି ସ୍ନେହର ସହ ଉକ୍ତ କୁକୁରକୁ ପାଳିଥିଲେ କୈଳାସ ବେହେରା। ସୂଚନା ମୁତାବକ, ୨୦୧୬ ଡିସେମ୍ବର ୧୩ ତାରିଖରେ ସେ ମୋତିକୁ ଘରକୁ ଆଣିଥିଲେ। ତେବେ କୌଣସି କାରଣରୁ ମୋତିର ଗତମାସ ୩୦ ତାରିଖ ଦିନ ଅକାଳ ମୃତ୍ୟୁ ହୋଇଯାଇଥିଲା। ବୁଧବାର ଗ୍ରାମଦେବୀ ନାରାୟଣୀଙ୍କ ପୀଠରେ କୈଳାସ ମୋତିର ଦଶାହ କାର୍ଯ୍ୟ କରିଥିଲେ। ଏହି କାର୍ଯକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରସନ୍ନ ଛୋଟରାୟଙ୍କ ସମେତ ସାମାଜିକକର୍ମୀ ତଥା ପଶୁପ୍ରେମୀ ହୃଷିକେଶ ବଡ଼ଜେନା, ରାଜକିଶୋର ପ୍ରଧାନ, ଗଦାଧର ରାଉତରାୟ, ସର୍ବେଶ୍ୱର ବେହେରା, ରବୀନ୍ଦ୍ର ରାଉତ, ଗୁଣ୍ଡିଚା ରାଉତରାୟ, ରାଧାଶ୍ୟାମ ରାଉତରାୟ ପ୍ରମୁଖଙ୍କ ଶତାଧିକ ଲୋକ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରସାଦ ସେବନ କରିଥିଲେ। କୈଳାସ ନିଜ ପାଳିତ କୁକୁରର ଶୁଦ୍ଧିକ୍ରିୟା କରି ସମାଜକୁ ଜୀବେଦୟାର ବାର୍ତ୍ତା ଦେଇଛନ୍ତି।

# ଟ୍ରେନ୍‌ରେ ଅଗ୍ନିକାଣ୍ଡ ରୋକିବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ

ଜଟଣୀ, ୮।୧୧ (ରବୀନ୍ଦ୍ର ନାଥ ମହାକୁଡ଼)

ଦୀପାବଳିରେ ଆତସବାଜି, ବାଣ, ଗ୍ୟାସ୍ ସିଲିଣ୍ଡର, ଏସିଡ୍, ପେଟ୍ରୋଲ୍, କିରୋସିନି ଆଦି ଦହନଶୀଳ ପଦାର୍ଥ ପରିବହନ ଉପରେ କଡ଼ା ନଜର ରଖିବାକୁ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ ଆରମ୍ଭ କରାଯାଉଛି। ସରକାରୀ ରେଲୱେ ପୋଲିସ (ଜିଆରପି), ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସହ ସମନ୍ୱୟ ରକ୍ଷା କରି ରେଲୱେ ଅଧିକାରୀଙ୍କ ଦ୍ୱାରା ପାର୍ସଲ୍ ଭ୍ୟାନ୍ ଓ ଲଗେଜ୍ ଲୋଡିଂ ସମୟରେ କଡ଼ାକଡ଼ି ଯାଞ୍ଚ କରାଯାଉଛି। ଟ୍ରେନ୍ ଏବଂ ଷ୍ଟେଶନରେ ପର୍ଯ୍ୟାପ୍ତ ଅଗ୍ନି ନିର୍ବାପକ ଯନ୍ତ୍ରର ଉପଲବ୍ଧତା ମଧ୍ୟ ସୁନିଶ୍ଚିତ କରାଯାଉଛି। ପାୱାର କାର୍, ପ୍ୟାଣ୍ଟ୍ରିକାର ଏବଂ କୋଚରେ ପ୍ରଦତ୍ତ ଧୂଆଁ ଏବଂ ଅଗ୍ନି ଚିହ୍ନଟ ଆଲାର୍ମ ସିଷ୍ଟମର କାର୍ଯ୍ୟକାରିତା ପାଇଁ ବିଶେଷ ଧ୍ୟାନ ଦିଆଯାଉଅଛି। ଟ୍ରେନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ରର କାର୍ଯ୍ୟକାରିତା ବିଷୟରେ ପରାମର୍ଶ ଦିଆଯାଉଛି। ଏହା ବ୍ୟତୀତ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଥିବା ଦେଖା ଯାଇଛି। ଯାତ୍ରୀମାନେ ଟ୍ରେନ୍ ଚଳାଚଳ ସମୟରେ କୌଣସି ଦହନଶୀଳ ପଦାର୍ଥ ଷ୍ଟେଶନ ପରିସରରେ ରହିଥବା ଦେଖିଲେ ହେଲ୍ପ ଲାଇନ୍ ନମ୍ବର ୧୩୯କୁ ଫୋନ୍ କରି ଜଣାଇବା ପାଇଁ କୁହାଯାଇଛି। ରେଳ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ରେଳ ପ୍ରବନ୍ଧକ ଏଚ୍‌ଏସ୍ ବାଜୱା, ଟ୍ରେନ୍ ଏବଂ ଷ୍ଟେଶନରେ ଦହନଶୀଳ ସାମଗ୍ରୀ ପରିବହନ ନକରିବା ଏବଂ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ସମସ୍ତ ଉଦ୍ୟମ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉପରୋକ୍ତ ସମସ୍ତ ସୂଚନା ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ମାଳଦ୍ୱୀପ କୃଷିମନ୍ତ୍ରୀଙ୍କ ସିଫା ପରିଦର୍ଶନ



ବାଲକାଟୀ, ୮।୧୧ (ମନୋଜ ମଣ୍ଡଳ)

ମାଳଦ୍ୱୀପର ମତ୍ସ୍ୟ, ସାମୁଦ୍ରିକ ସମ୍ପଦ ଓ କୃଷି ମନ୍ତ୍ରୀ ଡ. ହୁସେନ ରସିଦ ହାସନ ଓ ଉପମନ୍ତ୍ରୀ ଅହମ୍ମଦ ନାଜିର କୌଶଲ୍ୟାଗାଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା (ସିଫା )ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀଦ୍ୱୟ ଭାରତରେ ଜଳ ଜୀବ ପାଳନରେ ଉନ୍ନତି ପାଇଁ ସିଫାର ଅବିରତ ପ୍ରଚେଷ୍ଟାକୁ ଭୂୟସୀ ପ୍ରଶଂସା କରିଥିଲେ। ବିବିଧ ମତ୍ସ୍ୟ ଚାଷ ପୋଖରୀ, ଜୟନ୍ତୀ ରୋହି, ମାଗୁର, ଯୋ ଫ୍ଲକ, ମାଛ ଉତ୍ପାଦନ କେନ୍ଦ୍ର, ଚିଙ୍ଗୁଡ଼ି ଚାଷ ଓ ରଙ୍ଗୀନ ମାଛ ଏକକ ବୁଲିବା ସହ ବିଭାଗୀୟ ବୈଜ୍ଞାନିକମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପୋଷଣୀୟ ଉନ୍ନତି ପାଇଁ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗକୁ ମନ୍ତ୍ରୀ ଡ. ହୁସେନ ଗୁରୁତ୍ୱ ଦେବା ସହ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାର ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସିଫାର ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ଏସ୍‌ଏସ୍ ଗିରି ସିଫା ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ପ୍ରଧାନ ବୈଜ୍ଞାନିକ ଡ. ଜେଜେ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଙ୍ଗୀ ବନାଞ୍ଚଳରେ ବୁଲୁଛନ୍ତି ୨୬ ହାତୀ

## ଚାଷୀ ମୁଣ୍ଡରେ ଚଡ଼କ, ଭୟରେ ଧନ ଜୀବନ



ନିରାକାରପୁର, ୮।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଶୀଘ୍ର ବର୍ଷା ଉଭାନ ଯୋଗୁ ଚାଷୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିବବେଳେ ଏବେ ଧାନ ଥୋଡ଼ ବାହାରିବା ସମୟରେ ହାତୀପଲଙ୍କ ଉତ୍ପାତ ଯୋଗୁଁ ଚାଷୀ ମୁଣ୍ଡରେ ଚଡକ ପଡିଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଞ୍ଚଳରେ ଦେଖିବାକୁ ମିଳିଛି। ଏଠି ୨୬ ହାତୀ ମିଳିତ ହୋଇ ଅଞ୍ଚଳରେ ବିଚରଣ କରୁଥିବା ପରିଲକ୍ଷିତ ହୋଇଛି। ଏହାକୁ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଦିନ ସାରା ପାଖ ଜଙ୍ଗଲରେ ରହି ସନ୍ଧ୍ୟା ହେଲେ ଚାଷଜମିମୁହାଁ ହେଉଛନ୍ତି। ଧାନ ବିଲରେ ଯେତିକି ଖାଉଛନ୍ତି ତା’ଠାରୁ ଅଧିକ ଦଳିଚକଟି ନଷ୍ଟ କରିଦେଉଛନ୍ତି। ତେବେ ଭୂଷଣ୍ଡପୁର ବନ ବିଭାଗ କହିବା ଅନୁସାରେ, ନରଗଦାରେ ୨ଟି, ରାମେଶ୍ୱରରେ ୨ଟି, ଆରିସାଲରେ ଗୋଟିଏ ହାତୀ ବୁଧବାର ଦିନ ଦେଖିବାକୁ ମିଳିଥିବାବେଳେ ଡିଆ ଭୈରବୀଙ୍କ ପଟେ ୨୧ଟି ହାତୀ ଥିବା ଜାଣିବାକୁ ମିଳିଛି। ହାତୀଙ୍କ ଗତିପଥ ଜାଣିବା ସହିତ ସେମାନଙ୍କୁ ଘଉଡ଼ାଇବା ପାଇଁ ୫ଟି ପାଟ୍ରୋଲିଂ ଗାଡ଼ି ଚକ୍କର କାଟୁଛି। ଏଥିସହିତ ୬ଟି କ୍ଲଷ୍ଟରରେ ୨୪ ଜଣ ଗଜ ସାଥି ମଧ୍ୟ ନିୟୋଜିତ ଅଛନ୍ତି ବୋଲି ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### କାଇଜଙ୍ଗ ସଂରକ୍ଷିତ ଜଙ୍ଗଲରେ ହରିଣ

କଟକ ସଦର,୮।୧୧(ସୁଶାନ୍ତ କୁମାର ଜେନା)

କିଶନ ନଗର ତହସିଲ ଅନ୍ତର୍ଗତ କାଇଜଙ୍ଗ ସଂରକ୍ଷିତ ଜଙ୍ଗଲରେ ୩/୪ ହରିଣ ବୁଲୁଥିବା ଦେଖିବାକୁ ମିଳିଛି। ତେଣୁ ସେମାନଙ୍କ ସୁରକ୍ଷା ଜରୁରୀ ହୋଇପଡ଼ିଛି। ଏହାଛଡା ଏଠାରେ ଏକ ହରିଣ ପାର୍କ କରିବା ପାଇଁ ସ୍ଥାନୀୟ ଲୋକମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଯାହାଦ୍ୱାରା କଟକ ସହରଠାରୁ ୧୫ କିମି ଦୂରରେ ଅବସ୍ଥିତ ଏହି ଜଙ୍ଗଲରେ ଦେଶୀ ଓ ବିଦେଶୀ ହରିଣଙ୍କୁ ରଖାଯାଇ ଦର୍ଶକମାନଙ୍କୁ ଆକର୍ଷିତ କରାଯାଇପାରନ୍ତା।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଫୁଲନଖରା,୮।୧୧(ସତ୍ୟ ରଞ୍ଜନ ଦାସମହାପାତ୍ର)



ପାହାଳ ଥାନା ଅନ୍ତର୍ଗତ ନଖରା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ସୁବାସ ଚନ୍ଦ୍ର ସାହୁ(୫୬)ଙ୍କର ବୁଧବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଦୀର୍ଘ ଦିନ ଧରି ସେ ଅସୁସ୍ଥ ଥିବାରୁ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ନଖରାସ୍ଥିତ ମା' ଜାଗୁଲାଇ ୟୁଥ୍ କ୍ଲବ୍‌ର ସେ ପୂର୍ବତନ ସଭାପତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଝିଅ ସୁଲଗ୍ନାଶ୍ରୀ ସୋନାଲ ସାହୁ ମୁଖାଗ୍ନି ଦେଇଥିଲେ।

### ଫାଇନାଲରେ ସିଡିଏ, ୟୁନିଟ୍-୮

କଟକ,୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଡିଏଭି ଓଡ଼ିଶା ଜୋନ୍ ପକ୍ଷରୁ ଆନ୍ତଃ ଡିଏଭି କ୍ରିକେଟ୍ ଜୋନାଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଡିଏଭି ସିଡିଏ ଓ ଡିଏଭି ୟୁନିଟ୍-୮। ଦ୍ୱିତୀୟ ଦିବସରେ ଦୁଇଟି ସେମି ଫାଇନାଲ ମ୍ୟାଚ୍ ହୋଇଥିଲା। ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ଡିଏଭି ସିଡିଏ ଓ ଡିଏଭି ରାଉରକେଲାର ମ୍ୟାଚ୍ ହୋଇଥିବବେଳେ ଡିଏଭି ସିଡିଏ ୭୧ ରନ୍ କରି ବିଜୟୀ ହୋଇଛି। ଡିଏଭି ୟୁନିଟ୍-୮ ଓ ଡିଏଭି ଏସ୍‌ସିବିର ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ଡିଏଭି ଏସ୍‌ସିବିକୁ ହରାଇ ଡିଏଭି ୟୁନିଟ୍-୮ ବିଜୟୀ ହୋଇଛି। ଗୁରୁବାର ଡିଏଭି ସିଡିଏ ଓ ଡିଏଭି ୟୁନିଟ୍-୮ ମଧ୍ୟରେ ବିଡ଼ାନାସୀ ପଡ଼ିଆଠାରେ ଫାଇନାଲ ମ୍ୟାଚ୍ ହେବ।

# ସିଏମ୍‌ସି ହାତକୁ ଆସିବ ରେଳୱେ ଜମି

କଟକ,୮।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)


ବୈଠକରେ ଆର୍‌ଡିସି, ସିଡିଏ ଅଧକ୍ଷ ଓ ଉପାଧକ୍ଷଙ୍କ ସମେତ ଅନ୍ୟମାନେ।

- ହସ୍ତାନ୍ତର ପାଇଁ ପ୍ରସ୍ତାବ ଦେଲେ କର୍ତ୍ତୃପକ୍ଷ
- ଖୁବ୍‌ଶୀଘ୍ର ପରିଦର୍ଶନ କରିବେ ପ୍ରତିନିଧି ମଣ୍ଡଳୀ

କଟକ ସହରରେ ଚାଲିଥିବା ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ନେଇ ବୁଧବାର ଆର୍‌ଡିସିଙ୍କ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟଗୁଡିକ କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ସମସ୍ତ ବିଭାଗୀୟ ଅଧିକାରୀ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଶେଷକରି ଜାରି ରହିଥିବା ଏକାଧିକ ପ୍ରକଳ୍ପ କାର୍ଯ୍ୟ ପାଇଁ ରେଳୱେ ଜମିର ଆବଶ୍ୟକତା ରହିଛି। ତେଣୁ ଉକ୍ତ ଜମି ପ୍ରଶାସନକୁ ହସ୍ତାନ୍ତର କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ସିଏମ୍‌ସି, ରେଳୱେ ଓ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଖୁବ୍‌ଶୀଘ୍ର ବିଭିନ୍ନ ପ୍ରକଳ୍ପ ପାଇଁ ଆବଶ୍ୟକ ଥିବା ରେଳୱେ ଜମି ପରିଦର୍ଶନ କରିବାକୁ ନିଷ୍ପତ୍ତି ନିଆଯାଇଛି। ତାଳଦଣ୍ଡା କେନାଲ ରୋଡ୍‌ରେ ଚାଲିଥିବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ରେଳୱେ ଶେଡ୍ ବାଧା ସୃଷ୍ଟି କରୁଛି। ଏଥିଯୋଗୁ କାର୍ଯ୍ୟ ଶେଷ ହୋଇପାରୁନାହିଁ। ସେହିପରି ମାତୃଭବନ ନିକଟରେ ଜାଇକାର ବକ୍ସଡ୍ରେନ୍ ନିର୍ମାଣରେ ବାଧା ଉପୁଜୁଥିବାରୁ ରେଳୱେର ସହଯୋଗ ଆବଶ୍ୟକତା ରହିଛି। ଲିଙ୍କ୍‌ରୋଡସ୍ଥିତ ପେଟ୍ରୋଲ ପମ୍ପ ନିକଟରୁ ଖାନ୍‌ନଗରକୁ ସଂଯୋଗ କରୁଥିବା ରାସ୍ତା ଜନସାଧାରଣଙ୍କ ଯାତାୟାତ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ରେଳୱେ ଉକ୍ତ ଜମି ସିଏମ୍‌ସିକୁ ହସ୍ତାନ୍ତର କରିବା ଆବଶ୍ୟକତା ରହିଛି। ସେଠାରେ ପେଭର ବ୍ଲକ ପକାଯାଇ ଉତ୍ତମ ଚଲାପଥ ପ୍ରସ୍ତୁତ କରାଯାଇପାରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସେହିପରି କଟକ ରେଳ ଷ୍ଟେଶନ ନିକଟରେ ଏକାଧିକ ପ୍ରକଳ୍ପ ଓ ରାସ୍ତା ନିର୍ମାଣ କାର୍ଯ୍ୟ ଯେପରି ସୁରୁଖୁରୁରେ ଶେଷ ହେବ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ଆଲୋଚନା କରିଥିଲେ। ଏହି ବୈଠକରେ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ ଅଧ୍ୟକ୍ଷତା କରିଥିଲେ। ଏଥିରେ ସିଡିଏ ଅଧକ୍ଷ ଅନିଲ କୁମାର ସାମଲ, ଉପାଧକ୍ଷ ତଥା ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ୱାଟ୍‌କୋର ସିଇ ବିକାଶ କୁମାର ବେହେରା, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପି.କେ. ମାଝି, ମହାନଦୀ ସାଉଥ୍ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ମହାନ୍ତି, ସିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ, ୱାଟ୍‌କୋର ଜିଏମ୍ ମନୋରଞ୍ଜନ ଜେନା, ୱାଟ୍‌କୋର କଟକ ମ୍ୟାନେଜର ବିଜୟ କୁମାର ପଣ୍ଡା, ଅଜିତ୍ ବେହେରା, ରେଳୱେ ଅଧିକାରୀ ଏ. କେ. ଜୟସିଂହ ଓ ଗୌରବ କୁମାର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିପକ୍ଷଙ୍କୁ ପ୍ରଥମେ ଯୁକ୍ତି ଉପସ୍ଥାପନ ନିର୍ଦ୍ଦେଶ

କଟକ,୮।୧୧(କାର୍ତ୍ତିକ ସାହୁ)

**ବାରବାଟୀ-କଟକ ନିର୍ବାଚନୀ ମାମଲା**



ବାରବାଟୀ-କଟକ ବିଧାନସଭା ନିର୍ବାଚନୀ ମାମଲାରେ ପ୍ରତିପକ୍ଷ ବିଧାୟକ ମହମ୍ମଦ ମୋକିମଙ୍କ ପକ୍ଷରୁ ପ୍ରଥମେ ଯୁକ୍ତି ଉପସ୍ଥାପନ ପାଇଁ ହାଇକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ଇଜିଲାସ୍‌ରେ ମାମଲାର ଶୁଣାଣି ହୋଇ ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୧୩ ତାରିଖକୁ ଧାର୍ଯ୍ୟ କରାଯାଇଛି।

ବାରବାଟୀ-କଟକ ନିର୍ବାଚନୀ ମାମଲାର ଉଭୟ ଆବେଦନକାରୀ ଓ ପ୍ରତିପକ୍ଷଙ୍କ ସମସ୍ତ ପ୍ରମାଣ ଦାଖଲ ନଭେମ୍ବର ୧ ତାରିଖ ସୁଦ୍ଧା ଶେଷ ହୋଇଛି। ଯୁକ୍ତି ଉପସ୍ଥାପନ ପାଇଁ ଗତ ୬ ତାରିଖକୁ ସ୍ଥିର ହୋଇଥିଲା। ହେଲେ ସେଦିନ ଆବେଦନକାରୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନ୍‌ଗୋ ଓ ଆଇନଜୀବୀ ଗୋପାଳ ଅଗ୍ରୱାଲ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରତିପକ୍ଷ ବିଧାୟକ ମୋକିମଙ୍କ ପକ୍ଷରୁ ପ୍ରଥମେ ଯୁକ୍ତି ଉପସ୍ଥାପନ କରିବା ଉଚିତ୍ ବୋଲି କହିଥିଲେ। ଏହାପରେ ଇଲେକସନ୍ ପିଟିଶନର ତାଙ୍କର ଉତ୍ତର ରଖିବେ। କିଏ ଆଗ ଯୁକ୍ତି ଉପସ୍ଥାପନ କରିବେ ପ୍ରସଙ୍ଗ ଉପରେ ଶୁଣାଣି ହୋଇ ଉଭୟ ପକ୍ଷରୁ କେତେକ ମାମଲାର ଉଦାହରଣ ଉପସ୍ଥାପନ କରାଯାଇଥିଲା। ଶେଷରେ ପ୍ରତିପକ୍ଷ ମୋକିମଙ୍କ ପକ୍ଷରୁ ପ୍ରଥମେ ଯୁକ୍ତି ଉପସ୍ଥାପନ କରି ଦେବାଶିଷଙ୍କ ଆବେଦନର ବିଭିନ୍ନ ଦିଗ ବିପକ୍ଷରେ ନିଜର ପକ୍ଷ ରଖିବେ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ବିଧାନସଭା ନିର୍ବାଚନରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀରୁ ବିଜୟ ଲାଭ କରିଥିବା ବିଧାୟକ ମୋକିମଙ୍କ ବିରୋଧରେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମୋକିମଙ୍କ ଦ୍ୱାରା ନିର୍ବାଚନରେ ଅନିୟମିତତା କରାଯାଇଥିବା ନେଇ ସାମନ୍ତରାୟ ତାଙ୍କ ଆବେଦନରେ ଦର୍ଶାଇ ତାଙ୍କ ବିଜୟକୁ ରଦ୍ଦ କରିବା ପାଇଁ ପ୍ରାର୍ଥନା କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମିଳନ କାନୁନ୍‌ଗୋ ଓ ଗୋପାଳ ଅଗ୍ରୱାଲ ଏବଂ ପ୍ରତିପକ୍ଷଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।

# ବାଲିଯାତ୍ରା ପୂର୍ବରୁ ଶୌଚାଳୟ ଖୋଲାଯାଉ



ଶୌଚାଳୟ ଖୋଲିବା ଦାବିରେ ସୁଭାଷ ସଙ୍ଗଠନ ପକ୍ଷରୁ ଅଭିନବ ପ୍ରତିବାଦ କରାଯାଉଛି।

କଟକ,୮।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

**ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ କମୋଡ଼ ରଖି ପ୍ରତିବାଦ**

ନବ ନିର୍ମିତ ଶୌଚାଳୟ ଖୋଲିବା ଦାବିରେ ପୁଣିଥରେ ସୁଭାଷ ସଙ୍ଗଠନ ପକ୍ଷରୁ ଅଭିନବ ପ୍ରତିବାଦ ଦେଖିବାକୁ ମିଳିଛି। ହାତରେ କମୋଡ଼ ଧରି ସଙ୍ଗଠନର ସଦସ୍ୟମାନେ ବୁଧବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ହକି ବିଶ୍ୱକପ୍ ସମୟରେ କଟକ ରିଂ ରୋଡରେ ୪ଟି ଶୌଚାଳୟ ନିର୍ମାଣ କରାଯାଇଥିଲା। ଇତିମଧ୍ୟରେ ନିର୍ମାଣକୁ ବର୍ଷେ ପୂରିବାକୁ ବସିଥିବାବେଳେ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇନାହିଁ। ଆଗକୁ ବାଲିଯାତ୍ରା ଆସୁଛି। ସେହି ସମୟରେ କଟକରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବ। ତେଣୁ ପରିମଳ ଦୃଷ୍ଟିକୋଣରୁ ଏହି ଶୌଚାଳୟକୁ ଶୀଘ୍ର ଖୋଲିବା ପାଇଁ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ପୂର୍ବରୁ ସଙ୍ଗଠନ ପକ୍ଷରୁ ବାଲ୍‌ଟି ମଗ ଅଭିଯାନ ଓ ଶୌଚାଳୟ ବସ୍ତୁପୂଜା କରାଯାଇ ଶୌଚାଳୟ ଖୋଲିବା ପାଇଁ ସିଏମ୍‌ସିର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ଦୁର୍ଭାଗ୍ୟର ବିଷୟ ଏ ଦିଗରେ ସିଏମ୍‌ସି କର୍ଣ୍ଣପାତ କରି ନ ଥିଲା। ତେଣୁ ଏନେଇ ବୁଧବାର ସିଏମ୍‌ସି ଆଗରେ ସଙ୍ଗଠନ ପକ୍ଷରୁ କମୋଡ଼ ରଖି ପ୍ରତିବାଦ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ତପନ ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଶୁତୋଷ ଦାସ, ସୁରେଶ ମହାନ୍ତି, ଗୁରୁପ୍ରସାଦ ସାହୁ, ଜ୍ଞାନରଞ୍ଜନ ଦାସ, ବାପୁଜୀ କର, ଜଗମୋହନ ଜେନା, ପ୍ରଶାନ୍ତ ସାମଲ, ସୌମ୍ୟରଞ୍ଜନ ପଣ୍ଡା, ଅଭିଷେକ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ

ଚୌଦ୍ୱାର,୮।୧୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରାଞ୍ଚଳରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ଏହାର ଉଦ୍‌ଘାଟନ କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ୧୯ନଂ. ୱାର୍ଡରେ ଦୁଇଟି ରାସ୍ତାର ଉଦ୍‌ଘାଟନ ଓ ୧୦ନଂ. ୱାର୍ଡସ୍ଥିତ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଏକ ଶୌଚାଳୟ(ଲୁ) ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। ସ୍ଥାନୀୟ ଇମ୍ଫା କମ୍ପାନୀ ପକ୍ଷରୁ ବଧି ଶ୍ମଶାନରେ ନିର୍ମିତ ଶବଦାହ ଗୃହକୁ ବିଧାୟକ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନ୍‌ସିଲର ବିଜୟ ମଲ୍ଲିକ, ସୁବ୍ରତ ସାମଲ, ପୌରଯନ୍ତ୍ରୀ ଶୁଭଶ୍ରୀ ବେହେରା, ସଞ୍ଜୟ ସାମଲ, ଇମ୍ଫାର ସାଧାରଣ ପ୍ରଶାସକ ଲଲାଟ କିଶୋର ମହାପାତ୍ର, ସୁଜିତ୍ କୁମାର ମିଶ୍ର, ଜି.ସାରଦା ପ୍ରସାଦ ରାଓ, ମାନସ ରଞ୍ଜନ ପ୍ରଧାନ, ଆଶିଷ ଦାସ ଓ ଧ୍ରୁବ ଚରଣ ରାଉତ ଉପସ୍ଥିତ ଥିଲେ।

## ଓର୍‌ମାସ ଟେରାକୋଟା ଦୀପ ଷ୍ଟଲ୍ ଉଦ୍‌ଘାଟିତ




କଟକ,୮।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

ଦୀପାବଳି ଉପଲକ୍ଷେ ଜିଲା ପରିଷଦ ନିକଟରେ ଓର୍‌ମାସ୍ ପକ୍ଷରୁ ଏକ ଟେରାକୋଟା ଦୀପଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ତମପଡା ଓର୍‌ମାସ୍ ମହିଳା ଉତ୍ପାଦିକା ଗୋଷ୍ଠୀ, କଣ୍ଟାପଡାର ପ୍ରଗତି ଟେରାକୋଟା ଉତ୍ପାଦିକା ଗୋଷ୍ଠୀ ଓ ସାଲେପୁରର ଟେରାକୋଟା ଉତ୍ପାଦିକା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଫ୍ୟାନ୍ସି ଡିଜାଇନର ଦୀପ ଉପଲବ୍ଧ ହୋଇଛି। ଏହି ଟେରାକୋଟା ଦୀପ ଷ୍ଟଲ୍‌କୁ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଓର୍‌ମାସ୍ ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ୍ ବିହାରୀ ରାଉତ ଉଦ୍‌ଘାଟନ କରିଥିଲେ। ଟେରାକୋଟା ଦୀପ ପ୍ରତି ଗ୍ରାହକଙ୍କ ଚାହିଦା ବଢୁଛି। ଏହାକୁ ଦୃଷ୍ଟିରେ ରଖି ଓର୍‌ମାସ୍ ପକ୍ଷରୁ ଏହି ଷ୍ଟଲ ସ୍ଥାପନ କରାଯାଇଥିବା ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାୟ ମତବ୍ୟକ୍ତ କରିଛନ୍ତି।

# ମାସକରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

କଟକ,୮।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

**ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କଲେ ସିଏମ୍‌ସି କମିଶନର**

କଟକ ଗୋରାକବରଠାରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମାଧି ପୀଠର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପୱନ କଲ୍ୟାଣ ଅଚାନକ ସେଠାରେ ପହଞ୍ଚି ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ସମାଧି ପୀଠର ପ୍ରାଚୀର ନିର୍ମାଣ କାର୍ଯ୍ୟ, ଭିତର ପଟ ଲ୍ୟାଣ୍ଡସ୍କେପିଂ, ପାନୀୟ ଜଳ ଯୋଗାଣ, ମୁଖ୍ୟ ପ୍ରବେଶ ଦ୍ୱାର ଫାଟକ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଅବଶିଷ୍ଟ ନିର୍ମାଣ କାର୍ଯ୍ୟ ୧ ମାସ ଭିତରେ ଶେଷ କରିବା ପାଇଁ କମିଶନର ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ସୌନ୍ଦର୍ଯ୍ୟକରଣ, ୱାଟର ଫାଉଣ୍ଟେନ, ଅତ୍ୟାଧୁନିକ ଆଲୋକୀକରଣ କାର୍ଯ୍ୟ ଶେଷ କରାଯିବ। ସେହିପରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏକାଧିକ ଚିତ୍ରକଳା, ମଧୁବାବୁଙ୍କ ପ୍ରତିମୂର୍ତ୍ତି, ଉଦ୍ୟାନ, ପେଭର ବ୍ଲକ୍ ଫୁଟ୍‌ପାଥ୍ ଆଦି ନିର୍ମାଣ କରାଯିବ। ଏହି ସମୀକ୍ଷାବେଳେ ସିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ, ସିଏମ୍‌ସି ଅଧିକାରୀ ଓ କାର୍ଯ୍ୟ କରୁଥିବା ଠିକାସଂସ୍ଥାର ମୁଖ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ଫେବୃୟାରୀ ୪ରେ ଉକ୍ତ ସମାଧି ପୀଠର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ସିଏମ୍‌ସି ପକ୍ଷରୁ ଶିଳାନ୍ୟାସ କରାଯାଇଥିଲା। ଏହି କାର୍ଯ୍ୟ ପାଇଁ ମୋଟ୍ ୭୫ ଲକ୍ଷ ୨୯ ହଜାର ୭୯୩ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା।

# ବାଲିଯାତ୍ରାରେ ଖୋଲିବ ପ୍ଲାଷ୍ଟିକ ସଂଗ୍ରହ କେନ୍ଦ୍ର

**ସିଏମ୍‌ସି ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ବୈଠକ**

କଟକ,୮।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)


ବୈଠକରେ କର୍ପୋରେଟର ଦୀପ୍ତିମୟୀ ମୂଳିଆଙ୍କ ସମେତ ଅନ୍ୟମାନେ।

ଚଳିତବର୍ଷ ବାଲିଯାତ୍ରାରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସଫେଇକୁ ଗୁରୁତ୍ୱ ଦିଆଯାଇଛି। ବାଲିଯାତ୍ରାରେ ସଫେଇ ଦାୟିତ୍ୱ ଜାଗୃତି ସଂସ୍ଥାକୁ ଦିଆଯାଇଛି। ବାଲିଯାତ୍ରାରେ ସିଏମ୍‌ସି ପକ୍ଷରୁ ପ୍ଲାଷ୍ଟିକ ସଂଗ୍ରହ କେନ୍ଦ୍ର ଖୋଲାଯିବ। ହେଲେ ଗତବର୍ଷ ଭଳି ଚଳିତବର୍ଷ କ୍ୟୁଆର୍ କୋଡ୍ ବ୍ୟବସ୍ଥା କରାଯିବ ନାହିଁ। ଏହାବଦଳରେ ସିଏମ୍‌ସି ପକ୍ଷରୁ ପ୍ଲାଷ୍ଟିକ ସଂଗ୍ରହ ପାଇଁ ନୂଆ ଯୋଜନା କରାଯାଇଛି। ଏନେଇ ବୁଧବାର ସିଏମ୍‌ସି ବିଜୁ ଭବନ ପରିସରରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଗତବର୍ଷ ବାଲିଯାତ୍ରାରେ ଏକକ ବ୍ୟବହାର ପ୍ଲାଷ୍ଟିକ ସାମଗ୍ରୀ ଉପରେ କ୍ୟୁଆର୍ କୋଡ୍ ଲଗାଯାଇଥିଲା। ହେଲେ ଚଳିତବର୍ଷ ସଫେଇ କର୍ମଚାରୀ ପଡିଆରୁ ଏକକ ବ୍ୟବହାର ପ୍ଲାଷ୍ଟିକ ସଂଗ୍ରହ କରିବେ। ଏଥିପାଇଁ ସେମାନଙ୍କୁ କିଲୋ ପିଛା ୨୫ ଟଙ୍କା ମିଳିବ। ସିଏମ୍‌ସି ପକ୍ଷରୁ ଖୋଲାଯାଇଥିବା ସ୍ୱତନ୍ତ୍ର କେନ୍ଦ୍ରରେ ସେମାନେ ପ୍ଲାଷ୍ଟିକ ସଂଗ୍ରହ କରି ଦାଖଲ କରିବା ପରେ କିଲୋ ପିଛା ସେମାନଙ୍କୁ ମୂଲ୍ୟ ମିଳିବ। ଏଥିପାଇଁ ସିଏମ୍‌ସି ପକ୍ଷରୁ ଓଡ଼ିଶା ଡେଭେଲପମେଣ୍ଟ ମ୍ୟାନେଜମେଣ୍ଟକୁ ଦାୟିତ୍ୱ ଦିଆଯାଇଛି। ସେହିପରି ଚଳିତବର୍ଷ ବାଲିଯାତ୍ରା ପଡିଆରେ ସିଏମ୍‌ସି ପକ୍ଷରୁ ମୋ ଖତ ଷ୍ଟଲ ଦେଖିବାକୁ ମିଳିବ। ବାଲିଯାତ୍ରା ବୁଲି ଆସୁଥିବା ଲୋକଙ୍କୁ ସୁଲଭ ମୂଲ୍ୟରେ ଏହି ଖତ ବିକ୍ରି କରାଯିବ। ଏଥିପାଇଁ ୨୦ଟି ସ୍ୱତନ୍ତ୍ର ଷ୍ଟଲ ବ୍ୟବସ୍ଥା କରାଯିବ। ଏଥି ସହ ଏସ୍‌ଏଚ୍‌ଜି ଷ୍ଟଲରେ ମଧ୍ୟ ଖତ ବିକ୍ରି ପାଇଁ ନିଷ୍ପତ୍ତି ନିଆଯାଇଛି।

ବାଲିଯାତ୍ରାରେ ଇକୋ ଫ୍ରେଣ୍ଡଲି ବ୍ୟାଗ ବିକ୍ରି ପାଇଁ ସ୍ୱାସ୍ଥ୍ୟ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହାକୁ ପଲିଥିନ୍‌ର ବିକଳ୍ପ ଭାବରେ ବ୍ୟବହାର କରାଯିବା ସହ ପରିବେଶ ସ୍ୱଚ୍ଛ ରଖିବାରେ ସହାୟକ ହେବ। କାର୍ଯ୍ୟ ତଦାରଖ ପାଇଁ ସ୍ୱଚ୍ଛ ସାଥୀମାନେ ନିୟୋଜିତ ହେବେ। ସେମାନଙ୍କୁ ଦିନ ପିଛା ୫୦୦ ଟଙ୍କା ଦିଆଯିବ ବୋଲି ଆଲୋଚନା ହୋଇଥିଲା। ବାଲିଯାତ୍ରା ପାଇଁ ସୁଲଭ ଶୌଚାଳୟ ବ୍ୟବସ୍ଥା କରାଯାଇଛି। ସେହିପରି ପଡ଼ିଆରେ ଲାଇଟ୍ ଲଗାଇବା ପାଇଁ ଟେଣ୍ଡର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି। ସହରରେ ଏଣିକି ଅଳିଆ ପକେଇଲେ ସିଏମ୍‌ସି ପକ୍ଷରୁ ଜରିମାନା ଆଦାୟ ହେବ। ଗୃହ ପିଛା ୧୦୦ ଓ ଦୋକାନୀମାନଙ୍କଠାରୁ ୫୦୦ ଟଙ୍କା ଜରିମାନା ଆଦାୟ କରାଯିବ। ମଶା ଦମନ ପାଇଁ ଆସନ୍ତା ୨୦ରୁ ଧୂଆଁ ଦେବା କାର୍ଯ୍ୟ ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିସହ ଅନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଦୀପ୍ତିମୟୀ ମୂଳିଆ, ଦୀପକ ଦାସ, ଡେପୁଟି କମିଶନର ସଞ୍ଜୀବିତା ରାୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



**ଆସୁଛି ଦୀପାବଳି:** କଟକ କାଠଯୋଡି ନଦୀ ବ୍ରିଜ୍ ପାର୍ଶ୍ୱରେ ଗ୍ରାହକ କାଉଁରିଆ କିଣୁଛନ୍ତି। ଖାନ୍‌ନଗର ଅଞ୍ଚଳରେ ପାରମ୍ପରିକ ମିଠା ପ୍ରସ୍ତୁତ କରୁଥିବା ବ୍ୟବସାୟୀ।



କଟକ ବାଲିଯାତ୍ରା ଉପର ପଡିଆରେ ସାତସାହି କଟକ ନୃତ୍ୟୋତ୍ସବର ବୁଧବାର ସପ୍ତମ ସନ୍ଧ୍ୟାରେ ସଂସ୍କୃତି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପରିବେଷିତ ଶାସ୍ତ୍ରୀୟ ନୃତ୍ୟ।

## ରାଧାପାଦ ଦର୍ଶନ ପାଇଁ ପ୍ରଶାସନିକ ତତ୍ପରତା

**ସାକ୍ଷୀଗୋପାଳ, ୮।୧୧(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)**

ପୁରୀ ଜିଲାର ଅନ୍ୟତମ ବୈଷ୍ଣବ କ୍ଷେତ୍ର ସାକ୍ଷୀଗୋପାଳର ପ୍ରଭୁ ସାକ୍ଷୀଗୋପୀନାଥ ଏବଂ ମା' ଶ୍ରୀରାଧାଙ୍କ ପାଦ ଦର୍ଶନ ତଥା ଅଁଳାନବମୀ ଓ ବଡ଼ ଏକାଦଶୀ ଯାତ୍ରା ଚଳିତ ମାସ ୨୧ ଓ ୨୩ ତାରିଖରେ ଅନୁଷ୍ଠିତ ହେବ। ଜିଲାର ଏହି ଦ୍ୱିତୀୟ ବୃହତ୍ତମ ଗଣପର୍ବରେ ବର୍ଷକୁ ମାତ୍ର ଗୋଟିଏ ଦିନ ଓଡ଼ିଆଣୀ ବେଶରେ ଜଗଦ୍ଧାତ୍ରୀ ମା' ଶ୍ରୀରାଧାରାଣୀଙ୍କ ପାଦ ଦର୍ଶନ ନିମନ୍ତେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୃଙ୍ଖଳିତ ଦର୍ଶନ ସହିତ ଶାନ୍ତିଶୃଙ୍ଖଳାରେ ଯାତ୍ରା ପରିଚାଳନା ନିମନ୍ତେ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବୁଧବାର ସ୍ଥାନୀୟ ପଞ୍ଚସଖା ସ୍ମୃତି ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଉପଜିଲାପାଳ ଭବତାରଣ ସାହୁ ଅଧ୍ୟକ୍ଷତା କରିଥିଲେ। ସେବାୟତ ଶ୍ମଶାନ ଆଦି ଦାବି ପୂରଣ ହେଉ ନ ଥିବାରୁ ସେବାୟତ ସଂଘ କର୍ମକର୍ତ୍ତା ବୈଠକରେ ଯୋଗଦେଇ ନ ଥିଲେ। ଫଳରେ ପ୍ରାରମ୍ଭରେ ଦେବନୀତି ପରିଚାଳନା ସମ୍ପର୍କରେ ଆଲୋଚନା ହୋଇପାରି ନ ଥିଲା। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଏଥିରେ ହସ୍ତକ୍ଷେପ କରି ୨-୩ ଦିନ ମଧ୍ୟରେ ସମାଧାନ ନିମନ୍ତେ



ବୈଠକରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ଉପଜିଲାପାଳ ଭବତାରଣ ସାହୁ ଏବଂ ଅନ୍ୟମାନେ।

**ବସିଲା ପ୍ରଥମ ସମନ୍ୱୟ ବୈଠକ**
- ଆସିଲେନି ସେବାୟତ
- ୧୪ରେ ଚୂଡ଼ାନ୍ତ ବୈଠକ

ଉକ୍ତ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ। ସେହିପରି ନିଜେ ମନ୍ଦିର ଫୁଲସଜା ଦାୟିତ୍ୱ ନେବା ସହ ଅଁଳାନବମୀ ସାଂସ୍କୃତିକ ସମାରୋହ ନିମନ୍ତେ ସଂସ୍କୃତି ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ସଂକୀର୍ଣ୍ଣ ମେଳାପଡ଼ିଆରେ କେବଳ ସରକାରୀ ପ୍ରଦର୍ଶନୀ ମଣ୍ଡପ ଖୋଲାଯିବାକୁ ସ୍ଥିରୀକୃତ ହୋଇଥିଲା। ସେହିଭଳି ଛାୟାପ୍ରଦ ବାରିକେଡ୍, ରାସ୍ତା ମରାମତି, ପାନୀୟଜଳ, ସ୍ୱାସ୍ଥ୍ୟ ଓ ପରିମଳ, ବିଦ୍ୟୁତ ସେବା, ସଫେଇ କାର୍ଯ୍ୟ ସାରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେବା ଶିବିର ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଖାଦ୍ୟ ଓ ପିଇବାପାଣି, ଆଇନ ଶୃଙ୍ଖଳା, ଯାନବାହନ ପାର୍କିଂ ଏବଂ ଅଗ୍ନିଶମ ବ୍ୟବସ୍ଥା ପ୍ରଭୃତି କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଦେବୋତ୍ତର ବିଭାଗ ସହକାରୀ ଆୟୁକ୍ତ ଗଗନ ସାହୁ, ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଆଇଆଇସି ବିଜୟ କେତନ ବେହେରା, ଜୟନ୍ତ କୁମାର ଜୟସିଂ, ବିଡିଓ ଲିପ୍ସା ରାୟ, ଅଗ୍ନିଶମ ଅଧିକାରୀ ମନୋଜ ପାତ୍ର, ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱଜିତ ମିଶ୍ର, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କମଳ କୁମାର ଆଚାର୍ଯ୍ୟ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଜୟପୁର ସରପଞ୍ଚ ଆରାଧନା ସାମନ୍ତରାୟ ପ୍ରଭୁ ସାକ୍ଷୀଗୋପାଳଙ୍କ ନିମନ୍ତେ ଦୈନିକ ବାସ ଚନ୍ଦନ ଯୋଗାଇଦେବେ ବୋଲି କହିଥିଲେ। ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଶୋ' ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

### ଏସ୍‌ଡିପିଓଙ୍କ ଯୋଗଦାନ



**ନିମାପଡ଼ା,୮।୧୧(ବିଚିତ୍ରାନନ୍ଦ ସାହୁ):** ନିମାପଡ଼ା ପୋଲିସ ଉପଖଣ୍ଡରେ ନୂତନ ଏସ୍‌ଡିପିଓ ଭାବେ ପ୍ରଭାତ ମଲ୍ଲିକ ବୁଧବାର ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଦେବାଶିଷ ମିଶ୍ର ଏହି ଦାୟିତ୍ୱରେ ଥିଲେ। ଏବେ ତାଙ୍କର ବରଗଡ଼ ଜିଲାକୁ ବଦଳି ହୋଇଛି। ମଲ୍ଲିକ ପୂର୍ବରୁ ନୟାଗଡ଼ ଜିଲାର ଖଣ୍ଡପଡ଼ା ଏସ୍‌ଡିପିଓ ଭାବେ ଓ ପୁରୀ ଜିଲା ପିପିଲି ଥାନା, ପୁରୀ ସମୁଦ୍ରକୂଳ ଥାନା, ବ୍ରହ୍ମଗିରି ଆଦି ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରିଥିଲେ। ନିମାପଡ଼ା ପୋଲିସ ଉପଖଣ୍ଡ ଅଧୀନ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିରେ ଅଧିକ ସୁଧାର ଆଣିବା, ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ଦେବା, ଅପରାଧ ଦମନ କରିବା ଦିଗରେ ଏସ୍‌ଡିପିଓ ମଲ୍ଲିକ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି କହିଛନ୍ତି।

### ବେଆଇନ କରତକଳ ଜବତ

**ପିପିଲି, ୮।୧୧ (ଦୁର୍ଗାମାଧବ ମିଶ୍ର):** ପିପିଲି ଲକ୍ଷ୍ମୀ ନାରାୟଣପୁର ପଞ୍ଚାୟତ ବିଲିପଡ଼ା ଛକରେ ଥିବା ବେଆଇନ କରତକଳ ଉପରେ ବୁଧବାର ବନ ବିଭାଗ ଓ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଛି। ଚଢ଼ାଉରୁ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଓ କାଠ ଜବତ ହୋଇଛି। ପିପିଲି ଅଞ୍ଚଳରେ ବେଆଇନ କରତକଳ ଚାଲୁଥିବା ଓ ଏଥିପାଇଁ ପ୍ରଦୂଷଣ ବଢୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ଟିମ୍ ଏନେଇ ସୂଚନା ପାଇ ଚଢ଼ାଉ କରିଥିଲା।

### ଓଡ଼ିଶା ଖୋ ଖୋ ଦଳ ରୌପ୍ୟ ଜିତିଲା

**ପୁରୀ, ୮।୧୧(ଅଜିତ୍ ମହାନ୍ତି):** ଗୋଆରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଖୋ ଖୋ ଖେଳରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ଦଳ ରୌପ୍ୟ ପଦକ ଜିତିଛନ୍ତି। ଫାଇନାଲରେ ପୁରୁଷ ଦଳ ମହାରାଷ୍ଟ୍ର ଠାରୁ ୭୨-୨୬ରେ ହାରିଥିବାବେଳେ ମହିଳା ଦଳ ମହାରାଷ୍ଟ୍ର ଠାରୁ ୪୬-୪୦ ପଏଣ୍ଟରେ ପରାସ୍ତ ହୋଇଥିଲା। ପୁରୁଷ ଦଳ କର୍ନାଟକ, କେରଳ ଓ ତେଲଙ୍ଗାନାକୁ ହରାଇବା ପରେ ସେମିଫାଇନାଲରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା। ସେହିପରି ମହିଳା ଦଳ ଦିଲ୍ଲୀ, କର୍ନାଟକ, ହରିୟାଣାକୁ ହରାଇ ସେମିଫାଇନାଲରେ କେରଳକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା। ଏହି ସଫଳତା ପାଇଁ ଜିଲାପାଳ ସମର୍ଥ ବର୍ମା ଉଭୟ ଖୋ ଖୋ ଦଳର ସଦସ୍ୟ ଓ ସହଯୋଗୀ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଚୟନ ହେବା ପରେ ଓଡ଼ିଶା ଦଳ ପୁରୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୩ ମାସ ପ୍ରଶିକ୍ଷଣ ନେଇଥିବା ନେଇ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ସୂଚନା ଦେଇଛନ୍ତି।



ଗୋଆରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଖୋ ଖୋ ଖେଳରେ ଭାଗନେଇଥିବା ଓଡ଼ିଶାର ଖେଳାଳିମାନେ।

## ଡିସେମ୍ବର ୨୫ରୁ ଶ୍ରୀକ୍ଷେତ୍ର ପୁସ୍ତକମେଳା

**ପୁରୀ,୮।୧୧(ଅଜିତ୍ ମହାନ୍ତି)**

ଆସନ୍ତା ଡିସେମ୍ବର ୨୫ରୁ ଜାନୁୟାରୀ ୪ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୧ ଦିନ ଧରି ପୁରୀ ଶରଧାବାଲିରେ ୨୮ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଆୟୋଜନ ହେବାକୁ ଯାଉଛି। ତେବେ ଚଳିତବର୍ଷ ପୁରୀ ପୌରସଂସ୍ଥାର ଦୂରଦୃଷ୍ଟି ଅଭାବ କାରଣରୁ ପ୍ରଥମ ଥର ପାଇଁ ପୁସ୍ତକ ମେଳାର ତାରିଖ ପରିବର୍ତ୍ତନ ହୋଇଛି। ଏ ନେଇ ସ୍ଥାନୀୟ ସାଲବେଗ ପୀଠରେ ବୁଧବାର ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ରଘୁନାଥ ମହାପାତ୍ର, ପୁଷ୍କର ମହାପାତ୍ର, ଅନାମ ସାହୁ, ଜଟାଧାରୀ ମିଶ୍ର, ପ୍ରସନ୍ନ ମିଶ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବୀରେନ୍ଦ୍ର ମହାନ୍ତି, ସ୍ୱାଧୀନ କୁମାର ପଣ୍ଡା, ବିପିନ୍ ଦଳାଇ, ରଘୁନାଥ ମିଶ୍ର, ସୁକାନ୍ତ ପଣ୍ଡା, ଭବାନୀ ବଳିୟାରସିଂହ ପ୍ରମୁଖ ଯୋଗଦେଇଥିଲେ। ୨୮ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ଶହେରୁ ଊର୍ଦ୍ଧ୍ୱ ଷ୍ଟଲ ଯୋଗଦେବେ ବୋଲି ସମ୍ପାଦକ ଚକ୍ରଧର ମହାପାତ୍ର ଏବଂ ମିଡିଆ ସମ୍ପାଦକ ବଦ୍ରି ମିଶ୍ର ସୂଚନା ଦେଇଛନ୍ତି। ପ୍ରାକ୍ତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ବିୟୋଗରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଓ ପୁସ୍ତକ ମେଳାକୁ ଅକୁଣ୍ଠ ସହଯୋଗ ପାଇଁ ପୁସ୍ତକ ମେଳା କମିଟି ପକ୍ଷରୁ ପ୍ରାରମ୍ଭରେ ତାଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା।

## 'ରକ୍ତଦାନରେ କୋଟି ପୁଣ୍ୟର ଫଳ ମିଳେ'



ରକ୍ତଦାନ ଶିବିରରେ ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି।

**ସାକ୍ଷୀଗୋପାଳ,୮।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ):** ସାକ୍ଷୀଗୋପାଳ ମନ୍ଦିର ପଛପାର୍ଶ୍ୱରେ ବୁଧବାର ପୂର୍ବାହ୍ନରେ ରାହାସ ବିହାରୀ ଫାଉଣ୍ଡେଶନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆଖପାଖ ଅଞ୍ଚଳରୁ ୨୫ ଜଣ ରକ୍ତଦାତା ରକ୍ତ ଦାନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ଶିକ୍ଷାବିତ୍ ଅଭିମନ୍ୟୁ ବରାଳଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ଯେଉଁ ବ୍ୟକ୍ତି ରକ୍ତଦାନ କରନ୍ତି ସେମାନେ କୋଟି ଜନ୍ମର ପୁଣ୍ୟ ଲାଭ କରନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ଭାଜପା ଯୁବନେତା ଓମ୍‌ପ୍ରକାଶ ମିଶ୍ର, ୩୨ ନମ୍ବର ଜିଲାପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ରାମଚନ୍ଦ୍ର ପୂଜାପଣ୍ଡା ସାମନ୍ତ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଧୀରେନ୍ଦ୍ର କୁମାର ଜେନା ବିବରଣୀ ପାଠ କରିଥିଲେ। ଅଞ୍ଜନ କୁମାର ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ କିଶୋର ମହାପାତ୍ର, ଅମର ଶତପଥି, ପ୍ରଭାତ ମିଶ୍ର, ଆଇନଜୀବୀ ସରିତା ଦାଶ, ଓଡ଼ିଶୀ ନୃତ୍ୟଶିଳ୍ପୀ ଚିରସ୍ରୋତା ଖୁଣ୍ଟିଆଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉମାବଲ୍ଲଭ ବରାଳ ଓ ପ୍ରଜ୍ଞାଶ କୁମାର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୮ ସପ୍ତାହରେ ତଦନ୍ତ ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ

**୨ ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

**ପୁରୀ, ୮।୧୧(ଅଜିତ ମହାନ୍ତି)**

ପୁରୀ ଜିଲା ବ୍ରହ୍ମଗିରି ଥାନା ଅଧୀନ ମାଛିଆଦାଆଣ୍ଡି ଗ୍ରାମର ୨ଯୁବତୀଙ୍କୁ ଅସଦାଚରଣ ଓ ମରଣାନ୍ତକ ଆକ୍ରମଣ ଘଟଣାରେ ୮ସପ୍ତାହ ଭିତରେ ତଦନ୍ତ ସାରି ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ ବୁଧବାର ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ମାଛିଆଦାଆଣ୍ଡି ଗ୍ରାମର ପ୍ରିୟନାଥ ବରାଳଙ୍କ ଦୁଇଝିଅଙ୍କୁ କେତେଜଣ ଦୁର୍ବୃତ୍ତ ଗତ ଅଗଷ୍ଟ ୬ ତାରିଖରେ ଅତି ଅମାନୁଷିକ ଭାବେ କାଠ ଫାଳିଆରେ ମାଡ଼ ମାରି ଲହୁଲୁହାଣ ଏବଂ ଅସଦାଚରଣ କରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଫଳରେ ଯୁବତୀ ଦ୍ୱୟ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ୬ଦିନ ହେଲା ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ବ୍ରହ୍ମଗିରି ଥାନାରେ ଏକ ମାମଲା (ନଂ.୧୬୬/୨୦୨୩) ରୁଜୁ ହୋଇଛି। ବ୍ରହ୍ମଗିରି ପୋଲିସ ଅଦ୍ୟାବଧି ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଅଭିଯୁକ୍ତମାନେ ଗ୍ରାମରେ ବୁଲୁଥିବା ନେଇ ପୀଡ଼ିତା ଅଭିଯୋଗ କରିଥିଲେ। ଏହାପରେ ପୋଲିସ ପୀଡ଼ିତାଙ୍କୁ ଗାଳିଗୁଲଜ କରିବା ସହ ମାମଲା ଉଠାଇ ନେବା ପାଇଁ ଚାପ ପକାଇଥିଲା। ଏନେଇ ପୀଡ଼ିତା ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ପରେ ତଦନ୍ତ ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ 'ନ୍ୟାୟ ପାଇଁ ଲଢେଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାସ ଏକ କେସ୍ (ନଂ.୧୩୭୭୫/୨୦୨୩) ଦାୟର କରିଥିଲେ। କମିଶନ ଏହି ସମ୍ବେଦନଶୀଳ ମାମଲାର ବିଚାରକରି ପୁରୀ ଏସ୍‌ପିଙ୍କୁ ୮ ସପ୍ତାହ ଭିତରେ ସମ୍ପୂର୍ଣ୍ଣ ତଦନ୍ତ ସାରି କମିଶନ ଏବଂ ଅଭିଯୋଗକାରୀଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଦାସ କହିଛନ୍ତି।

### ମହେଶ୍ୱରଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଲେ ସମ୍ବିତ

**ପୁରୀ, ୮।୧୧(ଅଜିତ୍ ମହାନ୍ତି):** ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ବୁଧବାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ବାସଭବନରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏହିଅବସରରେ ସେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପୁରୀର ପୂର୍ବତନ ବିଧାୟକ ତଥା ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ମହାନ୍ତିଙ୍କ ଅସାମୟିକ ନିଧନ ଆମ ସମସ୍ତଙ୍କ ପାଇଁ ଅପୂରଣୀୟ କ୍ଷତି। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ନିଜ ଶ୍ରୀଚରଣରେ ସ୍ଥାନ ଦିଅନ୍ତୁ, ଏହା ହିଁ କାମନା ବୋଲି ପାତ୍ର ପ୍ରାର୍ଥନା କରିଛନ୍ତି।

## କଣ୍ଟାପଡ଼ା ପଞ୍ଚାୟତରେ କଂଗ୍ରେସର ବୈଠକ

**କାକଟପୁର,୮।୧୧(ଶୁଭଦର୍ଶନ ମିଶ୍ର)**

କାକଟପୁର ବ୍ଲକ କଂଗ୍ରେସ କମିଟି ସଭାପତି ଅବଧୂତ ସ୍ୱାଇଁଙ୍କ ସଭାପତିତ୍ୱରେ କଣ୍ଟାପଡ଼ା ଗ୍ରାମ ପଞ୍ଚାୟତର କାଣ୍ଡି ସାହି ନରୋତ୍ତମ ବାବାଙ୍କ ମହିମା ଆଶ୍ରମ ପରିସରରେ ବୁଧବାର ବୁଥସ୍ତରୀୟ କମିଟି ଗଠନ କରାଯାଇଛି। ବୈଠକରେ ପିସିସି ଉପସଭାପତି ବିଶ୍ୱଭୂଷଣ ଦାସ, ପୁରୀ ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୌମ୍ୟକାନ୍ତ ଖୁଣ୍ଟିଆ, କାକଟପୁର ଗ୍ରାମ ପଞ୍ଚାୟତ ସଭାପତି ଫିଲୁଆ ଭାଇନା, ସୁକାନ୍ତ ପରିଡ଼ା, ସେକ ଲିୟାକତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କଣ୍ଟାପଡ଼ା ଗ୍ରାମ ପଞ୍ଚାୟତ ସଭାପତି ଭାବେ ଅରକ୍ଷିତ କାଣ୍ଡି, ବ୍ଲକ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଭାବେ ପାର୍ଥସାରଥି ଖୁଣ୍ଟିଆ, ଓବିସି ସେଲ୍ ଅଧ୍ୟକ୍ଷ ଭାବେ ମିଟୁ ସାହୁ, ଯୁବ କଂଗ୍ରେସ ସଭାପତି ମିଥୁନ କାଣ୍ଡି, ଅନୁସୂଚିତ ଜାତିର ଅଧ୍ୟକ୍ଷ କ୍ଷୀରୋଦ ଭୋଇ, କୃଷକ ସେଲ ଅଧ୍ୟକ୍ଷ ବିଦ୍ୟାଧର କାଣ୍ଡି ମନୋନୀତ ହୋଇଥିଲେ। ନିଜ ନିଜ ପଞ୍ଚାୟତରେ କଂଗ୍ରେସ ସଂଗଠନ ବୃଦ୍ଧି କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବାକୁ ବ୍ଲକ କଂଗ୍ରେସ ସଭାପତି ସ୍ୱାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ଇଣ୍ଡିଗୋ କାର୍‌ରେ ହେଲିକପ୍ଟର ମଜା



ହେଲିକପ୍ଟର ଭଳି ସଜାଯାଇଥିବା ଇଣ୍ଡିଗୋ କାର୍।

**ଅସ୍ତରଙ୍ଗ, ୮।୧୧ (ମମତା ଜେନା)**

ଇଣ୍ଡିଗୋ କାର୍‌ରେ ହେଲିକପ୍ଟର ମଜା। ଏଭଳି ଏକ ଇଣ୍ଡିଗୋ କାର୍ ରହିଛି, ଯାହାକୁ ଦେଖିଲେ ସେଇଟା ସମ୍ପୂର୍ଣ୍ଣରୂପେ ହେଲିକପ୍ଟର ଭଳି ଦେଖାଯାଉଛି। କୌଣସି କମ୍ପାନୀର ନିର୍ମାଣ ନୁହେଁ, ଏହାକୁ ବନାଇଛନ୍ତି ଜଣେ ଯୁବ ଡ୍ରାଇଭର ମାନସ ରଞ୍ଜନ ସ୍ୱାଇଁ। ତାଙ୍କ ଘର ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତର ଛତିଆନା ଗ୍ରାମରେ। ମାନସ ଜଣେ ଆଇଟିଆଇ ଛାତ୍ର। ଚାକିରି ନଥିବାରୁ ସେ ଏକ ଇଣ୍ଡିଗୋ କାର୍ କିଣି ନିଜେ ଡ୍ରାଇଭିଂ କରି ପରିବାର ଚଳାଇଥାନ୍ତି। କିନ୍ତୁ କରୋନାରେ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଥିଲା ବ୍ୟବସାୟ। ସେହିପରି ବର୍ତ୍ତମାନ ଅନେକ ଅତ୍ୟାଧୁନିକ କାର୍ ଆସିବାରୁ ଇଣ୍ଡିଗୋ ଗାଡ଼ିର ଚାହିଦା ଧୀରେ ଧୀରେ କମିବାକୁ ଲାଗିଛି। ଆଉ ସେହି ଗାଡ଼ିରେ କିପରି ଭଲ ବ୍ୟବସାୟ କରିବେ ଏହାକୁ ଚିନ୍ତା କରି ୟୁଟ୍ୟୁବ୍ ଆଉ ଅନ୍ୟ ଡିଜାଇନ୍‌କୁ ଅନୁସରଣ କରିଥିଲେ ମାନସ। ପରେ ଏକ ମିସ୍ତ୍ରୀଙ୍କୁ ଡାକି ଯୋଜନା ମୁତାବକ ନିର୍ମାଣ କରିଥିଲେ ହେଲିକପ୍ଟର ଇଣ୍ଡିଗୋ କାର୍। ଯେଉଁ କାର୍ ନିର୍ମାଣ ପାଇଁ ତାଙ୍କୁ ଖର୍ଚ୍ଚ କରିବାକୁ ପଡ଼ିଥିଲା ହାରାହାରି ଅଢେଇରୁ ୩ ଲକ୍ଷ ଟଙ୍କା। ଏହି କାର୍‌ଟି ଅତି ସୁନ୍ଦର ଭାବେ ଲାଇଟ୍‌ରେ ଡିଜାଇନ ହୋଇଛି। ହେଲିକପ୍ଟର ଭଳି କାର୍ ଉପରେ ଫ୍ୟାନ ବୁଲୁଛି। ବାସ୍ତବିକ ଯେ କେହି ବି ଏହାକୁ ପ୍ରଥମେ ଦେଖିଲେ ହେଲିକପ୍ଟର ବୋଲି ଭାବିବେ। ଆଗକୁ ଆସୁଛି ବାହାଘର ସିଜିନ୍। ଏହି ହେଲିକପ୍ଟର କାର୍‌ଟି ବାହାଘର, ବ୍ରତଘର ପାଇଁ ଏକ ପ୍ରକାର ଭଲ ରୋଜଗାରର ମାଧ୍ୟମ ହୋଇପାରିବ ବୋଲି ଗ୍ରାମବାସୀମାନେ କହିଛନ୍ତି। ମାନସଙ୍କ ଏହି ଅଭିନବ ପ୍ରୟାସକୁ ଅଞ୍ଚଳର ବୁଦ୍ଧିଜୀବୀମାନେ ବେଶ୍ ପ୍ରଶଂସା କରିଛନ୍ତି।

## ପୁରୀର ବିକାଶରେ ମହେଶ୍ୱରଙ୍କ ଅବଦାନ ଅତୁଳନୀୟ

**ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକସଭା**

**ପୁରୀ, ୮।୧୧(ଅଜିତ୍ ମହାନ୍ତି)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ବିୟୋଗରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି (୨୨ମୌଜା) ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ବେଲଦଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର୍ଷ ସମିତିର ସଭାପତି ଦାମୋଦର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ୨୨ମୌଜାର ପ୍ରତିନିଧିମାନେ ଯୋଗ ଦେଇ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ମହେଶ୍ୱର ବାବୁଙ୍କ ଅବଦାନ ସ୍ମରଣୀୟ ହୋଇରହିବ ବୋଲି କହିଥିଲେ। ସଭା ଆରମ୍ଭରେ ୨ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର୍ଷ ସମିତି ଆବାହକ ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ବିଷ୍ଣୁପ୍ରସାଦ ମିଶ୍ର, ସରପଞ୍ଚ ବିପିନ ବିହାରୀ ଦାସ, ମଧୁସୂଦନ ରାଉତରାୟ, କୈଳାସ ଚନ୍ଦ୍ର ସ୍ୱାଇଁ, ଦାମୋଦର ନାୟକ, ଉମାଚରଣ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ହର ପ୍ରସାଦ ଜେନା, ପର୍ଶୁରାମ ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ଗନ୍ଧର୍ବ ଭୋଳ, ଅପର୍ତ୍ତି ପ୍ରଧାନ, କୈଳାସ ଜେନା, ଚିତ୍ରସେନ ପ୍ରଧାନ, ପ୍ରଫୁଲ୍ଲ ସାମନ୍ତରାୟ, ପ୍ରତାପ ନାୟକ, ବାବନ ଜେନା, ଜଟ ପ୍ରଧାନ, ସତ୍ୟବାନ ପ୍ରଧାନ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସେହିପରି ପୁରୀ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସଭାପତି ଗୁଣଧର ଦାସମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ୧୯୮୨ରୁ ୧୯୮୬ ମସିହା ପର୍ଯ୍ୟନ୍ତ ଉକ୍ତ ବ୍ୟାଙ୍କର ନିର୍ଦ୍ଦେଶକ ଥିଲେ। ସେ ଏହି ସମୟରେ ବ୍ୟାଙ୍କର ଉନ୍ନତି ପାଇଁ ଚେଷ୍ଟା କରିଥିଲେ। ତାଙ୍କ ସମୟରେ ବ୍ୟାଙ୍କ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲା। ପୁରୀ ସହରର ଅନେକ ଉନ୍ନତିମୂଳକ କାର୍ଯ୍ୟ ସେ କରିଯାଇଛନ୍ତି। ତାଙ୍କ ବିୟୋଗରେ ବ୍ୟାଙ୍କ ଜଣେ ଶୁଭଚିନ୍ତକ ଓ ରାଜ୍ୟ ଜଣେ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ହରାଇଛି ବୋଲି କର୍ମଚାରୀମାନେ କହିଥିଲେ। ଏହି ଅବସରରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ପୁରୀ ଜଳ ଯୋଗାଣ ବିଭାଗ କର୍ମଚାରୀ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଜିଲା ଆବାହକ ବିମଳ କୁମାର ପାତ୍ର, ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ ମହାନ୍ତି, ସାଧାରଣ ସମ୍ପାଦକ ଅଶୋକ ମୁଦୁଲି, କନିଷ୍ଠ ଯନ୍ତ୍ରୀ ସୁଧାକାର ନାୟକ ପ୍ରମୁଖ ଶୋକ ପ୍ରକାଶ କରିଥିଲେ। ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘ ପକ୍ଷରୁ ମଧ୍ୟ ଶୋକ ପ୍ରକାଶ କରାଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଥିଲେ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୦୮।୧୧।୨୦୨୩

| ୪,୫୧, ୪୭୦ ଟଙ୍କା | |
|---|---|
| ସୁନା | ୧୦.୩୦୦ ଗ୍ରାମ୍ |
| ରୁପା | ୦.୨ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀ ମଙ୍ଗଳ ସମିତି ପକ୍ଷରୁ ଉଲ୍ଲାସର ରଙ୍ଗ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ଓଡ଼ିଶୀ ଆସର, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।
- ଇନ୍‌ଫୋସିସ୍ ଫାଉଣ୍ଡେଶନ ଏବଂ ଭାରତୀୟ ବିଦ୍ୟା ଭବନର ସାଂସ୍କୃତିକ କାର୍ଯ୍ୟକ୍ରମ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ କୃଷ୍ଣକଥା, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା ୩୦।

# ପରୀକ୍ଷା ଚାପରୁ ମୁକ୍ତି ପାଇଁ ସ୍ୱତନ୍ତ୍ର ସେଲ୍

ଭୁବନେଶ୍ୱର, ୮।୧୧(ଅସମାପିକା ସାହୁ)

ଦଶମ ପରୀକ୍ଷାରେ ଛାତ୍ରୀଛାତ୍ର କିଭଳି ଚାପମୁକ୍ତ ରହିବେ ସେ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବ୍ୟାପକ ପ୍ରସ୍ତୁତି କରିଛି। ଏଥିପାଇଁ ଏକ ସ୍ୱତନ୍ତ୍ର ସେଲ୍ ଓସେପାର ବିଦ୍ୟା ସମୀକ୍ଷା କେନ୍ଦ୍ରରେ କାର୍ଯ୍ୟ କରିବ। ବିଭିନ୍ନ ସଂଗଠନଗୁଡ଼ିକର ସହଭାଗିତାରେ ଏହାର ଆରମ୍ଭ ହେବ। ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ତରଫରୁ ଆସୁଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେମାନଙ୍କୁ ଉପଯୁକ୍ତ ପରାମର୍ଶ ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍. କହିଛନ୍ତି। ବୁଧବାର ଓସେପା ସମ୍ମିଳନୀ କକ୍ଷରେ ଆୟୋଜିତ ଏ ସଂକ୍ରାନ୍ତ ଏକ କର୍ମଶାଳାରେ ଅଧ୍ୟକ୍ଷତା କରି ସଚିବ କହିଲେ, ଶୈକ୍ଷିକ ଉନ୍ନତି ପାଇଁ ପରୀକ୍ଷା କେବଳ ଏକ ପ୍ରକ୍ରିୟା। ଏଥିପାଇଁ ଛାତ୍ରୀଛାତ୍ର ମାନସିକ ଭାବରେ ଚାପଗ୍ରସ୍ତ ହେବା ଉଚିତ ନୁହେଁ। ଏ ଦିଗରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ପିଲାଙ୍କ ଆତ୍ମବିଶ୍ୱାସକୁ ଦୃଢ଼ କରିବା ସହ ଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବା ଦରକାର। ତେଣୁ ଏ ଦିଗରେ କାର୍ଯ୍ୟ କରିବାକୁ ସଚିବ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହାଙ୍କ ସମେତ ମୋ ସ୍କୁଲ ଅଭିଯାନ, ୟୁନିସେଫ୍, ୟୁଏନ୍‌ଏଫ୍‌ପିଏର କର୍ମକର୍ତ୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ଅଧିକାରୀ ଓ ବିଭାଗୀୟ ପଦାଧିକାରୀବୃନ୍ଦ କର୍ମଶାଳାରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମନରୁ ପରୀକ୍ଷା ପ୍ରତି ଥିବା ଚିନ୍ତା ଦୂର କରିବା ପାଇଁ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଭିଭାବକମାନେ ପରୀକ୍ଷା ସମୟରେ ଛାତ୍ରୀଛାତ୍ରଙ୍କୁ ଅଧିକ ଚାପ ଦେବା ଉଚିତ ନୁହେଁ। ସେମାନଙ୍କ ସମସ୍ୟାକୁ ବୁଝି ସେମାନଙ୍କ ମନରେ ଥିବା ଚିନ୍ତାକୁ ଦୂର କରିବା ପାଇଁ ପ୍ରୟାସ କରିବା ଦରକାର। ସେହିଭଳି ବିଦ୍ୟାଳୟରେ ଶିକ୍ଷକମାନେ ନିର୍ଦ୍ଦିଷ୍ଟ ସମୟରେ ପାଠ୍ୟକ୍ରମ ସମାପ୍ତ କରି ସମସ୍ତ ଛାତ୍ରୀଛାତ୍ରଙ୍କ ପ୍ରତି ଦୃଷ୍ଟି ଦେବା ଦରକାର। ଛାତ୍ରୀଛାତ୍ର ମଧ୍ୟ ମନରେ କୌଣସି ଭୟ ନ ରଖି ନିଜ ସମସ୍ୟାକୁ ଅଭିଭାବକ କିମ୍ବା ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଖୋଲାଖୋଲି ଭାବେ ଆଲୋଚନା କରିବା ଉଚିତ। ଏହାଦ୍ୱାରା ସେମାନେ ଚାପମୁକ୍ତ ରହିପାରିବେ ବୋଲି ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଆଲୋଚନାକୁ ଭିତ୍ତିକରି ଏକ କାର୍ଯ୍ୟପନ୍ଥା ତିଆରି ହେବ। ଏହି ଅନୁସାରେ ଆସନ୍ତା ଫେବୃୟାରୀରୁ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସେଲ୍ ସକ୍ରିୟ ରହିବା ନେଇ ନିଷ୍ପତ୍ତି ନିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଦୀପାବଳି ଉପଲକ୍ଷେ ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା-୨୦୨୩'କୁ ଲୋକେ ବୁଲି ଦେଖିବା ସହ କିଣାକିଣି କରୁଛନ୍ତି। (ଫଟୋ - ବିକାଶ ନାୟକ)

# ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ, ୮।୧୧(ଅଜିତ୍ ମହାନ୍ତି)

କାର୍ତ୍ତିକ ମାସ କୃଷ୍ଣପକ୍ଷ ମଳ ଦଶମୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାବେଳେ ଏହାକୁ ଦତ୍ତମହାପାତ୍ର ସେବକମାନେ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୋଇଥିଲା। ଦତ୍ତ ମହାପାତ୍ର ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏହି ଗୁପ୍ତନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ବୁଧବାର ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ହୋଇ ମଇଲମ ପରେ ତଡପ ଲାଗି ନୀତି ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀବିଗ୍ରହମାନଙ୍କ ପହୁଡ଼ ଆଳତି କରାଯାଇଥିଲା। ସନ୍ଧ୍ୟା ୫ଟା ୫୫ ମିନିଟ୍‌ରେ ବନକଲାଗି ନୀତି ପାଇଁ ଦତ୍ତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ନୀତି ସାରି ୯ଟା ୧୫ରେ ସେମାନେ ମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହାପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି କରାଯାଇ ଅନ୍ୟାନ୍ୟ ନୀତି କରାଯାଇଥିଲା। ମହାପ୍ରଭୁଙ୍କ ନୀତି ସରିବା ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

# ଉତ୍କଳ ବିଶ୍ୱବିଦ୍ୟାଳୟ ବିକାଶ ପାଇଁ ମିଳିତ ଆଲୋଚନା ପ୍ରସ୍ତାବ

**ଭୁବନେଶ୍ୱର, ୮।୧୧(ଅସମାପିକା ସାହୁ):** ଉତ୍କଳ ବିଶ୍ୱବିଦ୍ୟାଳୟ ବିକାଶଧାରାକୁ ସହମତି ଭିତ୍ତିରେ ଆଗେଇ ନେବା ଉଦ୍ଦେଶ୍ୟରେ ଛାତ୍ର ସଂସଦର ପୂର୍ବତନ କର୍ମକର୍ତ୍ତାଙ୍କୁ ନେଇ ଏକ ଜରୁରୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡ. ଅମିୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆହୂତ ଏହି ବୈଠକରେ ବିଡିଏ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାୟୋଜିତ ବିଭିନ୍ନ ଉନ୍ନୟନ ମୂଳକ ପ୍ରସ୍ତାବର ସବିଶେଷ ଆଲୋଚନା କରାଯାଇ ଏହାର ବିଭିନ୍ନ ଦିଗ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସ୍ପଷ୍ଟୀକରଣର ଆବଶ୍ୟକତା ରହିଛି ବୋଲି ଛାତ୍ରନେତାମାନେ ମତପ୍ରକାଶ କରିଥିଲେ। ବାଣୀବିହାର ପରିସରକୁ ନୂତନ ପ୍ରବେଶ ପଥ, ଚାରିଆଡ଼େ ପ୍ରାଚୀର ନିର୍ମାଣ ସମ୍ପୂର୍ଣ୍ଣ କରିବା, ପ୍ରକଳ୍ପଗୁଡ଼ିକରେ ବାର୍ଷିକ ରକ୍ଷଣାବେକ୍ଷଣ ଖର୍ଚ୍ଚ ବିଡିଏ ବହନ କରିବା, ବିଶ୍ୱବିଦ୍ୟାଳୟ ଜମି କାହାକୁ ହସ୍ତାନ୍ତର ନ କରିବା ପାଇଁ ମତ ପ୍ରକାଶ ପାଇଥିଲା। ପୂର୍ବତନ ଛାତ୍ରନେତାଙ୍କ ଏକ ପ୍ରତିନିଧି ଦଳ ସ୍ମାର୍ଟ ସହର ପ୍ରକଳ୍ପ ଅଧିକାରୀଙ୍କ ସହ ଆଲୋଚନା କରି ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ସହମତି ଭିତ୍ତିରେ ଉନ୍ନୟନ କାର୍ଯ୍ୟକୁ ଆଗେଇ ନେବା ପାଇଁ ତୁରନ୍ତ ବିଡିଏ କର୍ତ୍ତୃପକ୍ଷ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ଆଲୁମ୍ନି, ପୂର୍ବତନ ଛାତ୍ର, ବର୍ତ୍ତମାନର ଛାତ୍ର ପ୍ରତିନିଧିଙ୍କୁ ନେଇ ଏକ ମିଳିତ ବୈଠକ ଡକାଯାଇ ବିକାଶଧାରାକୁ ଆଗେଇ ନେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ପୂର୍ବତନ ଛାତ୍ର ସଂସଦର କର୍ମକର୍ତ୍ତା ସୁଦର୍ଶନ ଦାସ, ମନୋଜ ବିଶ୍ୱାଳ, ଚିନ୍ମୟ ସାହୁ, ତନ୍ମୟ ସ୍ୱାଇଁ, ପ୍ରକାଶ ତ୍ରିପାଠୀ, ତ୍ରିଲୋଚନା ବେହେରା, ରାଜେନ୍ଦ୍ର ପଣ୍ଡା, ସଂଗ୍ରାମ ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ବ୍ରିଟିଶ ଡେପୁଟି ହାଇକମିଶନର ହେଲେ ଆଣ୍ଡ୍ରିୟୁ ଫ୍ଲେମିଙ୍ଗ୍

ଭୁବନେଶ୍ୱର, ୮।୧୧(ଅସମାପିକା ସାହୁ)



ମବ୍ରିଟେନ ସରକାର ଆଣ୍ଡ୍ରିୟୁ ଫ୍ଲେମିଙ୍ଗଙ୍କୁ ଭାରତର ପୂର୍ବ ଓ ଉତ୍ତର ପୂର୍ବ ନିମନ୍ତେ ନୂତନ ବ୍ରିଟିଶ ଡେପୁଟି ହାଇ କମିଶନର ଭାବରେ ନିଯୁକ୍ତ କରିଛନ୍ତି। ଆଣ୍ଡ୍ରିୟୁ ବୁଧବାର କୋଲକାତାରେ ପହଞ୍ଚିଛନ୍ତି। ସେ ଭାରତର ପୂର୍ବ ଓ ଉତ୍ତର ପୂର୍ବ ଭାଗ ସହିତ ବ୍ରିଟେନ୍‌ର ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ନେତୃତ୍ୱ ନେବେ। ବ୍ରିଟେନ୍‌ର କୋଲକାତାସ୍ଥିତ ଉପ ଉଚ୍ଚାୟୁକ୍ତ ଭାବରେ ଯୋଗଦେବା ପୂର୍ବରୁ ଆଣ୍ଡ୍ରିୟୁ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ପାଇଁ ବ୍ରିଟିଶ ଉପ ଉଚ୍ଚାୟୁକ୍ତ ଭାବରେ ୫ବର୍ଷ କାର୍ଯ୍ୟ କରିଥିଲେ। ଏହି ଅବସରରେ ଆଣ୍ଡ୍ରିୟୁ ଫ୍ଲେମିଙ୍ଗ୍ କହିଛନ୍ତି, 'ଭାରତର ପୂର୍ବ ଓ ଉତ୍ତର ପୂର୍ବ ନିମନ୍ତେ ବ୍ରିଟିଶ ଉପ ଉଚ୍ଚାୟୁକ୍ତ ଭୂମିକା ଗ୍ରହଣ କରିବା ନେଇ ଅତ୍ୟନ୍ତ ଉଲ୍ଲସିତ ଅଛି। ସମସ୍ତ ୧୩ଟି ରାଜ୍ୟ ସହ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ପାଇଁ ପ୍ରଯୁଜ୍ୟ ବ୍ରିଟେନ-ଭାରତ ୨୦୩୦ ରୋଡ୍‌ମ୍ୟାପ୍‌କୁ କୋଲକାତା କାର୍ଯ୍ୟାଳୟର ଆମ ଟିମ୍ ପରିଚାଳନା କରୁଥିବାବେଳେ ତାହା ସୁନିଶ୍ଚିତ କରିବାକୁ ମୁଁ ପ୍ରତିବଦ୍ଧ। ଏହି ବିବିଧତାରେ ମୁଁ ଦୃଷ୍ଟାନ୍ତମୂଳକ ସଂଯୋଗ ସ୍ଥାପନ ନିମନ୍ତେ ପ୍ରୟାସ କରିବି, ଯାହା ଆମର ସହଭାଗୀ ପ୍ରାଥମିକତା ଉପରେ ଆଧାରିତ ହେବ। ଆଣ୍ଡ୍ରିୟୁ ମୂଳତଃ ବ୍ରିଟିଶ ସିଭିଲ୍ ସର୍ଭିସ୍‌ରେ ୧୯୮୬ରେ ଯୋଗ ଦେବା ପରଠାରୁ ବ୍ରିଟେନ ଓ ବିଦେଶରେ ବହୁବିଧ ଭୂମିକାରେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ସେ ଉଗାଣ୍ଡା, ଘାନା ଏବଂ ନାଇଜେରିଆରେ ଅବସ୍ଥାପିତ ହୋଇଥିଲେ।

**ବାହାନଗା ରେଳ ଦୁର୍ଘଟଣା**

# ଆଜି ଏସ୍‌ସିବିରୁ ଫେରିବେ ଶେଷ ଆହତ ବଜରଙ୍ଗୀ

କଟକ,୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ବାହାନଗା ରେଳ ଦୁର୍ଘଟଣାରେ ଆହତ ହୋଇ ପାଞ୍ଚ ମାସ ଏସ୍‌ସିବିରେ ଚିକିତ୍ସିତ ହେବା ପରେ ଗୁରୁବାର ଘରକୁ ଫେରିବେ ବିହାର କଟୋରିଆ ଥାନା ଅଞ୍ଚଳର ବଜରଙ୍ଗୀ ଠାକୁର (୨୦)। ଦୁର୍ଘଟଣାରେ ବଜରଙ୍ଗୀ ବାମଗୋଡ଼ ହରାଇଥିଲେ। ତାଙ୍କର କୃତ୍ରିମ ଗୋଡ଼ ଲଗାଯାଇଛି। ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ବାହାନଗା ରେଳ ଦୁର୍ଘଟଣାର ଶେଷ ଆହତ ହେଉଛନ୍ତି ବଜରଙ୍ଗୀ। ସେ ପ୍ଲାଷ୍ଟିକ ସର୍ଜରି ବିଭାଗରେ ଚିକିତ୍ସିତ ହେଉଥିବାବେଳେ ଏବେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଛନ୍ତି।

ସୂଚନାନୁଯାୟୀ, ଗତ ଜୁନ ୨ ତାରିଖରେ ଘଟିଥିବା ବାହାନଗା ରେଳ ଦୁର୍ଘଟଣା ସମଗ୍ର ଦେଶବାସୀଙ୍କୁ ଥରାଇ ଦେଇଥିଲା। ଯଶୋବନ୍ତପୁର-ହାଓଡ଼ା ଏକ୍ସପ୍ରେସ୍‌ରେ ବଜରଙ୍ଗୀ ଯାତ୍ରା କରୁଥିଲେ। ସେ ଜେନେରାଲ ବଗିର ଫାଟକ ନିକଟରେ ଶୋଇଥିଲେ। ଦୁର୍ଘଟଣା କେତେବେଳେ ଘଟିଲା ଜାଣିପାରିଲେ ନାହିଁ। ଚେତା ଫେରିବା ବେଳକୁ ଏସ୍‌ସିବି ମେଡିକାଲରେ ଦୁଇ ଦିନ ବିତିସାରିଥିଲା। ଦେହ ସାରା ଖଣ୍ଡିଆ ହୋଇଥିବାବେଳେ ବାମ ଗୋଡ଼ କଟା ସରିଥିଲା । ବାମଗୋଡ଼ଟି ଅତି ଗୁରୁତର ଭାବେ ଆଘାତ ପାଇଥିବା ହେତୁ ଡାକ୍ତରମାନେ ବାଧ୍ୟ ହୋଇ ଏହାକୁ କାଟି ଦେଇଥିଲେ। କୃତ୍ରିମ ଗୋଡ଼ ଲଗାଇବା ପାଇଁ ବଜରଙ୍ଗୀଙ୍କ ଜଙ୍ଘ ପାଖରୁ ମାପ ନିଆଯାଇଥିଲା। ଏସ୍‌ସିବି ମେଡିକାଲରେ ରେଳ ଦୁର୍ଘଟଣାର ପ୍ରାୟ ୨୦୮ଜଣ ଆହତ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ଚିକିତ୍ସାଧୀନ ଅବସ୍ଥାରେ ୭ଜଣ ପ୍ରାଣ ହରାଇଥିବାବେଳେ ଅନ୍ୟମାନେ ସୁସ୍ଥ ହୋଇ ଘରକୁ ଫେରିଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତପନ



@ ଦୀପକ



@ ସତ୍ୟନାରାୟଣ



@ କୃଷ୍ଣ



@ ଅଭିଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜିଠୁ ଅନ୍ତର୍ଜାତୀୟ ମିଲେଟ୍ ସମ୍ମିଳନୀ

## ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୮।୧୧(ଅସମାପିକା ସାହୁ)




ଦୁଇଦିନିଆ ମିଲେଟ୍ ସମ୍ବନ୍ଧୀୟ ଅନ୍ତର୍ଜାତୀୟ ସମ୍ମିଳନୀ ବା ପୁଷ୍ଟିଶସ୍ୟ ସମ୍ମିଳନୀ ଗୁରୁବାରଠାରୁ ଜନତା ମଇଦାନରେ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସମ୍ମିଳନୀକୁ ପୂର୍ବାହ୍ନ ସାଢ଼େ ୧୦ଟାରେ ଉଦ୍‌ଘାଟନ କରିବେ। ସେହିପରି ଉଦ୍‌ଯାପନୀ ଦିବସରେ ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଦୁଇଦିନିଆ ଅନ୍ତର୍ଜାତୀୟ ମିଲେଟ୍ ସମ୍ମିଳନୀର ବିଷୟବସ୍ତୁ ରହିଛି 'ଆଧୁନିକ ଯୁଗର ଆହ୍ୱାନ ନିମନ୍ତେ ପ୍ରାଚୀନ ଶସ୍ୟ-ମିଲେଟସ୍'। ସମ୍ମିଳନୀରେ ମିଲେଟ୍ ଚାଷ, ପ୍ରକ୍ରିୟାକରଣରେ କୃଷକଙ୍କ ସମ୍ପୃକ୍ତିରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ସମେତ ବୈଷୟିକ ଅଧିବେଶନ, ନୀତି ନିର୍ଦ୍ଧାରଣ ନିମନ୍ତେ ରାଉଣ୍ଡଟେବୁଲ୍ ବୈଠକ, ବି-ଟୁ-ବି ବୈଠକ, ଅନ୍ତର୍ଜାତୀୟ ଖାଦ୍ୟ ମେଳା, କୁଇଜ୍ ପ୍ରତିଯୋଗିତା, ରନ୍ଧନ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ସମ୍ମିଳନୀ ମିଲେଟସ୍ ଆଧାରିତ ଜନଜାତିର ଐତିହ୍ୟ ଉପରେ ପ୍ରମୁଖତା ପ୍ରଦାନ କରିବ ଏବଂ ମିଶନ ଶକ୍ତି ଅଧୀନସ୍ଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଲେଟ୍ ଉଦ୍ୟୋଗୀଙ୍କ ସଫଳତାର କାହାଣୀ ପ୍ରଦର୍ଶନ କରିବ। ମିଳିତ ଜାତିସଂଘର ବିଭିନ୍ନ ସଂସ୍ଥା ଯଥା-ଖାଦ୍ୟ ଏବଂ କୃଷି ସଂଗଠନ (ଏଫ୍‌ଏଓ), ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି), ଇଣ୍ଟରନ୍ୟାଶନାଲ ଫଣ୍ଡ ଫର୍ ଏଗ୍ରିକଲଚରାଲ୍ ଡେଭଲପ୍‌ମେଣ୍ଟ (ଆଇଏଫ୍‌ଏଡି), ଦକ୍ଷିଣ-ପୂର୍ବ ଏସିଆ ଏବଂ ମଧ୍ୟପ୍ରାଚ୍ୟ ଦେଶର କୃଷି ପରାମର୍ଶଦାତା, ଆଫ୍ରିକୀୟ ଦେଶ ଓ ୟୁରୋପୀୟ ଦେଶର କୃଷି ପରାମର୍ଶଦାତା, ଭାରତରେ ଅବସ୍ଥାପିତ ବିଭିନ୍ନ ଦେଶର ଦୂତାବାସ କର୍ମକର୍ତ୍ତା, ବିଭିନ୍ନ ରାଜ୍ୟର କୃଷି ସଚିବଙ୍କ ସମେତ ବହୁ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗଦେବେ। ଉକ୍ତ ସମ୍ମିଳନୀରେ ପ୍ରାୟ ୩୦୦ ବିଦେଶୀ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀର ସମସ୍ତ ଅଧିବେଶନରେ ଏକ କିମ୍ବା ଏକାଧିକ ମହିଳା ବକ୍ତାଙ୍କୁ ସାମିଲ କରାଯିବାକୁ ସୁନିଶ୍ଚିତ କରିବା ନିମନ୍ତେ ପଦକ୍ଷେପ ନିଆଯାଇଛି।

ମାଣ୍ଡିଆକୁ ପ୍ରୋତ୍ସାହିତ କରିବା ଓ ଏଥିପ୍ରତି ଜନସଚେତନତା ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ଭାବେ ମାଣ୍ଡିଆ ଦିବସ ପାଳନ ସହ ଏପରି ଅନ୍ତର୍ଜାତୀୟ ସମ୍ମିଳନୀର ଆୟୋଜନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ଏଥିସହ ରାଜ୍ୟରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ୨୦୨୩-୨୪ରୁ ୨୦୨୬-୨୭ ବର୍ଷ ପର୍ଯ୍ୟନ୍ତ ୨,୬୮୭ କୋଟି ୪୫ ଲକ୍ଷ ଟଙ୍କାର ବ୍ୟୟ ମଞ୍ଜୁର କରାଯାଇଛି।

# ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମରେ ଆଇନ ସହାୟତା ପ୍ରକୋଷ୍ଠ

ଖୋର୍ଦ୍ଧା,୮।୧୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ ପରିସରରେ ଅନ୍ତେବାସୀମାନଙ୍କ ପାଇଁ ଆଇନ ସହାୟତା ପ୍ରକୋଷ୍ଠ ଏବଂ ଗାଡ଼ି ଚାଳନା ପ୍ରଶିକ୍ଷଣ କେନ୍ଦ୍ର ଶୁଭାରମ୍ଭ ହୋଇଯାଇଛି। ଏହାକୁ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଉଦ୍‌ଘାଟନ କରିଛନ୍ତି। ଏହି ଆଇନସେବା ସହାୟତା ପ୍ରକୋଷ୍ଠ ମାଧ୍ୟମରେ ଅନ୍ତେବାସୀମାନେ ବିନା ମୂଲ୍ୟରେ ଆଇନଗତ ସେବା, ସାହାଯ୍ୟ ଓ ପରାମର୍ଶ ପାଇପାରିବେ। ସେମାନଙ୍କୁ ସହାୟତା କରିବା ପାଇଁ ଆଇନଜୀବୀ ଓ ଆଇନ ସହାୟତା କର୍ମୀଙ୍କୁ ପ୍ରାଧିକରଣ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକ ଏବଂ ଜିଲା ଆଇନସେବା ପ୍ରାଧିକରଣ, ଖୋର୍ଦ୍ଧା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିସହ ଅନ୍ତେବାସୀଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଏକ ମାଗଣା ଗାଡ଼ିଚାଳନା ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ ଉଦ୍‌ଘାଟିତ ହୋଇଛି। ବନ୍ଦୀ ଜୀବନ ଅତିବାହିତ ପରେ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହ ଏକ ସମ୍ମାନଜନକ ଜୀବନଯାପନ ପାଇଁ ଅନ୍ତେବାସୀଙ୍କ ନିମନ୍ତେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ପ୍ରତାପ କୁମାର ପାତ୍ର, ଆଇନ ବିଭାଗ ସଚିବ ମାନସ ରଞ୍ଜନ ବାରିକ, କାରା ମହାନିର୍ଦ୍ଦେଶକ ଅମିତ ମୋହନ ପ୍ରସାଦ, ଅତିରିକ୍ତ କାରା ମହାନିର୍ଦ୍ଦେଶକ ଅମିତାଭ ଠାକୁର, କାରା ମଙ୍ଗଳ ଅଧିକାରୀ ଗରିବ ସାହୁ, ସୁପରିଣ୍ଟେଣ୍ଡେଣ୍ଟ ସଂଗ୍ରାମ କେଶରୀ ମହାନ୍ତି, ସ୍ଥାନୀୟ ଜେଲର ସମୀର ରଞ୍ଜନ ସାହୁ, ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ସୁଦୀପ୍ତ ଆଚାର୍ଯ୍ୟ, ସହସଚିବ ସୃଜନ ସାରସ୍ୱତ, ସଚିବ ସୌଦାମିନି ସିଂ, ପ୍ରୋଟୋକଲ ଅଫିସର ସୂର୍ଯ୍ୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଆଇନ ସହାୟତା ପ୍ରକୋଷ୍ଠ ଓ ଗାଡି ଚାଳନା ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ ଅବସରରେ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ବିଲରୁ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ

ନିଶ୍ଚିନ୍ତକୋଇଲି, ୮।୧୧
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା କଟିକଟା ପଞ୍ଚାୟତ ପଶ୍ଚିମଖଣ୍ଡଭୋଳ ଗାଁର ଏକ ବିଲ ମଝିରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ବୁଧବାର ପୋଲିସ ଜବତ କରିଛି। ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ବିଲକୁ ଘାସ କାଟିବାକୁ ଯାଇଥିଲେ। ଏହି ସମୟରେ ଗହୀର ବିଲରେ ଫୁଲ ପ୍ୟାଣ୍ଟ ଓ ସାର୍ଟ ପିନ୍ଧିଥିବା ଜଣେ ବ୍ୟକ୍ତି ମରି ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ଏହା ପ୍ରଚାରିତ ହେବାରୁ ମୃତଦେହ ଦେଖିବାକୁ ଲୋକଙ୍କ ଗହଳି ହୋଇଥିଲା। ଏ ସମ୍ପର୍କରେ ଲୋକେ ନିଶ୍ଚିନ୍ତକୋଇଲି ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ଜବତ କରିଥିଲା। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା ସମ୍ପୃକ୍ତ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲକୁ ପଠାଇଛି। ଅଚିହ୍ନା ବ୍ୟକ୍ତିଙ୍କର ଗହୀର ବିଲକୁ କିପରି ଆସି ମୃତ୍ୟୁ ହେଲା ତାହା ତଦନ୍ତ ସାପେକ୍ଷ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ଥାନାରେ (୧୮/୨୩) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଆଇଆଇସି ଯୁଗଳ ପ୍ରସାଦ ଦାସଙ୍କୁ ପଚାରିବାରେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।

### ଏସ୍‌ସିବିରେ ସିଟି ସ୍କାନ୍ ମେଶିନ ଅଚଳ

କଟକ,୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡ଼ିକାଲରେ ୨ ଦିନ ହେବ ସିଟି ସ୍କାନ୍ ମେଶିନ ଅଚଳ ହୋଇପଡିଛି। ଏସ୍‌ସିବି ରଞ୍ଜନରଶ୍ମୀ ବିଭାଗରେ ସରକାରୀ ଓ ଘରୋଇ ସଂସ୍ଥାର ସହ ଭାଗିତାରେ ଥିବା ସିଟିସ୍କାନ୍ ମେଶିନ ମଙ୍ଗଳବାରଠାରୁ ଅଚଳ ରହିଥିବାବେଳେ କାଜୁଆଲ୍‌ଟି ସମ୍ମୁଖରେ ପିପିପି ମୋଡ୍‌ରେ ଥିବା ସିଟି ସ୍କାନ୍ ମେଶିନ ବୁଧବାର ଖରାପ ହୋଇଯାଇଛି। ଏଥିଯୋଗୁ ୨ ଦିନରେ ୪୦୦ରୁ ଊର୍ଦ୍ଧ୍ୱ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତୁରନ୍ତ ମେଶିନ ମରାମତି ପାଇଁ ଦାବି ହୋଇଛି। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲରେ ଜେନେରାଲ୍ ମେଡିସିନ, ସର୍ଜରୀ ବିଭାଗ, ଆଉଟ୍‌ଡୋର, ଟ୍ରମାକାଜୁଆଲ୍‌ଟି, ନନ୍ ଟ୍ରମା କାଜୁଆଲ୍‌ଟି ସମେତ ବିଭିନ୍ନ ୱାର୍ଡରେ ଥିବା ୨୦୦ରୁ ଊର୍ଦ୍ଧ୍ୱ ରୋଗୀ ସିଟି ସ୍କାନ କରିଥାନ୍ତି। ଗତ ୩ ମାସ ମଧ୍ୟରେ ୪ରୁ ଊର୍ଦ୍ଧ୍ୱ ଥର ସିଟି ସ୍କାନ ମେଶିନ ଅଚଳ ହେଲାଣି। ଏଥିଯୋଗୁ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ସମସ୍ୟା ଦେଖାଦେଉଛି। ବୁଧବାର ମେଶିନ ଖରାପ ଯୋଗୁ ୨୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ନିରାଶ ହୋଇ ଫେରିବାକୁ ପଡିଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ମେଶିନ ଖରାପ ହେଉଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି, ମେଶିନ ମରାମତି ପାଇଁ ଟେକ୍ନିକାଲ ଟିମ୍ ଆସିଛନ୍ତି। ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରାଯିବ।

# ବିଶ୍ୱ ଦୃଷ୍ଟି ଆକର୍ଷଣ କଲା ଭୁବନେଶ୍ୱରର ବିକାଶ, ମୋ ବସ୍

ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)

## ସ୍ମାର୍ଟ ସିଟି ଏକ୍ସପୋ ୱାର୍ଲ୍ଡ କଂଗ୍ରେସ


ସମ୍ମିଳନୀରେ ଯୋଗଦେଇଥିବା (ବାମରୁ) ଅରୁଣ କୁମାର ବୋଥ୍ରା ଓ ବିଜୟ ଅମୃତା କୁଲାଙ୍ଗେ।

ସ୍ପେନ୍‌ର ବାର୍ସେଲୋନାଠାରେ ଗତ ୭ ତାରିଖରୁ ଅନ୍ତର୍ଜାତୀୟ ସମ୍ମିଳନୀ 'ସ୍ମାର୍ଟ ସିଟି ଏକ୍ସପୋ ୱାର୍ଲ୍ଡ କଂଗ୍ରେସ' ଆରମ୍ଭ ହୋଇଛି। ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ୧୪୦ ଦେଶର ୧୦୦୦ରୁ ଅଧିକ ପ୍ରକଳ୍ପ ଉପସ୍ଥାପକ, ୨୫ ହଜାର ପ୍ରତିନିଧି ଏବଂ ୮୦୦ରୁ ଅଧିକ ସହରର ପ୍ରତିନିଧି ଯୋଗଦେଇଛନ୍ତି। ସ୍ମାର୍ଟ ସହର ସମସ୍ୟା ସମାଧାନ ସଂପର୍କିତ ଆଲୋଚନା ମଧ୍ୟରେ ଏହା ବିଶ୍ୱର ଏକ ବୃହତ୍ ସମ୍ମିଳନୀ।

ଏଥିରେ ବିଏମ୍‌ସି କମିଶନର ତଥା ଭୁବନେଶ୍ୱର ସ୍ମାର୍ଟସିଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ବିଜୟ ଅମୃତା କୁଲାଙ୍ଗେ ଓ କୁଟର ପରିଚାଳନା ନିର୍ଦ୍ଦେଶକ ଅରୁଣ କୁମାର ବୋଥ୍ରା ଯୋଗଦେଇଛନ୍ତି। ରୂପାନ୍ତରିତ ସହରୀ ପରିବହନ ବ୍ୟବସ୍ଥା ଓ ଦୀର୍ଘ ମିଆଦୀ ବିକାଶ ବାବଦରେ କମିଶନର କୁଲାଙ୍ଗେ ସମ୍ବୋଧିତ କରିଛନ୍ତି। ସେହିଭଳି ବୋଥ୍ରା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଡିଜିଟାଲ ଇଣ୍ଡିଆ ଏବଂ ସ୍ମାର୍ଟ ସିଟି ମିଶନ ସହିତ ସମାଜର ସଶକ୍ତୀକରଣରେ ପରିବହନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଉପସ୍ଥାପନା କରିଛନ୍ତି। ସାଧାରଣ ପରିବହନ ବ୍ୟବସ୍ଥାକୁ ଅଧିକ ଦୃଢ଼ ଓ ସୁଗମ କରି ଏଥିରେ ସ୍ୱଚ୍ଛତା ରକ୍ଷା କରିବା, ଅନୁଶାସନ ତଥା ସମୟସୀମା ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡିଶା, ବିଶେଷ କରି ଭୁବନେଶ୍ୱରରେ ଘରୋଇ କାର୍ ଏବଂ ମୋଟର ଯାନଗୁଡିକର ଉପଯୋଗିତା ଅପେକ୍ଷାକୃତ କମ୍ ରହିଆସିଛି ବୋଲି ଦର୍ଶାଇଛନ୍ତି। ଲୋକମାନେ ସାଧାରଣ ପରିବହନ ବ୍ୟବସ୍ଥା ଉପରେ ଅଧିକ ନିର୍ଭର କରିଥାନ୍ତି। ଏହାର ଗୁଣବତ୍ତା ଏବଂ ଉପଲବ୍ଧତା ବୃଦ୍ଧି କରି ନିୟମ ପାଳନ କରିବା ସହିତ ସ୍ୱଚ୍ଛତା ରକ୍ଷା କରିବା କୁଟ୍‌ର ଲକ୍ଷ୍ୟ ବୋଲି କହିଛନ୍ତି। ଏହା ସହିତ ସାଧାରଣ ପରିବହନ ବ୍ୟବସ୍ଥାରେ ଅନୁଶାସନକୁ ସୁନିଶ୍ଚିତ କରିବା। ଏହି ପରିପ୍ରେକ୍ଷୀରେ ଉପଭୋକ୍ତା ଅନୁକୂଳ ସୂଚନା ତଥା ଦୈନନ୍ଦିନ ଆବଶ୍ୟକତା ପାଇଁ ବିଭିନ୍ନ ପ୍ରକାର ଆପ୍ଲିକେଶନ ପ୍ରସ୍ତୁତ କରାଯାଇ ନାଗରିକଙ୍କ କାର୍ଯ୍ୟକୁ ସୁଗମ କରାଯାଉଛି। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ ଦ୍ୱାରା ପ୍ରସ୍ତୁତ ହୋଇଥିବା 'ମୋ ବସ୍' ଆପ୍ଲିକେଶନ ନାଗରିକଙ୍କ ପାଇଁ ଖୁବ୍ ଉପାଦେୟ ହୋଇପାରିଛି। ଏହାଦ୍ୱାରା ମୋ ବସ୍‌ର ଚାହିଦା ଦିନକୁ ଦିନ ବଢିବାରେ ଲାଗିଛି। ତେବେ ଏହି ଆପ୍ଲିକେଶନଗୁଡ଼ିକର ପରିଚାଳନା ଓ ଉପଯୋଗ ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର (ଆଇସିଓଏମ୍‌ସି) ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସେ କହିଛନ୍ତି। ତେବେ ସମ୍ମିନୀରେ ଭୁବନେଶ୍ୱରର ବିକାଶ ଓ ସହରୀ ପରିବହନ ବ୍ୟବସ୍ଥାରେ 'ମୋ ବସ' ବିଶ୍ୱ ଦୃଷ୍ଟି ଆକର୍ଷଣ କରିଥିଲା।

# କିଡ୍‌ନୀ ପ୍ରତିରୋପଣରେ ପବିତ୍ରଙ୍କୁ ଅର୍ଥ ବାଧକ

ନିଶ୍ଚିନ୍ତକୋଇଲି,୮।୧୧
(ଅଶୋକ କୁମାର ମହାପାତ୍ର)



ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ପଞ୍ଚାୟତ ହରିରାଜପୁର ଗାଁରେ ମାଧବ ଦଳାଇଙ୍କ ପୁଅ ପବିତ୍ର(୩୫) ରଙ୍ଗମିସ୍ତ୍ରି ଭାବେ ବାହାର ରାଜ୍ୟରେ ଯାଇ କାମ କରୁଥିଲେ। ୨ ମାସ ତଳେ ଗାଁକୁ ଆସିଥିବା ବେଳେ ତାଙ୍କ ଗୋଡ ଦେହ ଫୁଲିବାକୁ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲକୁ ନେବାରେ ତାଙ୍କର ୨ଟି କିଡ୍‌ନୀ ନଷ୍ଟ ହୋଇଯାଇଥିବା ଜଣାପଡିଥିଲା। ପରିବାର ଲୋକେ ଧାନ ଚାଉଳ, ଆସବାବପତ୍ର ବିକ୍ରି କରିବା ସହ ବନ୍ଧୁବାନ୍ଧବଙ୍କଠାରୁ ପ୍ରାୟ ୫ ଲକ୍ଷ ଟଙ୍କା ଆଣି ଚିକିତ୍ସାରେ ଖର୍ଚ୍ଚ କରି ସାରିଲେଣି। ତାଙ୍କର କିଡ୍‌ନୀ ପ୍ରତିରୋପଣ ଲାଗି ଡାକ୍ତର ପରାମର୍ଶ ଦେଇଛନ୍ତି। ତାଙ୍କ ସ୍ତ୍ରୀ ସସ୍ମିତା ଗୋଟିଏ କିଡ୍‌ନୀ ଦେବାକୁ ରାଜି ହୋଇଛନ୍ତି। ହେଲେ କିଡ୍‌ନୀ ପ୍ରତିରୋପଣ କରିବାରେ ୫ରୁ ୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏତେ ଟଙ୍କା କେଉଁଠୁ ଆଣି ପବିତ୍ରଙ୍କ ଚିକିତ୍ସା କରାଇବେ ଏହି ଚିନ୍ତାରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ପବିତ୍ର ପରିବାର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲେ। ସେ ଅସୁସ୍ଥ ହୋଇଯିବା ପରେ ଚଳିବା ବହୁ କଷ୍ଟ ହେଉଛି। ଘରେ ତାଙ୍କର ମା' ବାପା, ସ୍ତ୍ରୀ ସସ୍ମିତା ଓ ୭ବର୍ଷର ଝିଅ ପ୍ରତୀକ୍ଷା ରହିଛନ୍ତି। ଏପରିସ୍ଥଳେ ତାଙ୍କ ଝିଅଙ୍କ ପାଠ ପଢାରେ ଡୋରି ବନ୍ଧା ହୋଇଛି। ତାଙ୍କୁ କୌଣସି ସରକାରୀ ସହାୟତା ମିଳିନାହିଁ ବୋଲି ପରିବାର ପକ୍ଷରୁ କୁହାଯାଇଛି। ସରକାରୀ ଓ ବେସରକାରୀ ଭାବେ ତାଙ୍କ ଚିକିତ୍ସା ଲାଗି ସହାୟତା ଯୋଗାଇଦେବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି। ଏହି ଅସହାୟ ଦଳିତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ମଧ୍ୟ ପୂର୍ବତନ ସରପଞ୍ଚ ବସନ୍ତ କୁମାର ବେହେରା ଦାବି କରିଛନ୍ତି।


ପ୍ରଦ୍ୟୁମ୍ନ ବଳଙ୍କ ୯୧ତମ ଜୟନ୍ତୀ ସମାରୋହରେ ଅତିଥିମାନେ କ୍ରିଷ୍ଣା ସିଂଙ୍କୁ 'ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ' ପ୍ରଦାନ କରୁଛନ୍ତି।

# କ୍ରିଷ୍ଣା ସିଂଙ୍କୁ ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ

ଭୁବନେଶ୍ୱର,୮।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

## ପ୍ରଦ୍ୟୁମ୍ନ ବଳଙ୍କ ୯୧ତମ ଜୟନ୍ତୀ

ପ୍ରଦ୍ୟୁମ୍ନ ବଳ ଜଣେ ଅନୁଷ୍ଠାନ ନିର୍ମାଣକାରୀ ମଣିଷ। ସାମ୍ବାଦିକତା ହେଉ ବା ରାଜନୀତି, ନିଜ ଆଦର୍ଶ ସହ ସେ କେବେ ସାଲିସ କରି ନ ଥିଲେ। ଆଜିର ଯୁବ ସମାଜ ପାଇଁ ସେ ଏକ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ବୁଧବାର ପ୍ରଗତିବାଦୀ କାର୍ଯ୍ୟାଳୟଠାରେ ଆୟୋଜିତ ପ୍ରଦ୍ୟୁମ୍ନ ବଳଙ୍କ ୯୧ତମ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଛନ୍ତି, ଆମର ଯୁବପିଢି ଏବେ ଗାନ୍ଧୀବାଦ ପ୍ରତି ଆକର୍ଷିତ ହେଉଛନ୍ତି। ଏହାର ସୁପ୍ରଭାବ ସମାଜ ଉପରେ ପଡୁଛି। ବଳଙ୍କ ଆଦର୍ଶରେ ଅନୁପ୍ରାଣିତ ଓ ସାମ୍ବାଦିକତା ମୂଲ୍ୟବୋଧକୁ ବଜାୟ ରଖି ପ୍ରଗତିବାଦୀ ୫୦ ବର୍ଷ ଧରି ଲୋକଙ୍କ ସେବାରେ ନିୟୋଜିତ ରହିଛି। ଏହି ଅବସରରେ ସର୍ବୋଦୟ ଭୂଦାନ କର୍ମୀ କ୍ରିଷ୍ଣା ସିଂଙ୍କୁ 'ପ୍ରଦ୍ୟୁମ୍ନ ବଳ ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ସର୍ବୋଦୟ କର୍ମୀ ବାଞ୍ଛାନିଧି ମହାନ୍ତି, ସମାଜସେବୀ ଲକ୍ଷ୍ମୀଧର ଦାଶ, ଡ. ପ୍ରଭାତ କୁମାର ଦାଶ, ସମାଜସେବୀ ଅଭିମନ୍ୟୁ ଦାସଙ୍କୁ 'ପ୍ରଦ୍ୟୁମ୍ନବଳ ସେବା ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ପ୍ରଗତିବାଦୀ ଜିଲ୍ଲା ପ୍ରତିନିଧି ପ୍ରତାପ କୁମାର ଦାସଙ୍କୁ ସାମ୍ବାଦିକତା ସମ୍ମାନ, କବାଡି ଖେଳାଳି ନମିତା ଭୋଇ, ଜି. ଲୈଲା ରେଡ୍ଡୀ, ଉମାକାନ୍ତ ଦାସ ଓ ଭୀଷ୍ମ କୁମାର ଦାସଙ୍କୁ ପ୍ରଗତିବାଦୀ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ତଥା ଦ ୱାୟାରର ସମ୍ପାଦକ ସିଦ୍ଧାର୍ଥ ବର୍ଦ୍ଧରାଜନ ଯୋଗଦେଇଥିଲେ। ସେ କହିଲେ, ଗଣତନ୍ତ୍ର ଏବେ ଭୟଭୀତ ଅବସ୍ଥାରେ ରହିଛି। କେନ୍ଦ୍ର ସରକାର ଯେଉଁ ଇଲେକ୍ଟୋରାଲ ବଣ୍ଡ୍ ନିୟମ ଆଣିଛନ୍ତି, ସେଥିରୁ ୧୦ ହଜାର କୋଟି ଟଙ୍କା ଆଦାୟ ସରିଲାଣି। ୮୦ ଭାଗ ଟଙ୍କା ସରକାରୀ ଦଳ ଭାଜପାକୁ ଯାଇଛି। ସେହି ଟଙ୍କାରେ ଗଣତନ୍ତ୍ରକୁ କିଣିବାକୁ ପ୍ରୟାସ ହେଉଛି। ବିରୋଧୀ ଦଳ ସରକାରଙ୍କ ବିରୋଧରେ ମୁହଁ ଖୋଲିଲେ ଇଡି ସିବିଆଇ ଲଗାଇ ପାଟି ଚୁପ କରାଯାଉଛି। ସାଲିସ କର ନ ଚେତ ଜେଲ ଯାଅ ବୋଲି କୁହାଯାଉଛି। ୨୦୨୪ ସାଧାରଣ ନିର୍ବାଚନ ନିରପକ୍ଷ ହେବ ନାହିଁ ବୋଲି ସେ କହିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜାତୀୟ ଗାନ୍ଧୀ ମ୍ୟୁଜିୟମର ନିର୍ଦ୍ଦେଶକ ଆଲାଗାନ ଆନ୍ନାମଲାଇ, ପ୍ରଗତିବାଦୀ ଅଧ୍ୟକ୍ଷା ଶାଶ୍ୱତୀ ବଳ, ନିର୍ଦ୍ଦେଶିକା ଡ. ମୋନାଲିସା ବଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦ୍ୟୁମ୍ନ ବଳ ରାଜ୍ୟସ୍ତରୀୟ ଜୟନ୍ତୀ କମିଟି ଅଧ୍ୟକ୍ଷା କୃଷ୍ଣା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀରାମଚରିତ ମାନସରେ ମହିରାବଣ ବଧ

ପୁରୁଣା ଭୁବନେଶ୍ୱର, ୮।୧୧ (ସୁବାସ ଚନ୍ଦ୍ର ପ୍ରଧାନ)


ମହିରାବଣ ବଧରେ ଅଭିନୟ କରିଥିବା କଳାକାର।

ରାଜଧାନୀ ଉପକଣ୍ଠ ଲକ୍ଷ୍ମୀ ନାରାୟଣପୁର ଶ୍ରୀରାମ ଆଧ୍ୟାତ୍ମିକ ଚେତନା ପରିଷଦ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ୧୪ତମ ଶ୍ରୀ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ଓ ଜ୍ଞାନ ଯଜ୍ଞର ଅୟୋଜନ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟା ତଥା ୫ମ ଦିବସରେ ଖୋର୍ଦ୍ଧା ବେଗୁନିଆ ଜାମୁକୋଳି ସାହି ପରିଛଳ ଅଞ୍ଚଳର କଳାକାରମାନଙ୍କ ଦ୍ୱାରା ମହିରାବଣ ବଦ୍ଧର ବିଷୟବସ୍ତୁକୁ ଉପସ୍ଥାପନା କରାଯାଇଥିଲା। ଅନୁଷ୍ଠାନର ଡମ୍ବରୁଧର ପଟ୍ଟନାୟକ ନିର୍ଦ୍ଦେଶନା ଦେଇଥିବାବେଳେ ଜଗନ୍ନାଥ ବରାଳ, ନବକିଶୋର ଜେନା, ଭାଗିରଥି ବରାଳ, ବ୍ରଜବନ୍ଧୁ ପରିଡ଼ା, ସିଦ୍ଧେଶ୍ୱର ଜେନା, ସତ୍ୟଜିତ୍ ମହକୁଡ଼, ପ୍ରମୋଦ କୁମାର ସାମଲ, ଫକୀର ଜେନା, ଗଜେନ୍ଦ୍ର ଜେନା ପ୍ରମୁଖ ଭଗବାନ ରାମ, ଲକ୍ଷ୍ମଣ, ମା' ସୀତା, ରାଜା ଦଶରଥ, ରାବଣ, ମହିରାବଣ ଭୂମିକାରେ ନିଜ ନିଜର ଅଭିନୟକୁ ସୁନ୍ଦରଭାବରେ ଉପସ୍ଥାପନ କରିଥିଲେ। ଏହାକୁ ଗ୍ରାମବାସୀ ବେଶ୍ ପସନ୍ଦ କରିଥିଲେ। ପଣ୍ଡିତ ସନ୍ତୋଷ କୁମାର ବାହିନୀପତି ବ୍ୟାସ ଭାବେ କାର୍ଯ୍ୟ ତୁଲାଇଛନ୍ତି। ଆଚାର୍ଯ୍ୟ ପୁରୋଧା ପଣ୍ଡିତ ରତିକାନ୍ତ ସାମନ୍ତରାୟ, ପଣ୍ଡିତ ସୁଦାମ ଚରଣ ଦାସ, ପଣ୍ଡିତ ରବିନାରାୟଣ ହେତା, ପଣ୍ଡିତ ନାରୟଣ ଦାସ, ପଣ୍ଡିତ ଗୋପାଳ ରାଜଗୁରୁ ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚନ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଆୟୋଜକ ରବିନାରାୟଣ ସାମନ୍ତରାୟଙ୍କ ସମେତ ପର୍ଣ୍ଣାଙ୍ଗ ଭୂଷଣ ପଟ୍ଟଯୋଶୀ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଫକୀର ମହାପାତ୍ର, ପ୍ରମୋଦ କୁମାର ମହାରଣା, ରବି ବେହେରା, ଗୋବିନ୍ଦ ଜେନା, ଲକ୍ଷ୍ମଣ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଏମ୍‌ସିର 'ସ୍ୱଚ୍ଛ ଦୀପାବଳି, ଶୁଭ ଦୀପାବଳି' କ୍ୟାମ୍ପେନ୍

ଭୁବନେଶ୍ୱର,୮।୧୧
(ଅନୁରାଧା ମହାରଣା)

ଆଲୋକରପର୍ବ ଦୀପାବଳିକୁ ସ୍ୱଚ୍ଛତାର ପର୍ବ ଭାବେ ପାଳନ କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ସହରବାସୀଙ୍କୁ ଆହ୍ୱାନ ଦିଆଯାଇଛି। ଏହି କ୍ରମରେ 'ସ୍ୱଚ୍ଛ ଦୀପାବଳି, ଶୁଭ ଦୀପାବଳି' କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ସହରବାସୀ ଆଞ୍ଚଳିକ ଉତ୍ପାଦ ବ୍ୟବହାର କରିବା ସହ ଏକକ ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ବିଏମସି ପକ୍ଷରୁ ଅନୁରୋଧ କରାଯାଇଛି। ମାର୍କେଟ ଆସୋସିଏଶନ୍, ବ୍ୟବସାୟିକ ପ୍ରତିଷ୍ଠାନ, ୱାର୍ଡ କମିଟି, ସ୍ୱୟଂ ସହାୟକ ଗୋଷ୍ଠୀ ସାମାଜିକ ସଂଗଠନ ତଥା ଯୁବ ସଂଗଠନଙ୍କ ସହଯୋଗରେ ଏହି ଅଭିଯାନ ଆଗକୁ ବଢ଼ିବ।

ସ୍ୱଚ୍ଛତା ରକ୍ଷା, ଆବର୍ଜନା ପୃଥକୀକରଣ, 'ରିଡ୍ୟୁସ୍, ରିୟୁଜ୍, ରିସାଇକେଲ' ବାର୍ତ୍ତାର ଅନୁପାଳନ ସହ ଆବର୍ଜନାର ପୁନଃଚକ୍ରଣକୁ ଗୁରୁତ୍ୱ ଦିଆଯାଇଛି। ପରିବେଶକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ମେୟର ସହରବାସୀଙ୍କ ସହଯୋଗ ଲୋଡ଼ିଛନ୍ତି। ସେହିପରି କମିଶନର ବିଜୟ ଅମୃତା କୁଲାଙ୍ଗେ ଏକକ ପ୍ଲାଷ୍ଟିକ୍ ବ୍ୟବହାର କରିବା ପାଇଁ ସହରବାସୀଙ୍କୁ ଅନୁରୋଧ କରିବା ସହ ଦୀପାବଳି ପୂର୍ବରୁ ଏହି ଧାରା ଆରମ୍ଭ କରି ଦୀପାବଳି ପରେ ମଧ୍ୟ ଏହି ଅଭ୍ୟାସ ବଜାୟ ରଖିବା ପାଇଁ କହିଛନ୍ତି।

# ପ୍ରଦୂଷଣମୁକ୍ତ ଦୀପାବଳିର ସନ୍ଦେଶ


କନ୍ଦଳେଇ ବିଦ୍ୟାର୍ଥୀମାନେ ଦୀପାବଳି ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି।

ପୁରୁଣା ଭୁବନେଶ୍ୱର, ୮।୧୧ (ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା ଡମ୍ପଡ଼ା ହସ୍ତୀ ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ଆଦିବାସୀ ପଲ୍ଲୀ କନ୍ଦଳେଇ ଗ୍ରାମ। ସୂଚନାଥାଉକି, କନ୍ଦଳେଇ ବିଦ୍ୟାର୍ଥୀମାନେ ଦୀପାବଳୀ ଉତ୍ସବ ପାଳନ ଲାଗି ଏକ ସ୍ୱତନ୍ତ୍ର ସନ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ବାଣଫୁଟା ଉପରେ କଟକଣା ନିର୍ଦ୍ଦେଶକୁ ବିଦ୍ୟାର୍ଥୀମାନେ ସ୍ୱାଗତ କରିବା ସହ ଦୀପଜାଳି ପ୍ରଦୂଷଣ ତଥା ବିପଦମୁକ୍ତ ଦୀପାବଳୀ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ଫ୍ଲାଗ୍ କାର୍ଡ଼ରେ ପରିବେଶ ଧର୍ମୀ ବାର୍ତ୍ତା ଲେଖି ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ 'ବୁଲସଆଇ' ପକ୍ଷରୁ ଏହି ନିଆରା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଲୋକର ପର୍ବରେ କାହାର ଜୀବନ ଅନ୍ଧକାର ନହେଉ ସେଥିପାଇଁ ସତର୍କ ହେବା ସହ ବାଣ ନ ଫୁଟାଇବାକୁ ଶପଥ ନେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ପରାମର୍ଶ ଦାତା ଚନ୍ଦ୍ରଶେଖର ପାଳ, ସନ୍ତୋଷ ଶ୍ରୀ ଜୈନ, ଶିକ୍ଷକ ଓଝା ସମ୍ମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା 'ଉତ୍ସାହ' ଆରମ୍ଭ

ଭୁବନେଶ୍ୱର, ୮।୧୧(ଅସମାପିକା ସାହୁ)


ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଓ ଅନ୍ୟ ଅତିଥିମାନେ ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି।

ମହିଳା ଶିଶୁ ବିକାଶ ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପକ୍ଷରୁ ବୁଧବାର କଳିଙ୍ଗ ଷ୍ଟାଡିୟମଠାରେ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉତ୍ସବ 'ଉତ୍ସାହ'। ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତା ଦ୍ୱାରା ଶିଶୁଙ୍କ ନେତୃତ୍ୱ, ଦଳଗତ କାର୍ଯ୍ୟ, ଅନୁଶାସନ, ନ୍ୟାୟ, ସମାନତା ଗୁଣର ଉନ୍ନତି ହେବା ସହ ସାମାଜିକ ମୂଲ୍ୟବୋଧକୁ ଜାଗ୍ରତ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଉତ୍ସବରେ ପଞ୍ଚାୟତିରାଜ ବିଭାଗ ଅଧୀନ ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପୁନମ୍ ଟି ଗୁହା ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ। ଯୁବ କ୍ରୀଡ଼ାବିତ୍‌ଙ୍କ ଉତ୍ସାହ ଓ ଉଲ୍ଲେଖନୀୟ ପ୍ରଦର୍ଶନ ଅନ୍ୟମାନଙ୍କୁ ପ୍ରେରଣା ଯୋଗେଇବା ସହ ଓଡ଼ିଶାର କ୍ରୀଡ଼ା କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ପ୍ରଥମ ଦିନରେ ରାଜ୍ୟର ୨୨୮ ଶିଶୁ ଯତ୍ନ ଅନୁଷ୍ଠାନରୁ ପ୍ରାୟ ୬୦୦ ଜିଲାସ୍ତରୀୟ ବିଜେତାଙ୍କ ମଧ୍ୟରେ ଫୁଟବଲ, ଲଙ୍ଗ ଜମ୍ପ, ହାଇ ଜମ୍ପ ଏବଂ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିଶୁ ଯତ୍ନ ଅନୁଷ୍ଠାନର ଛୋଟ ଛୋଟ ପିଲାଙ୍କ ଉତ୍ସାହ ଓ ପ୍ରଦର୍ଶନ ଦେଖି ଗର୍ବିତ ବୋଲି ମହିଳା ଶିଶୁ ବିକାଶ ବିଭାଗର କମିଶନର ତଥା ସଚିବ ଶୁଭା ଶର୍ମା କହିଛନ୍ତି। ଏହି କାର୍ଯ୍ୟକ୍ରମ ଶିଶୁଙ୍କ ସ୍ୱପ୍ନକୁ ଡେଣା ଯୋଗେଇବ ବୋଲି ସେ ଆଶା ପୋଷଣ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ରେଗା ଗୀତାରାଣୀ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଶିଶୁ ସୁରକ୍ଷା ସମିତିର ପ୍ରବନ୍ଧକ ପ୍ରୀତିକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇଲେ ପୂର୍ବତନ ବିଧାୟକ

ମଙ୍ଗୁଳି-ଜଗତପୁର,୮।୧୧(ମାନସ ସାମଲ)

ଜଗତପୁର ଥାନା ଅଧୀନ ନଜରପୁର ଗ୍ରାମର ବ୍ୟବସାୟୀ ସନ୍ତୋଷ କୁମାର ଶୁକ୍ଳଙ୍କ ଚିକିତ୍ସା ପାଇଁ ଓଡ଼ିଶା ମୋ ପରିବାର ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପକ୍ଷରୁ ବୁଧବାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ୨୦୦୫ ନଭେମ୍ବର ୪ ତାରିଖ ଅପରାହ୍ନରେ ସନ୍ତୋଷ ଜଗତପୁର ଗୋଲେଇ ଛକରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ତାଙ୍କ ମେରୁଦଣ୍ଡରେ ଆଘାତ ଲାଗିଥିଲା। ଦୀର୍ଘ ୧୮ବର୍ଷ ପରେ ମେରୁଦଣ୍ଡ ସମସ୍ୟା ଜଟିଳ ହେବାରୁ ଘରୋଇ ହସ୍ପିଟାଲରେ ତାଙ୍କର ଅପରେଶନ କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରିବର୍ତ୍ତେ ବାମପଟ ଅଚଳ ହୋଇପଡିଛି। ଖବରପାଇ ଓଡ଼ିଶା ମୋ ପରିବାରର ଆବାହକ ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସ୍ଥାନୀୟ କର୍ପୋରେଟରଙ୍କ ପ୍ରତିନିଧି ନାଗେଶ୍ୱର ବେହେରା, କଟକ ଜିଲା ନଗର ବିଜେଡି ସାଧାରଣ ସମ୍ପାଦକ ତାପସ ମହାନ୍ତି, ୱାର୍ଡ ସଭାପତି ବିଜୟ ଭୂୟାଁ, ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ସନ୍ତୋଷଙ୍କ ବାସଭବନରେ ପହଞ୍ଚି ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସନ୍ତୋଷଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିବ ନାହିଁ ଓ ତାଙ୍କ ପରିବାର ସହ ଅଛି ବୋଲି ପୂର୍ବତନ ବିଧାୟକ ବିଶ୍ୱାଳ କହିଛନ୍ତି।

### ପୂଜା କମିଟି ସଭାପତିଙ୍କ ପରଲୋକ

ଚୌଦ୍ୱାର,୮।୧୧(ଆଶୁତୋଷ ଦାସ):



ଚୌଦ୍ୱାର ପୌରପାଳିକା ଅଧୀନ ୪ନଂ. ୱାର୍ଡ ମହାଜନ ସାହି ପୂଜା କମିଟି ସଭାପତି ତୋଫାନୀ ନାୟକଙ୍କ(୫୦)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଚୌଦ୍ୱାର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଭାଜପା ନେତା ଜ୍ଞାନେନ୍ଦ୍ର ସ୍ୱାଇଁ, ସାମାଜିକକର୍ମୀ ପ୍ରଦୀପ ବେହେରା, ସୋରେନ୍ ବେହେରା, ଅଜିନୀ ବେହେରା, ଅଜୟ ବେହେରା, ବିମଳ କୁମାର ବେଉରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମହାଜନସାହିସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଚାଟେଶ୍ୱର ଶ୍ମଶାନରେ ସତ୍କାର କରାଯାଇଥିଲା। ଭଣଜା ବିନୋଦ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ତୋଫାନୀ ଚୌଦ୍ୱାର ରାମଲୀଳା ସମିତିର ସମ୍ପାଦକ, ଚୌଦ୍ୱାର ସାଇମନ୍ଦିର ପ୍ରତିଷ୍ଠାତା ସଭାପତି, ମହାଜନ ସାହି ପୂଜା କମିଟି ସଭାପତି ଓ ଦଶହରା ପୂଜା କମିଟିର ସଦସ୍ୟ ଥିଲେ। ଏଥିସହ ସେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ରହି ଲୋକମାନଙ୍କ ପ୍ରିୟପାତ୍ର ହୋଇପାରିଥିଲେ।

# କୃଷି ଯନ୍ତ୍ରପାତି ବ୍ୟବହାରକଲେ ଚାଷୀ ସ୍ୱାବଲମ୍ବୀ ହେବେ



କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ।



ମେଳାରେ ପ୍ରଦର୍ଶିତ କରାଯାଉଥିବା ପାୱାର ଟିଲର, ଧାନ ଅମଳ ମେଶିନ।

ବାଙ୍କୀ,୮।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସତ୍ୟରଞ୍ଜନ ସାହୁ)

**ବାଙ୍କୀରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା**

ବାଙ୍କୀ କଚେରି ପଡିଆଠାରେ ୩ ଧରି ଚାଲିବାକୁ ଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାରେ ଚାଷୀମାନଙ୍କ ପାଇଁ ଉନ୍ନତଧରଣର ବିଭିନ୍ନ କୃଷି ଯନ୍ତ୍ରପାତି ରିହାତି ଦରରେ ମିଳୁଛି। ଏସ୍ଏଚ୍‌ଜି ମହିଳାଙ୍କ ପାଇଁ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା କରାଯାଇଛି। ସମସ୍ତ ଚାଷୀମାନେ ଏହି ମେଳାର ସୁଯୋଗ ନେଇ ଉନ୍ନତଧରଣର କୃଷି ଯନ୍ତ୍ରପାତି କ୍ରୟ କରିବାକୁ ଚାଷୀମାନଙ୍କୁ ସେ ଅନୁରୋଧ କରିଥିଲେ। ଶତକଡା ୬୦ଭାଗ ରିହାତିରେ ଚାଷୀମାନେ ଏଠାରୁ ସମସ୍ତ ଯନ୍ତ୍ରପାତି କିଣିବା ସହ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୭୦ ଭାଗ ରିହାତିର ବ୍ୟବସ୍ଥା କରାଯାଉଥିବାରୁ ଚାଷୀମାନେ ଉପକୃତ ହୋଇପାରିବେ। ପାର୍ବତୀଗିରି ଜଳସେଚନ ମାଧ୍ୟମରେ ୭୦ ଭାଗ ଜମି ଏଠାରେ ଜଳସେଚିତ ହୋଇପାରିବ। ତେଣୁ ଚାଷୀମାନେ ଏହି ମେଳାରୁ ଉନ୍ନତଧରଣର ଚାଷ ଉପଯୋଗୀ ଯନ୍ତ୍ରପାତି କ୍ରୟ କରିବାକୁ କହିଥିଲେ। ବାଙ୍କୀ ଆଜି ଓଡ଼ିଶାରେ କୃଷି ପାଇଁ ପ୍ରସିଦ୍ଧ ତେଣୁ କୃଷି ମେଳାର ସଫଳ ସମନ୍ତେ ନେବାକୁ ବିଧାୟକ ତ୍ରିପାଠୀ ଆହ୍ୱାନ ଦେଇଥିଲେ। କଟକ ଜିଲା ମୁଖ୍ୟ କୃଷି ଅଧିକାରୀ ସୁଦାମ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଜିଲା କୃଷି ନିର୍ବାହୀ ଯନ୍ତ୍ରୀ ଦେବବ୍ରତ ଦାସ ମହାପାତ୍ର ସଭାପତିତ୍ୱ କରି କୃଷି ଯନ୍ତ୍ରପାତି ମେଳା ଆୟୋଜନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କୃଷିରେ ଆର୍ଥିକ ମାନଦଣ୍ଡ କିପରି ବୃଦ୍ଧି ପାଉଛି ଓ ଚାଷୀ ନିଜେ ଯନ୍ତ୍ରପାତି କିଣିବା ସହିତ ଏହାକୁ ବ୍ୟବହାର କରି ସ୍ୱାବଲମ୍ବୀ ହେବାପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ଜିଲା ପରିଷଦ ସଭ୍ୟା ମିନତି ମହାପାତ୍ର ଓ ୩୮ନଂ. ଜିଲାପରିଷଦ ସଦସ୍ୟ ଆଶିଷ ସାହୁ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷକର ବିକାଶ ପାଇଁ ଏହି ମେଳାର ମୁଖ୍ୟଉଦ୍ଦେଶ୍ୟ ବୋଲି କହିଥିଲେ। ବର୍ତ୍ତମାନ ୯୦ ରୁ ୯୫ ଭାଗ ଜମି ଟ୍ରାକ୍ଟର ଦ୍ୱାରା ଚାଷ କରାଯାଉଛି। ସ୍ୱଳ୍ପ ସମୟ ଓ ଅଳ୍ପ ଖର୍ଚ୍ଚରେ ଚାଷୀମାନେ ଉପକୃତ ହେଉଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ମେଳାରେ ଟ୍ରାକ୍ଟର, ପାୱାରଟିଲର, ଧାନରୁଆ ଯନ୍ତ୍ର ସମେତ ଅନେକ ଆଧୁନିକ ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଛି। କୃଷକମାନେ କିପରି ଅଳ୍ପ ଖର୍ଚ୍ଚରେ ଅଧିକ ଲାଭ ପାଇପାରିବେ ସେଥିପ୍ରତି ସରକାର ଧ୍ୟାନ ଦେବା ସହ ମାଣ୍ଡିଆ ଚାଷକୁ ମଧ୍ୟ ଗୁରୁତ୍ୱ ଦେଇଥିବା ଅତିଥିମାନେ କହିଥିଲେ। ବାଙ୍କୀ କୃଷି ଜିଲା ଅଧିକାରୀ ବିଶ୍ୱନାଥ ଦାଶ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟାର୍ଦ୍ଧ ସମ୍ମିଳନୀରେ କୃଷି ବିଶେଷଜ୍ଞଙ୍କ ଦ୍ୱାରା ତାଲିମ୍ ପ୍ରଦାନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଣୀ ବିଜ୍ଞାନୀ ରଞ୍ଜନ କୁମାର ସାହୁ, କୃଷି ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଜେନା, ଆପିକଲ୍‌ର ଏମ୍‌କେଇୱାଇ ଶ୍ରୀତମ ପାଣିଗ୍ରାହୀ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୂଚନା ସସ୍ମିତା ଯୋଗଦେଇ ଚାଷୀମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ।

# ଏସ୍‌ସିବିରେ ସିଟି ସ୍କାନ୍ ମେଶିନ ଅଚଳ

କଟକ,୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

**୨ ଦିନରେ ୪୦୦ରୁ ଊର୍ଦ୍ଧ୍ୱ ରୋଗୀ ହନ୍ତସନ୍ତ**

କଟକ ଏସ୍‌ସିବି ମେଡ଼ିକାଲରେ ୨ ଦିନ ହେବ ସିଟି ସ୍କାନ୍ ମେଶିନ ଅଚଳ ହୋଇପଡିଛି। ଏସ୍‌ସିବି ରଞ୍ଜନରଶ୍ମୀ ବିଭାଗରେ ସରକାରୀ ଓ ଘରୋଇ ସଂସ୍ଥାର ସହ ଭାଗିତାରେ ଥିବା ସିଟିସ୍କାନ୍ ମେଶିନ ମଙ୍ଗଳବାରଠାରୁ ଅଚଳ ରହିଥିବାବେଳେ କାଜୁଆଲ୍‌ଟି ସମ୍ମୁଖରେ ପିପିପି ମୋଡ୍‌ରେ ଥିବା ସିଟି ସ୍କାନ୍ ମେଶିନ ବୁଧବାର ଖରାପ ହୋଇଯାଇଛି। ଏଥିଯୋଗୁ ୨ ଦିନରେ ୪୦୦ରୁ ଊର୍ଦ୍ଧ୍ୱ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତୁରନ୍ତ ମେଶିନ ମରାମତି ପାଇଁ ଦାବି ହୋଇଛି।

ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲରେ ଜେନେରାଲ୍ ମେଡିସିନ, ସର୍ଜରୀ ବିଭାଗ, ଆଉଟ୍‌ଡୋର, ଟ୍ରମାକାଜୁଆଲ୍‌ଟି, ନନ୍ ଟ୍ରମା କାଜୁଆଲ୍‌ଟି ସମେତ ବିଭିନ୍ନ ୱାର୍ଡରେ ଥିବା ୨୦୦ରୁ ଊର୍ଦ୍ଧ୍ୱ ରୋଗୀ ସିଟି ସ୍କାନ କରିଥାନ୍ତି। ଗତ ୩ ମାସ ମଧ୍ୟରେ ୪ରୁ ଊର୍ଦ୍ଧ୍ୱ ଥର ସିଟି ସ୍କାନ ମେଶିନ ଅଚଳ ହେଲାଣି। ଏଥିଯୋଗୁ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ସମସ୍ୟା ଦେଖାଦେଉଛି। ବୁଧବାର ମେଶିନ ଖରାପ ଯୋଗୁ ୨୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ନିରାଶ ହୋଇ ଫେରିବାକୁ ପଡିଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ମେଶିନ ଖରାପ ହେଉଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି, ମେଶିନ ମରାମତି ପାଇଁ ଟେକ୍ନିକାଲ ଟିମ୍ ଆସିଛନ୍ତି। ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରାଯିବ।

# ଆଧ୍ୟାତ୍ମିକ ଗୁରୁ ରବିଶଙ୍କରଙ୍କୁ ଭେଟିଲେ ବିଧାୟକ ମହମ୍ମଦ ମୋକିମ



ଆଧ୍ୟାତ୍ମିକ ଗୁରୁ ରବିଶଙ୍କରଙ୍କ ସହିତ ବିଧାୟକ ମହମ୍ମଦ ମୋକିମ ଆଲୋଚନା କରୁଛନ୍ତି।

କଟକ,୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସହିତ ବିଧାୟକ ମହମ୍ମଦ ମୋକିମ ବୁଧବାର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସେ ବିଶ୍ୱବିଦ୍ୟାଳୟ ପରିସର ବୁଲି ଦେଖିବା ସହିତ ଛାତ୍ରୀଛାତ୍ରଙ୍କ ପାଠପଢା ବିଷୟରେ ଆଲୋଚନା କରିଥିଲେ। ଅନ୍ୟସ୍ଥାନ ଭଳି କଟକ ସହରର ଗରିବ, ବସ୍ତି ଅଞ୍ଚଳର ପିଲାମାନଙ୍କ ପାଇଁ ଏକ ଦେୟମୁକ୍ତ ଶିକ୍ଷା ଅନୁଷ୍ଠାନ ଖୋଲିବା ପାଇଁ ସେ ରବିଶଙ୍କରଙ୍କୁ ଅନୁରୋଧ କରିଥିଲେ। ଏହା ଉପରେ କାର୍ଯ୍ୟ କରିବା ପାଇଁ ରବିଶଙ୍କର ସମ୍ମତି ପ୍ରଦାନ କରିଛନ୍ତି। ବିଶ୍ୱରେ ତାଙ୍କର ଆଧ୍ୟାତ୍ମିକ ବାଣୀ ଓ ଯୋଗ ବିଶ୍ୱବାସୀଙ୍କୁ ଏକ ଦିଗ୍‌ଦର୍ଶନ ଦେଇଛି ବୋଲି ବିଧାୟକ ମୋକିମ କହିଛନ୍ତି।

# ବାଙ୍କୀ କଲେଜରେ ଶୈକ୍ଷିକ ଦକ୍ଷତା ସମ୍ପର୍କରେ ଆଲୋଚନାଚକ୍ର





ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ବାଙ୍କୀ,୮।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ଶୈକ୍ଷିକ ଦକ୍ଷତା ସମ୍ପର୍କରେ ଆଲୋଚନାଚକ୍ର ଦୃଶ୍ୟଶ୍ରାବ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏହା ପରିଚାଳନା କମିଟିର ସଦସ୍ୟ, ଶିକ୍ଷକ ଓ କର୍ମଚାରୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଉଚ୍ଚଶିକ୍ଷା ପରିଷଦର ସଦସ୍ୟ ପ୍ରଫେସର ଅତନୁ କୁମାର ପତି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଯୁଗଳ କିଶୋର ମିଶ୍ର ଓ ଉଚ୍ଚଶିକ୍ଷା ପରିଷଦର ସଦସ୍ୟ ତୁଷାରକାନ୍ତି ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇ କଲେଜର ଶୈକ୍ଷିକ ବାତାବରଣ ଓ ଉନ୍ନତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିରେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଦସ୍ୟ ସମରେନ୍ଦ୍ର ମହାପାତ୍ର, ସୌମେନ୍ଦ୍ର ମିଶ୍ର, ଭାଗୀରଥି ବିଶ୍ୱାଳ, ସନାତନ ବେହେରା ଓ ସନ୍ତୋଷ କୁମାର ରଣା ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଆଇକ୍ୟୁଏସିର ସଂଯୋଜକ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି ଓ ଡ. ଶୈଳେନ୍ଦ୍ର ନାରାୟଣ ଦେଓ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଶେଷରେ ଯୁକ୍ତ ୨ ଅଧ୍ୟକ୍ଷ ରାଜକିଶୋର ପାଲ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉଚ୍ଚଶିକ୍ଷା ପରିଷଦର ସଦସ୍ୟମାନେ ସମସ୍ତ ବିଭାଗ, ବିଜ୍ଞାନଗାର, ପାଠାଗାର, ପରୀକ୍ଷା ପରିଚାଳନା ଗୃହ, ଛାତ୍ରୀନିବାସ, ଏଲ୍.ଏନ୍.ମୋଦି ଛାତ୍ରାବାସ, କ୍ୟାଣ୍ଟିନ ଓ ରୋଭର ରେଞ୍ଜର ସଂସ୍ଥାର କାର୍ଯ୍ୟାଳୟ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ।

### ବିଲରୁ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ

ନିଶ୍ଚିନ୍ତକୋଇଲି, ୮।୧୧(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା କଟିକଟା ପଞ୍ଚାୟତ ପଶ୍ଚିମଖଣ୍ଡଭୋଳ ଗାଁର ଏକ ବିଲ ମଝିରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ବୁଧବାର ପୋଲିସ ଜବତ କରିଛି। ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ବିଲକୁ ଘାସ କାଟିବାକୁ ଯାଇଥିଲେ। ଏହି ସମୟରେ ଗହୀର ବିଲରେ ଫୁଲ ପ୍ୟାଣ୍ଟ ଓ ସାର୍ଟ ପିନ୍ଧିଥିବା ଜଣେ ବ୍ୟକ୍ତି ମରି ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ଏହା ପ୍ରଚାରିତ ହେବାରୁ ମୃତଦେହ ଦେଖିବାକୁ ଲୋକଙ୍କ ଗହଳି ହୋଇଥିଲା। ଏ ସମ୍ପର୍କରେ ଲୋକେ ନିଶ୍ଚିନ୍ତକୋଇଲି ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ଜବତ କରିଥିଲା। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା ସମ୍ପୃକ୍ତ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲକୁ ପଠାଇଛି। ଅଚିହ୍ନା ବ୍ୟକ୍ତିଙ୍କର ଗହୀର ବିଲକୁ କିପରି ଆସି ମୃତ୍ୟୁ ହେଲା ତାହା ତଦନ୍ତ ସାପେକ୍ଷ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ଥାନାରେ (୧୮/୨୩) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଆଇଆଇସି ଯୁଗଳ ପ୍ରସାଦ ଦାସଙ୍କୁ ପଚାରିବାରେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।

### ବାଙ୍କୀରେ ଦନ୍ତାହାତୀର ଉପଦ୍ରବ

ବାଙ୍କୀ,୮।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ଭଗିପୁର ପଞ୍ଚାୟତସ୍ଥ ଗୟଳବାଙ୍କଠାରେ ଏକ ଦନ୍ତାହାତୀ ଡମପଡ଼ା-ଚନ୍ଦକା ଜଙ୍ଗଲ ପଟୁ ଆସି ଚାଷୀମାନଙ୍କର ପରିବା ପତ୍ର ନଷ୍ଟ କରିଥିଲା। ଫଳରେ ଚାଷୀମାନେ ଭୟଭୀତ ହୋଇପଡିଥିଲେ। ହାତୀଟି କଟକ-ବାଙ୍କୀ ମୁଖ୍ୟରାସ୍ତାର ଅନତି ଦୂରରେ ଥିବାରୁ ରାସ୍ତାରେ ଯାଉଥିବା ଯାନବାହନ ରାସ୍ତାର ଉଭୟପଟେ ଅଟକି



ରହିଥିଲା। ଘଟଣାସ୍ଥଳରେ ଡମପଡ଼ା ବନ ବିଭାଗ ଭଗିପୁର ବିଟ୍ ହାଉସ୍ କର୍ମଚାରୀ ଏବଂ ବାଙ୍କୀ ପୋଲିସ ପହଞ୍ଚି ହାତୀଟିକୁ ମହାନଦୀ ଦେଇ ଆଠଗଡ଼ ଶୁକାସନ ଜଙ୍ଗଲ ପଟକୁ ଛାଡିଥିଲେ। ଫଳରେ ଯାତ୍ରୀମାନେ ଯିବାଆସିବା କରି ପାରିଥିଲେ। ହାତୀ ଉପଦ୍ରବ ପାଇଁ ବର୍ତ୍ତମାନ ରାତି ହେଲେ କଟକ-ବାଙ୍କୀ ରାସ୍ତାରେ ଲୋକମାନେ ଯାତାୟାତ କରିବା ପାଇଁ ଭୟ କରୁଛନ୍ତି। ଏଥିପାଇଁ ବନ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

### କିଡ୍‌ନୀ ପ୍ରତିରୋପଣରେ ପବିତ୍ରଙ୍କ ପାଇଁ ଅର୍ଥ ବାଧକ

ନିଶ୍ଚିନ୍ତକୋଇଲି,୮।୧୧(ଅଶୋକ କୁମାର ମହାପାତ୍ର)



ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ପଞ୍ଚାୟତ ହରିରାଜପୁର ଗାଁରେ ମାଧବ ଦଳାଇଙ୍କ ପୁଅ ପବିତ୍ର(୩୫) ରଙ୍ଗମିସ୍ତ୍ରି ଭାବେ ବାହାର ରାଜ୍ୟରେ ଯାଇ କାମ କରୁଥିଲେ। ୨ ମାସ ତଳେ ଗାଁକୁ ଆସିଥିବା ବେଳେ ତାଙ୍କ ଗୋଡ ଦେହ ଫୁଲିବାକୁ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲକୁ ନେବାରେ ତାଙ୍କର ୨ଟି କିଡ୍‌ନୀ ନଷ୍ଟ ହୋଇଯାଇଥିବା ଜଣାପଡିଥିଲା। ପରିବାର ଲୋକେ ଧାନ ଚାଉଳ, ଆସବାବପତ୍ର ବିକ୍ରି କରିବା ସହ ବନ୍ଧୁବାନ୍ଧବଙ୍କଠାରୁ ପ୍ରାୟ ୫ ଲକ୍ଷ ଟଙ୍କା ଆଣି ଚିକିତ୍ସାରେ ଖର୍ଚ୍ଚ କରି ସାରିଲେଣି। ତାଙ୍କର କିଡ୍‌ନୀ ପ୍ରତିରୋପଣ ଲାଗି ଡାକ୍ତର ପରାମର୍ଶ ଦେଇଛନ୍ତି। ତାଙ୍କ ସ୍ତ୍ରୀ ସସ୍ମିତା ଗୋଟିଏ କିଡ୍‌ନୀ ଦେବାକୁ ରାଜି ହୋଇଛନ୍ତି। ହେଲେ କିଡ୍‌ନୀ ପ୍ରତିରୋପଣ କରିବାରେ ୫ରୁ ୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏତେ ଟଙ୍କା କେଉଁଠୁ ଆଣି ପବିତ୍ରଙ୍କ ଚିକିତ୍ସା କରାଇବେ ଏହି ଚିନ୍ତାରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ପବିତ୍ର ପରିବାରର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲେ। ସେ ଅସୁସ୍ଥ ହୋଇଯିବା ପରେ ଚଳିବା ବହୁ କଷ୍ଟ ହେଉଛି। ଘରେ ତାଙ୍କର ମା' ବାପା, ସ୍ତ୍ରୀ ସସ୍ମିତା ଓ ୭ବର୍ଷର ଝିଅ ପ୍ରତୀକ୍ଷା ରହିଛନ୍ତି। ଏପରିସ୍ଥଳେ ତାଙ୍କ ଝିଅଙ୍କ ପାଠ ପଢାରେ ଡୋରି ବନ୍ଧା ହୋଇଛି। ତାଙ୍କୁ କୌଣସି ସରକାରୀ ସହାୟତା ମିଳିନାହିଁ ବୋଲି ପରିବାର ପକ୍ଷରୁ କୁହାଯାଇଛି। ସରକାରୀ ଓ ବେସରକାରୀ ଭାବେ ତାଙ୍କ ଚିକିତ୍ସା ଲାଗି ସହାୟତା ଯୋଗାଇଦେବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି। ଏହି ଅସହାୟ ଦଳିତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ମଧ୍ୟ ପୂର୍ବତନ ସରପଞ୍ଚ ବସନ୍ତ କୁମାର ବେହେରା ଦାବି କରିଛନ୍ତି।

# ରତାପାଟ ମହାଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ରତାପାଟ ଗାଁର ଲୋକମାନେ।

ବଡ଼ମ୍ବା,୮।୧୧(ମାୟାଧର ମଲ୍ଲିକ)

ବଡମ୍ବା ବ୍ଲକ ରତାପାଟ ଗାଁରେ ପ୍ରତିବର୍ଷ ଶେଷ ମାଣବସା ଗୁରୁବାରଠାରୁ ଅନୁଷ୍ଠିତ ହେଉଥିବା ମା' ମହାଲକ୍ଷ୍ମୀ ପୂଜା ମହୋତ୍ସବକୁ ଚଳିତବର୍ଷ କିପରି ଆୟୋଜନ କରାଯିବ ସେଥିପାଇଁ ଗ୍ରାମରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ରଜନୀକାନ୍ତ ବଳବନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗାଁର ମୁରବି ଶ୍ରେଣୀର ବ୍ୟକ୍ତିମାନେ ଅଂଶଗ୍ରହଣ କରି ଚଳିତବର୍ଷ ମହୋତ୍ସବ ଡିସେମ୍ବର ୨୧ରୁ ୨୮ ତାରିଖ ପର୍ଯ୍ୟନ୍ତ ପୂର୍ବ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦୋକାନ ବଜାର ସ୍ଥାପନଠାରୁ ଆରମ୍ଭ କରି ଅପେରା ପାର୍ଟି ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଯାପନ ପର୍ଯ୍ୟନ୍ତ ଏହାକୁ ଶୃଙ୍ଖଳିତ ତଥା ବ୍ୟବସ୍ଥିତ ଢଙ୍ଗରେ ପାଳନ କରିବା ଉପରେ ଗୁରୁତ୍ୱାରୋପ କରାଯିବା ପାଇଁ ବରିଷ୍ଠ ନାଗରିକମାନେ ମତବ୍ୟକ୍ତ କରିଥିଲେ। ରତାପାଟ ପଞ୍ଚାୟତ ସରପଞ୍ଚ ମାଗିରାମ ବେହେରା, ସମିତି ସଭ୍ୟ ବିଦେଶୀ ବେହେରାଙ୍କ ସମେତ ତ୍ରିଲୋଚନ ପଲେଇ, ପ୍ରଫୁଲ୍ଲ କୁମାର ବରାଳ, ଭୀମସେନ ରାଉତ, ଧନେଶ୍ୱର ରାଉତ, ଯୋଗୀନାଥ ମହାନ୍ତି, ରବୀନ୍ଦ୍ର ନାଥ ପ୍ରଧାନ, ଗଗନ ବିହାରୀ ଗଜେନ୍ଦ୍ର ସିଂହ, ସୁବାସ ଚନ୍ଦ୍ର ପଣ୍ଡା, ପ୍ରସନ୍ନ କୁମାର ପ୍ରଧାନ, ଅଶୋକ କୁମାର ଧଳ, ଅନ୍ତର୍ଯ୍ୟାମୀ ରାଉତ, ବାଇଧର ପଲେଇ, ମାଧବ ତାଡ, ରବୀନ୍ଦ୍ର ଦାସ, ସୋମନାଥ ଖୁଣ୍ଟିଆ, ସୁଶାନ୍ତ କୁମାର ନାୟକ, ମିହିର ପ୍ରଧାନ, କର୍ଣ୍ଣ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେମାନେ ମହୋତ୍ସବକୁ ବ୍ୟାପକ କରାଯିବା ସମ୍ପର୍କରେ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ।

# 'କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଦିବ୍ୟାଙ୍ଗଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରିବ'

**କୃତ୍ରିମ ସିଲିକନ ସୌନ୍ଦର୍ଯ୍ୟକରଣ ଅଙ୍ଗ ନିର୍ମାଣ କର୍ମଶାଳା**

କଣ୍ଟାପଡା, ୮।୧୧(ଡି.ଏନ୍.ଏ.)

କଟକ ଜିଲା ଓଲଟପୁରଠାରେ ଥିବା ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରରେ ଗତ ୩ଦିନ ଧରି ଚାଲିଥିବା କୃତ୍ରିମ ସିଲିକନ ସୌନ୍ଦର୍ଯ୍ୟକରଣ ଅଙ୍ଗ ନିର୍ମାଣ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏସ୍‌ଭି ନିର୍‌ତାର ଅନୁଷ୍ଠାନର ପ୍ରସ୍ଥେଟିକ ଓ ଅର୍ଥୋଟିକ ବିଭାଗ ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ଦେଶ, ବିଦେଶର ୨୨ ଜଣ ପ୍ରସ୍ଥେଟିକ ଓ ଅର୍ଥୋଟିକ ପ୍ରଯୁକ୍ତିବିତ୍ ଯୋଗଦେଇ କୃତ୍ରିମ ସିଲିକନ ସୌନ୍ଦର୍ଯ୍ୟକରଣ ଅଙ୍ଗ ନିର୍ମାଣ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ।



କର୍ମଶାଳାରେ ଯୋଗଦେଇଥିବା ପ୍ରସ୍ଥେଟିକ ଓ ଅର୍ଥୋଟିକ୍ ପ୍ରଯୁକ୍ତିବିତ୍‌ମାନେ।

ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ପଟ୍ଟନାୟକ, ପ୍ରଶାସନିକ ଉପନିର୍ଦ୍ଦେଶକ ଇଂ. ସତ୍ୟଜିତ୍ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କର୍ମଶାଳାରେ ମୁଖ୍ୟ ବିଶେଷଜ୍ଞ ଅନିଲ କୁମାର କହିଛନ୍ତି, ସିଲିକନ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଦିବ୍ୟାଙ୍ଗଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଏଥିରେ ରାଜେଶ ନନ୍ଦ, ଅଧ୍ୟାପିକା ରୋଜାଲିନ ପ୍ରଧାନ, ପ୍ରିୟଦର୍ଶିନୀ ମୋନାଲିସା ଦାଶ, ସୁଶ୍ରୀ ସଙ୍ଗୀତା ନାୟକ, ସୁପ୍ରୀତି ମହାକୁଡ, ରଶ୍ମିତା ଦାଶ, ସ୍ମୃତି ସାହୁ, ଗୌରାଙ୍ଗ ପାତ୍ର ପ୍ରମୁଖ କୃତ୍ରିମ ସିଲିକନ ପ୍ରସ୍ତୁତି ସମ୍ପର୍କରେ ଶିକ୍ଷାଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି କର୍ମଶାଳାରେ ଭାଗ ନେଇଥିବା ସମସ୍ତ ପ୍ରଯୁକ୍ତିବିତ୍‌ଙ୍କୁ ଭାରତୀୟ ପୁନର୍ବାସ ପରିଷଦର ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶ୍ରୀକାନ୍ତ ମହାରଣା କର୍ମଶାଳା ପରିଚାଳନା କରିଥିବାବେଳେ ଅଧ୍ୟାପକ ମନୋରଞ୍ଜନ ଶତପଥୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଓଡ଼ିଶା ଖୋ ଖୋ ଦଳ ରୌପ୍ୟ ଜିତିଲା

ପୁରୀ, ୮।୧୧ (ଅଜିତ୍ ମହାନ୍ତି)

ଗୋଆରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଖୋ ଖୋ ଖେଳରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ଦଳ ରୌପ୍ୟ ପଦକ ଜିତିଛନ୍ତି। ଫାଇନାଲରେ ପୁରୁଷ ଦଳ ମହାରାଷ୍ଟ୍ର ଠାରୁ ୭୨-୨୬ରେ ହାରିଥିବାବେଳେ ମହିଳା ଦଳ ମହାରାଷ୍ଟ୍ର ଠାରୁ ୪୬-୪୦ ପଏଣ୍ଟରେ ପରାସ୍ତ ହୋଇଥିଲା। ପୁରୁଷ ଦଳ କର୍ଣ୍ଣାଟକ, କେରଳ ଓ ତେଲଙ୍ଗାନାକୁ ହରାଇବା ପରେ ସେମିଫାଇନାଲରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା। ସେହିପରି ମହିଳା ଦଳ ଦିଲ୍ଲୀ, କର୍ଣ୍ଣାଟକ, ହରିୟାଣାକୁ ହରାଇ ସେମିଫାଇନାଲରେ କେରଳକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲା।

### ନୂତନ ଏସ୍‌ଡିପିଓଙ୍କ ଯୋଗଦାନ

ନିମାପଡ଼ା, ୮।୧୧ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପୋଲିସ ଉପଖଣ୍ଡରେ ନୂତନ ଏସ୍‌ଡିପିଓ ଭାବେ ପ୍ରଭାତ ମଲ୍ଲିକ ବୁଧବାର ଯୋଗଦାନ କରି ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଦେବାଶିଷ ମିଶ୍ର ଏହି ଦାୟିତ୍ୱରେ ଥିଲେ। ଏବେ ତାଙ୍କର ବରଗଡ଼ ଜିଲାକୁ ବଦଳି ହୋଇଛି। ମଲ୍ଲିକ ପୂର୍ବରୁ ନୟାଗଡ଼ ଜିଲାର ଖଣ୍ଡପଡ଼ା ଏସ୍‌ଡିପିଓ ଭାବେ ଓ ପୁରୀ ଜିଲା ପିପିଲି ଥାନା, ପୁରୀ ସମୁଦ୍ରକୂଳ ଥାନା, ବ୍ରହ୍ମଗିରି ଆଦି ଥାନାରେ ଆଇଆଇସି ଭାବେ କାର୍ଯ୍ୟଦକ୍ଷତାର ପରିଚୟ ଦେଇଥିବାବେଳେ ବହୁ ଲୋକପ୍ରିୟତା ଅର୍ଜନ କରି ପ୍ରଶଂସାର ପାତ୍ର ହୋଇଛନ୍ତି। ନିମାପଡ଼ା ପୋଲିସ ଉପଖଣ୍ଡ ଅଧୀନ ନିମାପଡ଼ା, ଗୋପ, କୋଣାର୍କ, ଚାରିଛକ, କାକଟପୁର, ଅସ୍ତରଙ୍ଗ, ରାମଚଣ୍ଡୀ, ଚନ୍ଦ୍ରଭାଗା ମେରାଇନ ଆଦି ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିରେ ଅଧିକ ସୁଧାର ଆଣିବା, ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା, ତାଙ୍କ ଅଞ୍ଚଳରେ ଅପରାଧକୁ ଦମନ କରିବା, ଅପରାଧୀଙ୍କୁ ତୁରନ୍ତ ଗିରଫ କରାଯିବା ଦିଗରେ ଏସ୍‌ଡିପିଓ ମଲ୍ଲିକ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି।

### ମହେଶ୍ୱରଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଲେ ସମ୍ବିତ

ପୁରୀ, ୮।୧୧ (ଅଜିତ୍ ମହାନ୍ତି)

ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ବୁଧବାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ବାସଭବନରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏହି ଅବସରରେ ସେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପୁରୀର ପୂର୍ବତନ ବିଧାୟକ ତଥା ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ମହାନ୍ତିଙ୍କ ଅସାମୟିକ ନିଧନ ଆମ ସମସ୍ତଙ୍କ ପାଇଁ ଅପୂରଣୀୟ କ୍ଷତି। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ନିଜ ଶ୍ରୀଚରଣରେ ସ୍ଥାନ ଦିଅନ୍ତୁ, ଏହା ହିଁ କାମନା ବୋଲି ପାତ୍ର ପ୍ରାର୍ଥନା କରିଛନ୍ତି।

# ପରିବେଶ, ପକ୍ଷୀ ସୁରକ୍ଷା ବାର୍ତ୍ତା ଦେଉଛନ୍ତି ଗୋପାଳକୃଷ୍ଣ


ଘର ଛାତ ଉପରେ ପକ୍ଷୀଙ୍କ ରହିବା ପାଇଁ ବସା ତିଆରି ହୋଇଛି।


ଚାରାରେ ପାଣି ଦେଉଛନ୍ତି ଗୋପାଳକୃଷ୍ଣ ଦାସ।

ଖୋର୍ଦ୍ଧା, ୮।୧୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶ୍ରୀରାମନଗର ହାଉସିଂବୋର୍ଡ କଲୋନିର ଗୋପାଳକୃଷ୍ଣ ଦାସ ଜଣେ ପକ୍ଷୀପ୍ରେମୀ ଓ ପରିବେଶ ସୁରକ୍ଷା ପ୍ରତି ସମର୍ପିତ ବ୍ୟକ୍ତିତ୍ୱ। ସେ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ଦେବା ସହ ପକ୍ଷୀ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଘର ଛାତ ଉପରେ ପକ୍ଷୀଙ୍କ ପାଇଁ ତିଆରି କରିଛନ୍ତି ଘର। ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ଏଠାରେ ଦେଖିବାକୁ ମିଳେ। ପକ୍ଷୀଙ୍କ କଳରବରେ ପରିବେଶ କମ୍ପୁଥାଏ। ସେହିପରି ସେ ଘର ଛାତରେ ପନିପରିବା ଫଳାଉଛନ୍ତି। ତାଙ୍କ ଘର ଏକପ୍ରକାର ମନ୍ଦିର। ଶ୍ରୀଚୈତନ୍ୟ, ରାଧା ବିନୋଦଙ୍କ ପ୍ରତିମା ପୂଜା ପାଉଥିବାବେଳେ ସକାଳଠାରୁ ରାତି ପର୍ଯ୍ୟନ୍ତ ମନ୍ତ୍ରଧ୍ୱନି, ଶଙ୍ଖନାଦ, ନାମ ସଂକୀର୍ତ୍ତନ, ପୂଜାପାଠ ଚାଲିଥାଏ। ଘରେ ଆଧ୍ୟାତ୍ମିକ ବାତାବରଣ। ଗୋପାଳଙ୍କ ସ୍ତ୍ରୀ ମଧୁସ୍ମିତା, ପୁଅ ପାର୍ଥ, ଝିଅ ପାଏଲ ପକ୍ଷୀ ଏବଂ ଗଛଲତାଙ୍କ ଯତ୍ନ ନିଅନ୍ତି। ପୁରା ପରିବାର ଏସବୁ କାମରେ ଦିନରାତି ମଜ୍ଜି ରହିଥାନ୍ତି। ଗୋପାଳ କୁହନ୍ତି, ଯୁବାବସ୍ଥାରୁ ଚାରା ଲଗାଇବା ଓ ଜୀବଜନ୍ତୁଙ୍କ ଯତ୍ନ ନେବାକୁ ତାଙ୍କୁ ଭଲ ଲାଗେ। ବୟସ ବଢ଼ିବା ସହିତ ଏହା ତାଙ୍କର ଏକ ନିଶାରେ ପରିଣତ ହୋଇଛି। ଏକାଧିକ ଫୁଲଚାରା ଲାଗିଥିବା ବେଳେ ସିମେଣ୍ଟ ଟ୍ୟାଙ୍କ, ସିମେଣ୍ଟ ପାତ୍ରରେ ପନିପରିବା ଚାଷ କରିଛନ୍ତି। ଘର ପାର୍ଶ୍ୱ ବଗିଚାରେ ବିଭିନ୍ନ ପ୍ରକାର ଶାଗ ଚାରା ଲଗାଇଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ପରିବେଶ ଓ ଜୀବଜଗତ ଉପରେ ପଡୁଛି। ଏଥିଲାଗି ସଚେତନତା ଉଦ୍ଦେଶ୍ୟରେ ତାଙ୍କର ପ୍ରୟାସ ଜାରି ରହିଛି। ଗତ ୧୦ ବର୍ଷ ହେବ ସେ ଏହି ଅଭିଯାନରେ ଲାଗିଛନ୍ତି। ଏହା ତାଙ୍କୁ ଖୁସି ଦିଏ। ଏହି କାର୍ଯ୍ୟରେ ତାଙ୍କ ପରିବାରର ସଦସ୍ୟମାନେ ସହଯୋଗ କରୁଛନ୍ତି। ସାମାଜିକ କର୍ମୀ ତପନ ସାମନ୍ତରାୟ କୁହନ୍ତି, ଗୋପାଳ ଜଣେ ନିଆରା ମଣିଷ। ତାଙ୍କର ଗଛ ଲଗାଇବା ପ୍ରତି ବିଶେଷ ଆଗ୍ରହ ରହିଛି। ପକ୍ଷୀଙ୍କ ପାଇଁ ଏକ ଛୋଟ ଘରଟିଏ ମଧ୍ୟ ନିର୍ମାଣ କରିଛନ୍ତି। ଏହା ଦେଖିଲେ ଅତ୍ୟନ୍ତ ଖୁସି ଲାଗୁଛି।

# ବିଚିତ୍ରାନନ୍ଦ ଚମ୍ପତିରାୟଙ୍କ ପ୍ରତିମୂର୍ତ୍ତି ଅନାବରଣ

ଖୋର୍ଦ୍ଧା, ୮।୧୧ (ପ୍ରଭାତ ପାଣିଗ୍ରାହୀ)

ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା କାଇପଦର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ବିଚିତ୍ରାନନ୍ଦ ଚମ୍ପତିରାୟଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି କାଇପଦରଠାରେ ବୁଧବାର ଅନାବରଣ ହୋଇଯାଇଛି। ବିଚିତ୍ରା ନନ୍ଦ ଫାଉଣ୍ଡେସନ୍ ଉପଦେଷ୍ଟା ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ଓଡ଼ିଶା କୋଠାବାଡ଼ି ନିର୍ମାଣ ସଂସ୍ଥାନର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧାର ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବିଜେଡି ମହିଳା ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର, ଟାଙ୍ଗୀ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷା ଗୀତାଞ୍ଜଳୀ ପାଟଶାଣୀ, ଓଡ଼ିଶା ପାଇକ ମହାସଂଘର ସଭାପତି ପ୍ରକାଶ ଶ୍ରୀଚନ୍ଦନ, ପୂର୍ବତନ ପ୍ରଶାସକ ଦେବରାଜ ସେନାପତି, ଡ.ସୁବାଷ ଚନ୍ଦ୍ର ନାୟକ, କଳିଙ୍ଗ ପାଇକ ସଂଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଆଇନଜୀବୀ ନରେନ୍ଦ୍ର ପୃଷ୍ଟି, ସମାଜସେବୀ ସଞ୍ଜୟ ପଟ୍ଟନାୟକ, ଖୋର୍ଦ୍ଧା ବ୍ଲକ୍‌ର ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଖୋର୍ଦ୍ଧା ଅଞ୍ଜୁମାନ ଇସ୍‌ଲାମର ସଭାପତି ରମଜାନ୍ ଖାଁ, ସୁବାଷ ପାତ୍ରଙ୍କ ସମେତ ରାଜ୍ୟର ବହୁ ଶିକ୍ଷାବିତ୍, ସାମାଜିକ କର୍ମୀ ସ୍ୱର୍ଗତ ଚମ୍ପତିରାୟଙ୍କ ଉତ୍ସର୍ଗୀକୃତ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା

## ଉଦ୍‌ଯାପନୀ ଉତ୍ସବରେ ୪୦ଲକ୍ଷ ଟଙ୍କାର ଯନ୍ତ୍ରପାତି ବିକ୍ରି


ମେଳାରେ ସାମିଲ ହୋଇଥିବା ଅତିଥିମାନେ।

ବାଲିପାଟଣା, ୮।୧୧ (ଅଭିମନ୍ୟୁ ନାୟକ)

ବାଲିପାଟଣାଠାରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ କୁମାର ପରିଡ଼ା କହିଛନ୍ତି, ଉପଖଣ୍ଡ ମେଳା ଲୋକଙ୍କ ପାଖରେ ହୋଇଥିବାରୁ ଚାଷୀମାନେ ସଚେତନ ହୋଇ ୪୦ଲକ୍ଷ ଟଙ୍କାର ଉନ୍ନତମାନର ଯନ୍ତ୍ରପାତି କିଣିଛନ୍ତି। ଜିଲା କୃଷି ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ନାୟକ କହିଛନ୍ତି, କୃଷି ସହିତ ସମ୍ପୃକ୍ତ କୃଷି, ଉଦ୍ୟାନ, ମାଛ ଚାଷ, ପଶୁପାଳନ ଓ ମିଶ୍ରିତ ଚାଷପରି ପାଞ୍ଚଟି ବିଭାଗରେ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କ ପାଇଁ ଉନ୍ନତ ଜ୍ଞାନ କୌଶଳର ପ୍ରଶିକ୍ଷଣ ଓ ରିହାତି ଓ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି। ସେହିପରି ଜିଲା କୃଷି ଅଧିକାରୀ କଲ୍ୟାଣ କୁମାର ରାୟ ମତପ୍ରକାଶ କରି କହିଛନ୍ତି, ମହାନଦୀର ଜଳ ସମୁଦ୍ରରେ ନଷ୍ଟ ନକରି ଜଳର ସଦୁପଯୋଗ ପାଇଁ ଚେକ୍‌ଡ୍ୟାମ ନିର୍ମାଣ କରାଯାଉଛି। ବିଶେଷକରି ବାଲିପାଟଣା ଓ ବାଲିଅନ୍ତା ବ୍ଲକର ଚାଷୀମାନେ ଏହାର ସୁଫଳ ପାଇବେ। କୃଷି ଅଧିକାରୀ ରଞ୍ଜିତା ଜୀ କହିଛନ୍ତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ମୁଢ଼ି ଭଜା ଯନ୍ତ୍ର, ଡାଲି ଫସଲ, ତୈଳବୀଜ ଫସଲ, ମସଲା ପେଡାଯନ୍ତ୍ର ରିହାତିରେ କିଣି ଉଦ୍ୟୋଗୀ ହୋଇ ଆର୍ଥିକ ସୁଧାର ଆଣିପାରିବେ। ବାଲିପାଟଣା ବ୍ଲକ କୃଷି ଅଧିକାରୀ ନକ୍ଷତ୍ର କୁମାର ରାଉଳ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀପ୍ରିୟା ମାଝୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଟିଏମ୍ ସୁନିତା ମହାପାତ୍ର ସଭା ପରିଚାଳନା କରିଥିଲେ। ଅଗ୍ରଣୀ ଚାଷୀ ଓ ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସ୍କୁଲ ଗେଟ୍‌ରେ ତାଲା ପକାଇଲେ ଛାତ୍ରୀଛାତ୍ର


ଧାରଣାରେ ବସିଛନ୍ତି ଛାତ୍ରୀଛାତ୍ର।

ବୋଲଗଡ଼, ୮।୧୧ (ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅଧୀନ ସିଉଳା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ଦାବିରେ ଛାତ୍ରୀଛାତ୍ରମାନେ ବୁଧବାର ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ସୂଚନାନୁଯାୟୀ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଧିକାଂଶ ଦିନ ୧୧ଟା ପରେ ବିଦ୍ୟାଳୟର ତାଲା ଖୋଲିଥାନ୍ତି। ସେହିପରି ୪ଟା ପୂର୍ବରୁ ବିଦ୍ୟାଳୟକୁ ଛୁଟି କରିବା, ପିଲାମାନଙ୍କୁ ଶିକ୍ଷକ ନିୟମିତ ଗୁଟ୍‌ଖା କିଣିବାକୁ ପଠାଇବା ଏବଂ ଅଭିଭାବକ ଓ ଗ୍ରାମବାସୀଙ୍କୁ ଜଣେ ଶିକ୍ଷୟିତ୍ରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଆଦି ଅଭିଯୋଗ ହୋଇଆସୁଥିଲା। ତେବେ ପ୍ରଧାନ ଶିକ୍ଷୟିତ୍ରୀ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଅତିଷ୍ଠ ହୋଇ ଅଭିଭାବକଙ୍କ ସହ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସି ରହିଥିଲେ। ଖବରପାଇ ବୋଲଗଡ଼ ବିଇଓ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ବିଦ୍ୟାଳୟରେ ପହଞ୍ଚି ଅଭିଭାବକଙ୍କୁ ବୁଝାଶୁଝା କରି ବିଦ୍ୟାଳୟ ତାଲା ଖୋଲିଥିଲେ। ପରେ ବିଦ୍ୟାଳୟ ପରିସରରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ତୁରନ୍ତ ଏହି ବିଶୃଙ୍ଖଳିତ ଷ୍ଟାଫ୍‌ମାନଙ୍କୁ ଅନ୍ୟତ୍ର ବଦଳି କରାନଗଲେ ପୁଣି ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ ସଂପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପଦ୍ମଚରଣ ବେହେରା ସୂଚନା ଦେଇଛନ୍ତି।

# ରାସ୍ତା ମରାମତି କାର୍ଯ୍ୟ ଅଧାପନ୍ତରିଆ

ଟାଙ୍ଗୀ (ଖୋର୍ଦ୍ଧା), ୮।୧୧ (ରଘୁନାଥ ସାହୁ)

ଟାଙ୍ଗୀ ଚାନ୍ଦପୁର ବଜାର ଦେଇ ଯାଇଥିବା ପୁରୁଣା ଜାତୀୟ ରାଜପଥ ମରାମତି କାର୍ଯ୍ୟ ଅଧାପନ୍ତରିଆ ଭାବେ ରହିବା ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କନ୍ଧନୟାଗଡ ଗ୍ରାମଠାରୁ ଟାଙ୍ଗୀ ବାଇପାସ୍ ରାସ୍ତା ସାରା ଖାଲଖମାପୂର୍ଣ୍ଣ ରହିଛି। ତେବେ ଏହି ରାସ୍ତା ଦେଇ ପ୍ରତ୍ୟେକଦିନ ଶହ ଶହ ସଂଖ୍ୟାରେ ଗାଡ଼ିମୋଟର ଯିବା ଆସିବା କରୁଥିବା ଯୋଗୁଁ ପ୍ରାୟତଃ ଏହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟିଥାଏ। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ବିଭାଗ ତରଫରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥଲା। କିନ୍ତୁ ଟାଙ୍ଗୀ ବସ୍‌ଷ୍ଟାଣ୍ଡ ଠାରୁ ଗ୍ରାମ ନ୍ୟାୟାଳୟ ପର୍ଯ୍ୟନ୍ତ ରାସ୍ତାର ମରାମତି କାର୍ଯ୍ୟ ହୋଇପାରି ନାହିଁ। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଟାଙ୍ଗୀ ବାଇପାସ୍ ପର୍ଯ୍ୟନ୍ତ ରାସ୍ତାକୁ ମରାମତି କରିବାକୁ ଲୋକେ ଦାବି କରିଛନ୍ତି।

# ଡିସେମ୍ବର ୨୫ରୁ ଶ୍ରୀକ୍ଷେତ୍ର ପୁସ୍ତକମେଳା

ପୁରୀ, ୮।୧୧ (ଅଜିତ୍ ମହାନ୍ତି)

ଆସନ୍ତା ଡିସେମ୍ବର ୨୫ରୁ ଜାନୁୟାରୀ ୪ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୧ ଦିନ ଧରି ପୁରୀ ଶରଧାବାଲିରେ ୨୮ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଆୟୋଜନ ହେବାକୁ ଯାଉଛି। ତେବେ ଚଳିତବର୍ଷ ପୁରୀ ପୌରସଂସ୍ଥାର ଦୂରଦୃଷ୍ଟି ଅଭାବ କାରଣରୁ ପ୍ରଥମ ଥର ପାଇଁ ପୁସ୍ତକ ମେଳାର ତାରିଖ ପରିବର୍ତ୍ତନ ହୋଇଛି। ଏ ନେଇ ସ୍ଥାନୀୟ ସାଲବେଗ ପୀଠରେ ବୁଧବାର ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ରଘୁନାଥ ମହାପାତ୍ର, ପୁଷ୍କର ମହାପାତ୍ର, ଅନାମ ସାହୁ, ଜଟାଧାରୀ ମିଶ୍ର, ପ୍ରସନ୍ନ ମିଶ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବୀରେନ୍ଦ୍ର ମହାନ୍ତି, ସ୍ୱାଧୀନ କୁମାର ପଣ୍ଡା, ବିପିନ୍ ଦଳାଇ, ରଘୁନାଥ ମିଶ୍ର, ସୁକାନ୍ତ ପଣ୍ଡା, ଭବାନୀ ବଳିୟାରସିଂହ ପ୍ରମୁଖ ଯୋଗଦେଇଥିଲେ। ୨୮ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ଶହେରୁ ଊର୍ଦ୍ଧ୍ୱ ଷ୍ଟଲ ଯୋଗଦେବେ ବୋଲି ସମ୍ପାଦକ ଚକ୍ରଧର ମହାପାତ୍ର ଏବଂ ମିଡିଆ ସମ୍ପାଦକ ବଦ୍ରି ମିଶ୍ର ସୂଚନା ଦେଇଛନ୍ତି। ପ୍ରାକ୍ତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ବିୟୋଗରେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଓ ପୁସ୍ତକ ମେଳାକୁ ଅକୁଣ୍ଠ ସହଯୋଗ ପାଇଁ ପୁସ୍ତକ ମେଳା କମିଟି ପକ୍ଷରୁ ପ୍ରାରମ୍ଭରେ ତାଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା।

# ଅଟୋ ଓଲଟି ମହିଳାଙ୍କ ମୃତ୍ୟୁ, ସ୍ୱାମୀ ଗୁରୁତର

ସାକ୍ଷୀଗୋପାଳ, ୮।୧୧ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ଅଧୀନ କାଦୁଆ ଛକ ନିକଟରେ ବୁଧବାର ଅପରାହ୍ନ ୪ଟାରେ ଏକ ଅଟୋ ଓଲଟି ପଡ଼ିଛି। ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ପୁରୀରେ ରହୁଥିବା ତାଙ୍କ ପୁଅ ପାଖକୁ ଏହି ଦମ୍ପତି ଆସୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଆସୁଥିବା ଏକ ଅଟୋ (ନଂ. ଓଡ଼ି ୦୨-ଏଇୟୁ ୨୦୭୯) ସତ୍ୟବାଦୀ ଥାନା ଅନ୍ତର୍ଗତ କାଦୁଆ ଛକ ନିକଟରେ ହଠାତ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ଅଟୋ ଚାଳକ ଶରତ କୁମାର ଦାସ (୬୯) ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ଦାସ (୫୮) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହିତ ସତ୍ୟବାଦୀ ପିସିଆର୍ ଭ୍ୟାନ ଅଧିକାରୀ ରାମକୃଷ୍ଣ କର ଟିମ୍ ସହ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ମଞ୍ଜୁଲତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ଅବସ୍ଥାରେ ଶରତ ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଦମ୍ପତି ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ତଣ୍ଡିକୁଳ ପଞ୍ଚାୟତ ଶଙ୍କର ସାହିର ବାସିନ୍ଦା ହୋଇଥିବାବେଳେ ଭୁବନେଶ୍ୱରରେ ରହନ୍ତି। ପୁରୀ ବଳିଆପଣ୍ଡା ଅଞ୍ଚଳରେ ରହୁଥିବା ତାଙ୍କ ପୁଅ ସଞ୍ଜୟ କୁମାର ଦାସଙ୍କ ପାଖକୁ ଦୁହେଁ ଆସୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଉକ୍ତ ଅଟୋରେ ଏକ ଫ୍ରିଜ ସମେତ କିଛି ସାମଗ୍ରୀ ଥିବା ଦେଖିବାକୁ ମିଳିଥିଲା।

# ଶ୍ରୀରାମଚରିତ ମାନସରେ ମହିରାବଣ ବଧ

ପୁରୁଣା ଭୁବନେଶ୍ୱର, ୮।୧୧ (ସୁବାସ ଚନ୍ଦ୍ର ପ୍ରଧାନ)


ମହିରାବଣ ବଧରେ ଅଭିନୟ କରିଥିବା କଳାକାର।

ରାଜଧାନୀ ଉପକଣ୍ଠ ଲକ୍ଷ୍ମୀ ନାରାୟଣପୁର ଶ୍ରୀରାମ ଆଧ୍ୟାତ୍ମିକ ଚେତନା ପରିଷଦ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ୧୪ତମ ଶ୍ରୀ ଶ୍ରୀ ରାମଚରିତ ମାନସ ନବାନ୍ନ ପାରାୟଣ ପ୍ରବଚନ ଓ ଜ୍ଞାନ ଯଜ୍ଞର ଅୟୋଜନ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟା ତଥା ୫ମ ଦିବସରେ ଖୋର୍ଦ୍ଧା ବେଗୁନିଆ ଜାମୁକୋଳି ସାହି ପରିଛଳ ଅଞ୍ଚଳର କଳାକାରମାନଙ୍କ ଦ୍ୱାରା ମହିରାବଣ ବଦ୍ଧର ବିଷୟବସ୍ତୁକୁ ଉପସ୍ଥାପନା କରାଯାଇଥିଲା। ଅନୁଷ୍ଠାନର ଉମ୍ବରୁଧର ପଟ୍ଟନାୟକ ନିର୍ଦ୍ଦେଶନା ଦେଇଥିବାବେଳେ ଜଗନ୍ନାଥ ବରାଳ, ନବକିଶୋର ଜେନା, ଭାଗିରଥି ବରାଳ, ବ୍ରଜବନ୍ଧୁ ପରିଡ଼ା, ସିଦ୍ଧେଶ୍ୱର ଜେନା, ସତ୍ୟଜିତ୍ ମହକୁଡ଼, ପ୍ରମୋଦ କୁମାର ସାମଲ, ଫକୀର ଜେନା, ଗଜେନ୍ଦ୍ର ଜେନା ପ୍ରମୁଖ ଭଗବାନ ରାମ, ଲକ୍ଷ୍ମଣ, ମା' ସୀତା, ରାଜା ଦଶରଥ, ରାବଣ, ମହିରାବଣ ଭୂମିକାରେ ନିଜ ନିଜର ଅଭିନୟକୁ ସୁନ୍ଦରଭାବରେ ଉପସ୍ଥାପନ କରିଥିଲେ। ଏହାକୁ ଗ୍ରାମବାସୀ ବେଶ୍ ପସନ୍ଦ କରିଥିଲେ। ପଣ୍ଡିତ ସନ୍ତୋଷ କୁମାର ବାହିନୀପତି ବ୍ୟାସ ଭାବେ କାର୍ଯ୍ୟ ତୁଲାଇଛନ୍ତି। ଆଚାର୍ଯ୍ୟ ପୁରୋଧା ପଣ୍ଡିତ ରତିକାନ୍ତ ସାମନ୍ତରାୟ, ପଣ୍ଡିତ ସୁଦାମ ଚରଣ ଦାସ, ପଣ୍ଡିତ ରବିନାରାୟଣ ହେତା, ପଣ୍ଡିତ ନାରୟଣ ଦାସ, ପଣ୍ଡିତ ଗୋପାଳ ରାଜଗୁରୁ ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚନ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଆୟୋଜକ ରବିନାରାୟଣ ସାମନ୍ତରାୟଙ୍କ ସମେତ ପର୍ଶ୍ୱାଙ୍ଗ ଭୂଷଣ ପଟ୍ଟଯୋଶୀ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଫକୀର ମହାପାତ୍ର, ପ୍ରମୋଦ କୁମାର ମହାରଣା, ରବି ବେହେରା, ଗୋବିନ୍ଦ ଜେନା, ଲକ୍ଷ୍ମଣ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଧାପାଦ ଦର୍ଶନ ପାଇଁ ପ୍ରଶାସନିକ ତତ୍ପରତା

ସାକ୍ଷୀଗୋପାଳ, ୮।୧୧ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ପୁରୀ ଜିଲାର ଅନ୍ୟତମ ବୈଷ୍ଣବ କ୍ଷେତ୍ର ସାକ୍ଷୀଗୋପାଳର ପ୍ରଭୁ ସାକ୍ଷୀଗୋପୀନାଥ ଏବଂ ମା' ଶ୍ରୀରାଧାଙ୍କ ପାଦ ଦର୍ଶନ ତଥା ଅଁଳାନବମୀ ଓ ବଡ଼ ଏକାଦଶୀ ଯାତ୍ରା ଚଳିତ ମାସ ୨୧ ଓ ୨୩ ତାରିଖରେ ଅନୁଷ୍ଠିତ ହେବ। ଜିଲାର ଏହି ଦ୍ୱିତୀୟ ବୃହତ୍ତମ ଗଣପର୍ବରେ ବର୍ଷକୁ ମାତ୍ର ଗୋଟିଏ ଦିନ ଓଡ଼ିଆଣୀ ବେଶରେ ଜଗଦ୍ଧାତ୍ରୀ ମା' ଶ୍ରୀରାଧାରାଣୀଙ୍କ ପାଦ ଦର୍ଶନ ନିମନ୍ତେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୃଙ୍ଖଳିତ ଦର୍ଶନ ସହିତ ଶାନ୍ତିଶୃଙ୍ଖଳାରେ ଯାତ୍ରା ପରିଚାଳନା ନିମନ୍ତେ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବୁଧବାର ସ୍ଥାନୀୟ ପଞ୍ଚସଖା ସ୍ମୃତି ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଉପଜିଲାପାଳ ଭବତାରଣ ସାହୁ ଅଧ୍ୟକ୍ଷତା କରିଥିଲେ। ସେବାୟତ ଶ୍ମଶାନ ଆଦି ଦାବି ପୂରଣ ହେଉ ନ ଥିବାରୁ ସେବାୟତ ସଂଘ କର୍ମକର୍ତ୍ତା ବୈଠକରେ


ରାଧାପାଦ ଦର୍ଶନ ପାଇଁ ଅନୁଷ୍ଠିତ ପ୍ରଥମ ସମନ୍ୱୟ ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ବସିଲା ପ୍ରଥମ ସମନ୍ୱୟ ବୈଠକ**
- ଆସିଲେନି ସେବାୟତ
- ୧୪ରେ ଚୂଡ଼ାନ୍ତ ବୈଠକ

ଯୋଗଦେଇ ନ ଥିଲେ। ଫଳରେ ପ୍ରାରମ୍ଭରେ ଦେବନୀତି ପରିଚାଳନା ସମ୍ପର୍କରେ ଆଲୋଚନା ହୋଇପାରି ନ ଥିଲା। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଏଥିରେ ହସ୍ତକ୍ଷେପ କରି ୨-୩ ଦିନ ମଧ୍ୟରେ ସମାଧାନ ନିମନ୍ତେ ଉଚ୍ଚ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ। ସେହିପରି ନିଜେ ମନ୍ଦିର ଫୁଲସଜ୍ଜା ଦାୟିତ୍ୱ ନେବା ସହ ଅଁଳାନବମୀ ସାଂସ୍କୃତିକ ସମାରୋହ ନିମନ୍ତେ ସଂସ୍କୃତି ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ସଂକୀର୍ଣ୍ଣ ମେଳାପଡ଼ିଆରେ କେବଳ ସରକାରୀ ପ୍ରଦର୍ଶନୀ ମଣ୍ଡପ ଖୋଲାଯିବାକୁ ସ୍ଥିରୀକୃତ ହୋଇଥିଲା। ସେହିଭଳି ଛାୟାପ୍ରଦ ବାରିକେଡ୍, ରାସ୍ତା ମରାମତି, ପାନୀୟଜଳ, ସ୍ୱାସ୍ଥ୍ୟ ଓ ପରିମଳ, ବିଦ୍ୟୁତ ସେବା, ସଫେଇ କାର୍ଯ୍ୟ ସାରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେବା ଶିବିର ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଖାଦ୍ୟ ଓ ପିଇବାପାଣି, ଆଇନ ଶୃଙ୍ଖଳା, ଯାନବାହନ ପାର୍କିଂ ଏବଂ ଅଗ୍ନିଶମ ବ୍ୟବସ୍ଥା ପ୍ରଭୃତି କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଦେବୋତ୍ତର ବିଭାଗ ସହକାରୀ ଆୟୁକ୍ତ ଗଗନ ସାହୁ, ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଆଇଆଇସି ବିଜୟ କେତନ ବେହେରା, ଜୟନ୍ତ କୁମାର ଜୟସିଂ, ବିଡିଓ ଲିପ୍ସା ରାୟ, ଅଗ୍ନିଶମ ଅଧିକାରୀ ମନୋଜ ପାତ୍ର, ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱଜିତ ମିଶ୍ର, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କମଳ କୁମାର ଆଚାର୍ଯ୍ୟ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଜୟପୁର ସରପଞ୍ଚ ଆରାଧନା ସାମନ୍ତରାୟ ପ୍ରଭୁ ସାକ୍ଷୀଗୋପାଳଙ୍କ ନିମନ୍ତେ ଦୈନିକ ବାସ ଚନ୍ଦନ ଯୋଗାଇଦେବେ ବୋଲି କହିଥିଲେ। ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଶୋ' ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଘରେ ସାପ ପଶିଲେ ଖୋଜା ପଡ଼ନ୍ତି ଦିବ୍ୟସିଂହ

**ଗୋପ,୮।୧୧(ଭାରତୀ ଭୂଷଣ ଉପାଧ୍ୟାୟ):** ଘରେ କୌଣସି ବିଷାକ୍ତ ସାପ ପଶିଲେ ଖୋଜାପଡ଼ନ୍ତି ଗୋପ ଥାନା ଅଧୀନ ଶାରଡା ଗ୍ରାମର ଦିବ୍ୟସିଂହ ଜେନା(୫୫)। ଦିବ୍ୟସିଂହ ଦୀର୍ଘ ୨୪ ବର୍ଷ ଧରି ସାପ ଧରୁଥିବାବେଳେ



ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ବିଷାକ୍ତ ସାପ ଧରି ଛାଡ଼ିଥିବା କହିଛନ୍ତି। ଦିବ୍ୟସିଂହ ଅତ୍ୟନ୍ତ ଗରିବ ପରିବାରର ହୋଇଥିବାରୁ ଏହି ସାପ ଧରିବା ପରେ ଯିଏ ଯାହା ଦିଅନ୍ତି, ସେଥିରେ ସେ କଷ୍ଟେ ମଷ୍ଟେ ସଂସାର ଚଳାଇ ନିଅନ୍ତି। ଆଉ ମଧ୍ୟ ସେ ମୂଳ ମଜୁରି ଲାଗି କିଛି ରୋଜଗାର କରିଥାନ୍ତି। ପ୍ରକାଶ ଯେ, ଦିନକୁ ଦିନ ଧାନ କ୍ଷେତଠାରୁ ଆରମ୍ଭ କରି ବାଡ଼ି ବଗିଚା ପର୍ଯ୍ୟନ୍ତ ସବୁଠାରେ ରାସାୟନିକ ଔଷଧ, ସାର ପଡ଼ିବା ଯୋଗୁ ସାପଠାରୁ ଆରମ୍ଭ କରି କୀଟ ପତଙ୍ଗଙ୍କ ମୃତ୍ୟୁ ହେଉଛି। ଅପରପକ୍ଷରେ ଦିନକୁ ଦିନ ଜଙ୍ଗଲ ଧ୍ୱଂସ ହେବାରୁ ବିଷାକ୍ତ ସାପ ଘରଗୁଡ଼ିକରେ ପଶୁଛନ୍ତି। ଏହି ବିଷାକ୍ତ ସାପ କାମୁଡ଼ାରେ ମଧ୍ୟ ଅନେକ ଲୋକଙ୍କ ଜୀବନ ହାନି ଘଟୁଛି। ଏପରି ବିଷାକ୍ତ ସାପ ଧରିବା ସମ୍ପର୍କରେ ଦିବ୍ୟସିଂହ କୁହନ୍ତି, ତାଙ୍କୁ ୧୨ ବୟସ ହୋଇଥିବାବେଳେ ସେ ଭୁବନେଶ୍ୱର ପଟିଆ ଅଞ୍ଚଳର କେଳା ସମ୍ପ୍ରଦାୟର ଅନାମ ଦାସଙ୍କ ଘରେ ପାଳିତ ପୁଅ ଭାବେ ରହୁଥିଲେ। ସେମାନଙ୍କ ସାପ ଧରିବା ଓ ସାପ ଖେଳାଇବା ବୃତ୍ତି ହୋଇଥିବାରୁ ସେ ମଧ୍ୟ ସେହି ସବୁ କାର୍ଯ୍ୟ ଶିଖିଥିଲେ। କିନ୍ତୁ ୧୯୯୯ ମସିହା ମହାବାତ୍ୟାରେ ଗାଁକୁ ଆସିବା ପରେ ସେବେଠାରୁ ସାପ ଧରିବା ତାଙ୍କର ନିତିଦିନିଆ କାର୍ଯ୍ୟ ହୋଇଯାଇଛି। ଯାହା ଘରେ ସାପ ପଶେ, ସେମାନେ ତାଙ୍କୁ ଡାକିବା ମାତ୍ରେ ସେ ସେଠାରେ ପହଞ୍ଚିଯାଆନ୍ତି। ସେଠାରେ ଅତ୍ୟନ୍ତ ସତର୍କତାର ସହ ସାପ ଧରିଥାନ୍ତି। ଏହି ବୃତ୍ତିକୁ ନେଇ ତାଙ୍କ ପରିବାର ଚଳାଉଥିବା ଦିବ୍ୟସିଂହ କହିଛନ୍ତି।

### ୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

**ଜଟଣୀ, ୮।୧୧(ରବୀନ୍ଦ୍ର ନାଥ ମହାକୁଡ଼):** ଖୋର୍ଦ୍ଧାରୋଡ ରେଳମଣ୍ଡଳ ରେଳ ସୁରକ୍ଷା ବଳ ଏବଂ ଜିଆରପି ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ରେଲୱେ ଷ୍ଟେସନ ପରିସରରୁ ୫୦ କିଲୋ ଓଜନର ଦୁଇଟି ଗଞ୍ଜେଇ ବ୍ୟାଗକୁ ଜବତ କରାଯିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି। ଏହି ମାମଲାରେ ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ବିହାରର ମୁଙ୍ଗେର ଜିଲାର ବିଶାଳ କୁମାର ଏବଂ ବିକାଶ କୁମାର। ଜିଆରପି ଥାନା କେସ୍ ନଂ ୧୧୭/୨୩ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁକରି ବୁଧବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଆଣି ୭ ତାରିଖ ସନ୍ଧ୍ୟାରେ ଖୋର୍ଦ୍ଧାରୋଡ଼ ରେଲୱେ ଷ୍ଟେସନରେ ପୁରୁଷୋତ୍ତମ ଏକ୍ସପ୍ରେସକୁ ଅପେକ୍ଷା କରିଥିଲେ। ତେବେ ରେଳ ସୁରକ୍ଷା ବଳ ଏବଂ ଜିଆର୍‌ପି ପକ୍ଷରୁ ଷ୍ଟେସନ ପରିସର ଯାଞ୍ଚ ଓ ଚଢ଼ାଉ ବେଳେ ଏହି ଦୁଇ ଅଭିଯୁକ୍ତ ଧରାପଡ଼ିଥିଲେ।

# ମରୁଡ଼ି ପରିସ୍ଥିତି ଆଶଙ୍କା: ଚିନ୍ତାରେ ଚାଷୀ

**ନଷ୍ଟ ହେବାକୁ ବସିଛି ଖରିଫ ଧାନ ଫସଲ**

- ପମ୍ପସେଟ୍ ଜରିଆରେ ଜଳଯୋଗାଣ କରାଯାଉ
- ପ୍ରୟାସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୮।୧୧(ଅଜିତ୍ ମହାନ୍ତି)

ଜିଲାରେ ଦେଖାଦେଇଥିବା ଉତ୍କଟ ମରୁଡି ପରିସ୍ଥିତି ସମ୍ପର୍କରେ ପ୍ରୟାସର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟାର ସମାଧାନ ନେଇ ଆଲୋଚନା କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ଜିଲାର ଅଧିକାଂଶ ଭାଗ ଚାଷଜମି ପ୍ରାୟ ୮୦ ଶତକଡ଼ା ବର୍ଷା ଜଳ ଉପରେ ନିର୍ଭରଶୀଳ। ଚଳିତବର୍ଷ ଆବଶ୍ୟକ ବର୍ଷା ନ ହେବା ଫଳରେ ଉତ୍କଟ ମରୁଡି ପରିସ୍ଥିତି ଦେଖାଦେଇଛି। ଜଳସେଚନର କୌଣସି ବ୍ୟବସ୍ଥା ନ ଥିବା ହେତୁ ଚାଷୀ କୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଜିଲାରେ ହଜାର ହଜାର ଖରିଫ ଧାନ ଫସଲ ସମ୍ପୂର୍ଣ୍ଣ କିମ୍ବା ୫୦ ଭାଗରୁ ଅଧିକ ନଷ୍ଟ ହେବାକୁ ବସିଛି। ବିକଟ ମରୁଡି ପରିସ୍ଥିତି ସମ୍ଭାଳିବାକୁ ସରକାର ତଥା ପ୍ରଶାସନ ପକ୍ଷରୁ ଆଗରୁ



ପ୍ରୟାସ ଅନୁଷ୍ଠାନ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କୌଣସି ପଦକ୍ଷେପ ନ ହେବା ଫଳରେ ପରିସ୍ଥିତି ଅତ୍ୟନ୍ତ ଭୟାବହ ହୋଇପଡ଼ିଛି। ତେଣୁ ପ୍ରଶାସନ ପରିସ୍ଥିତି ନିୟନ୍ତ୍ରଣ ପାଇଁ ଅଚଳ ଉଠା ଜଳସେଚନ ପଏଣ୍ଟଗୁଡ଼ିକୁ ଯୁଦ୍ଧକାଳୀନଭିତ୍ତିରେ କାର୍ଯ୍ୟକ୍ଷମ କରାଯାଉ। ପମ୍ପସେଟ୍ ଜରିଆରେ ଜିଲାରେ ଥିବା ନଦୀ, ଚେକ୍ ଡ୍ୟାମ୍ ଓ ଜଳ ଭଣ୍ଡାରରୁ ତୁରନ୍ତ ପାଣି ମଡାଇବା ବ୍ୟବସ୍ଥା କରାଯାଉ। ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଅର୍ଥ ରାଶି ପ୍ରଦାନ କରାଯାଉ। ସମସ୍ତ କୃଷି କର୍ମଚାରୀ, ଉଠାଜଳ ସେଚନ, କ୍ଷୁଦ୍ର ଜଳସେଚନ ଓ ଜଳସେଚନ ବିଭାଗର ଯନ୍ତ୍ରୀଙ୍କ ଛୁଟିକୁ ବାତିଲ କରାଯାଇ ସେମାନଙ୍କୁ କ୍ଷେତ୍ରରେ ରହି କାର୍ଯ୍ୟ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଉ। ନିର୍ଦ୍ଦିଷ୍ଟ ଅବଧି ଭିତରେ ଫସଲ କାଟିବାକୁ ଚାଷୀଙ୍କୁ ପର୍ଯ୍ୟାପ୍ତ ସାହାଯ୍ୟ କରାଯାଉ ବୋଲି ସଂଗଠନ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଗଠନ ସଭାପତି କୃଷ୍ଣ ଜଗଦ୍ଦେବ, ସମ୍ପାଦକ କାମାକ୍ଷା ପ୍ରସାଦ ପ୍ରଧାନ, ସୁରଥ ବେହେରା, ଅନନ୍ତ ନାରାୟଣ ମଙ୍ଗରାଜ, ଗଙ୍ଗାଧର ଛାଟୋଇ, କିଶୋର ମାର୍ଥା, ଶ୍ରୀନିବାସ ପାତ୍ର, ବିଶ୍ୱଜିତ୍ ଜଗଦ୍ଦେବ, ପ୍ରାଚୁର୍ଯ୍ୟ ହୋତା ଏବଂ ଲକ୍ଷ୍ମଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ତ୍ରିଲୋଚନପୁର ଗ୍ରାମରେ ଡାକ ମେଳା

କଣାସ,୮।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ସଭା ଗୃହରେ ବୁଧବାର ସରପଞ୍ଚ ବିଜୟିନୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଡାକ ବିଭାଗ ପକ୍ଷରୁ ଜନସଚେତନତା ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବରିଷ୍ଠ ଡାକ ଅଧୀକ୍ଷକ ରତନ ଜାନା, ପୁରୀ ଆଇପିପିବି ମ୍ୟାନେଜର ପ୍ରତିସ ସ୍ୱାଇଁ, ପିପିଲି ପୋଷ୍ଟାଲ ଡାକ ନିରୀକ୍ଷକ ଆଦିତ୍ୟ ଜେନା, ତ୍ରିଲୋଚନପୁର ଗ୍ରାମ୍ୟ ସଭାପତି ଶରତ ଚନ୍ଦ୍ର ଆଚାର୍ଯ୍ୟ, ସମ୍ପାଦକ ରବିନାରାୟଣ ଦାସ, ତ୍ରିଲୋଚନପୁର ପୋଷ୍ଟମାଷ୍ଟର କିଶୋର ତରାଇ, କଲ୍ୟାଣପୁର ପୋଷ୍ଟମାଷ୍ଟର ଅଖିଳ ନରେନ୍ଦ୍ର, ନାଏବ ସରପଞ୍ଚ ବସନ୍ତ ଆଚାର୍ଯ୍ୟ, ପୋଷ୍ଟାଲ କର୍ମଚାରୀ କିଶୋର ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମ୍ୟ ଡାକ ସେବା ଓ ମହିଳା ସମ୍ମାନ ସଞ୍ଚୟପତ୍ର ଦିଗରେ ଅତିଥିମାନେ ସଚେତନ କରାଇଥିଲେ। ପୂର୍ବର ଗାଁଗହଳିର ଲୋକେ ଡାକଘର ଉପରେ ଯେପରି ଆତ୍ମବିଶ୍ୱାସ ରଖିଥିଲେ ସେହିପରି ଆତ୍ମବିଶ୍ୱାସ ରଖି ବିଭିନ୍ନ ଜମା କରିବାକୁ ଅଧିକାରୀ ନିବେଦନ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ପରିବେଶ ସୁରକ୍ଷା ସଂକ୍ରାନ୍ତ ଚିତ୍ର କରି ଶିଶୁ ପ୍ରତିଭା ପୁରସ୍କୃତ



ଚିତ୍ର ଅଙ୍କନ କରିଥିବା କୃତୀ ଶିଶୁ ପ୍ରତିଭାଙ୍କୁ ପୁରସ୍କୃତ କରାଯାଉଛି।

ପୁରୀ, ୮।୧୧(ଅଜିତ୍ ମହାନ୍ତି)

କୋଲକତାର ଫଟୋଗ୍ରାଫି ସଙ୍ଗଠନ ଥାର୍ଡ ଆଇ ଏବଂ ସାରସ୍ୱତ ଅନୁଷ୍ଠାନ ଅଭିନନ୍ଦନିକାର ମିଳିତ ଆନୁକୂଲ୍ୟରେ ପରିବେଶ ସୁରକ୍ଷା ବିଷୟ ଉପରେ ଚିତ୍ର ଅଙ୍କନ କରିଥିବା ୬ଜଣ ଶ୍ରେଷ୍ଠ ଶିଶୁ ପ୍ରତିଭାଙ୍କୁ ବୁଧବାର ପୁରସ୍କୃତ କରାଯାଇଛି। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ରାକେଶ ପଣ୍ଡା, ରାଜଧାନର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ଅଭିମନ୍ୟୁ ଭୂୟାଁ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ. ଦିଲୀପ କୁମାର ସ୍ୱାଇଁ, ଜାତୀୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର ଏବଂ ଚିତ୍ରଶିଳ୍ପୀ ସେହ୍ନା ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ସ୍ଥାନୀୟ ସଂସ୍କୃତି ଭବନ ଆର୍ଟ ଗ୍ୟାଲେରୀରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିଏଭି ସ୍କୁଲର ଅନୁରାଗ ଆଚାର୍ଯ୍ୟ, ବ୍ଲେସେଡ୍ ସାକ୍ରାମେଣ୍ଟର ସାଇ ସ୍ୱରୂପ ସ୍ୱାଇଁ ଓ ଆଦ୍ୟାଶା ପ୍ରିୟଦର୍ଶନୀ ମିଶ୍ର, ଭଗବତୀ ବିଦ୍ୟା ନିକେତନର ସମ୍ବିତ କୁମାର ଦାସ, ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସାର୍ଥକ ସାମନ୍ତରାୟ, ବ୍ଲେସେଡ୍ ସାକ୍ରାମେଣ୍ଟ ଏବଂ ସେଣ୍ଟ ଜାଭିୟର୍ସ ସ୍କୁଲର ସୋହନ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। କଣ୍ଠଶିଳ୍ପୀ ମମତାମୟୀ ବିଶ୍ୱାଳ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଅନେକ କଳାପ୍ରେମୀ ଆର୍ଟ ଗ୍ୟାଲେରୀ ବୁଲି ଚିତ୍ରକଳା ଦେଖିଥିଲେ। କାର୍ଯ୍ୟକ୍ରମକୁ ଅଭିନନ୍ଦନିକା ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସଂଚାଳନ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଥାର୍ଡ ଆଇ ନିର୍ଦ୍ଦେଶକ ଅତୁନ ପାଲ ଧନ୍ୟବାଦ ଦେଇଥିଲେ।

# ଟ୍ରକ ସଂଘର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ

ପୁରୀ ୮।୧୧( ଅଜିତ୍ ମହାନ୍ତି)

ଚନ୍ଦନପୁର ଥାନା ଅନ୍ତର୍ଗତ କାଠପୋଲ ନିକଟସ୍ଥ ଶ୍ରୀକ୍ଷେତ୍ର ଟ୍ରକ ଆସୋସିଏଶନ୍‌ର ଦୁଇ ଗୋଷ୍ଠୀ ମୁହାମୁହିଁ ହୋଇ ଚନ୍ଦନପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ ସଂଘର ନିର୍ବାଚନ କରିବା ପାଇଁ ଦୀର୍ଘ ୮ ହେବ ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ରହିଥିଲା। ଗୋଟିଏ ଗୋଷ୍ଠୀ ନିର୍ବାଚନ କରିବା ସପକ୍ଷରେ ଥିବା ବେଳେ ଅନ୍ୟ ଗୋଷ୍ଠୀ ନିବାଚନ ନକରି ସିଲେକସନ୍ କରିବାକୁ ଦାବି କରୁଥିଲେ। ତେବେ ସଂଘ ସଭାପତି ଥିବା ସ୍ୱର୍ଗତ ମହେଶ୍ୱର ମହାନ୍ତି ଆପୋଷ ବୁଝାମଣା କରିକାକୁ ଚେଷ୍ଟା କରିଥିଲେ। ମାତ୍ର ହାନ୍ତିଙ୍କ ମଙ୍ଗଳବାର ଅକାଳ ବିୟୋଗ ହୋଇଥିଲା। ଫଳରେ ଆସୋସିଏଶନର ଗୋଟିଏ ଗୋଷ୍ଠୀ ବୁଧବାର ସକାଳ ୬ରୁ ସନ୍ଧ୍ୟା ୬ ଯାଏ ଗାଡି ବନ୍ଦ ରଖି ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବାକୁ ସୂଚନା ଦେଇଥିଲେ। ଯାହାକୁ ସଂଘର ସମସ୍ତ କର୍ମକର୍ତ୍ତା ମାନିଥିଲେ। ଏହାକୁ କିନ୍ତୁ ଅନ୍ୟ ଏକ ଗୋଷ୍ଠୀ ସ୍ୱୀକାର କରିନଥିଲେ। ବୁଧବାର ସନ୍ଧ୍ୟାରେ ବୈଠକ ଚାଲିଥିବା ବେଳେ ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀଙ୍କୁ ବୈଠକକୁ ଛାଡିନଥିଲା। ଯଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଶେଷରେ ମାରପିଟ୍ ପର୍ଯ୍ୟନ୍ତ କଥାଯାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

# ମାଲିକ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର

**ପୁରୀରୁ ଲୁଟ୍ କାର୍ ଢେଙ୍କାନାଳରେ**

ଢେଙ୍କାନାଳ,୮।୧୧(ରତନ ନାୟାର)

ପୁରୀ-କୋଣାର୍କ ରାସ୍ତାରୁ ବୁଧବାର ସକାଳୁ ଲୁଟ୍ ହୋଇଥିବା ଏକ କାର୍ ଅପରାହ୍ନରେ ଢେଙ୍କାନାଳ ସହର କୋରିଆଁ ବାଇପାସସ୍ଥିତ ୫୫ନଂ ଜାତୀୟ ରାଜପଥର ନିର୍ମାଣାଧୀନ ଓଭରବ୍ରିଜ ନିକଟରୁ ମିଳିଛି। ହାଇୱେ ପାଟ୍ରୋଲିଂ ବେଳେ ଇନ୍ସପେକ୍ଟର ସୁଦାମ ଚନ୍ଦ୍ର ମହାପାତ୍ର, ଏସ୍‌ଆଇ ଅଶୋକ କୁମାର ବିଶ୍ୱାଳ ଉକ୍ତ କାର୍ (ନଂ. ଓଡି୧୩ଏଚ୍-୫୫୩୪)କୁ ଉଦ୍ଧାର କରିଥିଲେ। ପ୍ରକାଶ ଯେ, ପୁରୀ ଜିଲା ଦନ୍ତାରୀ ଗ୍ରାମର ଦିଲୀପ କୁମାର ବାରିକ ନିଜ କାର୍ ନେଇ ପୁରୀରୁ କୋଣାର୍କ ଯାଉଥିବା ବେଳେ ବାଟରେ କେତେଜଣ ଯୁବକ ତାଙ୍କୁ ଲିଫ୍ଟ ମାଗିଥିଲେ। ସେମାନଙ୍କୁ ଦିଲୀପ କାର୍‌ରେ ନେଇଥିଲେ। ହେଲେ ବାଟରେ ସମ୍ପୃକ୍ତ



ଅଜଣା ଯୁବକମାନେ ଦିଲୀପଙ୍କୁ କାବୁ କରି କାର୍ ସହ ନେଇଯାଇଥିଲେ। ପରେ କଟକ ଜିଲା ଖୁଣ୍ଟୁଣି ନିକଟ ୫୫ନଂ ଜାତୀୟ ରାଜପଥ କଡରେ ଦିଲୀପଙ୍କୁ ପକାଇଦେଇ କାର୍ ଧରି ଚମ୍ପଟ ମାରିଥିଲେ। ସ୍ଥାନୀୟ ଡ୍ରାଇଭର ସଂଘ କର୍ମକର୍ତ୍ତାମାନେ ଦିଲୀପଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ଘରୁ ମେଶିନ ଚୋରି କରି ୪ ଗିରଫ



ପିପିଲି,୮।୧୧(ପ୍ରଭାତ ମହାପାତ୍ର)

ଘରୁ ମେଶିନ ଚୋରି ଅଭିଯୋଗରେ ପିପିଲି ପୋଲିସ ୪ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପିପିଲି ଥାନା ଅଧୀନ ଦାଣ୍ଡମକୁନ୍ଦପୁର ଅଞ୍ଚଳର ଚନ୍ଦନ ବେହେରା(୨୬), ପ୍ରକାଶ ବେହେରା(୩୦), ସୁରେଶ ସାହୁ(୨୬), ଜାଗବନ୍ଧୁ ଦାସ(୩୫)। ଏନେଇ ପୋଲିସ ୫୦୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସେମାନଙ୍କଠାରୁ ଇନଭଟର, ପାଣି ମଟର, ଷ୍ଟ୍ରିଟ୍ ଲାଇଟ୍ ସହ କିଟ୍ ବ୍ୟାଗ ଜବତ କରିଛି। ସୂଚନା ମୁତାବକ, ଗତ ୩ ତାରିଖରେ ଦାଣ୍ଡମକୁନ୍ଦପୁର ଦେଉଳସାହିର ସ୍ୱରାଜ ରଥଙ୍କ ଘରେ କେହି ନ ଥିବା ସୁଯୋଗରେ ୪ ଦୁର୍ବୃତ୍ତ ଘର ଗ୍ରିଲ ଭାଙ୍ଗି ଲାଗିଥିବା ଇନଭଟର, ପାଣି ମଟର, ଷ୍ଟ୍ରିଟ୍ ଲାଇଟ୍ ସହ କିଟ୍ ବ୍ୟାଗ ଚୋରି କରି ନେଇଥିଲେ। ଏନେଇ ଘର ମାଲିକ ରଥ ପରଦିନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଛାନଭିନ୍ କରି ୪ ଅପରାଧୀଙ୍କୁ ଧରିବାରେ ସଫଳ ହୋଇଛି।

# ଅଟୋ ଓଲଟି ମହିଳାଙ୍କ ମୃତ୍ୟୁ, ସ୍ୱାମୀ ଗୁରୁତର

ସାକ୍ଷୀଗୋପାଳ, ୮।୧୧ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ଅଧୀନ କାଦୁଆ ଛକ ନିକଟରେ ବୁଧବାର ଅପରାହ୍ନ ୪ଟାରେ ଏକ ଅଟୋ ଓଲଟି ପଡ଼ିଛି। ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ପୁରୀରେ ରହୁଥିବା ତାଙ୍କ ପୁଅ ପାଖକୁ ଏହି ଦମ୍ପତି ଆସୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ



ପୁରୀ ଅଭିମୁଖେ ଆସୁଥିବା ଏକ ଅଟୋ (ନଂ. ଓଡ଼ି ୦୨-ଏଇୟୁ ୨୦୭୯) ସତ୍ୟବାଦୀ ଥାନା ଅନ୍ତର୍ଗତ କାଦୁଆ ଛକ ନିକଟରେ ହଠାତ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ଅଟୋ ଚାଳକ ଶରତ କୁମାର ଦାସ (୬୯) ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ଦାସ (୫୮) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହିତ ସତ୍ୟବାଦୀ ପିସିଆର୍ ଭ୍ୟାନ ଅଧିକାରୀ ରାମକୃଷ୍ଣ କର ଟିମ୍ ସହ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ମଞ୍ଜୁଲତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ଅବସ୍ଥାରେ ଶରତ ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଦମ୍ପତି ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ତଣ୍ଡିକୁଳ ପଞ୍ଚାୟତ ଶଙ୍କର ସାହିର ବାସିନ୍ଦା ହୋଇଥିବାବେଳେ ଭୁବନେଶ୍ୱରରେ ରହନ୍ତି। ପୁରୀ ବଳିଆପଣ୍ଡା ଅଞ୍ଚଳରେ ରହୁଥିବା ତାଙ୍କ ପୁଅ ସଞ୍ଜୟ କୁମାର ଦାସଙ୍କ ପାଖକୁ ଦୁହେଁ ଆସୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଉକ୍ତ ଅଟୋରେ ଏକ ଫ୍ରିଜ ସମେତ କିଛି ସାମଗ୍ରୀ ଥିବା ଦେଖିବାକୁ ମିଳିଥିଲା।

# ବିଭିନ୍ନ ଦାବି ନେଇ ନୀଳାଚଳ କୃଷକ ସଂଘ ପକ୍ଷରୁ ଧାରଣା

ପୁରୀ,୮।୧୧(ଅଜିତ୍ ମହାନ୍ତି)

ନୀଳାଚଳ କୃଷକ ମହାସଂଘ ପକ୍ଷରୁ ଦୁର୍ନୀତି ନିବାରଣ ସଂସ୍ଥା ଦ୍ୱାରା କାର୍ଯ୍ୟଗୁଡ଼ିକର ନିରପେକ୍ଷ ତଦନ୍ତ ଓ ସମସ୍ତ ଚାଷ ଜମିକୁ ପାଣି ଯୋଗାଇ ଦେବା ସହ ଅନ୍ୟାନ୍ୟ ଦାବି ନେଇ ବୁଧବାର ମହାସଂଘ ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଓ ଧାରଣା ଦେଇଛି। ଏଥିସହ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମହାସଂଘ ପକ୍ଷରୁ ଉଲ୍ଲେଖ କରାଯାଇଛି, ପୁରୀ ଜିଲା ଏକ କୃଷି ପ୍ରଧାନ ଜିଲା ଅଟେ। କୃଷିକୁ ଛାଡି ଦେଲେ ଜିଲାବାସୀଙ୍କ ଅନ୍ୟ କୌଣସି ବିକଳ୍ପ ନାହିଁ। ବନ୍ୟା ବାତ୍ୟା ଜିଲାବାସୀଙ୍କ ଚିରସହଚର। ମାତ୍ର ଜଳସେଚନ ଯନ୍ତ୍ରୀଙ୍କ ମନମୁଖୀ ଓ ତ୍ରୁଟିପୂର୍ଣ୍ଣ କାର୍ଯ୍ୟକ୍ରମ ଯୋଗୁ କୃଷକଙ୍କ ଆର୍ଥିକ ଅବସ୍ଥା ଦିନକୁ ଦିନ ଦୁର୍ବଳ ହେଉଛି। ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କୃଷକ ମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁ ଅର୍ଥ ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ପ୍ରଦାନ କରୁଛନ୍ତି ତାହା ପର୍ଯ୍ୟାପ୍ତ ନୁହେଁ। ପାଣି ପଞ୍ଚାୟତ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟଗୁଡ଼ିକର ସ୍ୱଚ୍ଛତା ଓ ଅଗ୍ରଗତି ଓ ସ୍ଥାୟିତ୍ୱ କରିବାକୁ ଦାବି କରି ମହାସଂଘ ଧାରଣା ଦେଇଛି। ମହାସଂଘର ସତ୍ୟବାଦୀ ସଭାପତି ଗୋପୀନାଥ ମିଶ୍ର, ଉପସଭାପତି ପ୍ରକାଶ ନାୟକ, ସଂଗଠକ ଶ୍ୟାମ ପ୍ରକାଶ ନାୟକ, ବ୍ରହ୍ମଗିରି ସମ୍ପାଦକ ଭୀମସେନ୍ ସାହୁ, ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ସମ୍ପାଦକ ଉଗ୍ରେସନ ବିଶ୍ୱାଳ ଏବଂ ଯୁଗ୍ମ ସମ୍ପାଦକ ଦୁଃଶାସନ ସ୍ୱାଇଁଙ୍କ ସହ ମହାସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

# ସୁନାଚେନ୍ ଛିନ୍‌ତାଇ: ୨ ଆନ୍ତଃଜିଲା ଲୁଟେରା ଗିରଫ

**ଅଭିଯୁକ୍ତ ଶାହାଜାନ୍‌ଙ୍କ ନାମରେ ରହିଛି ୩୦ରୁ ଅଧିକ ମାମଲା**

ପୁରୀ, ୮।୧୧(ଅଜିତ୍ ମହାନ୍ତି)

୨ଜଣ ଆନ୍ତଃଜିଲା ସୁନାଚେନ୍ ଲୁଟେରାଙ୍କୁ କୁମ୍ଭାରପଡା ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଏନେଇ ପୁରୀ ପୋଲିସ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅତିରିକ୍ତ ଏସ୍‌ପି ଶୁସିଲ କୁମାର ମିଶ୍ର କହିଛନ୍ତି, ଗତ ଅଗଷ୍ଟ ଏବଂ ସେପ୍ଟେମ୍ବରରେ ପୁରୀ ଏବଂ ଆଖପାଖ ଅଞ୍ଚଳରେ ସୁନାଚେନ୍ ଛିନତାଇ ବା ଲୁଟ୍ ନେଇ ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ପକ୍ଷରୁ ସିସିଟିଭି ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଏକ ବାଇକ ନଜରକୁ ଆସିଥିଲା। ପରେ ଉକ୍ତ ବାଇକ୍ ସମ୍ପର୍କରେ ତଥ୍ୟ ନେବାରେ ଜଣାପଡିଥିଲା ଯେ, ତାହା





ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ଜଣେ କୁଖ୍ୟାତ ଅପରାଧୀଙ୍କ ନାମରେ ରହିଛି। ଫଳରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇଥିଲା। କୁମ୍ଭାରପଡା ଥାନା ପୋଲିସ, ସତ୍ୟବାଦୀ ଥାନା ପୋଲିସ ଏବଂ ସ୍ପେଶାଲ ସ୍କ୍ୱାଡ କିଛି ଦିନ ହେବ ଅଭିଯୁକ୍ତକୁ ଧରିବା ପାଇଁ ଜିଲା ତଥା ଜିଲା ବାହାରର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ବୁଧବାର ଭୋରୁ ଅଭିଯୁକ୍ତ ଶାହାଜାନ ଖାନ (୪୮) ଏବଂ ତାଙ୍କ ସହଯୋଗୀ ଆନନ୍ଦ କୁମାର ବିଶୋଇ (୨୯) ତାଳବଣିଆ ଅଞ୍ଚଳରେ ଯାଉଥିବାବେଳେ ପୋଲିସ ଖବର ପାଇ ସେମାନଙ୍କ ପିଛା କରିଥିଲା। ତେବେ ସେମାନେ ପୋଲିସକୁ ଦେଖି ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ମାଳତିପାଟପୁର ନିକଟରେ ଉଭୟଙ୍କୁ କାବୁ କରାଯାଇଥିଲା। ଅଭିଯୁକ୍ତ ଦ୍ୱୟଙ୍କୁ ଥାନାକୁ ଆଣି ପଚରାଉଚାରା କରିବାରୁ ସେମାନେ ସୁନାଚେନ୍ ଛିନ୍‌ତାଇ କରିଥିବା ସ୍ୱୀକାର କରିଥିଲେ। ପୁରୀ ସହ ବାହାର ଜିଲାରେ ମଧ୍ୟ ଛନତାଇ କରିଥିବା ମାନିଛନ୍ତି। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୩ଟି ଚେନ୍, ଗୋଟିଏ ଛୁରି ଏବଂ ଗୋଟିଏ ବାଇକ ଜବତ କରିଛି। ଅପରପକ୍ଷରେ ଯେଉଁ ଯେଉଁ ଜିଲାରେ ଅଭିଯୁକ୍ତମାନେ ଏପରି ଛିନତାଇ କରିଛନ୍ତି, ସେହିସବୁ ଜିଲାର ଥାନାକୁ ପୁରୀ ପୋଲିସ ପକ୍ଷରୁ ଖବର ଦିଆଯାଇଛି। ପୋଲିସ କୁମ୍ଭାରପଡ଼ା ଥାନାରେ କେସ୍ (ନଂ ୨୦୫/୨୩, ୨୨୮/୨୩) ଏବଂ ସତ୍ୟବାଦୀ ଥାନାରେ କେସ୍ (ନଂ. ୨୮୨/୨୩) ରହିଛି। ଅଭିଯୁକ୍ତ ଶାହାଜାନ ନାମରେ ବିଭିନ୍ନ ଜିଲାରେ ପୂର୍ବରୁ ୩୦ରୁ ଅଧିକ ମାମଲା ରହିଥିବା ଅତିରିକ୍ତ ଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କୁମ୍ଭାରପଡା ଥାନା ଓ ସତ୍ୟବାଦୀ ଥାନା ଅଧିକାରୀ ଉପସ୍ଥିତ ଥିଲେ।

# ଅଡିଶନ୍ କଥା ଭୁଲିପାରୁନି


ଅମୀଷା

ଅନିଲ ଶର୍ମାଙ୍କ ସୁପରହିଟ୍ ଫିଲ୍ମ 'ଗଦ୍ଦର-ଏକ ପ୍ରେମ କଥା' ସେ ସମୟରେ ବକ୍ସ ଅଫିସରରେ ରେକର୍ଡ ସୃଷ୍ଟି କରିଥିଲା। ଏଥିରେ ସଂଯୋଜିତ 'ମେଁ ନିକ୍‌ଲା ଗଡି ଲେ କେ' ଏବେ ବି ଯୁବପିଢ଼ିଙ୍କ ମନରେ ସତେଜ ହୋଇ ରହିଛି। ଏହାର ନାୟକ ସାଜିଥିଲେ ସନ୍ନି ଦେଓଲ ଏବଂ ତାଙ୍କ ଅପୋଜିଟ୍‌ରେ ଥିଲେ ଅମୀଷା ପଟେଲ। ଉକ୍ତ ଚିତ୍ରର ନାୟିକା ଭୂମିକାଟିକୁ ପାଇବା ତାଙ୍କ ପାଇଁ ଏତେ ସହଜ ନ ଥିଲା। ଏଭଳି ରୋଲ୍ ପାଇଁ ତାଙ୍କୁ ଅଡିଶନ୍‌ର ସାମ୍ନା କରିବାକୁ ପଡିଥିଲା। ଆଉ ଏହି ବିଶାଳ ଅଡିଶନରେ ପ୍ରାୟ ୫୦୦ ଜଣ ଅଂଶଗ୍ରହଣ କରିଥିଲେ। ଶେଷରେ ହାତୀ ଅମୀଷାଙ୍କୁ ମୁଣ୍ଡରେ ହିଁ ସୁନା କଳସ ଢାଳିଥିଲା। ଖାସ୍ କଥା ହେଲା, ଅମୀଷାଙ୍କ ଅଡିଶନ ଦୀର୍ଘ ୧୨ ଘଣ୍ଟା ଧରି ଚାଲିଥିଲା। ମଡେଲିଂରୁ ଆକ୍ଟିଂ ଦୁନିଆରେ ପାଦ ରଖିଥିଲେ ସେ। ତା'ସହ କେତୋଟି ଥିଏଟର ନାଟକରେ ମଧ୍ୟ ଅଭିନୟ କରିଥିଲେ। ତା'ସହ କେତେକ ନାମୀ ବ୍ରାଣ୍ଡବିଶିଷ୍ଟ କମ୍ପାନୀର ବିଜ୍ଞାପନ ପାଇଁ କାମ କରିଥିଲେ ଅମୀଷା। ରାକେଶ ରୋଶନ ତାଙ୍କୁ ପ୍ରଥମେ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ। ଫିଲ୍ମଟି ଥିଲା 'କହୋ ନା ପ୍ୟାର ହୈ'।

# କଥା ଘଣ୍ଟାଏର

ଦକ୍ଷିଣ ଭାରତୀୟ ସିନେମାରେ ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି କାଜଲ ଅଗ୍ରୱାଲ। ତାଙ୍କ ଅଭିନୟ ଜୀବନରେ ଅନେକ ରୋମାଞ୍ଚକର ଘଟଣା ଘଟିଯାଇଛି। ହେଲେ ସେହି ଘଣ୍ଟାଏର କଥାକୁ ସେ ଏପର୍ଯ୍ୟନ୍ତ ଭୁଲିପାରୁନାହାନ୍ତି। ଏଭଳି ଘଟଣା ସେ ଅଭିନୟ କରିଥିବା ତେଲୁଗୁ ଫିଲ୍ମ 'ଆତାଦିସ୍ତା'ର ଶୁଟିଂ ସମୟରେ ଘଟିଥିଲା। ଏକ ସିକ୍ୱେନ୍ସ ପାଇଁ ଶଟ୍ ଦେବା ବେଳେ ବାରମ୍ବାର କଟ୍ ହେଉଥାଏ। ଏହି ସମୟରେ ସେ କ'ଣ କରିବେ ବୋଲି ଜାଣିପାରିଲେ ନାହିଁ। ଠିକ୍ ବେଳକୁ ନିର୍ଦ୍ଦେଶକ ତାଙ୍କ ପାଖକୁ ଆସିଲେ। ଦୁହିଙ୍କ ମଧ୍ୟରେ ପ୍ରାୟ ଘଣ୍ଟାଏ ଧରି ଆଲୋଚନା ଚାଲିଲା। ଆଉ ତା'ପରେ ସତେ ଯେମିତି କାଜଲଙ୍କୁ ଖୋଜିଲା ଚିଜ ମିଳିଯାଇଥିଲା। ଏ ବିଷୟରେ କାଜଲ କହନ୍ତି, ''ମୁଁ ସେତେବେଳେ 'ଆତାଦିସ୍ତା' ଫିଲ୍ମର ଶୁଟିଂରେ ବ୍ୟସ୍ତ ଥାଏ। ଏକ ଇମୋଶନାଲ ଶଟ୍ ଦେବା ସମୟରେ ମୁଁ ଟିକେ ନର୍ଭସ ହୋଇପଡିଥିଲି। ସେପଟେ ଶଟ୍ ଦେବା ବେଳେ ବାରମ୍ବାର କଟ୍ ହେଉଥାଏ। ଏହାଦେଖି ନିର୍ଦ୍ଦେଶକ ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ମୋ ସହ ଏ ନେଇ ପ୍ରାୟ ଘଣ୍ଟାଏ ଧରି ଆଲୋଚନା କଲେ। ଆଉ ତା'ପରେ ମୋତେ ଯେମିତି ଅଡୁଆ ସୂତାକୁ ସଜାଡିବାକୁ ସୂତ୍ର ମିଳିଯାଇଥିଲା।' ଏହି ଫିଲ୍ମଟିର ପ୍ରଯୋଜନା କରିଥିଲେ ସି. କଲ୍ୟାଣ ଏବଂ ଏସ. ବିଜୟାନନ୍ଦ। ନିର୍ଦ୍ଦେଶନା ଦେଇଥିଲେ ଏ.ଏସ. ରବିକୁମାର। ଏଥିରେ କାଜଲଙ୍କ ନାୟକ ସାଜିଥିଲେ ନୀତିନ। ଏମାନଙ୍କ ବ୍ୟତୀତ ନଗେନ୍ଦ୍ର ବାବୁ, ରଘୁବରଣ, ଜୟସୁଧା ପ୍ରମୁଖ କଳାକାର ପ୍ରମୁଖ ଅଭିନୟ କରିଥିଲେ।


କାଜଲ



# ରକୁଲ୍‌ଙ୍କୁ ମିଳିଗଲା...

ରକୁଲ୍ ପ୍ରୀତ୍ ସିଂ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। କଥା କ'ଣ କି, ସେ ଏକାଥରେ ଆକ୍ସନ ଏବଂ କମେଡି ଦୁଇଟି ଜିନିଷ ଶିଖିବାକୁ ମନ ବଳାଇଛନ୍ତି। କେବଳ ସେତିକିରେ ଘଟଣା ସୀମିତ ହୋଇ ରହିନାହିଁ। ଏଭଳି ଏକ ମିଶ୍ରିତ ଭୂମିକାରେ ତାଙ୍କୁ ଖୁବ୍‌ଶୀଘ୍ର ବଡ ପରଦାରେ ଦର୍ଶକ ଦେଖିବାକୁ ପାଇବେ। ପ୍ରଯୋଜନା ସଂସ୍ଥା ପକ୍ଷରୁ ଏ ନେଇ ଗ୍ରୀନ୍ ସିଗନାଲ ମିଳିଗଲା ପରେ ନିଜ ଲକ୍ଷ୍ୟ ପୂରଣ କରିବାକୁ ଅଣ୍ଟା ଭିଡିଛନ୍ତି ସେ। ହେଲେ 'ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତେ ହୁଏ ତାହା' ପରି ତାଙ୍କୁ ଏକାଥରେ କମେଡି ଏବଂ ଆକ୍ସନ ଗୁରୁ ମିଳିଯାଇଛନ୍ତି। ଟାଇଗରଙ୍କଠାରୁ ସେ ଆକ୍ସନ ଟିପ୍ସ ନେଇଥିବା ବେଳେ କମେଡି ନେଇ ବିଶିଷ୍ଟ ଅଭିନେତା ପରେଶ ରାୱଲ ତାଙ୍କୁ ସହଯୋଗ କରିଛନ୍ତି। ତେବେ ଏଭଳି ସୁଯୋଗ ବିଷୟରେ ରକୁଲ୍ କହନ୍ତି, 'ଏକାଥରେ କମେଡି ଏବଂ ଆକ୍ସନ ଭୂମିକା ତୁଲାଇବା ସହଜ କଥା ନୁହେଁ। ଏହି ନୂଆ ରୋଲ୍‌ଟି ମୋ ପାଇଁ କଷ୍ଟକର ହେବ ବୋଲି ଭାବୁଛି। ତେଣୁ ଏ ବିଷୟରେ କିପରି ଜ୍ଞାନ ଆହରଣ କରିବି ସେନେଇ ଚିନ୍ତା କରିବା ବେଳେ ମୋ ମନକୁ ଟାଇଗର ଶ୍ରଫ ଏବଂ ପରେଶ ସାର୍‌ଙ୍କ କଥା ଆସିଥିଲା। ଯାହାହେଉ ଦୁହିଙ୍କୁ ଭେଟିବା ପରେ ମୋର ସମସ୍ୟା ଅନେକାଂଶରେ ଦୂର ହୋଇଛି।' ଏହି ନୂଆ ସିନେମାର ଟାଇଟଲ ଫାଇନାଲ ହୋଇନାହିଁ। ତେବେ ଏଭଳି ଭୂମିକା ରକୁଲ୍‌ଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ଝିଟିପିଟି ଦେଖିଲେ...


ନୁସରତ

ନୁସରତ ଭରୁଚା ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ତାହା ହେଉଛି ଝିଟିପିଟି। ଯଦି ସେ ଅକସ୍ମାତ ତାହାକୁ ଦେଖିଦିଅନ୍ତି ତେବେ ତାଙ୍କର ଅବସ୍ଥା ନ କହିବା ଭଲ। ଏକଦା ସେ ସାଙ୍ଗମାନଙ୍କ ସହ ଏକ କଫି ପବ୍‌କୁ ଯାଇଥାଆନ୍ତି। ସେଠାରେ ସେମାନଙ୍କ ସହ ମଜାମସ୍ତି କରିବା ବେଳେ ହଠାତ୍ ଚିତ୍କାର କରିଉଠିଲେ। ତାଙ୍କୁ ଏଭଳି ଅବସ୍ଥାରେ ଦେଖିବା ପରେ ତାଙ୍କ ସାଙ୍ଗମାନେ କ'ଣ ହେଲା ବୋଲି ବୁଝି ପାରିଲେ ନାହିଁ। ତାଙ୍କୁ ନେଇ ଏକ ଚେୟାରରେ ବସାଇ ପାଣି ପିଇବାକୁ ଦେଲେ। ହେଲେ ସେ କେବଳ କାନ୍ଥ ଆଡକୁ ଚାହୁଁଥାଆନ୍ତି। କିଛି ସମୟ ପରେ ପ୍ରକୃତ ଅବସ୍ଥାକୁ ଆସି ଏହାର କାରଣ ବଖାଣିଥିଲେ। ସେ କହିଥିଲେ, 'ସତ କଥା ହେଲା, ସେତେବେଳେ ମୋର ନଜର ଏକ ଝିଟିପିଟି ଉପରେ ପଡିଗଲା। ତାକୁ ଦେଖିବା ମାତ୍ରେ ମୁଁ ଡରି ଯାଇଥିଲି। ପିଲାଦିନେ ଥରେ ମୁଁ ପାଠ ପଢ଼ିବା ବେଳେ ମୋ ସାମ୍ନାରେ ଏକ ଝିଟିପିଟି ପଡିଗଲା। ସେବେଠାରୁ ତାହା ପ୍ରତି ମୋର ଭୟ ରହିଆସିଛି।' ନୁସରତଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୬ରୁ ଆଉ ଫିଲ୍ମଟି ଥିଲା 'ଜୟ ସନ୍ତୋଷୀ ମା'।

# ଟାଇଟଲ ମିଶନ


ରଜନୀ ରଞ୍ଜନ

ଓଲିଉଡ୍‌ର ବରିଷ୍ଠ ତଥା ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ ଓରଫ ରଜନୀ ସାର୍। ଏବେ ସେ ଗୋଟିଏ କଥାକୁ ନେଇ ବ୍ୟସ୍ତ। କେହି ହୁଏତ ଭାବୁଥିବେ ଯେ ଚାକିରିରୁ ଅବସର ନେବା ପରେ ଏବେ ପ୍ରାୟ ସଂଳାପ ରଚନାରେ ବ୍ୟସ୍ତ। ହୁଏତ କୌଣସି ନୂଆ ସିନେମା ଲାଗି ବ୍ୟସ୍ତ ଥିବେ। କିନ୍ତୁ ସେ ଏବେ ଏକ ଗୁରୁତ୍ୱପୂର୍ଣ୍ଣ କାମରେ ନିଜକୁ ନିୟୋଜିତ ରଖିଛନ୍ତି। ତାହା କ'ଣ ଜାଣନ୍ତି ? ଟାଇଟଲ ଖୋଜିବା। କଥା କ'ଣ କି, ରଜନୀ ଖୁବ୍ ଶୀଘ୍ର ଓଲିଉଡ୍‌ରେ ସେଞ୍ଚୁରୀ ମାରିବାକୁ ଯାଉଛନ୍ତି। ତେଣୁ ନିଜର ଏହି ମାଇଲଷ୍ଟୋନ୍ ସିନେମାର ଟାଇଟଲଟିକୁ କ୍ୟାଚି କରିବା ପାଇଁ ସେ ଲାଗିପଡିଛନ୍ତି। ଏ ନେଇ ସେ କହନ୍ତି, 'କେବଳ ସିନେମାର ସଂଳାପ, ଗୀତ ଏବଂ ଅଭିନୟ ଭଲ ହେଲେ ହେବ ନାହିଁ, ସେହି ଅନୁସାରେ ତାହାର ଏକ ଆଟ୍ରାକ୍ଟିଭ ଟାଇଟଲ ରହିବା ନିହାତି ଦରକାର। ତେଣୁ ମୁଁ ସଂଳାପ ଲେଖିଥିବା ଫିଲ୍ମର ଶୀର୍ଷକ ପ୍ରାୟ ଚର୍ଚ୍ଚାରେ ରହିଥାଏ। ମୋର ଶହେତମ ସିନେମାକୁ ସ୍ମରଣୀୟ କରିବା ଲାଗି ଏକ ଭଲ ଟାଇଟଲ ସନ୍ଧାନରେ ମୁଁ ରହିଛି। ଆଶା କରେ ମୋର ଏହି ମିଶନ ସଫଳ ହେବ।' ୧୯୮୯ରେ 'ମୋ ଭାଇ ଜଗା'ରୁ ଜଣେ ଗୀତିକାର ଭାବରେ ବଡ ପରଦାରେ ଏଣ୍ଟ୍ରି କରିଥିଲେ ରଜନୀ। ଏହି ଫିଲ୍ମରୁ ତାଙ୍କର ସଂଳାପକାର ଜୀବନ ଆରମ୍ଭ ହୋଇଥିଲା। ତାଙ୍କ ରଚିତ ସଂଳାପକୁ ନେଇ ନିର୍ମିତ ପ୍ରମୁଖ ତଥା ହିଟ୍ ସିନେମାଗୁଡିକ ମଧ୍ୟରେ ରହିଛି- 'ଜୟ ଜଗନ୍ନାଥ', 'ସଞ୍ଜୁ ଆଉ ସଞ୍ଜନା', 'ଲୋଫର', 'ଗୁଡ୍ ବୟ', 'ପିଲାଟା ବିଗିଡି ଗଲା', 'ଲଭ୍ ଡଟ୍ କମ୍', 'ମୋତେ ବୋହୂ କରି ନେଇଯା' ଆଦି ଚଳଚ୍ଚିତ୍ର। ତେବେ ରଜନୀଙ୍କର ଶହେତମ ଚଳଚ୍ଚିତ୍ରର ଟାଇଟଲ କ'ଣ ରହୁଛି ଏବଂ ତାହାର ସଂଳାପ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ସେ ବିଷୟରେ ଜାଣିବାକୁ ଅପେକ୍ଷା କରିବାକୁ ହିଁ ପଡିବ।

# କୁଲ୍ କୁଲ୍ ଭୂମି

ଭୂମି ପେଡେନକରଙ୍କ ବୁଦ୍ଧିକୁ ନିଶ୍ଚୟ ମାନିବାକୁ ପଡିବ। କେତେବେଳେ କେଉଁ କଥାକୁ କିପରି ହ୍ୟାଣ୍ଡେଲ କରିବାକୁ ପଡେ ତାହାର କାଇଦା ତାଙ୍କୁ ଭଲ ଭାବରେ ଜଣା। ଏବେ ତାଙ୍କ କ୍ୟାରିୟରକୁ ନେଇ ଆପଣ ଯେତେ ଅଙ୍କାବଙ୍କା ପ୍ରଶ୍ନ ପଚାରନ୍ତୁ ହେଲେ ସେ ବ୍ୟତିବ୍ୟସ୍ତ ହେଉନାହାନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ନିଜ ଅଭିନୟ ଜୀବନ ବିଷୟରେ ସୂଚନା ଦେବାକୁ ଭୁଲି ନ ଥିଲେ। ଏପରିକି ସେହି ସମୟରେ ପ୍ରଶଂସକମାନେ ତାଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିଥିଲେ। ଆଉ ଭୂମି ଏ ନେଇ ଆଦୌ ବିବ୍ରତ ହୋଇ ନ ଥିଲେ। ବେଶ୍ ଥଣ୍ଡା ମିଜାସରେ ଆଉ ଧୈର୍ଯ୍ୟର ସହ ଗୋଟି ଗୋଟି ପ୍ରଶ୍ନର ଉତ୍ତର ଦେଇଥିଲେ। ଏ ନେଇ ଭୂମି କହନ୍ତି, 'କେବଳ ମୋ ପ୍ରଶଂସକ ନୁହନ୍ତି, ପ୍ରତ୍ୟେକ ଦର୍ଶକଙ୍କ ମନରେ ଯେଉଁ ପ୍ରଶ୍ନ ରହିଛି ତାହାର ଯଥାର୍ଥ ଉତ୍ତର ଆମେ ଦେବା ହିଁ ଠିକ୍ ବୋଲି ମୁଁ ଭାବେ। ସେଦିନ ମୋତେ ଅନେକେ ଏଣୁତେଣୁ ପ୍ରଶ୍ନ ପଚାରିଥିଲେ। ହେଲେ ସେ ନେଇ ମୁଁ ଆଦୌ ବିଚଳିତ ହୋଇନ ଥିଲି।' ଭୂମିଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଦମ୍ ଲଗାକେ ହୈସା'ରୁ। ଗତ ମାସରେ ରିଲିଜ ହୋଇଥିବା ଏକତା କପୁରଙ୍କ ଫିଲ୍ମ 'ଥ୍ୟାଙ୍କ ୟୁ କମିଙ୍ଗ'ରେ ସେ ଅଭିନୟ କରିଥିଲେ।


ଭୂମି



# ସବୁ ଭୂମିକା ମୋ ପାଇଁ ଚ୍ୟାଲେଞ୍ଜ

**ମୋ କଥା/ ଦେବାଶିଷ ପାତ୍ର**

**ଓଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା ଦେବାଶିଷ ପାତ୍ର ନିକଟରେ ରିଲିଜ ହୋଇଥିବା ଓଡ଼ିଆ ସିନେମା 'କଟକ-ଶେଷରୁ ଆରମ୍ଭ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିଜ ଆକ୍ଟିଂ କ୍ୟାରିୟର ସମ୍ପର୍କରେ ସେ ଯାହା କହନ୍ତି...**

ଓଡ଼ିଆ ଆଲବମ୍ ଜଗତ ହେଉ ଅବା ବଡ଼ ପରଦା-ଦେବାଶିଷ ପାତ୍ର ଜଣେ ବେଶ୍ ପରିଚିତ ନାମ। ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ 'ଜୟ ଜଗନ୍ନାଥ'ରୁ ସେ ଆରମ୍ଭ କରିଥିଲେ ନିଜର ଓଲିଉଡ୍ କ୍ୟାରିୟର। ଏଥିରେ ନାରଦ ଭୂମିକା ଏବଂ ସଂଯୋଜିତ ଗୀତ 'ନଟ ହେ ମଞ୍ଜି ପୋତିଲ ତୁମେ, ଅପବାଦ ହେଲା ନାରଦ ନାମେ' ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। ଏଥର ଦଶହରାରେ ରିଲିଜ ହୋଇଥିବା ଆକ୍ସନଭିତ୍ତିକ ଓଡ଼ିଆ ସିନେମା 'କଟକ-ଶେଷରୁ ଆରମ୍ଭ' ତାଙ୍କ ଅଭିନୟ ଜୀବନକୁ ଆଶାତୀତ ମାଇଲେଜ ଦେଇଛି। ଏ ନେଇ ଦେବାଶିଷ କହନ୍ତି, 'ମୋତେ ମିଳିଥିବା ପ୍ରତିଟି ଭୂମିକାକୁ ମୁଁ ଗମ୍ଭୀରତାର ସହ ନେଇଥାଏ। ଯେତେବେଳେ 'କଟକ-ଶେଷରୁ ଆରମ୍ଭ'ରେ ଅଭି ଭୂମିକା ବିଷୟରେ ମୋ ସହ ପ୍ରଯୋଜକ କୁମାର ପ୍ରୀତମ ସାହୁ ଏବଂ ନିର୍ଦ୍ଦେଶକ ସୁଧାଂଶୁ ସାହୁ କଥା ହେଲେ ସେତେବେଳଠାରୁ ଜାଣି ନେଇଥିଲି ଯେ ଏହା ମୋ ପାଇଁ ଏକ ଅଗ୍ନିପରୀକ୍ଷା। ଭୂମିକାଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଥିଲି। ଯାହାହେଉ ମୋ ପରିଶ୍ରମର ମୂଲ୍ୟ ଦର୍ଶକେ ବୁଝିଛନ୍ତି। ଉକ୍ତ ଫିଲ୍ମରେ ମୁନା ଭାଇ (ସିଦ୍ଧାନ୍ତ ମହାପାତ୍ର) ଏବଂ ଚୌଧୁରୀ ବିକାଶ ଦାସଙ୍କ ପରି ଅଭିନେତାଙ୍କ ସହ କାମ କରି ଅନେକ କିଛି ଶିଖିଛି। ଏହାବ୍ୟତୀତ ନିର୍ଦ୍ଦେଶକ ସୁଧାଂଶୁ ସାର୍‌ଙ୍କୁ ଏ ନେଇ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ସବୁଠାରୁ ବଡ଼ କଥା ହେଲା ପ୍ରତିଟି ଭୂମିକା ମୋ ପାଇଁ ଚ୍ୟାଲେଞ୍ଜ ସଦୃଶ ଏବଂ ସେଗୁଡ଼ିକୁ ସକାରାତ୍ମକ ମାନସିକତା ସହ ସାମ୍ନା କରିଥାଏ। ଟେଲି ଫିଲ୍ମ 'କାଳିଆ କରୁଛି ଲୀଳା' ପାଇଁ ତାଙ୍କୁ ଶ୍ରେଷ୍ଠ ଅଭିନେତା ଭାବରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିସାରିଛି। ଦେବାଶିଷ ଅଭିନୟ କରିଥିବା ପ୍ରମୁଖ ଓଡ଼ିଆ ସିନେମାଗୁଡ଼ିକ ମଧ୍ୟରେ ରହିଛି- 'ପହିଲି ରଜ', 'ଭୁଲ୍ ବୁଝିବନି ମୋତେ', 'ଚୋରି ଚୋରି ମନଚୋରି', 'ଇଡିଅଟ୍', 'ହରି ଓମ୍ ହରି', 'ମୁଁ ଏକା ତୁମର', 'କ୍ରାନ୍ତିଧାରା', 'ତୁ ଯେ ସେହି' ଏବଂ 'ତୁ ମୋ ଲଭ୍ ଷ୍ଟୋରି'। ସେ ଅଭିନୟ କରିଥିବା 'ଡିୟର ପୁରୁଷ' ଏବଂ 'ଚନ୍ଦ୍ରମା' ଫିଲ୍ମ ରିଲିଜ ଅପେକ୍ଷାରେ ରହିଛି।

## ଆଜି କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ

ଭୁବନେଶ୍ୱର, (ସୁନିତ୍ ମିଶ୍ର): ୬ଟି ଦାବି ନେଇ ଗୁରୁବାର ରାଜ୍ୟବ୍ୟାପୀ ସବୁ ବ୍ଲକରେ ସଂକୀର୍ତ୍ତନ ସତ୍ୟାଗ୍ରହ କରିବାକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଡାକରା ଦିଆଯାଇଛି। ଏହି କ୍ରମରେ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ୟୁନିଟ୍-୫ ଜଗନ୍ନାଥ ମନ୍ଦିରଠାରେ 'ସଂକୀର୍ତ୍ତନ ସତ୍ୟାଗ୍ରହ' କାର୍ଯ୍ୟକ୍ରମ ଆୟୋଜନ ହେବା ପାଇଁ ସ୍ଥିର ହୋଇଥିଲା। ହେଲେ ସେହି ଅଞ୍ଚଳରେ ୧୪୪ ଧାରା ବଳବତ୍ତର ଥିବାରୁ ଜିଲା କଂଗ୍ରେସର 'ସଂକୀର୍ତ୍ତନ ସତ୍ୟାଗ୍ରହ' କାର୍ଯ୍ୟକ୍ରମ ପାଇଁ ସ୍ଥାନ ପରିବର୍ତ୍ତନ କରାଯାଇଛି। ଏହି କାର୍ଯ୍ୟକ୍ରମ କଂଗ୍ରେସ ଭବନ ସମ୍ମୁଖରେ ଆୟୋଜିତ ହେବାକୁ ନିଷ୍ପତ୍ତି ହୋଇଛି। ସମସ୍ତ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ, ଜଗନ୍ନାଥ ପ୍ରେମୀ ଏବଂ ଭକ୍ତମାନେ କଂଗ୍ରେସ ଭବନ ସମ୍ମୁଖରେ ଉପସ୍ଥିତ ହେବା ପାଇଁ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ ଅନୁରୋଧ କରିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
**GNM** Duration : 3 Year, Eligibility : +2 Pass (Any Stream) 40% Mark
**ANM** Duration : 2 Year, Eligibility : +2 Pass (Any Stream)
**DMRT / DMLT** Duration : 2 Year, Eligibility : +2 Science
**CBCA** Certified Blood Collection Assistant Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**ଦିୱାଲି ଧମାକା**
ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

**ଲୋନ୍! ଲୋନ୍! ଲୋନ୍!**
ଦୀପାବଳି ଧମାକା
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ସବୁ ଲୋନ୍ ପାଆନ୍ତୁ ।
2% ସୁଧ 40% ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପାଟନାଠାରେ ବୁଧବାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ମୁଖ୍ୟ ଚିରାଗ୍ ପାଶ୍ୱାନ।

# ମୋ ବିରୋଧରେ ମାମଲା ରୁଜୁ କରିବ କଂଗ୍ରେସ: ମୋଦି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ,୮।୧୧:ନିର୍ବାଚନ ରାଲିରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ୫ ବର୍ଷ ବୃଦ୍ଧି ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଥିବା ଘୋଷଣାକୁ ନେଇ ବିତର୍କ ଜାରି ରହିଛି। ମଧ୍ୟପ୍ରଦେଶର ଗୁନାରେ ମୋଦି କହିଛନ୍ତି,୫ ବର୍ଷ ପାଇଁ ଗରିବ ଲୋକଙ୍କୁ ମାଗଣା ଖାଦ୍ୟ ଶସ୍ୟ ଯୋଗାଇବା ଘୋଷଣାକୁ ନେଇ କଂଗ୍ରେସ ଚିନ୍ତିତ ଅଛି। କଂଗ୍ରେସ ଏହାକୁ ନେଇ ନିର୍ବାଚନ ଆୟୋଗକୁ ଯିବ ବୋଲି କହିଛି। ମୋଦିଙ୍କ ବିରୋଧରେ ମାମଲା ଦାୟର କରିବ। ସେଠାରେ ସେମାନେ କହିବେ ମୋଦି ଏକ ବଡ ଅପରାଧ କରିଛନ୍ତି। କଂଗ୍ରେସର ଏହି କାର୍ଯ୍ୟକୁ ଆମେ ଭୟ କରିବା ଉଚିତ କି ନାହିଁ ମୋତେ କୁହନ୍ତୁ। ଯଦି କଂଗ୍ରେସ ଏହାକୁ ବନ୍ଦ କରିବାକୁ ଚାହୁଁଛି ତେବେ କୌଣସି କୋର୍ଟକୁ ଯାଆନ୍ତୁ। ମୁଁ ଜନସାଧାରଣଙ୍କ କୋର୍ଟରେ ଅଛି। ଅପରପକ୍ଷେ କଂଗ୍ରେସ ମୋଦିଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଛି। କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି କହିଛନ୍ତି, ଆମେ ଏପର୍ଯ୍ୟନ୍ତ ନିର୍ବାଚନ ଆୟୋଗଙ୍କୁ ଏ ସମ୍ପର୍କରେ କୌଣସି ଅଭିଯୋଗ ଦେଇନାହୁଁ।

# ୩୦ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଫସଲ ନଷ୍ଟ ହେଇଛି: କଂଗ୍ରେସ

ଭୁବନେଶ୍ୱର, ୮।୧୧(ସୁନିତ୍ ମିଶ୍ର)

ରାଜ୍ୟର ନୂଆପଡ଼ା, କେନ୍ଦୁଝର, ଯାଜପୁର, ଭଦ୍ରକ, ଝାରସୁଗୁଡ଼ା, ସମ୍ବଲପୁର, ବାଲେଶ୍ୱର ପ୍ରଭୃତି ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଚକଡ଼ା, କାଣ୍ଡବିନ୍ଧା ସମେତ ବିଭିନ୍ନ ପ୍ରକାର ପୋକ ଦ୍ୱାରା ପ୍ରାୟ ୩୦ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଏହାର ନିରାକରଣ ପାଇଁ କୃଷି ବିଜ୍ଞାନ କେନ୍ଦ୍ର କିମ୍ବା ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଉନାହିଁ। ଚାଷୀ ସଙ୍ଗଠନଗୁଡ଼ିକର ଦାବି ପରେ ସରକାରଙ୍କ ପକ୍ଷରୁ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ଧର୍ମକୁ ଆଖିଠାର ସଦୃଶ ଓ ବାସ୍ତବତାଠାରୁ ଭିନ୍ନ ବୋଲି ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି।

ସେ କହିଛନ୍ତି, କୃଷି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ କେବଳ ଶୀତତାପ ନିୟନ୍ତ୍ରିତ କୋଠରିରେ ସ୍ଥିତି ସମୀକ୍ଷା କରୁଛନ୍ତି। କ୍ଷେତ୍ର ପରିଦର୍ଶନ କରିବା ଦୂରର କଥା, ଚାଷୀଙ୍କ ଅଭିଯୋଗ ଶୁଣିବାକୁ କେହି ନାହାନ୍ତି। ଯଦି ଏଥିପ୍ରତି ଆଶୁ ପଦକ୍ଷେପ ଗ୍ରହଣ କରା ନ ଯାଏ ପର୍ଯ୍ୟାପ୍ତ ଫସଲ ନଷ୍ଟହେବା ସମ୍ଭାବନା ରହିଛି। ତେଣୁ କୃଷି ବିଭାଗ ଅଧିକାରୀ ଓ କୃଷି ବିଜ୍ଞାନକେନ୍ଦ୍ର ବୈଜ୍ଞାନିକମାନେ କ୍ଷେତ୍ରସ୍ତରକୁ ଯାଇ ସ୍ଥିତି ଅନୁଧ୍ୟାନ ପୂର୍ବକ ଏହାର ନିରାକରଣ କରିବାକୁ କଂଗ୍ରେସ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଅନୁରୂପ ଭାବେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଗଞ୍ଜାମ, କେନ୍ଦ୍ରାପଡ଼ା ପ୍ରଭୃତି ଅନେକ ଜିଲାରେ ଚଳିତ ଖରିଫ୍ ଚାଷରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ରାଜ୍ୟ ସରକାର ଯେଉଁ ଅଞ୍ଚଳରେ ବର୍ତ୍ତମାନ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି ଯୁଦ୍ଧକାଳୀନ ଭିତ୍ତିରେ ଏହାର ମୁକାବିଲା ପାଇଁ ଉଠା ଜଳସେଚନର ବ୍ୟବସ୍ଥା କରିବା ସହ ଏହି ଅଞ୍ଚଳଗୁଡ଼ିକୁ ମରୁଡ଼ି ଅଞ୍ଚଳଭାବେ ଘୋଷଣା କରିବାକୁ ଅମିୟ ଦାବି କରିଛନ୍ତି।

# ବିଜେଡିରେ ଅବସରପ୍ରାପ୍ତ ଡିଏସ୍‌ପି ରାଇସେନ

ଭୁବନେଶ୍ୱର,୮।୧୧(ଅନିଲ ଦାସ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ଅବସରପ୍ରାପ୍ତ ଡିଏସ୍‌ପି ରାଇସେନ ମୁର୍ମୁ ବୁଧବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ତାଙ୍କୁ ଉପଢୌକନ ଦେଇ ମଙ୍ଗରାଜ ଦଳକୁ ସ୍ୱାଗତ କରିଛନ୍ତି। ବିଜୁ ଜନତା ଦଳରେ ରାଇସେନଙ୍କ ଯୋଗଦାନ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ରାଇସେନ କହିଛନ୍ତି। ବିଜେଡି ତାଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଏମ୍‌ପି ମାନସ ମଙ୍ଗରାଜ ଓ ସମସ୍ତ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ମୟୂରଭଞ୍ଜ ଜିଲା ସଭାପତି କାଶୀନାଥ ହେମ୍ବ୍ରମ, ରାଇରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# ଝାରସୁଗୁଡ଼ାରେ ଭାଜପାର ବିକ୍ଷୋଭ ସମାବେଶ

ବ୍ରଜରାଜନଗର,୮।୧୧(ବିଜୟ ବରାଡ଼): ରାଜ୍ୟ ସରକାରଙ୍କ ବିରୋଧରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବୁଧବାର ଝାରସୁଗୁଡ଼ାଠାରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ବସ୍‌ଷ୍ଟାଣ୍ଡ ଛକସ୍ଥିତ ଗାନ୍ଧୀ ପ୍ରତିମା ସମ୍ମୁଖରେ ଦଳ ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳୀୟ ନେତୃବୃନ୍ଦ ଯୋଗଦେଇ ସରକାରଙ୍କ ଉପରେ ବର୍ଷିଥିଲେ। ଭୁବନେଶ୍ୱଠାରେ ରେଞ୍ଜ ରୋଭର୍ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ଗାଡ଼ି ମାଲିକଙ୍କୁ ତୁରନ୍ତ ଗିରଫ ପାଇଁ ଦଳ ଦାବି କରିଥିଲା। ଝାରସୁଗୁଡ଼ା ବିଧାନସଭାର ଗତଥର ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ସିଧାସଳଖ ଓଡ଼ିଶା ସରକାର ଓ ପୋଲିସ ପ୍ରଶାସନକୁ ଟାର୍ଗେଟ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ସୁନିଲ ପଣ୍ଡା, ଟାଉନ ମଣ୍ଡଳ ସଭାପତି ଡିଲେଶ୍ୱର ରାଓ, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ସନ୍ତୋଷ ଯାଦବ, ବାବଲୁ ସିଂ, ଲଳିତ ମଗର, ପ୍ରେମସେନ ରାୟ, ନେତାଜୀ ପଟ୍ଟନାୟକ, ସୋନୁ ଥିରାନି, ଅରବିନ୍ଦ ପାଠକ, ରଘୁରାମ ପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାରେ ରଘୁରାମ, ଧର୍ମେନ୍ଦ୍ରଙ୍କ ପୂର୍ବତନ ଓଏସ୍‌ଡି ସମ୍ମିତ



ଭାଜପା ନେତୃବୃନ୍ଦଙ୍କ ସହ ଦଳରେ ଯୋଗଦେଇଥିବା ନେତା ଓ କର୍ମୀ।

- ୬ରେ ରଘୁରାମ ମାଛଙ୍କୁ ଦଳରୁ କାଢ଼ିଥିଲା ବିଜେଡି
- କେନ୍ଦୁଝର, ଜଗତ୍‌ସିଂହପୁର, କୋରାପୁଟ, କେନ୍ଦ୍ରାପଡ଼ାର ବହୁ ବିଜେଡି, କଂଗ୍ରେସ ନେତା ମଧ ମିଶିଲେ

ଭୁବନେଶ୍ୱର, ୮।୧୧(ସୁନିତ୍ ମିଶ୍ର)

କୋରାପୁଟ, କେନ୍ଦୁଝର, କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରୁ ବିଜେଡି ଏବଂ କଂଗ୍ରେସର ଶତାଧିକ କାର୍ଯ୍ୟକର୍ତ୍ତା ବୁଧବାର ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ପୂର୍ବତନ ଆଇଆର୍‌ଏସ୍ ଅଫିସର ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବ୍ୟକ୍ତିଗତ ସଚିବ ଏବଂ ଓଏସ୍‌ଡି ରହିଥିବା ସମ୍ମିତ ତ୍ରିପାଠୀ ଭାଜପାରେ ସାମିଲ ହୋଇଛନ୍ତି। କଟକ ଜିଲା ବଡ଼ମ୍ବା ବ୍ଲକର ସମ୍ମିତ ୧୯୯୮ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ। ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଧର୍ମେନ୍ଦ୍ର ପେଟ୍ରୋଲିୟମ ଏବଂ ଦକ୍ଷତା ବିକାଶ ମନ୍ତ୍ରଣାଳୟର ଦାୟିତ୍ୱରେ ଥିବାବେଳେ ସେ ତାଙ୍କ ସହ କାମ କରିଥିଲେ। ସେହିପରି କୋରାପୁଟ ଜିଲା ବିଜେଡିର ବରିଷ୍ଠ ନେତା ତଥା ପୂର୍ବରୁ କୋରାପୁଟ ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ରଘୁରାମ ମାଛ ମଧ୍ୟ ଭାଜପାରେ ଯୋଗ ଦେଇଛନ୍ତି। ଗତ ୬ ତାରିଖରେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ରଘୁରାମଙ୍କୁ ବିଜେଡି ଦଳରୁ ବାହାର କରିଥିଲା। ଜୟପୁର ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ହିମାଂଶୁ ମହାପାତ୍ର, କୋରାପୁଟ ବ୍ଲକ ପୂର୍ବତନ ଅଧ୍ୟକ୍ଷ ନାଗେଶ୍ୱର ପାଙ୍ଗିଆ ଓ ରମା କୁମାରୀ ସିଂହ ପ୍ରମୁଖ ଶତାଧିକ ସମର୍ଥକ ଭାଜପାରେ ମିଶିଛନ୍ତି । କେନ୍ଦୁଝର ଜିଲା ତେଲକୋଇ ନିର୍ବାଚନମଣ୍ଡଳୀର ଫକୀର, କେନ୍ଦ୍ରାପଡ଼ା କନିକା ରାଜପରିବାରର ସଦସ୍ୟା ଦୁର୍ଗାଦେବୀ ମଧ୍ୟ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରୁ ସୟଦ ମୁକ୍ତାର ଅଲ୍ଲୀ, କଂଗ୍ରେସ ସଂଖ୍ୟାଲଘୁ ପ୍ରକୋଷ୍ଠର ପୂର୍ବତନ ଜିଲା ସାଧାରଣ ସମ୍ପାଦକ ଯସ୍ମିନ ଖାତୁନ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ଦଳରେ ଯୋଗ ଦେଇଥିବା ସମସ୍ତଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି।

**Classified Everyday**
0674-2580101, 2549949



REAL ESTATE
SALE

Few Office space left for immediate sale in a prime locality. For details Plz Contact-7605932509. D-1713

Triplex for sale in a posh locality near AIIMS for details Plz contact. Mob-7605932509. D-1714

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

Commercial plot 3 sides road facing to NH Nakhara to Niali road frontage 60 feet facing to south 10000sqft., 8KM from Nakhara, 13KM from Bhubaneswar. 8249851363, 7809525452. D-75056

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – 9658562429. D-75259

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

ଭୁବନେଶ୍ୱର ସତ୍ୟନଗର ପଞ୍ଜାବୀ କଲୋନୀଠାରେ 1,15,00,000/-ରେ resale 3BHK flat ମିଳୁଛି। (Bank Loan available). 9437114429, 8093465134. D-75258

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9178660666. D-1720

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି । 9438315973 / 9938066403. D-1655

ଘରବାରି ସ୍ଥିତିବାନ ଜାଗା ଭୁବନେଶ୍ୱର ଅଟଳାରେ 30ft. ରାସ୍ତା ଥାଇ ସଙ୍ଗେ ସଙ୍ଗେ ଘର କଲାଭଳି Plot 24,60,000/-ରେ Bank Loan ସୁବିଧା ଥାଇ ବିକ୍ରିହେବ - 6370469894. D-75260




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75054

Newly open Spa positively health benefits with expert therapist. 9938843929. D-75167

Full body massage by expert therapist positively health benefits. 7381172169. D-75165

Newly open health benefits SPA special offer @999. Contact: 7749034655. D-75168

Relax, Refresh your body, Mind at Saikrupa Spa with best therapies. 8984068077. D-1696

**AFFIDAVIT**

I, Narayan Acharya (62), S/o Late Shyama Sundar Acharjya, At-Ganapatinagar, 3rd Lane, Aska Road, P.O.-Panigrahipentho, P.S.-Badabazar, Berhampur, Ganjam, Odisha, Pin-760006, declare by this Affidavit No.- A915 Dt.04.11.2023 that my father's name Shyam Sundara Acharya, as mentioned in the Passport # F2579480 and Shyama Sundar Acharjya as mentioned in Aadhaar Card No. xxxxxxxx 3684 are same person for all future purposes. D-1746

**LOST**

I, Manoj Kumar Nayak have lost my ROR bearing Khata No.536/655, Mouza-Unit No. 03 at Railway Station, Jharsuguda on dated 30.10.2023. I want to apply house loan from SBI, Jharsuguda Branch (00238) against mortgage as per said land. If anybody has got, kindly inform at 9131343774. D-1743

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି (ପଞ୍ଚମ ବର୍ଷ)



ସ୍ୱର୍ଗତା ସ୍ନେହଲତା ମହାନ୍ତି
ସ୍ୱାମୀ: ସ୍ୱର୍ଗତ ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା
ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।
-: ଶୋକସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ।
D-74712

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ବିଜେଡି ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର ଆରମ୍ଭ

ବାଲେଶ୍ୱର,୮।୧୧ (ମାନସ ବିଶ୍ୱାଳ)



ବିଜେଡିର ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର ଯୋଗଦେଇଥିବା ନେତା ଓ କର୍ମୀ।

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନ ମଣ୍ଡଳୀର ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର ବାଲିଆପାଳସ୍ଥିତ ଏକ ଗେଷ୍ଟ ହାଉସ୍ ପରିସରରେ ଆରମ୍ଭ ହୋଇଛି। ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ନେତୃତ୍ୱରେ ବସ୍ତା ଏବଂ ବାଲିଆପାଳ ବ୍ଲକ୍‌ର ୪୫ଟି ପଞ୍ଚାୟତର ସମସ୍ତ ୱାର୍ଡ଼ର୍ ସକ୍ରିୟ ସଦସ୍ୟ ପ୍ରଶିକ୍ଷଣ ନେବେ। ଏହି ପ୍ରଶିକ୍ଷଣ ଶିବିର ପ୍ରତ୍ୟେକ ଦିନ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଛି ।

ବୁଧବାର ପ୍ରଥମ ଦିବସରେ ୧୫ଟି ପଞ୍ଚାୟତର ସମସ୍ତ ୱାର୍ଡ଼ର୍ ସକ୍ରିୟ ସଦସ୍ୟାସଦସ୍ୟ ମାନେ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ବିଗତ ୨୩ ବର୍ଷ ଧରି ବିଜୁ ଜନତା ଦଳ ଯେପରି ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇଆସୁଛି, ସେ ସମ୍ପର୍କରେ ବସ୍ତା-ବାଲିଆପାଳର ସକ୍ରିୟ କର୍ମୀମାନଙ୍କୁ ଭୁବନେଶ୍ୱର ଶଙ୍ଖ ଭବନରୁ ଆସିଥିବା ପ୍ରଶିକ୍ଷିକା ଏବଂ ଦଳର ବରିଷ୍ଠ ନେତା ଅବଗତ କରାଇଥିଲେ। ଏଥି ସହ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ରାଜ୍ୟ ବିକାଶର ସୋପାନ କିପରି ଗୋଟିଏ ପରେ ଗୋଟିଏ ଅତିକ୍ରମ କରି ସମଗ୍ର ଦେଶରେ ଅନ୍ୟମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ପାଲଟିଛି ସେ ସମ୍ପର୍କରେ କର୍ମୀମାନଙ୍କୁ ଅବଗତ କରାଇଥିଲେ। ଏଥିସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ ଅବା ୫ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍କୁଲ, କଲେଜ, ମଠ ଓ ମନ୍ଦିର ରୂପାନ୍ତରଣ ପ୍ରକ୍ରିୟାରେ ରାଜ୍ୟର ପ୍ରତ୍ୟେକ ବର୍ଗର ଜନସାଧାରଣ କିପରି ଉପକୃତ ହେଉଛନ୍ତି ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ। ତତ୍ ସହିତ ବସ୍ତା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ବିଜୁ ଜନତା ଦଳ କିପରି ପ୍ରତିଶ୍ରୁତିବଦ୍ଧ ସେ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଜଣାଇଥିଲେ। ସାମାଜିକ ଗଣମାଧ୍ୟମ ଜରିଆରେ କିପରି ଅଧିକରୁ ଅଧିକ ଲୋକଙ୍କ ପାଖରେ ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ତୃଣମୂଳ ସ୍ତରରେ ପହଞ୍ଚିବ ଓ ଦଳୀୟ ସଙ୍ଗଠନକୁ ଦୃଢ଼ କରିବା ନେଇ ପ୍ରଶିକ୍ଷିତ ହେବା ସହ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବରେ ଦେଖିବାକୁ ଉପସ୍ଥିତ କର୍ମୀମାନେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଞ୍ଜିତ ମହାପାତ୍ର, ନୀଳଗିରି ନିର୍ବାଚନ ମଣ୍ଡଳୀର ବିଜେଡ଼ି ନେତା ତଥା ଜିଲା ବିଜେଡ଼ିର ବରିଷ୍ଠ ଉପ-ସଭାପତି ସନ୍ତୋଷ ଖଟୁଆ, ଜିଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସ ମହାପାତ୍ର, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ଜିଲା ଉପ-ସଭାପତି ଲକ୍ଷ୍ମୀଧର ଦାସ, ପ୍ରଶିକ୍ଷିକା ତଥା ରାଜ୍ୟ ବିଜେଡ଼ିର ମୁଖପାତ୍ର ମହାଶ୍ୱିତା ମିଶ୍ର, ଅନ୍ୟତମ ପ୍ରଶିକ୍ଷିକା ତଥା ରାଜ୍ୟ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦିକା ସୁପ୍ରୀତି ଶର୍ମା, ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବସ୍ତା ବ୍ଲକ ବିଜେଡ଼ି ସଭାପତି ଅନୀଲ ମହାନ୍ତି, ଜିଲା ପରିଷଦ ସଭ୍ୟାସଭ୍ୟ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ ସଭାପତି, ଯୁବ, ଛାତ୍ର ଓ ମହିଳା ବିଜେଡ଼ିର କାର୍ଯ୍ୟକର୍ତ୍ତା ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ସ୍ୱସ୍ତିଙ୍କୁ ସ୍ୱର୍ଣ୍ଣ, ଖୋ ଖୋରେ ୨ ରୌପ୍ୟ

ଭୁବନେଶ୍ୱର,୮।୧୧
(ସରୋଜ ଜେନା)

ଗୋଆରେ ଅନୁଷ୍ଠିତ ୩୭ ତମ ଜାତୀୟ କ୍ରୀଡାରେ ଓଡ଼ିଶା ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ବୁଧବାର ଓଡ଼ିଆ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଓଡ଼ିଶାର ପଦକ ସଂଖ୍ୟା ୫୦ ପାର କରିଛି। ୭୫ କି.ମି. ମାସ୍ ଷ୍ଟାର୍ଟ ରୋଡ ସାଇକ୍ଲିଂ ଇଭେଣ୍ଟରେ ସ୍ୱସ୍ତି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ସହିତ ଓଡ଼ିଶାର ପୁରୁଷ ଓ ମହିଳା ଖୋ ଖୋ ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ନୂତନ ଭାବରେ ଜାତୀୟ କ୍ରୀଡାରେ ସାମିଲ କରାଯାଇଥିବା ସ୍କେ ମାର୍ଶିଆଲ ଆର୍ଟ୍ସରେ ଓଡ଼ିଶାର କୁନ୍ଦା ମାଝି ରୌପ୍ୟ ପଦକ ହାସଲ କରିଥିବା ବେଳେ ମୀନତି ସାହୁ ଓ ଡିଲାପ୍ରୋଜ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ଲନ୍ ବୋଲ୍‌ରେ ମଧ୍ୟ ଓଡ଼ିଶା ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛି। ପୁରୁଷ ଫୋର୍‌ସ ଓ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଦଳ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛି।

ବୁଧବାର ସାଇକ୍ଲିଂରେ ଓଡ଼ିଶା ଏହାର ଚତୁର୍ଥ ପଦକ ହାସଲ କରିଥିଲା। ପୂର୍ବରୁ ୩ଟି ବ୍ରୋଞ୍ଜ ମିଳିଥିବା ବେଳେ ସ୍ୱସ୍ତି ବ୍ୟକ୍ତିଗତ ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଅନ୍ୟ ପକ୍ଷରେ ଖୋ ଖୋରେ ଉଭୟ ପୁରୁଷ ଓ ମହିଳା ଦଳର ଅପରାଜେୟ ଧାରା ଶେଷ ହୋଇଛି। ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ୍ ମହାରାଷ୍ଟ୍ର ଉଭୟ ଦଳଙ୍କୁ ପରାସ୍ତ କରିଥିଲା। ପୁରୁଷ ଦଳ ୨୬-୭୨ରେ ପରାଜିତ ହୋଇଥିବା ବେଳେ ମହିଳା ଦଳ ସଂଘର୍ଷପୂର୍ଣ୍ଣ ୪୦-୪୬ରେ ପରାଜିତ ହୋଇଥିଲା। ମହାରାଷ୍ଟ୍ର ଏକ ଶକ୍ତିଶାଳୀ ଦଳ ହୋଇଥିବା ବେଳେ ଆମ ଦଳର ପ୍ରଦର୍ଶନକୁ ନେଇ ମୁଁ ଖୁସି ଅଛି ବୋଲି କୋଚ୍ ସଞ୍ଜୀବ ଶର୍ମା କହିଛନ୍ତି। ଅଗଷ୍ଟ ମାସରୁ ଆମେ ଜାତୀୟ କ୍ରୀଡା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲୁ ଯାହାର ସୁଫଳ ମିଳିଛି। ପୁରୀରେ କରାଯାଇଥିବା କ୍ୟାମ୍ପ ଆମ ପାଇଁ ଲାଭଦାୟକ ରହିଥିଲା ବୋଲି ସେ କହିଛନ୍ତି। ଏହା ସହ ସେ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳୁଥିବା ସହାୟତାକୁ ପ୍ରଶଂସା କରିଛନ୍ତି। ଦୀର୍ଘ ୩୬ ବର୍ଷର କ୍ରୀଡା କ୍ୟାରିୟର ମଧ୍ୟରେ କୌଣସି ସରକାରଙ୍କ ନିକଟରୁ ଏଭଳି ସହଯୋଗିତା ଦେଖି ନାହିଁ ବୋଲି ସେ କହିଛନ୍ତି।

**ଜାତୀୟ କ୍ରୀଡ଼ା**
**ଓଡ଼ିଶାର ପଦକ ସଂଖ୍ୟା ୫୦ ପାର**



ଲନ୍‌ବୋଲ୍ସରେ ବ୍ରୋଞ୍ଜ ବିଜୟୀ ଓଡ଼ିଶା ଦଳ।



ପୋଡିୟମ ଉପରେ ସ୍ୱର୍ଣ୍ଣ ପଦକ ଗ୍ରହଣ ଅବସରରେ ଓଡ଼ିଶାର ସ୍ୱସ୍ତି ସିଂ (ମଝି)।



ଜାତୀୟ କ୍ରୀଡ଼ାର ଖୋ ଖୋ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ପୁରୁଷ ଓ ମହିଳା ଦଳ।

## ଗଣେଶ ପାଇବେ ନ୍ୟାଶନାଲ ଆଡ୍‌ଭେଞ୍ଚର ପୁରସ୍କାର



ଭୁବନେଶ୍ୱର, ୮।୧୧
(ତପନ ସ୍ୱାଇଁ)

ଏଭେରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା ଦେଶର ଅନ୍ୟତମ ମର୍ଯ୍ୟାଦାଜନକ ବ୍ରିଗେଡିୟର୍ ଜ୍ଞାନ ସିଂ ନ୍ୟାଶନାଲ ଆଡଭେଞ୍ଚର ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ନ୍ୟାଶନାଲ ଆଡଭେଞ୍ଚର ଫାଉଣ୍ଡେଶନ(ଏନ୍ଏଏଫ୍) ପକ୍ଷରୁ ପ୍ରତି ବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଥିବାବେଳେ ଓଡ଼ିଶାର ପ୍ରଥମ କ୍ରୀଡ଼ାବିତ୍ ଭାବେ ଗଣେଶ ଏହା ପାଇବେ। ଚଳିତ ମାସ ୨୭ରେ ନୂଆଦିଲ୍ଲୀର ଚାଣକ୍ୟପୁରୀସ୍ଥିତ ୟୁଥ୍ ହଷ୍ଟେଲ୍ ଆସୋସିଏଶନ୍ ଅଫ୍ ଇଣ୍ଡିଆ ପରିସରରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। ଗଣେଶଙ୍କ ସହ ଅନ୍ୟତମ ସଫଳ ଦୁଃସାହସିକ କ୍ରୀଡ଼ାବିତ୍ ରୋହିତସ୍ୱ ବିଶା ଏବଂ ମହିଳା ବିଭାଗ ପାଇଁ ଶିବାଙ୍ଗୀ ରାଣା ଏହି ପୁରସ୍କାର ପାଇବେ।

## ପୁରୁଷ ଦଳଗତ ବିଭାଗରେ ଏଜି ଚାମ୍ପିୟନ



ପ୍ରଥମ ଦିବସରେ ଟେବୁଲ ଟେନିସ୍ ଖେଳିବା ଅବସରରେ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୮।୧୧
(ତପନ ସ୍ୱାଇଁ)

**ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍**

ସ୍ଥାନୀୟ ବିଜୁ ପଟ୍ଟନାୟକ ଟେବୁଲ ଟେନିସ ଏକାଡେମୀ ଇନ୍‌ଡୋର ହଲ୍‌ରେ ଚାଲିଥିବା ୨୯ତମ ଆନ୍ତଃଜିଲା ଓ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ପୁରୁଷ ଦଳଗତ ବିଭାଗରେ ଏଜି ଚାମ୍ପିୟନ ହୋଇଛି। ଫାଇନାଲରେ ଏଜି ଦଳ କଟକ 'ଏ'କୁ ପରାସ୍ତ କରିଥିଲା। ପ୍ରଥମ ସେମିଫାଇନାଲରେ କଟକ 'ଏ' ୩-୦ରେ ଖୋର୍ଦ୍ଧାକୁ ହରାଇଥିବାବେଳେ ଦ୍ୱିତୀୟ ସେମିରେ ଏଜି ଓଡ଼ିଶା ୩-୦ରେ କଟକକୁ ହରାଇ ଦେଇଥିଲା। ଜୁନିୟର ବାଳକ ଟିମ୍ ଇଭେଣ୍ଟ ଫାଇନାଲରେ କଟକ 'ଏ'କୁ ୩-୧ରେ ହରାଇ ଭୁବନେଶ୍ୱର 'ଏ' ଚାମ୍ପିୟନ ହୋଇଛି। ମଙ୍ଗଳବାର ପ୍ରତିଯୋଗିତାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଚାମ୍ପିୟନଶିପ୍‌ରେ ୧୮ ଜିଲା ଓ ୫ ଅନୁଷ୍ଠାନରୁ ୭୩ ମହିଳା ଓ ୨୧୨ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

## ଅଲିମ୍ପିକ୍ସ ଯୋଗ୍ୟତା ହାସଲରେ ରିକର୍ଭ ଟିମ୍ ବିଫଳ

ବ୍ୟାଙ୍କକ୍,୮।୧୧(ପି.ଟି.): ଏସିଆନ୍ ଚାମ୍ପିୟନଶିପ୍‌ର ଫାଇନାଲ ପ୍ରବେଶ କରି ପାରି ନ ଥିବା ବେଳେ ଭାରତୀୟ ରିକର୍ଭ ଆର୍ଚର ମାନେ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ହାସଲରେ ବିଫଳ ହୋଇଛନ୍ତି। ବୁଧବାର ପଞ୍ଚମ ସିଡେଡ୍ ଭାରତୀୟ ମହିଳା ଦଳ ସେମି ଫାଇନାଲରେ ଦକ୍ଷିଣ କୋରିଆ ଠାରୁ ୨-୬ ରେ ପରାଜିତ ହୋଇଥିଲା। ଅଙ୍କିତା ଭକତ, ଭଜନ କୌର ଓ ତିଶା ପୁନିଆଙ୍କ ଦଳ ୫୫-୫୪, ୫୪-୫୬, ୫୫-୫୭ ଓ ୫୨-୫୬ସେଟରେ ହାରି ଯାଇଥିଲା। ପ୍ରଥମ ସେଟ୍ ବିଜୟୀ ହେବା ପରେ ଭାରତୀୟ ଦଳ ଚାପରେ ପରବର୍ତ୍ତୀ ରାଉଣ୍ଡରେ ହାରି ଯାଇଥିଲା। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଭାରତ ଚାଇନିଜ୍ ତାଇପେକୁ ୫-୧ରେ ପରାସ୍ତ କରିଥିଲା। ଅନ୍ୟ ପକ୍ଷରେ ଦ୍ୱିତୀୟ ସିଡେଡ୍ ଭାରତୀୟ ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ କାଜାଖସ୍ତାନ ନିକଟରୁ ୫-୪ରେ ହାରି ଯାଇଥିଲା।

**ଆବୁଧାବୀ ବିଶ୍ୱ ଜୁ-ଜିତ୍ସୁ ପ୍ରତିଯୋଗିତା**

## ବ୍ରୋଞ୍ଜ ବିଜୟୀ ଅନୁପମାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)

ଆବୁଧାବୀଠାରେ ଅନୁଷ୍ଠିତ ବିଶ୍ୱ ଜୁ-ଜିତ୍ସୁ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତି ଓଡ଼ିଶାକୁ ଗର୍ବିତ କରିଥିବା ଅନୁପମା ସ୍ୱାଇଁ ବୁଧବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଠାରେ ତାଙ୍କୁ ଓଡ଼ିଶା ଜୁ-ଜିତ୍ସୁ ସଂଘ ଓ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ବିଏନ୍‌ପି ଗ୍ରୁପ୍‌ର ଅଧ୍ୟକ୍ଷ ବିଶ୍ୱନାଥ ପଟ୍ଟନାୟକ ଓ ପ୍ରବନ୍ଧ ନିର୍ଦ୍ଦେଶକ ଅରୁଣ କର, ଚିତ୍ତରଞ୍ଜନ ସ୍ୱାଇଁ, ରାକେଶ ମହାନ୍ତି, ଖାରବେଳ ମଲିକ, ଅବିନାଶ ପୁହିର, ସମ୍ବିତ ଦାଶ, ଓଡ଼ିଶା ଜୁ-ଜିତ୍ସୁ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ସଭାପତି ଗୌରୀ ମହାନ୍ତି ଓ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍ ଉପସ୍ଥିତ ଥିଲେ। ପ୍ରତିଯୋଗିତା ପାଇଁ ଅନୁପମା ଦୁବାଇର ଆଟ୍ରିକ୍ସନ ଏକାଡେମୀରେ ପ୍ରସ୍ତୁତି କରିଥିଲେ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ବିଏନ୍‌ପି ଗ୍ରୁପ୍ ତାଙ୍କର ସମସ୍ତ ଖର୍ଚ୍ଚ ବହନ କରିଥିଲେ।



ଓଡ଼ିଶା ଜୁ-ଜିତ୍ସୁ ସଂଘ ଓ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ଅନୁପମା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଉଦ୍‌ଘାଟିତ

ଭୁବନେଶ୍ୱର, ୮।୧୧
(ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଜାତୀୟ ଭଲିବଲ ରେଫରି ପ୍ରମୋଦ କୁମାର ବେହେରା, କିଟ୍‌ର ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାର ୧୩ଟିକୁ ମିଶାଇ ମୋଟ ଏଥିରେ ୬୫ ବିଶ୍ୱବିଦ୍ୟାଳୟ ଦଳର ୯୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ମୋଟ ୩୧ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଓଡ଼ିଶାରୁ ଭାଗ ନେଇଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରୁ କିସ୍ ଓ ବାରିପଦାର ଏମ୍ଏସ୍‌ସିବିଡି ବିଶ୍ୱବିଦ୍ୟାଳୟ ଦଳ ବିଜୟ ହାସଲ କରିଛି। ଗତବର୍ଷ ଟପ୍-୪ ଫିନିଶ୍ କରିଥିବାରୁ କିଟ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ପ୍ରଥମ ଦିବସରେ ବିଜୟୀ ହୋଇଥିବା ଅନ୍ୟ ବିଶ୍ୱବିଦ୍ୟାଳୟ ଦଳଗୁଡ଼ିକ ହେଲେ ଭିଲାଇର ସିଏସ୍‌ଭିଟି, ବିନୋବା ଭାବେ, ୟୁନିଭର୍ସିଟି ଅଫ୍ ନର୍ଥ ବେଙ୍ଗଲ, ଭିବିଏସ୍ ପୂର୍ବାଞ୍ଚଳ, ମିଜୋରାମ ୟୁନିଭର୍ସିଟି, ଯାଦବପୁର, କଲ୍ୟାଣୀ, ଜନନାୟକ ଚନ୍ଦ୍ରଶେଖର ବିଶ୍ୱବିଦ୍ୟାଳୟ, ବୋଧଗୟାର ମଗଧ ୟୁନିଭର୍ସିଟି, ବର୍ଦ୍ଧମାନ, ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ମଣିପୁର ଓ ସେଣ୍ଟ୍ରାଲ ୟୁନିଭର୍ସିଟି ସାଉଥ୍ ବିହାର।



କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

## ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ବିଜୟୀ ମିନି ଗଲ୍ଫ ଦଳ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)

ଗୋଆରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ପ୍ରଥମ ଥର ଲାଗି ଅଂଶଗ୍ରହଣ କରିଥିବା ଓଡ଼ିଶା ମିନି ଗଲ୍ଫ ଦଳ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛି। ଦଳର ଖେଳାଳି, ପ୍ରଶିକ୍ଷକ ଓ ଓଡ଼ିଶା ମିନି ଗଲ୍ଫ ସଂଘର କର୍ମକର୍ତ୍ତାଙ୍କୁ ମୁକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି। ବୁଧବାର ମ୍ୟାନେଜିଂ ଟ୍ରଷ୍ଟି ପୀୟୂଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର, ଟ୍ରଷ୍ଟର ଉପଦେଷ୍ଟା ବିଧୁଭୂଷଣ ନାୟକ, ଟିଭିର ନ୍ୟୁଜ୍ ହେଡ୍ ରାଧାମାଧବ ମିଶ୍ର ଓ ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ମିଳନ ଘଡ଼ୁଆରୀ ସଂଯୋଜନା କରିଥିଲେ। କ୍ରୀଡାବିତ୍ ବିକାଶ ଚନ୍ଦ୍ର ପଟ୍ଟନାୟକଙ୍କ ଉଦ୍ୟମରେ ରାଜ୍ୟରେ ଆରମ୍ଭ କରାଯାଇଥିବା ମିନି ଗଲ୍ଫ ଦଳ ଜାତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସଂଘର ସଭାପତି ତଥା ଦଳର ମ୍ୟାନେଜର ସତ୍ୟବ୍ରତ ମୀନକେତନ, ମହିଳା ଦଳର ପ୍ରଶିକ୍ଷକ ପଦ୍ମାଳୟା ପ୍ରଧାନ, ପୁରୁଷ ଦଳର ପ୍ରଶିକ୍ଷକ ବିକ୍ରମ ଚନ୍ଦ୍ର ପଟ୍ଟନାୟକ,ସଂଘର ପରାମର୍ଶଦାତା ତଥା ଉପସଭାପତି ପ୍ରସନ୍ନଜିତ ପତି, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରାଙ୍କ ସମେତ ଦଳର ସମସ୍ତ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶଯୋଗ୍ୟ ଯେ ବିଗତ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବା କ୍ରୀଡାବିତ୍‌ଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇ ଆସୁଛି। ସେହିପରି ଟ୍ରଷ୍ଟ ପକ୍ଷରୁ ଗୁରୁ-ଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ କରିବା ଲାଗି କ୍ରୀଡାଗୁରୁ ଓ କ୍ରୀଡା ପ୍ରତିଭା ସମ୍ମାନ ପ୍ରତିବର୍ଷ ପ୍ରଦାନ କରାଯାଉଛି।


ଅତିଥିଙ୍କ ଗହଣରେ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ମିନି ଗଲ୍ଫ ଦଳ।








# ଇଂଲଣ୍ଡର ପ୍ରତୀକ୍ଷିତ ବିଜୟ

## ଷ୍ଟୋକ୍ସଙ୍କ ଶତକ

**ପୁଣେ, ୮।୧୧**

କ୍ରମାଗତ ୫ ପରାଜୟ ପରେ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ପ୍ରତୀକ୍ଷିତ ବିଜୟ ହାସଲ କରିଛି ଗତଥରର ଚାମ୍ପିୟନ ଇଂଲଣ୍ଡ। ବେନ୍ ଷ୍ଟୋକ୍ସଙ୍କ ଶତକ ଏବଂ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଏହି ଦଳ ବୁଧବାର ଅନୁଷ୍ଠିତ ମ୍ୟାଚରେ ନେଦରଲାଣ୍ଡ୍ସକୁ ୧୬୦ ରନରେ ହରାଇ ଦେଇଛି। ଏଥିସହ ଦଳ ପଏଣ୍ଟ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇ ଚାମ୍ପିୟନ୍ସ ଟ୍ରଫି ଖେଳିବା ଆଶା ଉଜ୍ଜୀବିତ କରିଛି। ବିଶ୍ୱକପ୍‌ର ଟପ୍-୮ ଦଳ ଚାମ୍ପିୟନ୍ସ ଟ୍ରଫି ଖେଳିବା ନିୟମ ରହିଛି। ଏଠାରେ ଇଂଲଣ୍ଡ ୫୦ ଓଭରରେ ୯ ଉଇକେଟ ହରାଇ ୩୩୯ ରନ କରିଥିଲା। ନେଦରଲାଣ୍ଡ୍ସ ୩୭.୨ ଓଭରରେ ୧୭୯ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଶତକୀୟ ଇନିଂସ ପାଇଁ ଷ୍ଟୋକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଟସ୍ ଜିତି ବ୍ୟାଟିଂ କରିଥିବା ଇଂଲଣ୍ଡ ଇନିଂସରେ ଷ୍ଟୋକ୍ସଙ୍କ ଶତକ ମୁଖ୍ୟ ଆକର୍ଷଣ ଥିଲା। ସେ ୮୪ଟି ବଲ୍‌ର ସମ୍ମୁଖୀନ ହୋଇ ୬ଟି ଲେଖାଏ ଚୌକା ଓ ଛକା ସହାୟତାରେ ସର୍ବାଧିକ ୧୦୮ ରନ କରିଥିଲେ। ଦାଓ୍ୱିଦ ମଲନ ୮୭ ଓ କ୍ରିସ୍ ଓ୍ୱୋକ୍ସଙ୍କ ୫୧ ରନର ଉପଯୋଗୀ ଇନିଂସ ଇଂଲଣ୍ଡକୁ ବଡ଼ ସ୍କୋରରେ ପହଞ୍ଚାଇବାରେ ସହାୟକ ହୋଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ବାସ୍ ଡି ଲିଡ୍ ସର୍ବାଧିକ ୩ଟି, ଆର୍ଯ୍ୟନ ଦତ୍ତ ଓ ଲୋଗାନ ଭାନ୍ ବିକ୍ ୨ଟି ଲେଖାଏ ଏବଂ ପଲ୍ ଭାନ୍ ମିକରେନ ଗୋଟିଏ ଉଇକେଟ ନେଇଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକାକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ନେଦରଲାଣ୍ଡ୍ସ କିନ୍ତୁ ଏଠାରେ ପ୍ରଭାବହୀନ ବ୍ୟାଟିଂ କରିଥିଲା। ତେଜା ନିଦାମାନୁରୁ ୪୧ ରନରେ ଅପରାଜିତ ରହି ଟପ୍ ସ୍କୋରର ହୋଇଥିବାବେଳେ ସ୍କଟ ଏଡଓ୍ୱାର୍ଡ୍ସ ୩୮, ଓ୍ୱେସଲି ବାରେସି ୩୭ ଓ ସିବ୍ରାଣ୍ଡ ଇଙ୍ଗଲବ୍ରେଚ୍ ୩୩ ରନ କରିବାକୁ ସକ୍ଷମ ହୋଇଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ମୋଇନ ଅଲୀ ଓ ଆଦିଲ ରଶିଦ ୩ଟି ଲେଖାଏ, ଡେଭିଡ ଓ୍ୱିଲି ୨ଟି ଓ କ୍ରିସ୍ ଓ୍ୱୋକ୍ସ ଗୋଟିଏ ଉଇକେଟ ନେଇଥିଲେ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା**

**ସ୍ଥାନ: ବେଙ୍ଗାଲୁରୁ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୫୦ ଓଭରରେ ୩୩୯/୯ (ବେନ୍ ଷ୍ଟୋକ୍ସ-୧୦୮, ଦାଓ୍ୱିଦ ମଲନ-୮୭, କ୍ରିସ୍ ଓ୍ୱୋକ୍ସ-୫୧, ବାସ୍ ଡି ଲିଡ୍-୩/୭୪, ଆର୍ଯ୍ୟନ ଦତ୍ତ-୨/୬୭, ଲୋଗାନ ଭାନ୍ ବିକ୍-୨/୮୮, ପଲ୍ ଭାନ୍ ମିକରେନ-୧/୫୭)। ନେଦରଲାଣ୍ଡ୍ସ ୩୭.୨ ଓଭରରେ ୧୭୯/ଅଲ୍‌ଆଉଟ (ତେଜା ନିଦାମାନୁରୁ-୪୧, ମୋଇନ ଅଲୀ-୩/୪୨, ଆଦିଲ ରଶିଦ-୩/୫୪, ଡେଭିଡ ଓ୍ୱିଲି-୨/୧୯, କ୍ରିସ୍ ଓ୍ୱୋକ୍ସ-୧/୧୯)।



ପ୍ଲେୟର ଅଫ୍ ଦି ମ୍ୟାଚ ବେନ୍ ଷ୍ଟୋକ୍ସ।

# ଗୋଟିଏ ସ୍ଥାନ, ୩ ଦଳ

## ଭାରତର ସେମିଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ପାଇଁ ଦୌଡ଼

**କୋଲକାତା, ୮।୧୧ (ପି.ଟି.)**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ୩ ଦଳ ସେମିଫାଇନାଲ ପ୍ରବେଶ କରିସାରିଛନ୍ତି। ଆଉ ଗୋଟିଏ ସ୍ଥାନ ପାଇଁ ଏବେ ୩ ଦଳ ମଧ୍ୟରେ ଲଢ଼େଇ। ମଙ୍ଗଳବାର ମ୍ୟାଚରେ ଆଫଗାନିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆର ଲଢ଼ୁଆ ବିଜୟ ପରେ ଦୃଶ୍ୟପଟ ସ୍ପଷ୍ଟ ହୋଇଯାଇଛି। ଏହି ଦଳ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ପଏଣ୍ଟ ଟେବୁଲର ଶୀର୍ଷସ୍ଥାନରେ ଥିବା ଭାରତ ସହ କିଏ ସେମିଫାଇନାଲ ଖେଳିବ ତାହାକୁ ନେଇ ଉତ୍ସାହ ବଢ଼ିଛି। ଏହି ଦୌଡ଼ରେ ରହିଛନ୍ତି ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଆଫଗାନିସ୍ତାନ। ଏହି ତିନି ଦଳ ୮ ପଏଣ୍ଟ ଲେଖାଏ ପାଇଛନ୍ତି। କେବଳ ନେଟ୍ ରନ୍ ହାରରେ ଉପର ତଳ ରହିଛନ୍ତି। ନ୍ୟୁଜିଲାଣ୍ଡ ଏହାର ଶେଷ ଲିଗ୍ ମ୍ୟାଚ ବେଙ୍ଗାଲୁରୁଠାରେ ଶ୍ରୀଲଙ୍କା ବିପକ୍ଷରେ ଖେଳିବ। ତିନି ଦଳ ମଧ୍ୟରେ ନ୍ୟୁଜିଲାଣ୍ଡ (୦.୩୯୮)ର ନେଟ୍ ରନ୍ ହାର ଉପରେ ରହିଛି। ଗତ ସଂସ୍କରଣର ରନରଅପ୍ ଏହି ଦଳ ବଡ଼ ବ୍ୟବଧାନରେ ଆଗାମୀ ମ୍ୟାଚ ଜିତିବା ଆବଶ୍ୟକ ହେଉଛି। ଏହା ବ୍ୟତୀତ ପାକିସ୍ତାନ (୦.୦୩୬) ଓ ଆଫଗାନିସ୍ତାନ (-୦.୦୩୮) ଭଲ ପ୍ରଦର୍ଶନ ନ କରୁ ବୋଲି ଚାହିଁବ। ବ୍ଲାକ୍‌କ୍ୟାପ୍ ଦଳ କ୍ରମାଗତ ୪ ମ୍ୟାଚ ଜିତିବା ପରେ ପରବର୍ତ୍ତୀ ୪ ମ୍ୟାଚ ହାରି ସମସ୍ୟାରେ ପଡ଼ିଛି। ଦୁର୍ବଳ ବୋଲିଂ ଦଳ ପାଇଁ ମହଙ୍ଗା ପଡ଼ିଛି। ମ୍ୟାଚ ଅବସରରେ ବେଙ୍ଗାଲୁରୁରେ ବର୍ଷା ହେବାର ସମ୍ଭାବନା ରହିଛି। ଏହା ମଧ୍ୟ ଦଳର ଚିନ୍ତା ବଢ଼ାଇଛି। କାରଣ ପଏଣ୍ଟ ଭାଗହେଲେ ଦଳ ଆଗକୁ ଯିବା ଅସମ୍ଭବ ହୋଇପଡ଼ିବ।

### ଭାରତ-ପାକ୍ ସେମିଫାଇନାଲ ସମ୍ଭବ

ସେମିଫାଇନାଲରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ହେବା ମଧ୍ୟ ସମ୍ଭବ। ଏହା ହେଲେ ଇଡେନ ଗାର୍ଡେନ୍ସରେ ଦର୍ଶକ ଆଉ ଏକ ହାଇ ପ୍ରୋଫାଇଲ ମ୍ୟାଚ ଦେଖିବାକୁ ପାଇବେ। ତେବେ ଏଥିପାଇଁ ଆସନ୍ତା ଶନିବାର ଇଂଲଣ୍ଡ ବିପକ୍ଷରେ ପାକିସ୍ତାନକୁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ହେବ। ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା ଓ ଆଫଗାନିସ୍ତାନ-ଦକ୍ଷିଣ ଆଫ୍ରିକା ମ୍ୟାଚ ପରେ ପାକିସ୍ତାନ ଖେଳିବାକୁ ଥିବାରୁ ଫାଇଦାରେ ରହିବ। ତେବେ ଦଳକୁ ଟାର୍ଗେଟ ହାସଲ କରିବାକୁ ହେବ। ଟୁର୍ନାମେଣ୍ଟରେ ସବୁଠାରୁ ଉନ୍ନତି କରିଥିବା ଦଳ ଆଫଗାନିସ୍ତାନ ପୂର୍ବ ମ୍ୟାଚରେ ଅଷ୍ଟ୍ରେଲିଆ ବିପକ୍ଷରେ ଭଲ ସ୍ଥିତିରେ ଥାଇ ମଧ୍ୟ ମ୍ୟାଚ ହାତଛଡ଼ା କରିଥିଲା। ଶୁକ୍ରବାର ଏହି ଦଳ ଅହମଦାବାଦରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆଉ ଏକ ବିପର୍ଯ୍ୟୟ ସୃଷ୍ଟିକାରୀ ପ୍ରଦର୍ଶନ ଦେବାକୁ ପଡ଼ିବ। ନେଟ୍ ରନ୍ ହାର ଉପରେ ମଧ୍ୟ ଏହି ଦଳକୁ ଦୃଷ୍ଟି ଦେବାକୁ ପଡ଼ିବ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୮ | ୬ | ୨ | ୧୨ | +୧.୩୭୬ |
| ଅଷ୍ଟ୍ରେଲିଆ | ୮ | ୬ | ୨ | ୧୨ | +୦.୮୬୧ |
| ନ୍ୟୁଜିଲାଣ୍ଡ | ୮ | ୪ | ୪ | ୮ | +୦.୩୯୮ |
| ପାକିସ୍ତାନ | ୮ | ୪ | ୪ | ୮ | +୦.୦୩୬ |
| ଆଫଗାନିସ୍ତାନ | ୮ | ୪ | ୪ | ୮ | -୦.୩୩୮ |
| ଇଂଲଣ୍ଡ | ୮ | ୨ | ୬ | ୪ | -୦.୮୮୫ |
| ବାଂଲାଦେଶ | ୮ | ୨ | ୬ | ୪ | -୧.୧୪୨ |
| ଶ୍ରୀଲଙ୍କା | ୮ | ୨ | ୬ | ୪ | -୧.୧୬୦ |
| ନେଦରଲାଣ୍ଡ୍ସ | ୮ | ୨ | ୬ | ୪ | -୧.୬୩୫ |

# ମ୍ୟାକ୍ସୱେଲଙ୍କ ମ୍ୟାଜିକ୍ ପଛରେ ଫିଜିଓ

**ମୁମ୍ବାଇ, ୮।୧୧ (ପି.ଟି.)**



ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଚମତ୍କାର ୨୦୧* ରନ୍ ବଳରେ ଅଷ୍ଟ୍ରେଲିଆ ସେମିଫାଇନାଲରେ ପ୍ରବେଶ କରିଛି। ତେବେ ୱାଙ୍ଖେଡେ ଷ୍ଟାଡିୟମରେ ଖେଳା ଯାଇଥିବା ଏହି ମ୍ୟାଜିକାଲ ଇନିଂସ ପଛରେ ରହିଛି ଅଷ୍ଟ୍ରେଲିଆ ଦଳର ଫିଜିଓ ନିକ୍ ଜୋନ୍ସଙ୍କ ବଡ ଅବଦାନ। ଯେଉଁ ସମୟରେ ଏକାଧିକ କ୍ରାମ୍ପ କାରଣରୁ ଯନ୍ତ୍ରଣାରେ ଛଟପଟ ମ୍ୟାକ୍ସୱେଲ ଛିଡା ହେବାକୁ ଅସମର୍ଥ ଥିଲେ ସେ ସମୟରେ ନିକ୍‌ଙ୍କ ଉପଦେଶ ହିଁ ମ୍ୟାକ୍ସୱେଲଙ୍କ ଇନିଂସ ଆଗେଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଯେତେବେଳେ ନିଜେ ମ୍ୟାକ୍ସୱେଲ ମଧ୍ୟ ହାର ମାନି ରିଟାୟର ହେବାକୁ ବସିଥିଲେ ସେ ସମୟରେ ନିକ୍ ତାଙ୍କ ଉପରେ ଭରସା ଦେଖାଇଥିଲେ। ସିଙ୍ଗଲ ରନ୍ ନେବା ପରିବର୍ତ୍ତେ କ୍ରିଜରେ ଠିଆ ହୋଇ ଶଟ୍ ଖେଳିବାକୁ ନିକ୍ ପରାମର୍ଶ ଦେଇଥିଲେ। ଏହାର ପ୍ରଭାବ ମ୍ୟାକ୍ସୱେଲଙ୍କ ଇନିଂସରେ ଦେଖିବାକୁ ମିଳିଥିଲା। ବିଶ୍ୱ କ୍ରିକେଟ ଏଭଳି ଏକ ଇନିଂସ ଦେଖିଥିଲା, ଯାହା ଆସନ୍ତା କିଛି ଦଶନ୍ଧି ଯାଏ ଚର୍ଚ୍ଚାର ଶିରୋନାମା ରହିବ। ଦୀର୍ଘ ଦୁଇ ବର୍ଷ ଧରି ଅଷ୍ଟ୍ରେଲିଆର ଫିଜିଓ ରହିଥିବା ନିକ୍ ହିଁ ରିଟାୟର ନ ହେବା ପାଇଁ ମ୍ୟାକ୍ସୱେଲଙ୍କୁ ପରାମର୍ଶ ଦେଇଥିଲେ। ଡ୍ରେସିଂ ରୁମ୍‌କୁ ଯାଇଥିଲେ କ୍ରାମ୍ପର ସମସ୍ୟା ଆହୁରି ଅଧିକ ବଢି ଯାଇଥାନ୍ତା। ଫଳରେ ଏଭଳି ସ୍ଥିତିରେ ଫିଜିଓ ନିକଙ୍କ ପରାମର୍ଶ ଅଷ୍ଟ୍ରେଲିଆକୁ ଦେଇଥିଲା ଅଭୂତପୂର୍ବ ବିଜୟ। ତେବେ ଅଷ୍ଟ୍ରେଲିଆକୁ ବିଜୟ ପାଇଁ ଆଉ ୫୫ ରନ୍ ଆବଶ୍ୟକ ଥିବା ବେଳେ ମ୍ୟାକ୍ସୱେଲଙ୍କ ପରିସ୍ଥିତି ଗମ୍ଭୀର ହୋଇଥିଲା। ଜଣେ ମୃତ ଶରୀର ପରି ସେ ପଡି ରହିଥିଲେ। ଏପରିକି ପ୍ୟାଟ କମିନ୍ସ ମଧ୍ୟ ଚାହୁଁଥିଲେ ମ୍ୟାକ୍ସୱେଲ ଡ୍ରେସିଂ ରୁମ୍‌କୁ ଯାଇ ଚିକିତ୍ସା ନେଇ ଆସନ୍ତୁ। ତେବେ ନିକ୍ ଏହା ସପକ୍ଷରେ ନ ଥିଲେ। ସେ ମ୍ୟାକ୍ସୱେଲଙ୍କୁ ଛିଡା ହେବା ପାଇଁ ପରାମର୍ଶ ଦେବା ସହିତ ସିଙ୍ଗଲ ଓ ଡବଲ୍ ରନ୍ ନ ନେବା ପାଇଁ ପରାମର୍ଶ ଦେଇଥିଲେ। ଏହି ପରାମର୍ଶ ଶେଷରେ ଅଷ୍ଟ୍ରେଲିଆକୁ ବିଜୟୀ କରିଥିଲା।





ବେଙ୍ଗାଲୁରୁରେ ବୁଧବାର ଭାରତୀୟ କ୍ରିକେଟ ଦଳର ଅଭ୍ୟାସ ସେସନରେ ଅଧିନାୟକ ରୋହିତ ଶର୍ମା, କୋଚ୍ ରାହୁଲ ଦ୍ରାବିଡ ଓ ଦ୍ରୁତ ବୋଲର ମହମ୍ମଦ ସିରାଜ।

# ସେମିଫାଇନାଲ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ

**ବେଙ୍ଗାଲୁରୁ, ୮।୧୧ (ପି.ଟି.)**

ପ୍ରଥମ ୪ ମ୍ୟାଚ୍‌ରୁ ୪ ବିଜୟ ସହିତ ଅଭିଯାନ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡର ବିଜୟ ରଥ ବିଗତ ୪ ମ୍ୟାଚ୍‌ରେ ଅଟକି ଯାଇଛି। ଅନ୍ତିମ ୪ ମ୍ୟାଚ୍‌ରେ ହାରିଥିବା ବେଳେ ଶେଷ ମ୍ୟାଚ୍‌ରେ ଏହା ଶ୍ରୀଲଙ୍କାକୁ ଭେଟିବ। ଦଳର ସେମିଫାଇନାଲ ସମୀକରଣକୁ ଜୀବନ୍ତ ରଖିବା ପାଇଁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ ରହିଥିବା ବେଳେ ଶେଷ ମ୍ୟାଚ୍‌ରେ ସମ୍ମାନ ରକ୍ଷା ପାଇଁ ଉଦ୍ୟମ କରିବ। ଭାରତ, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ସେମିଫାଇନାଲ ପାଇଁ ଉତ୍ତୀର୍ଣ୍ଣ ହୋଇ ସାରିଥିବା ବେଳେ ଗୋଟିଏ ସ୍ଥାନ ପାଇଁ ପାକିସ୍ତାନ ଓ ଆଫଗାନିସ୍ତାନ ସହିତ ନ୍ୟୁଜିଲାଣ୍ଡର ମୁକାବିଲା ହେବ। ଗୁରୁବାର ବେଙ୍ଗାଲୁରୁର ଆର୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶ୍ରୀଲଙ୍କା ସହିତ ଏହି ମ୍ୟାଚ୍‌ଟି ଖେଳିବ ନ୍ୟୁଜିଲାଣ୍ଡ। ଦଳ ବର୍ତ୍ତମାନ ନେଟ୍ ରନ୍‌ରେଟ୍‌ରେ ଆଗୁଆ ରହି ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ପାକିସ୍ତାନ ଓ ଆଫଗାନିସ୍ତାନ ସମାନ ୮ ପଏଣ୍ଟ ଲେଖାଏ ଅର୍ଜନ କରିଥିବା ବେଳେ ଏହା ନ୍ୟୁଜିଲାଣ୍ଡ ପାଇଁ ଶଙ୍କାର ବିଷୟ ହୋଇଛି। ଏହା ସହିତ ବର୍ଷା ନ୍ୟୁଜିଲାଣ୍ଡ ପାଇଁ ଆଉ ଏକ ସମସ୍ୟା ସୃଷ୍ଟି କରିଛି। ପାକିସ୍ତାନ ବିପକ୍ଷରେ ଦଳ ୪୦୧ ରନ୍ ସ୍କୋର କରିଥିବା ବେଳେ ଡର୍କୱର୍ଥ ଲୁଇସ୍‌ରେ ଦଳ ପରାଜିତ ହୋଇଥିଲା। ସମାନ ଢଙ୍ଗରେ ଗୁରୁବାରର ମ୍ୟାଚ୍ ମଧ୍ୟ ବର୍ଷା ଦ୍ୱାରା ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି।

ନ୍ୟୁଜିଲାଣ୍ଡର ବ୍ୟାଟରମାନେ ଚମତ୍କାର ଫର୍ମରେ ରହିଛନ୍ତି। ଦଳ ପ୍ରାୟ ସମସ୍ତ ମ୍ୟାଚରେ ଭଲ ସ୍କୋର କରିବାରେ ସମର୍ଥ ହୋଇଛି। ତେବେ ଏହାର ବୋଲରମାନେ ଗୁରୁତ୍ୱପୂର୍ଣ୍ଣ ସମୟରେ ଦଳକୁ ନିରାଶ କରିଛନ୍ତି। ଦକ୍ଷିଣ ଆଫ୍ରିକା ମ୍ୟାଚ୍‌ରେ ଏହାର ବ୍ୟାଟରମାନେ ଭଲ ବ୍ୟାଟିଂ କରିଥିଲେ ମଧ୍ୟ ବୋଲରମାନେ ବଲ୍‌କୁ ସୁଇଂ କରିବାରେ ବିଫଳ ହୋଇଥିଲେ। ଏହା ସହ ଦଳର ବୋଲରମାନେ ଚାପ ପରିସ୍ଥିତିରେ ନିଜର ଲାଇନ ଲେନ୍ଥ ବଜାୟ ରଖିବାରେ ବିଫଳ ହେଉଛନ୍ତି। କୌଣସି ଦ୍ୱିତୀୟ ଯୋଜନା ବିନା ଟିମ୍ ସାଉଦି ଓ ଟ୍ରେଣ୍ଟ ବୋଲ୍ଟ ବୋଲିଂ କରୁଥିବା ଭଳି ପ୍ରତୀୟମାନ ହେଉଛି। ନ୍ୟୁଜିଲାଣ୍ଡ ବେଙ୍ଗାଲୁରୁରେ ଏହାର ଅନ୍ତିମ ମ୍ୟାଚ୍‌ରେ ୪୦୧ ରନ୍ ସ୍କୋର କରିଥିବା ବେଳେ ଏହାର ବୋଲରମାନେ ପ୍ରଚୁର ରନ୍ ବ୍ୟୟ କରିଥିଲେ। ଫଖର ଜମାନଙ୍କ ବ୍ୟାଟିଂ ସମ୍ମୁଖରେ ସମସ୍ତେ ନିଷ୍ପ୍ରଭ ମନେହୋଇଥିଲେ। ବାମହାତୀ ସ୍ପିନର ମିଚେଲ ସାଣ୍ଟନର ବିପକ୍ଷ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି। ଅନ୍ୟପକ୍ଷରେ ଶେଷ ମ୍ୟାଚ୍ ଖେଳୁଥିବା ଶ୍ରୀଲଙ୍କା ବିଜୟ ସହିତ ଟୁର୍ନାମେଣ୍ଟ ଶେଷ କରିବାକୁ ଚାହିଁବ। ପାଥୁମ୍ ନିଶଙ୍କା ଓ ସାଦିରା ସମରବିକ୍ରମା ଭଲ ଫର୍ମରେ ରହିଥିବା ବେଳେ ଉଭୟଙ୍କ ନିକଟରୁ ଉପଯୋଗୀ ଅବଦାନ ଆଶା କରିବ ଶ୍ରୀଲଙ୍କା।





ଶ୍ରୀଲଙ୍କାର ମହେଶ ଥିକ୍‌ସାନା ଓ ନ୍ୟୁଜିଲାଣ୍ଡର କେନ୍ ଓ୍ୱିଲିୟମ୍‌ସନ୍‌ଙ୍କ ଅଭ୍ୟାସ।

# ଶାଜି ପ୍ରଭାକରନ୍‌ଙ୍କୁ ହଟାଇଲା ଏଆଇଏଫ୍‌ଏଫ୍

ନୂଆଦିଲ୍ଲୀ,୮।୧୧(ପି.ଟି.)

ବୁଧବାର ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଏହାର ମହାସଚିବ ଶାଜି ପ୍ରଭାକରନଙ୍କୁ ପଦରୁ ହଟାଇଛି। ଭରସା ଭାଙ୍ଗିଥିବା କାରଣରୁ ଏହି ପଦକ୍ଷେପ ନିଆଯାଇଥିବା ଏଆଇଏଫ୍‌ଏଫ୍ ସ୍ୱଷ୍ଟ କରିଛି। କିଭଳି ଭାବରେ ପ୍ରଭାକରନ ଭରସା ଭାଙ୍ଗିଛନ୍ତି ତାହାର କୌଣସି କାରଣ ଦର୍ଶାଯାଇ ନ ଥିବା ବେଳେ ନିଯୁକ୍ତିର ୧୪ ମାସରେ ତାଙ୍କୁ ହଟାଇ ଦିଆଯାଇଛି। ଏଆଇଏଫ୍‌ଏଫ୍ ପକ୍ଷରୁ ଏକ ବିବୃତି ଜାରି କରାଯିବା ସହିତ ୭ ନଭେମ୍ବରରୁ ତୁରନ୍ତ ପ୍ରଭାକରନଙ୍କୁ ତାଙ୍କ ପଦରୁ ହଟାଯାଉଛି ବୋଲି କୁହାଯାଇଛି। ସଭାପତି କଲ୍ୟାଣ ଚୌବେ ଏହି ବିବୃତିରେ ସ୍ୱାକ୍ଷର କରିଛନ୍ତି। ଏଆଇଏଫ୍‌ଏଫ୍‌ର ଉପସମ୍ପାଦକ ଏମ୍. ସତ୍ୟନାରାୟଣଙ୍କୁ କାର୍ଯ୍ୟକାରୀ ମହାସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ପ୍ରଭାକରନଙ୍କୁ ସେପ୍ଟେମ୍ବର ୩, ୨୦୨୨ରେ ନିଯୁକ୍ତି ପ୍ରଦାନ କରାଯାଇଥିଲା ଓ ସେପ୍ଟେମ୍ବର ୬ରେ ସେ କାର୍ଯ୍ୟଭାର ଗ୍ରହଣ କରିଥିଲେ।

ଏହି ମାମଲାକୁ ନେଇ ପ୍ରଭାକରନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଉପ ସଭାପତି ଏନ୍. ଏ. ହରିସ୍ ଏହାକୁ ନେଇ ପ୍ରତିକ୍ରିୟା ଦେବା ସହ ପ୍ରଭାକରନଙ୍କ କାର୍ଯ୍ୟଶୈଳୀକୁ ନେଇ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଖୁସି ନ ଥିବା କହିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପ୍ରଭାକରନ ଏକ ଟୁଇଟ୍ କରିବା ସହିତ ଏଆଇଏଫ୍‌ଏଫ୍ ମଧ୍ୟରେ ସବୁ କିଛି ଠିକ୍ ନ ଥିବା ଉଲ୍ଲେଖ କରିଥିଲେ। ଆମ ନିକଟରେ ଶକ୍ତି ଓ ସାମର୍ଥ୍ୟ ରହିଛି, ଯାହାର ଉପଯୋଗ କରି ଆମେ ଠିକ୍ ଦିଗରେ କାର୍ଯ୍ୟ କରିବା ଉଚିତ। ବ୍ୟକ୍ତିଗତ ସ୍ୱାର୍ଥ ରହିଲେ ଏପରି ହେବା ସମ୍ଭବ ନୁହେଁ ବୋଲି ସେ ଲେଖିଥିଲେ। ଭାରତକୁ ଗର୍ବିତ କରିବାକୁ ମୁଁ ମୋର ପ୍ରଥମ ଦାୟିତ୍ୱ ଭାବରେ ବିବେଚନା କରିଥାଏ ବୋଲି ସେ ଲେଖିଥିଲେ। ପୂର୍ବରୁ ଦିଲ୍ଲୀ ଫୁଟ୍‌ବଲର ସଭାପତି ଭାବରେ ପ୍ରଭାକରନ କାର୍ଯ୍ୟ କରୁଥିଲେ। ଗୁରୁବାର କାର୍ଯ୍ୟକାରୀ କମିଟି ପକ୍ଷରୁ ଏକ ବୈଠକ ଡକା ଯାଇଥିବା ନେଇ ସୂଚନା ଦେଇଛନ୍ତି ଉପସଭାପତି ଏନ୍. ଏ. ହରିସ୍। କାର୍ଯ୍ୟକାରୀ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ମହାସଚିବ ପଦଟି ଏକ ବେତନଭୋଗୀ ପଦବୀ। ସଭାପତି ତାଙ୍କୁ ନିଯୁକ୍ତି ଦେଇଥିବା ବେଳେ ବର୍ତ୍ତମାନ ସଭାପତି ହିଁ ତାଙ୍କୁ ବରଖାସ୍ତ କରିଛନ୍ତି।



ଶାଜି ପ୍ରଭାକରନ୍

# ଦିନିକିଆ ର୍‍ୟାଙ୍କିଙ୍ଗ୍: ଗିଲ୍, ସିରାଜ ନଂ.୧

ଦୁବାଇ,୮।୧୧(ପି.ଟି.)

ବୁଧବାର ଆଇସିସି ପକ୍ଷରୁ ଦିନିକିଆ ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ ସହ ଭାରତୀୟ ଓପନର ଶୁବମନ ଗିଲ୍ ଓ ପେସ୍ ବୋଲର ମହମ୍ମଦ ସିରାଜ ଏହି ର୍‍ୟାଙ୍କିଙ୍ଗ ତାଲିକାର ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଛନ୍ତି। ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ବାବର ଆଜମଙ୍କ ସ୍ଥାନରେ ଗିଲ୍ ଏକ ନମ୍ବର ସ୍ଥାନ ହାସଲ କରିଥିବା ବେଳେ ଦକ୍ଷିଣ ଆଫ୍ରିକାର କେଶବ ମହାରାଜଙ୍କୁ ହଟାଇ ସିରାଜ ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି। ବିଶ୍ୱକପ୍‌ରେ ଗିଲ୍ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ବାବରଙ୍କୁ ହଟାଇ ବ୍ୟାଟରଙ୍କ ମଧ୍ୟରେ ଏକନମ୍ବର ସ୍ଥାନ ହାସଲ କରିଛନ୍ତି। ଏହା ସହ ଚତୁର୍ଥ ଭାରତୀୟ ବ୍ୟାଟର ଭାବେ ସେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପୂର୍ବରୁ ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂ ଧୋନି ଓ ବିରାଟ କୋହଲି ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ବିଶ୍ୱକପ୍‌ରେ ଅଦ୍ୟାବଧି ୬ ମ୍ୟାଚ୍ ଖେଳିଥିବା ଗିଲ୍ ୨୧୯ ରନ୍ ସ୍କୋର କରିଛନ୍ତି। ଶ୍ରୀଲଙ୍କା ବିପକ୍ଷରେ ୯୨ ଏହି ଟୁର୍ନାମେଣ୍ଟରେ ତାଙ୍କର ସର୍ବାଧିକ ସ୍କୋର ରହିଛି। ଅନ୍ୟପକ୍ଷରେ ପାକିସ୍ତାନର ଅଧିନାୟକ ରହିଥିବା ବାବର ଆଜମ୍ ୮ ମ୍ୟାଚ୍ ଖେଳି ୨୮୨ ରନ୍ ସ୍କୋର କରିଛନ୍ତି। ବାବର ୬ ରେଟିଂ ପଏଣ୍ଟ ହରାଇଥିବା ବେଳେ ଦୀର୍ଘ ଦୁଇ ବର୍ଷ ପରେ ଏକ ନମ୍ବର ସ୍ଥାନରୁ ହଟିଛନ୍ତି। ଅନ୍ୟ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ବିରାଟ କୋହଲି ଚତୁର୍ଥ ଓ ଭାରତୀୟ ଅଧିନାୟକ ରୋହିତ ଶର୍ମା ଷଷ୍ଠ ସ୍ଥାନରେ ରହିଛନ୍ତି। ଭାରତର ସର୍ବାଧିକ ସ୍କୋରର ରହିଥିବା କୋହଲି ଚଳିତ ଟୁର୍ନାମେଣ୍ଟରେ ୨ ଶତକ ଓ ୪ ଅର୍ଦ୍ଧଶତକ ସହିତ ୧୦୮ ଆଭରେଜରେ ୫୪୩ ରନ୍ ସ୍କୋର କରିଛନ୍ତି। ଭାରତୀୟ ମଧ୍ୟକ୍ରମ ବ୍ୟାଟର ଶ୍ରେୟସ ଆୟର ୧୭ ସ୍ଥାନ ଉପରକୁ ଉଠି ୧୮ ତମ ସ୍ଥାନରେ ପହଞ୍ଚିଛନ୍ତି।

ବୋଲରଙ୍କ ମଧ୍ୟରେ ମହମ୍ମଦ ସିରାଜ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ୮ ମ୍ୟାଚ୍‌ରୁ ୫.୨୩ର ଇକୋନୋମି ରେଟ୍ ସହ ସେ ୧୦ ଉଇକେଟ ଅକ୍ତିଆର କରିଛନ୍ତି। ଦକ୍ଷିଣ ଆଫ୍ରିକାର କେଶବ ମହାରାଜଙ୍କୁ ହଟାଇ ସେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଅନ୍ୟ ଭାରତୀୟ ବୋଲରଙ୍କ ମଧ୍ୟରେ ଯଶପ୍ରୀତ୍ ବୁମ୍‌ରା ୩ ସ୍ଥାନ ଉପରକୁ ଉଠି ଅଷ୍ଟମ ଓ ମହମ୍ମଦ ଶାମି ୭ ସ୍ଥାନ ଉପରକୁ ଉଠି ୧୦ମ ସ୍ଥାନରେ ପହଞ୍ଚିଛନ୍ତି।



ଶୁବମନ ଗିଲ୍




**Bhubaneswar - Hindustan Wheels:** 9776048108/ 9937020816, **Bapuji Nagar Branch:** 9348355705 / 9437142215 **Bhubaneswar - K2K Auto-Motives** 7008987920 / 700898917 /16, **Bhubaneswar: Torque Motor Pahal:** 9692592014 / 7894252300, **Venus Automotives:** 9776012326 / 8917395776, **Nayagarh: Shree Motors:** 9123742457 9748294928, **Puri - Satyabadi Automobiles:** 8917467272 / 8917475550, **Brahmagiri Branch: Ananya Automobiles:** 8917467272 / 9556879502, **Cuttack - PMG Motors:** 7854912003 / 7854912006, **Cuttack: AMP Motors:** 9692200591 / 592, **Jajpur Road - Birendra Motors:** 8114371861 / 8114371865, **Balipatna:** 9078953592, **Dhalapathar:** 7008951601, **Balugaon:** 8018731318, **Jatni:** 8249369308, **Pipili:** 9937681634, **Nimapara:** 9776604707, **Kakatapur:** 9861413314, **Chandpur** 8018731318, **Adaspur:** 9438344646, **Banki:** 9337390774, **Narsinghpur :** 934891773, **Niali:** 7377401859, **Rajnagar:** 9776887470, **Bidharpur:** 9777100623, **Athagarh:** 8249515189, **Kendrapara:** 9238306061, **Jagatsinghpur:** 8249845109, **Paradeep:** 8895513620, **Rahama:** 9439064788, **Salepur:** 9337115957, **Pattamundai:** 9861502095, **Chhatia:** 9437397655, **Duburi:** 8093869659, **Binjharpur:** 9778266966, **Balichandrapur:** 7978609768, **Bhuban: 8249158563, Jajpur Town:** 9777022033, **Mangalapur:** 9937726644, **Singhpur:** 7008382026.




Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

**BHUBANESWAR: NEXA CYBER CITY** (JYOTE MOTORS PH: 9776615032), **NEXA TWIN CITY** (SKY AUTOMOBILES PH: 7064400101), **NEXA GAJAPATI NAGAR** (TUSHI MOTORS PVT. LTD. PH: 6372932426), **NEXA RAJ BHAVAN ROAD** (NARAYANI MOTORS PH: 9583022008), **CUTTACK: NEXA STADIUM RD** (JYOTE MOTORS PH: 7440005202).

SMART FINANCE
AN ONLINE END-TO-END CAR FINANCE SOLUTION
Scan to know more.
- Multiple financiers
- Digital Document Upload
- Live Loan status
- Complete transparency (associated fees & charges)

Creative visualization | Images used are for illustration purposes only | Features and accessories shown may not be part of standard fitment | Black glass shade on the vehicle is due to lighting effect | For details on functioning of safety features, including airbag, kindly refer to the Owner's Manual | *Claim supported by independent research agency-JATO Dynamics Limited as on 13-September-2023.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ